

ସୈଫ୍‌ଙ୍କ ନାୟିକା ହେବେ କିଆରା

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-58 ◆SATURDAY ◆22 AUGUST 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୫୮ ◆ଶନିବାର ◆୨୨ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ମହାନଦୀ ଜଳବିବାଦ ଶୁଣାଣି

## ମିଳିଲା ଆଉ ଏକ ତାରିଖ

■ ଭୁବନେଶ୍ୱର, ୨୧।୮ (ସମିସ): ମହାନଦୀ ଜଳବିବାଦରେ ଓଡ଼ିଶାକୁ ଆଉ ଏକ ତାରିଖ ପ୍ରଦାନ କରିଛନ୍ତି ଟ୍ରିବ୍ୟୁନାଲ। ଶୁକ୍ରବାର ନୂଆଦିଲ୍ଲୀରେ ଶୁଣାଣି ସମ୍ପନ୍ନ ହୋଇଥିବା ବେଳେ କେବଳ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ଉଦ୍ୟମକୁ ପ୍ରଶଂସା କରି ଟ୍ରିବ୍ୟୁନାଲ ଶୁଣାଣି ସାରିଛନ୍ତି। ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୭ ତାରିଖକୁ ଧାର୍ଯ୍ୟ ହୋଇଥିବା ବେଳେ ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଜଳ ବିଶେଷଜ୍ଞ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଦୀପାବଳି ସୁଦ୍ଧା ମହାନଦୀ ଜଳ ବିବାଦର ନିଶ୍ଚିତ ସମାଧାନ ହେବ ବୋଲି ନିକଟରେ


### ଆସନ୍ତା ୧୭ ତାରିଖକୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କଲେ ଟ୍ରିବ୍ୟୁନାଲ

ଦୃଢ଼ୋକ୍ତି ପ୍ରକାଶ କରି ସାରିଛନ୍ତି। ଯାହାକୁ ନେଇ ରାଜ୍ୟବାସୀଙ୍କ ମନରେ ବିବାଦର ସମାଧାନ ନେଇ ଆଶା ସଞ୍ଚାର ହୋଇଥିବା ବେଳେ ଟ୍ରିବ୍ୟୁନାଲ ଆଉ ଏକ ତାରିଖ ପ୍ରଦାନ କରିବା ମୁଖ୍ୟମନ୍ତ୍ରୀଙ୍କ ଦାବି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଉଭୟ ରାଜ୍ୟ ସରକାରଙ୍କ ସହ କେନ୍ଦ୍ର ସରକାର ସକରାତ୍ମକତାର ସହ ବିବାଦର ସମାଧାନ ପାଇଁ ଉଦ୍ୟମ କରିବା ଆବଶ୍ୟକ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

ଆଜିର ଶୁଣାଣି ସମ୍ପର୍କରେ ପ୍ରତିକ୍ରିୟା ଦେଇ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ ଆଜିର ଶୁଣାଣିରେ ଟ୍ରିବ୍ୟୁନାଲ ସନ୍ତୋଷ ପ୍ରକଟ କରିଛନ୍ତି। ଦୁଇରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଛନ୍ତି। ଇତିମଧ୍ୟରେ ସିଡବ୍ଲ୍ୟୁସି ନିଜର ସଦସ୍ୟ ତଥା ଉଭୟ ରାଜ୍ୟର ଇଞ୍ଜିନିୟରମାନଙ୍କୁ ନେଇ ବୈଷୟିକ ଟିମ ଗଠନ କରିସାରିଛନ୍ତି। ସେମାନେ ବିଭିନ୍ନ ଦିଗକୁ ତର୍ଜମା କରି ଏକ ସୁଚିନ୍ତିତ ପରାମର୍ଶ ଜରିଆରେ ଏହି ଦୀର୍ଘ ବର୍ଷର ▶ପୃଷ୍ଠା-୭

‘ଜୀବନ ନାଟକ’ରୁ ବିଦାୟ ନେଲେ କଳାକାର

## ନୀରବିଗଲେ ପ୍ରଣବ



▶‘ସକାଳ’ର ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି- ପୃଷ୍ଠା-୨

■ ଭୁବନେଶ୍ୱର, ୨୧।୮ (ସମିସ): ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତଜ୍ଞ ପ୍ରଣବ ପଟ୍ଟନାୟକଙ୍କ ୮୮ ବର୍ଷ ବୟସରେ ଶୁକ୍ରବାର ଭୁବନେଶ୍ୱର ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଓଡ଼ିଆ ସଙ୍ଗୀତ ଓ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି। ପ୍ରଣବ କେବଳ ଜଣେ ପ୍ଲେବ୍ୟାକ୍ ସିଙ୍ଗର ନ ଥିଲେ; ବରଂ ଓଡ଼ିଶୀ, ଲୋକଗୀତ, ଭଜନ, ସେମି-କ୍ଲାସିକାଲ, ପାରମ୍ପରିକ ସଙ୍ଗୀତ, ହିନ୍ଦୀ ଗୀତ ଓ ଗଜଲ ଭଳି ବିଭିନ୍ନ ଧାରାରେ ସେ ନିଜ କଣ୍ଠର ପ୍ରତିଭା ପ୍ରଦର୍ଶନ କରିଥିଲେ। ▶ପୃଷ୍ଠା-୭

### ଶୋକ ପ୍ରକାଶ କଲେ ମୋହନ, ନବୀନ

## ୨୫ ବେଳକୁ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ

■ଭୁବନେଶ୍ୱର, ୨୧।୮ (ସମିସ): ଆସନ୍ତା ୨୫ ଅଗଷ୍ଟ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ୨୬ କିମ୍ବା ୨୭ ମଧ୍ୟରେ ଓଡ଼ିଶା ପଶ୍ଚିମବଙ୍ଗ ଉପକୂଳ ନିକଟସ୍ଥ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବ। ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ମାସ ଶେଷ ବେଳକୁ ପୁଣି ବର୍ଷା ଆଶଙ୍କା କରାଯାଇଛି। ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ୨୪ ତାରିଖରୁ ରାଜ୍ୟର କିଛି ଅଞ୍ଚଳରେ ବର୍ଷା ବୃଦ୍ଧି ହେବା ନେଇ ଆକଳନ କରାଯାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସମ୍ଭାବ୍ୟ ଲଘୁଚାପଟି ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଉତ୍ତର-କେନ୍ଦ୍ରୀୟ ଓଡ଼ିଶା ଦେଇ ଛତିଶଗଡ଼ ଆଡ଼କୁ ଗତି କରିବ। ଏହା ପ୍ରଭାବରେ ରାଜ୍ୟରେ ୨୫ ଅଗଷ୍ଟରୁ ୨୮ ଅଗଷ୍ଟ ମଧ୍ୟରେ ବ୍ୟାପକ ବର୍ଷା ହେବ। ଏବେ ମୌସୁମୀ ପ୍ରବାହ କମ୍ ରହିଥିବା ହେତୁ ୨୪ ଅଗଷ୍ଟ ପର୍ଯ୍ୟନ୍ତ ପ୍ରବଳ ଖରା ଓ ଆର୍ଦ୍ରତା ଯୋଗୁଁ ଅପରାହ୍ଣ/ସଞ୍ଜ ସମୟରେ କେତେକ ସ୍ଥାନରେ କାଳବୈଶାଖୀ ଭଳି ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ୨୨ ରୁ ୨୪ ଅଗଷ୍ଟ ମଧ୍ୟରେ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ସ୍ଥାନୀୟ ଭାବେ ବଡ଼ ବର୍ଷାର ବିପଦ ରହିଛି। ଏହାପରେ ୨୫ ଅଗଷ୍ଟ ସଞ୍ଜରୁ ୨୮ ଅଗଷ୍ଟ ପର୍ଯ୍ୟନ୍ତ ପୁନର୍ବାର ବ୍ୟାପକ ବର୍ଷା ଆରମ୍ଭ ହେବ, ଏହି ସମୟରେ ଉତ୍ତର ଉପକୂଳ ଓ ନଦୀ ଅବବାହିକା ଜିଲ୍ଲା ଯଥା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଏବଂ ଯାଜପୁରରେ ୭୦ ରୁ ୧୫୦ ମିମି ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ଏବଂ ମୟୂରଭଞ୍ଜ ଜିଲ୍ଲାର ଚାଷୀମାନେ ୨୪ ଅଗଷ୍ଟ ▶ପୃଷ୍ଠା-୭

## ସାଂସଦଙ୍କ ପୁଅର କାର୍ ଧକ୍କାରେ ମୟୂରଭଞ୍ଜ ଝିଅର ମୃତ୍ୟୁ



### ହାଇଦରାବାଦରୁ ଗାଁକୁ ଫେରିଲା ମୃତଦେହ

### ବଡ଼ାମତଳିଆରେ ଶୋକର ଛାୟା

■ ବାରିପଦା, ୨୧।୮ (ସମିସ): ଜନସେନା ପାର୍ଟିର ରାଜ୍ୟସଭା ସାଂସଦ ଲିଙ୍ଗମାନେନି ରମେଶଙ୍କ ପୁତ୍ର ଲିଙ୍ଗମାନେନି ସଞ୍ଜୁଷଙ୍କ ଦାମୀ କାର୍ ଧକ୍କାରେ ହାଇଦରାବାଦରେ ଜଣେ ମୟୂରଭଞ୍ଜ ଝିଅର ମୃତ୍ୟୁ ଘଟିଛି। ମୃତ ଝିଅ ଜଣକ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବନତାଳିର ଭାରତୀ ମୁଖି (୨୬)। ବ୍ୟବଚ୍ଛେଦ ମୃତଦେହ ନିଜ ପୈତୃକ ଗ୍ରାମରେ ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତେବେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବାବେଳେ ଭାରତୀଙ୍କ ପରିବାରରେ ଚୁଲି ଜଳୁନି। ଏକମାତ୍ର ରୋଜଗାରିଆ ଝିଅକୁ ହରାଇ ସମସ୍ତେ ମ୍ରିୟମାଣ ହୋଇପଡ଼ିଛନ୍ତି।

ଭାରତୀ ହାଇଦରାବାଦର ମାଧପୁରସ୍ଥ ଇନଅର୍ବିଟ ମଲର ଲାଇଫ୍‌ଷ୍ଟାଇଲ ଷ୍ଟୋରରେ ସେଲ୍ସ ଗାର୍ଲ ଭାବେ କାମ କରୁଥିଲେ। ଗତ ୧୬ ଅପରାହ୍ନ ପ୍ରାୟ ୩ଟା ସମୟରେ ମଲ୍ ସମ୍ମୁଖରେ ରାସ୍ତା ଅତିକ୍ରମ କରୁଥିବା ସମୟରେ ଟିଜି-୦୯-ଜି-୦୬୬୬ ନମ୍ବର ଥିବା ଆଷ୍ଟନ ମାର୍ଟିନ କାର୍ ଦ୍ରୁତ ଗତି ଓ ଅସାବଧାନତାର ସହ ଆସି ଧକ୍କା ଦେଇଥିଲା। ଭାରତୀଙ୍କ ମୁଣ୍ଡରେ ଗମ୍ଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ତାଙ୍କୁ ତୁରନ୍ତ ଜୁବିଲି ହିଲ୍ସସ୍ଥ ଆପୋଲୋ ▶ପୃଷ୍ଠା-୭

ଏମ୍‌ଏମ୍‌ଡିଆର୍ ସଂଶୋଧନ ବିଲ୍ ପ୍ରସଙ୍ଗ

## ସରକାରଙ୍କୁ ଖୋଲା ବିତର୍କ ପାଇଁ ବିଜେଡିର ଆହ୍ୱାନ

■ ଭୁବନେଶ୍ୱର, ୨୧।୮ (ସମିସ): ଏମଏମଡିଆର ସଂଶୋଧନ ବିଲ୍ ସଂସଦରେ ପାସ୍ ହେବା ପରେ ଓଡ଼ିଶାର ବ୍ୟାପକ କ୍ଷତି ହେବା ସର୍ବଜନ ବିଦିତ। ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଏହା ବିରୋଧରେ ଲଢ଼େଇ ଆହ୍ୱାନ ଦେଇଛନ୍ତି। ଦେଶର ଅନ୍ୟ ରାଜନୈତିକ ଦଳର ନେତାମାନେ ମଧ୍ୟ ଖଣି ଆଇନର ସଂଶୋଧନ ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାୟତ୍ତତା ଉପରେ ଆଘାତ ବୋଲି ଅଭିଯୋଗ କରିଛନ୍ତି । ଏହି ସମୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଖଣିମନ୍ତ୍ରୀ ବିଭୁତି ଜେନା ଏମଏମଡିଆର ସଂଶୋଧନ ବିଲ ଯୋଗୁଁ ଓଡ଼ିଶାର କୌଣସି କ୍ଷତି ହେବନାହିଁ ବୋଲି ଯୁକ୍ତି ବାଢ଼ିଛନ୍ତି । ବିଜେପିର ଦୁଇ ନେତାଙ୍କ ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛି ବିଜେଡି। ସଂଶୋଧିତ ଖଣି ଆଇନକୁ ନେଇ ନବୀନ ରାଜ୍ୟବାସୀଙ୍କୁ ଭ୍ରମିତ କରୁଛି ବୋଲି ଧର୍ମେନ୍ଦ୍ର ଦେଇଥିବା ମନ୍ତବ୍ୟକୁ ବିଜେଡି ସମାଲୋଚନା କରିବା ସହ ଖୋଲା ବିତର୍କ ପାଇଁ ଆହ୍ୱାନ ଦେଇଛି। ଏହି ବିଲ୍ ଓଡ଼ିଶା ସମେତ ଦେଶର ସମସ୍ତ ଖଣିଜ ସମ୍ପଦ ଥିବା ରାଜ୍ୟର ବ୍ୟାପକ କ୍ଷତି ହେବ ବୋଲି ବିଜେଡି କହିଛି ।

### ରାଜ୍ୟ ବିରୋଧୀ ବିଲକୁ ଓଡ଼ିଶାର ୨୫ ବିଜେପି ସାଂସଦଙ୍କ ସମର୍ଥନ


### ଏମ୍‌ଏମ୍‌ଡିଆର୍ ଆଇନ ବିରୋଧରେ କରାଯିବ ତୀବ୍ର ଲଢେଇ

ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ. ଅରୁଣ ସାହୁ କହିଛନ୍ତି ଯେ ଖଣି ଖାଦାନ ଉପରେ ପ୍ରତ୍ୟେକ ରାଜ୍ୟର ଆଇନଗତ ଓ ସାମ୍ବିଧାନିକ ଅଧିକାର ରହିଛି। ଜୁଲାଇ ୨୦୨୪ରେ ମାନ୍ୟବର ସର୍ବୋଚ୍ଚ ▶ପୃଷ୍ଠା-୭



## ସ୍ମୃତିରେ...





# ଜୀବନ ଏକ ନାଟକ...

# ଅଫେରା ରାଇଜରେ ପ୍ରଣବ

## ୧୯୩୮-୨୦୨୬

ଓଡ଼ିଆ ସଙ୍ଗୀତ ଆକାଶର ଏକ ଉଜ୍ଜ୍ୱଳ ନକ୍ଷତ୍ର ନିଷ୍ପ୍ରଭ ହୋଇଯାଇଛି। ପରଲୋକରେ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ। ତାଙ୍କ ବିୟୋଗ ଓଡ଼ିଶାର କଳା ଓ ସଂସ୍କୃତି ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ପ୍ରଣବଙ୍କ ସଙ୍ଗୀତର ଭାବ, ଭାଷା ଅତ୍ୟନ୍ତ ଲାଳିତ୍ୟପୂର୍ଣ୍ଣ ଓ ମଧୁର। ତେଣୁ ତାଙ୍କ ସ୍ୱର ଶୁଣି ଆତ୍ମବିଭୋର ହୁଅନ୍ତି ଶ୍ରୋତାମାନେ। ୧୯୫୮ ରେ ଭୁବନେଶ୍ୱରୀ ମିଶ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ନିର୍ମିତ ଚଳଚ୍ଚିତ୍ର 'ମା'ରେ ସେ ପ୍ରଥମ ଥର ପାଇଁ କଣ୍ଠଦାନ କରିଥିଲେ। 'ଶ୍ରୀ ଲୋକନାଥ', 'ସୂର୍ଯ୍ୟମୁଖୀ', 'ସିନ୍ଦୂର ବିନ୍ଦୁ', 'ଶେଷ ଶ୍ରାବଣ', 'ଚିହ୍ନା ଅଚିହ୍ନା', 'ବତୀଘର' ଆଦି ଚଳଚ୍ଚିତ୍ର ତାଙ୍କୁ ଲୋକପ୍ରିୟତାର ଶିଖରରେ ପହଞ୍ଚାଇଥିଲା। ପାଞ୍ଚ ଦଶନ୍ଧିରୁ ଅଧିକ ସମୟର ସଙ୍ଗୀତ ସାଧନା ଭିତରେ ସେ ୨୦୦ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ରରେ କଣ୍ଠଦାନ କରିଥିଲେ। ସିନେମା ଗୀତ, ଓଡ଼ିଶୀ, ଭଜନ, ଜଣାଣ, ପଲ୍ଲୀଗୀତ, ଗଜଲ୍ ଆଦି ଗାଇ ସେ କୋଟି କୋଟି ଓଡ଼ିଆଙ୍କ ହୃଦୟକୁ ଜୟ କରିପାରିଥିଲେ। ଓଡ଼ିଆ ଗୀତରେ ପ୍ରଥମ ଥର ପାଇଁ ଗଜଲ ଶୈଳୀର ସଫଳ ପରୀକ୍ଷଣ କରିଥିଲେ। ମଣିଷ ଚାଲିଯାଏ, ସ୍ୱର ରହିଯାଏ। ତାଙ୍କ କଣ୍ଠରେ ରେକର୍ଡ ହୋଇଥିବା ଗୀତ, ତାଙ୍କ ସଙ୍ଗୀତ ସାଧନା ଏବଂ ଓଡ଼ିଆ ସଙ୍ଗୀତ ପ୍ରତି ତାଙ୍କ ଅବଦାନ ତାଙ୍କୁ ସବୁଦିନ ପାଇଁ ଅମର କରି ରଖିବ। ମହାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଆମର ଏହି ସ୍ୱତନ୍ତ୍ର ଉପସ୍ଥାପନା।

## ପ୍ରଣବଙ୍କ ସଙ୍ଗୀତ ସମ୍ଭାର

ପାଞ୍ଚ ଦଶନ୍ଧିର ସଙ୍ଗୀତ ଯାତ୍ରାରେ ପ୍ରଣବ ପଟ୍ଟନାୟକ ଅନେକ ଲୋକପ୍ରିୟ ଓ ହିଟ୍ ଓଡ଼ିଆ ଗୀତ ଗାଇ ଶ୍ରୋତାଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ତାଙ୍କ କଣ୍ଠରେ ଗାଇଥିବା ଅସଂଖ୍ୟ ଗୀତ ଆଜି ବି ସଙ୍ଗୀତପ୍ରେମୀଙ୍କ ମନରେ ଗୁଞ୍ଜରିତ ହେଉଛି। 'ମାଝିରେ ଠୁ' ଠାରୁ ଆରମ୍ଭ କରି 'ନିଝୁମ ରାତି' ପର୍ଯ୍ୟନ୍ତ ଏମିତି ଅନେକ କାଳଜୟୀ ଗୀତକୁ ସେ ନିଜ କଣ୍ଠରେ ଜୀବନ୍ତ କରିଥିଲେ। ଓଡ଼ିଆ ଆଧୁନିକ, ଭକ୍ତିମୂଳକ ଓ ଚଳଚ୍ଚିତ୍ର ସଙ୍ଗୀତରେ ତାଙ୍କ ଅବଦାନ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଓଡ଼ିଆ ଚଳଚ୍ଚିତ୍ରରେ ସେ ପ୍ରାୟ ୨୦୦ରୁ ଅଧିକ ଗୀତରେ କଣ୍ଠଦାନ କରିଛନ୍ତି। ତାଙ୍କ କଣ୍ଠରେ ଗାଇଥିବା ଗୀତଗୁଡ଼ିକ ଓଡ଼ିଆ ସିନେମା ସଙ୍ଗୀତର ଏକ ସ୍ୱର୍ଣ୍ଣିମ ଅଧ୍ୟାୟର ସାକ୍ଷୀ ହୋଇ ରହିଛି। ପ୍ରଣବଙ୍କ ଗାୟନରେ ପ୍ରେମ, ବିରହ, ପ୍ରକୃତି, ଭକ୍ତି ଓ ମାନବୀୟ ଭାବନାର ନିଆରା ପ୍ରକାଶ ଦେଖିବାକୁ ମିଳୁଥିଲା। ତାଙ୍କର ଦରଦୀ ସ୍ୱର ଗୀତର ଭାବକୁ ଶ୍ରୋତାଙ୍କ ନିକଟରେ ପହଞ୍ଚାଇବାରେ ସକ୍ଷମ ହୋଇଥିଲା। ସେଥିପାଇଁ ତାଙ୍କ ଗୀତ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ପିଢ଼ି ମଧ୍ୟରେ ସୀମିତ ହୋଇ ରହିନଥିଲା; ପିଢ଼ି ପରେ ପିଢ଼ି ଶ୍ରୋତାଙ୍କ ହୃଦୟକୁ ଛୁଇଁଥିଲା।

## 'ମା' ଚଳଚ୍ଚିତ୍ରରୁ ଆରମ୍ଭ 'ଆଶା'ରେ ଶେଷ

ପ୍ରଣବଙ୍କ ସଂଗୀତ ଯାତ୍ରା ସୁଦୀର୍ଘ। ୧୯୫୮ ମସିହାରେ ମୁକ୍ତିଲାଭ କରିଥିଲା ଓଡ଼ିଆ ସିନେମା 'ମା'। ଏହି ସିନେମାରେ ପ୍ରଥମେ ତାଙ୍କୁ ଗୀତ ଗାଇବାର ସୁଯୋଗ ମିଳିଥିଲା। ଭୁବନେଶ୍ୱର ମିଶ୍ରଙ୍କ ସଂଗୀତ ନିର୍ଦ୍ଦେଶନାରେ ସେ ଏଥିରେ 'ବେଦନା ସାଗରେ ତୀରେ...' ଗୀତଟିରେ କଣ୍ଠଦାନ କରିଥିଲେ। ଏହାପରେ ସେ ଆଉ ପଛକୁ ଫେରି ନାହାନ୍ତି। 'ସିନ୍ଦୂର ବିନ୍ଦୁ', 'ଶ୍ରୀଲୋକନାଥ', 'ଶେଷ ଶ୍ରାବଣ', 'ଚିହ୍ନା ଅଚିହ୍ନା', 'ବତୀଘର' ଭଳି ଏକାଧିକ ସିନେମାରେ କଣ୍ଠଦାନ କରି ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଥିଲେ। ସେ ପ୍ରାୟ ୨୦୦ ସିନେମାରେ କଣ୍ଠଦାନ କରିଛନ୍ତି। ଅନ୍ୟପଟେ 'ଆଶା' ହେଉଛି ପ୍ରଣବଙ୍କ ଶେଷ ସିନେମା। ୧୯୯୩ ମସିହାରେ ଏହି ସିନେମା ପାଇଁ ସେ ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ଭାବେ ପ୍ରାଦେଶିକ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲେ।

## ବ୍ୟକ୍ତିଗତ ଜୀବନ

ପ୍ରଣବ ଓଡ଼ିଆ ସଂଗୀତ ଜଗତରେ 'କୁନି' ନାମରେ ଥିଲେ ବେଶ୍ ପରିଚିତ। ତାଙ୍କ ଜୀବନରେ ପତ୍ନୀ କସ୍ତୁରିକା ପଟ୍ଟନାୟକଙ୍କ ବହୁ ଅବଦାନ ଅଛି। କସ୍ତୁରିକାଙ୍କ ପ୍ରତି ତାଙ୍କର ସମ୍ମାନ, ସ୍ନେହ, ଭଲପାଇବା ରହିଥିଲା। ତେବେ କସ୍ତୁରିକାଙ୍କୁ ସେ ନିଜ ସଂଗୀତର ବଡ଼ ସମୀକ୍ଷକ ବୋଲି କହୁଥିଲେ। ତାଙ୍କ ପରାମର୍ଶ ହିଁ ତାଙ୍କୁ ଜୀବନରେ ଆଗକୁ ଯିବାରେ ପ୍ରୋତ୍ସାହିତ କରିଥିଲା।

## ଈଶ୍ୱର ବିଶ୍ୱାସୀ

ପ୍ରଣବ ଥିଲେ ଈଶ୍ୱରବିଶ୍ୱାସୀ। ସେହିପରି ସେ ଗୀତରେ ବହୁତ ପରୀକ୍ଷା ନିରୀକ୍ଷା କରିବାକୁ ଭଲପାଉଥିଲେ। ଅନେକ ଗୀତ ଏମିତି ଅଛି, ଯେଉଁଥିରେ ପ୍ରଣବଙ୍କ ନିଆରା ଗାୟନଶୈଳୀ ଦେଖିବାକୁ ମିଳେ। ଯାହାକି ଦର୍ଶକଙ୍କ ହୃଦୟକୁ ଛୁଇଁବାରେ ସଫଳ ହୋଇଥାଏ। ତେବେ ବୟସାଧିକ୍ୟ ସତ୍ତ୍ୱେ ବି ସେ ମଞ୍ଚରେ ଗୀତ ପରିବେଷଣ କରିଛନ୍ତି। ଏପରିକି ଆଜିର ପିଢ଼ି ସହିତ ମଧ୍ୟ ସେ ଗୀତ ଗାଇଛନ୍ତି। ସେ ସବୁବେଳେ ନିଜକୁ ଛାତ୍ର ବୋଲି ଭାବୁଥିଲେ ଏବଂ ଛାତ୍ର ଭାବେ ତାଙ୍କର ଶିଖିବା ଜାରି ରହିଥିବା କହୁଥିଲେ।

## ଗଜଲପ୍ରେମୀ

ପ୍ରଣବ ଏକାଧିକ କାଳଜୟୀ ଗୀତ ଶ୍ରୋତାଙ୍କୁ ଭେଟି ଦେଇଛନ୍ତି। ଭକ୍ତିଗୀତଠାରୁ ଆରମ୍ଭ କରି ରୋମାଣ୍ଟିକ୍, ଜୀବନଧର୍ମୀ ଗୀତ ସେ ଗାଇଛନ୍ତି। କେବଳ ସେତିକି ନୁହେଁ, ସେ ଲୋକଗୀତ, ସେମି କ୍ଲାସିକାଲ, ପାରମ୍ପରିକ ସଂଗୀତ, ହିନ୍ଦୀ ଗୀତ ଭଳି ବିଭିନ୍ନ ଧାରାର ଗୀତ ଗାଇଛନ୍ତି। ତେବେ ଗଜଲ୍ ପାଇଁ ସେ ଥିଲେ ଲୋକପ୍ରିୟ। କାରଣ ପ୍ରଣବ ଥିଲେ ଗଜଲପ୍ରେମୀ। ସେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଗଜଲ ପରମ୍ପରା ଆରମ୍ଭ କରିଥିଲେ। ତା'ସହ ସେ ଉର୍ଦ୍ଦୁ ଭାଷାର ଖୁବ୍ ସମ୍ମାନ କରୁଥିଲେ। ୧୯୯୨ ମସିହାରେ ତାଙ୍କର ପ୍ରଥମ ଗଜଲ ଆଲବମ୍ 'ଶବ୍ ଏ- ଗଜଲ' ମୁକ୍ତିଲାଭ କରିଥିଲା। 'ଏକ୍ ଖଜାନା ହମ୍ ବି ଛୁପାକର ରଖତେ ହେଁ...' ଗଜଲ୍‌ରେ ପଣ୍ଡିତ ହରିପ୍ରସାଦ ଚୌରାସିଆ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ତାଙ୍କ ସହିତ ଦେବୀ ପଣ୍ଡିତ କଣ୍ଠଦାନ କରିଥିଲେ। ଏହିପରି ସେ ବିଭିନ୍ନ ଗୀତ ଗାଇ ଦର୍ଶକଙ୍କୁ ନିଜ କଣ୍ଠସ୍ୱରରେ ବାନ୍ଧି ରଖିବାରେ ସଫଳ ହୋଇଥିଲେ। ପ୍ରଣବଙ୍କ ଅନ୍ୟତମ ଏକ ବିଶେଷତ୍ୱ ଥିଲା ଶବ୍ଦର ସ୍ୱଷ୍ଟତା। ତାଙ୍କ ପାଇଁ ସ୍ୱରରେ ଭାବ, ମାଧୁର୍ଯ୍ୟ ଯେତିକି ଗୁରୁତ୍ୱ ବହନ କରୁଥିଲା, ତା'ଠୁ ବେଶି ଶବ୍ଦର ସ୍ୱଷ୍ଟତା ଉପରେ ପ୍ରାଧାନ୍ୟ ଦେଉଥିଲେ।

## ଦେଶ ବିଦେଶରେ ସଂଗୀତ ପରିବେଷଣ

ପ୍ରଣବ ବାଳକୃଷ୍ଣ ଦାସ, ଅକ୍ଷୟ ମହାନ୍ତି, ପ୍ରଫୁଲ୍ଲ କର, ଶାନ୍ତନୁ ମହାନ୍ତି, ବାସୁଦେବ ରଥ, ଭୁବନେଶ୍ୱର ମିଶ୍ର, ଉପେନ୍ଦ୍ର କୁମାର, ସ୍ୱରୂପ ନାୟକଙ୍କ ଭଳି ସଂଗୀତ ନିର୍ଦ୍ଦେଶକଙ୍କ ସ୍ୱର ସଂଯୋଜନାରେ ଏକାଧିକ ଗୀତ ଗାଇଛନ୍ତି। ଏହାବାଦ୍ ସଂଗୀତ ସାଧନା କ୍ଷେତ୍ରରେ ପ୍ରଣବ ଜାତୀୟ ସ୍ତରରେ ବହୁ ବ୍ୟକ୍ତିବିଶେଷଙ୍କ ସହ କାମ କରିବାର ସୁଯୋଗ ଲାଭ କରିଛନ୍ତି। ହେମଲତା, ବାଣୀ ଜୟରାମ, ଭୂପିନ୍ଦର ସିଂହ, ନିର୍ମଳା ମିଶ୍ର, ଉଷା ମଙ୍ଗେସର, ଏସ୍. ଜାନକୀଙ୍କ ସହିତ ପ୍ରଣବ କାମ କରିଛନ୍ତି। ଅଣଚଳଚ୍ଚିତ୍ର ସଂଗୀତରେ ବି ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ବେତାର, ଦୂରଦର୍ଶନରେ ବି ସେ କଣ୍ଠଦାନ କରିଛନ୍ତି। କେବଳ ସେତିକି ନୁହେଁ, ଦେଶ ବିଦେଶରେ ବି ସେ ସଂଗୀତ ପରିବେଷଣ କରି ସୁନାମ ଅର୍ଜନ କରିଛନ୍ତି।

## ପୁରସ୍କାର ଓ ସମ୍ମାନ

- ଓଡ଼ିଆ ସଙ୍ଗୀତ ନାଟକ ଏକାଡେମୀ ଆୱାର୍ଡ (୧୯୯୭-୯୮)
- ୬ ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସମ୍ମାନ
- ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ (୨୦୨୩)
- ଜୟଦେବ ପୁରସ୍କାର (୨୦୧୬)
- ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ (୨୦୧୭)
- ପ୍ରଫୁଲ୍ଲ କର ସମ୍ମାନ (୨୦୧୧)
- ବିଗ୍ ଓଡ଼ିଆ ଏଣ୍ଟରଟେନ୍‌ମେଣ୍ଟ ଆୱାର୍ଡ (୨୦୧୦)



## ପିଲାବେଳୁ ସଂଗୀତ ପ୍ରତି ଆଗ୍ରହ

୧୯୩୮ ମସିହା ଜାନୁଆରୀ ୨୦ ତାରିଖରେ ପ୍ରଣବ କିଶୋର ପଟ୍ଟନାୟକ ଜନ୍ମଗ୍ରହଣ କରିଥିଲେ। ପିଲାବେଳୁ ହିଁ ତାଙ୍କର ସଂଗୀତ ପ୍ରତି ରୁଚି ଥିଲା। ସେ ତାଙ୍କ ବାପା ଲାଲ ମୋହନ ପଟ୍ଟନାୟକଙ୍କଠାରୁ ପ୍ରେରଣା ପାଇ ପିଲାବେଳୁ ସଂଗୀତ ପ୍ରତି ଆକୃଷ୍ଟ ହୋଇଥିଲେ। ସେ ଗୁରୁ କୁନାଳ ଆଦିନାରାୟଣଙ୍କଠାରୁ ସଂଗୀତ ଶିକ୍ଷା ଗ୍ରହଣ କରିଥିଲେ। ପିଲାବେଳେ ସେ ମହାନ ଗାୟକଙ୍କ ଗୀତ ଶୁଣୁଥିଲେ। ବିଶେଷକରି ମହମ୍ମଦ ରଫିଙ୍କ ଗୀତକୁ ଅଧିକ ପ୍ରାଧାନ୍ୟ ଦେଉଥିଲେ। ପ୍ରଥମେ ସେ କଟକ ଆକାଶବାଣୀର ସ୍ୱୀକୃତୀପ୍ରାପ୍ତ କଣ୍ଠଶିଳ୍ପୀ ହେବାର ସୌଭାଗ୍ୟ ଲାଭ କରିଥିଲେ।



## ପ୍ରଣବଙ୍କ କଣ୍ଠରେ ଲୋକପ୍ରିୟ ଗୀତ

- ତୁମ ଗାଁ ମହୁମାଛି
- ସ୍ମୃତି ତୋର ଫେରେ
- ପୁଣି ସେଇ ଶ୍ରାବଣରେ
- ମାଝିରେ
- ମୋନାଲିସା
- ପ୍ରେମ ତିନି ଜାତି
- ମୁଁ ଯେ ନିସଙ୍ଗ ଆକାଶେ
- ତୁମେ ଅଗୋ ପାହାନ୍ତି ତାରା
- ଏଇ ଜୀବନଟା ଏକ ନାଟକ
- ହାଏ ସେ ହରିଣୀ ଆଖି
- ଚନ୍ଦ୍ରମଲ୍ଲିକା

## ଭଜନ ଓ ଜଣାଣ

- କଳା କଳେବର କହ୍ନାଇ
- କୋଇଲି ଲୋ କେଶବ ଯେ ମଥୁରା ଗଲେ
- ମଣିମା ଶୁଣିମା ହେଉ

## ୬ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ

ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତ ଜଗତକୁ ପ୍ରଣବ ପଟ୍ଟନାୟକଙ୍କ ଅବଦାନ ସ୍ମରଣୀୟ। ତାଙ୍କ କଣ୍ଠରେ ରେକର୍ଡ ହୋଇଥିବା ଅନେକ ଗୀତ ଆଜି ବି ଶ୍ରୋତାଙ୍କ ମନରେ ତାଜା ହୋଇ ରହିଛି। ତାଙ୍କ ସ୍ୱରରେ ଥିବା ଭାବ, ମାଧୁର୍ଯ୍ୟ ଓ ଶବ୍ଦର ସ୍ପଷ୍ଟତା ତାଙ୍କୁ ଅନ୍ୟମାନଙ୍କଠାରୁ ଏକ ନିଆରା ପରିଚୟ ଦେଇଥିଲା। ପ୍ରଣବ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିବାରେ ଏକ ସ୍ୱତନ୍ତ୍ର ରେକର୍ଡ ସୃଷ୍ଟି କରିଛନ୍ତି। ସେ ଓଡ଼ିଶାର ଏକମାତ୍ର ପ୍ରଚ୍ଛଦପଟ ଗାୟକ ଯିଏ ସର୍ବାଧିକ ୬ ଥର **ଶ୍ରେଷ୍ଠ ପୁରୁଷ କଣ୍ଠଶିଳ୍ପୀ** ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛନ୍ତି।

- ୧୯୭୬ – ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ – (ସିନ୍ଦୂର ବିନ୍ଦୁ)
- ୧୯୮୨ – ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ – (ଅସ୍ତରାଗ)
- ୧୯୮୩ – ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ – (ଝିଅଟି ସୀତା ପରି)
- ୧୯୮୮ - ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ (କନ୍ୟାଦାନ)
- ୧୯୮୯ - ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ (ପ୍ରତିଶୋଧ ଅପରାଧ ନୁହେଁ)
- ୧୯୯୩ - ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ (ଆଶା)

### ବନ୍ୟା ପରିଚାଳନା ପ୍ରସଙ୍ଗରେ ସରକାରଙ୍କୁ ବିଜେଡି ନେତ୍ରୀ ସୁଜାତାଙ୍କ ସମାଲୋଚନା

# ୨ ବର୍ଷରେ ଭୁଶୁଡ଼ିଯାଇଛି ୨ ଦଶନ୍ଧିର ବ୍ୟବସ୍ଥା



- ଦୁର୍ବଳ ହୋଇ ପଡ଼ିଛି ତୃଣମୂଳସ୍ତରର ପରିଚାଳନା
- ବିଦ୍ରୂପ ବଦଳରେ ଆତ୍ମସମୀକ୍ଷା କରନ୍ତୁ ସରକାର

ଭୁବନେଶ୍ୱର ୨୧।୮(ସମିସ): ରାଜ୍ୟରେ ଚାଲିଥିବା ବନ୍ୟା ପରିସ୍ଥିତି ଓ ବନ୍ୟା ପରିଚାଳନାକୁ ନେଇ ରାଜ୍ୟ ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି କରିଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ। ପୂର୍ବ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ମଡ଼େଲ ପ୍ରସଙ୍ଗ ବର୍ତ୍ତମାନ ସରକାରଙ୍କୁ ସ୍ମରଣ କରାଇ କରାଇଦେବା ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ 'ଇନ୍ଦ୍ରଙ୍କ ଫୋନ୍ ନମ୍ବର' ସଂକ୍ରାନ୍ତ ଟିପ୍ପଣୀ ବନ୍ୟା ପରିଚାଳନାରେ ସରକାରଙ୍କ ଦ୍ୱନ୍ଦ୍ୱ, ଅସହାୟତା ଓ ପ୍ରଶାସନିକ ବିଫଳତାକୁ ପ୍ରତିଫଳିତ କରିଛି ବୋଲି ସୁଜାତା କହିଛନ୍ତି ।

ଏକ ସମ୍ବାଦପତ୍ରର ସ୍ତମ୍ଭରେ ସୁଜାତା କହିଛନ୍ତି ଯେ ଅତୀତରେ ଓଡ଼ିଶା ଅନେକ ମହାବନ୍ୟାକୁ ସଫଳତାର ସହ ମୁକାବିଲା କରିଛି। ୨୦୦୮ରେ ମୁଣ୍ଡଳିରେ ୧୫.୮୧ ଲକ୍ଷ କ୍ୟୁସେକ, ୨୦୦୧ରେ ୧୪.୫୧ ଲକ୍ଷ କ୍ୟୁସେକ ଏବଂ ୨୦୧୧ରେ ୧୩.୬୬ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହୋଇଥିଲା। ୨୦୦୬ ଓ ୨୦୨୨ରେ ମଧ୍ୟ ୧୨ ଲକ୍ଷ କ୍ୟୁସେକରୁ ଅଧିକ ଜଳପ୍ରବାହ ରେକର୍ଡ ହୋଇଥିଲା। ଏହା ତୁଳନାରେ ଚଳିତ ବର୍ଷର ୯ ଲକ୍ଷ କ୍ୟୁସେକ୍‌ରୁ କମ୍ ଜଳ ପ୍ରବାହିତ ହୋଇଛି ଓ ଜଳସମ୍ପଦ ବିଭାଗ ଏହାକୁ ମଧ୍ୟମ ଧରଣର ବନ୍ୟା ବୋଲି ସ୍ୱୀକାର କରିଛି। ଏହା ସତ୍ତ୍ୱେ ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, କେନ୍ଦୁଝର ସମେତ ଅନେକ ଜିଲ୍ଲାର ଲକ୍ଷଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ଅନେକ ଲୋକଙ୍କର ମୃତ୍ୟୁ ଘଟିଛି, ଶହଶହ ପଶୁସମ୍ପଦ ନଷ୍ଟ ହୋଇଛନ୍ତି, ହଜାର ହଜାର ହେକ୍ଟର ଜମିର ଫସଲ ନଷ୍ଟ ହୋଇଛି । ଲୋକମାନେ ଏବେ ବି ଖୋଲା ଛାତ ତଳେ ଜୀବନ ବିତାଉଛନ୍ତି । ସେମାନେ ଖାଦ୍ୟ, ବିଶୁଦ୍ଧ ପାଣି, ପରିମଳ ଓ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଛନ୍ତି । ନଦୀ ପ୍ରଣାଳୀ, ପ୍ରଶାସନିକ କଳ, ବିପର୍ଯ୍ୟୟ ପରିଚାଳନା ଢାଞ୍ଚା ସମାନ ଥିବା ସତ୍ତ୍ୱେ ମାତ୍ର ଦୁଇ ବର୍ଷରେ ୨ ଦଶନ୍ଧିର ବ୍ୟବସ୍ଥା ଧ୍ୱଂସ ହୋଇ ଯାଇଛି ।

୧୯୯୯ର ମହାବାତ୍ୟା ପରେ ରାଜ୍ୟରେ ଶାସନ ଭାର ଗ୍ରହଣ କରିଥିବା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨ ଦଶନ୍ଧି ମଧ୍ୟରେ ଓଡ଼ିଶାକୁ ବିପର୍ଯ୍ୟୟ ଯୋଦ୍ଧା ଭାବରେ ଗଢ଼ି ତୋଳିଥିଲେ। ପ୍ରାକ୍ ସତର୍କତା, ସମୟୋଚିତ ସ୍ଥାନାନ୍ତରଣ, ତୃଣମୂଳସ୍ତରରେ ପ୍ରସ୍ତୁତି ଏବଂ ପ୍ରଶାସନ ଓ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ଥିଲା ଏହି ମଡେଲର ମୂଳ ଶକ୍ତି। ଏକ ସ୍ପଷ୍ଟ ନିର୍ଦ୍ଦେଶ ଶୃଙ୍ଖଳ ମଧ୍ୟରେ ଜିଲ୍ଲାପାଳଙ୍କଠାରୁ ପଞ୍ଚାୟତର ୱାର୍ଡ଼ମେମ୍ବରଙ୍କ ପର୍ଯ୍ୟନ୍ତ ସମସ୍ତେ ଏକ କାର୍ଯ୍ୟ କରୁଥିଲେ। ମାତ୍ର ଗତ ଦୁଇ ବର୍ଷ ମଧ୍ୟରେ ପୂର୍ବରୁ ଗଢ଼ି ଉଠିଥିବା ତୃଣମୂଳସ୍ତରୀୟ ବ୍ୟବସ୍ଥା ଦୁର୍ବଳ ହୋଇପଡ଼ିଛି। ବିଶେଷକରି ମିଶନ ଶକ୍ତି ମହିଳା ଗୋଷ୍ଠୀ, ପଞ୍ଚାୟତିରାଜ ପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ଥିବା ସମନ୍ୱୟ ଭାଙ୍ଗିବାରୁ ପୂର୍ବ ସତର୍କତା, ସ୍ଥାନାନ୍ତରଣ ଓ ରିଲିଫ୍ ବ୍ୟବସ୍ଥା ପ୍ରଭାବିତ ହୋଇଛି। ବିଡ଼ମ୍ବନା ହେଉଛି ବିପର୍ଯ୍ୟୟ ସମୟରେ ଦଳୀୟ ହସ୍ତକ୍ଷେପ, ଠିକାଦାରୀ ରାଜନୀତି ଏବଂ ରିଲିଫ୍ ବଣ୍ଟନରେ ଦଳୀୟ ପ୍ରିୟାପ୍ରୀତି ଭଳି ଅଭିଯୋଗ ଅତ୍ୟନ୍ତ ଉଦ୍‌ବେଗଜନକ। ବିପର୍ଯ୍ୟୟ ସମୟରେ ଲୋକଙ୍କ ଜୀବନର ସୁରକ୍ଷା, ରିଲିଫ୍ ଓ ଥଇଥାନ ପ୍ରାଥମିକତା ନ ହୋଇ ଦଳୀୟ ସ୍ୱାର୍ଥ ପାଇଁ କାର୍ଯ୍ୟ କରାଯିବା ସବୁ କ୍ଷେତ୍ରରେ ବିଭ୍ରାଟ ସୃଷ୍ଟି କରିଛି ବୋଲି ସେ କହିଛନ୍ତି ।

ନବୀନ ପଟ୍ଟନାୟକଙ୍କ ସମୟର 'ସମଗ୍ର ସରକାର ଦୃଷ୍ଟିକୋଣ'କୁ ଉଲ୍ଲେଖ କରି ସୁଜାତା କହିଛନ୍ତି ଯେ, ସେତେବେଳେ ମନ୍ତ୍ରୀ, ସଚିବ, ଅଧିକାରୀ, ପିଆରଆଇ ପ୍ରତିନିଧି ଓ ସାମାଜିକ ସଂଗଠନ ଏକାଠି ହୋଇ ବିପର୍ଯ୍ୟୟର ମୁକାବିଲା କରୁଥିଲେ। ଆଜି କିନ୍ତୁ କେଉଁ ବିଭାଗ କେଉଁ କାର୍ଯ୍ୟପାଇଁ ଉତ୍ତରଦାୟୀ, ତାହାକୁ ନେଇ ଦ୍ୱନ୍ଦ୍ୱ ତୁଟୁନାହିଁ। ଦୁଇ ଦଶନ୍ଧି ଧରି ଗଢ଼ି ଉଠିଥିବା ଏକ ସୁଦୃଢ଼ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା କିପରି ଦୁଇ ବର୍ଷରେ ଦୁର୍ବଳ ହୋଇଗଲା, ତାହାର ଉତ୍ତର ସରକାର ଖୋଜିବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଛନ୍ତି । ତେଣୁ ବନ୍ୟାକୁ କେବଳ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଦେଖି ଦାୟିତ୍ୱ ଏଡ଼ାଇ ହେବ ନାହିଁ; ସରକାରଙ୍କ ପ୍ରସ୍ତୁତି, ସମନ୍ୱୟ ଓ ତ୍ୱରିତ ପ୍ରତିକ୍ରିୟା ହିଁ ଲୋକଙ୍କ ଜୀବନ ରକ୍ଷା କରିପାରିବ ବୋଲି ସୁଜାତା ମତ ପ୍ରକାଶ କରିଛନ୍ତି।

## ବିଦ୍ୟାଳୟରେ ପାଳନ ହେବ ଗୁରୁ ଓ ଶିଶୁ ଦିବସ

ଭୁବନେଶ୍ୱର, ୨୧।୮(ସମିସ): ସମସ୍ତ ମାଧ୍ୟମିକ ବିଦ୍ୟାଳୟରେ ପ୍ରଚଳିତ ନିୟମ ଅନୁଯାୟୀ ଗୁରୁ ଦିବସ ଓ ଶିଶୁ ଦିବସ ପାଳନ କରାଯିବ। ପାଳନ ପରେ ପୂର୍ବ ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ ପାଠପଢ଼ା ହେବ। ଗୁରୁ ଦିବସ ଓ ଶିଶୁ ଦିବସ ପାଳନ କରିବାକୁ ଶୈକ୍ଷିକ କ୍ୟାଲେଣ୍ଡରରେ ପାଳନ ଦିବସ ଉଲ୍ଲେଖ ନଥିବାରୁ ତାହା ପାଳନ ହେବ ନା ନାହିଁ ବୋଲି ବିଭିନ୍ନ ଶିକ୍ଷକ ସଂଗଠନ ପ୍ରଶ୍ନ ଉଠାଇଥିବାବେଳେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଦିଆଯାଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ପ୍ରଚଳିତ ପ୍ରଥା ଅନୁସାରେ ଉଭୟ ଦିବସ ପାଳନ କରାଯିବ। ଆନୁସଙ୍ଗିକ କାର୍ଯ୍ୟକ୍ରମ ଶେଷ ହେବା ପରେ ଶିକ୍ଷାଦାନ ଜାରି ରହିବ। ପୂର୍ବ ନିର୍ଦ୍ଧାରିତ ସମୟସୂଚୀ ଅନୁସାରେ ପାଠପଢ଼ା ହେବ। ସମସ୍ତ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଏନେଇ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

## ଭଡ଼ାଘରୁ ପୁଲିସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭବାନୀପାଟଣା,୨୧।୮ (ସମିସ): ଭବାନୀପାଟଣା ସହର ପୁରୁଣାପଡ଼ାର ଏକ ଭଡ଼ାଘରୁ ଶୁକ୍ରବାର ଜଣେ ଡିଭିଏଫ୍(ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ) ପୁଲିସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ପୁଲିସ କର୍ମଚାରୀଙ୍କ ନାମ ରାଜେନ୍ଦ୍ର ଦଣ୍ଡସେନା (୨୮) ହୋଇଥିବାବେଳେ ତାଙ୍କ ଘର ଭବାନୀପାଟଣା ସଦରଥାନା ଅଧୀନ ଶଗଡ଼ ପଞ୍ଚାୟତର କାଦୋପଦର ବୋଲି ଜଣାପଡ଼ିଛି। ଭବାନୀପାଟଣା ରିଜର୍ଭ ପୁଲିସଠାରେ ପ୍ରାୟ ୩ ବର୍ଷ ହେଲା ସେ କାର୍ଯ୍ୟରତ ଥିବାବେଳେ ପୁରୁଣାପଡାର ଭଡ଼ାଘରେ ଏକା ରହୁ ଥିଲେ। ତେବେ କେଉଁ କାରଣରୁ ସେ ଆତ୍ମହତ୍ୟା କଲେ ତାହା ବର୍ତ୍ତମାନ ମଧ୍ୟ ଅସ୍ପଷ୍ଟ ରହିଛି। ଘଟଣାସ୍ଥଳରେ ଫରେନ୍‌ସିକ୍ ଟିମ୍ ପହଞ୍ଚି ଅନୁଧ୍ୟାନ କରିଥିଲେ। ପରେ ଶବ ବ୍ୟବଚ୍ଛେଦ ପରେ ଟାଉନଥାନା ପୁଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଭବାନୀପାଟଣା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ

# ୨୭୮୦ କୋଟିର ପୁଞ୍ଜିନିବେଶକୁ ଅନୁମୋଦନ

ଭୁବନେଶ୍ୱର,୨୧।୮ (ସମିସ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୯ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ମୋଟ ୨,୭୮୦.୧୦ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୧୪ଟି ଶିଳ୍ପ ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ।

ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ହଲଦୀରାମ ସ୍ନାକ୍ସ ଫୁଡ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧା/କଟକ ଜିଲ୍ଲାରେ ୫୦୦ କୋଟି ଟଙ୍କାର ପୁଞ୍ଜିନିବେଶରେ ସ୍ନାକ୍ସ ଏବଂ ବେକ୍ଡ ପ୍ରଡକ୍ଟସ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ତିୱାନା ନ୍ୟୁଟ୍ରିସନ୍ ଗ୍ଲୋବାଲ ପ୍ରାଇଭେଟ୍ ଲିମିଟେଡ୍ ୧୪୦ କୋଟି ଟଙ୍କାର ପୁଞ୍ଜିନିବେଶରେ ଏକ ଗୋ-ଖାଦ୍ୟ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ସେହିପରି ପ୍ରିମିୟମ୍ ଚିକ୍ ଫିଡ୍ସ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧା, କଟକ ଓ ନୟାଗଡ଼ ଜିଲ୍ଲାରେ ୧୦୫.୩୮ କୋଟି ଟଙ୍କାର ପୁଞ୍ଜିନିବେଶରେ ଚିକ୍ ଫିଡ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ସାହାନା କ୍ଲୋଦିଂ କମ୍ପାନୀ ପ୍ରାଇଭେଟ୍ ଲିମିଟେଡ୍ ଢେଙ୍କାନାଳରେ ଶିଶୁ ଓ ପିଲାମାନଙ୍କ ପାଇଁ ନିଟେଡ୍ ରେଡିମେଡ୍ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ଏହି ପ୍ରକଳ୍ପରେ ୨୫୧.୪୫ କୋଟି ଟଙ୍କାର ପୁଞ୍ଜିନିବେଶ ହେବ । ପ୍ରତିମା ଏଗ୍ରୋ ସ୍ପିନିଂ ମିଲ୍ ପ୍ରାଇଭେଟ୍ ଲିମିଟେଡ୍ ବଲାଙ୍ଗିରରେ କଟନ୍ ୟାର୍ନ, କମ୍ବର୍ ନଏଲ୍, ଲିକରିନ୍ ୱେଷ୍ଟ, 'ଫ୍ଲାପ୍ ଷ୍ଟ୍ରିପ୍ ଏବଂ ହାର୍ଡ ୱେଷ୍ଟ ଉତ୍ପାଦନ ପାଇଁ ଏକ ବୟନ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବ । ଏହି ପ୍ରକଳ୍ପରେ ୧୨୫ କୋଟି ଟଙ୍କାର ପୁଞ୍ଜିନିବେଶ ହେବ । ପ୍ରାସୋଲ୍ କେମିକାଲ୍ସ ଲିମିଟେଡ୍ ଗଞ୍ଜାମରେ ୪୫୦ କୋଟି ଟଙ୍କାର ପୁଞ୍ଜିନିବେଶରେ ଡେରିଭେଟିଭ୍ସ ଉତ୍ପାଦନ କାରଖାନା ସ୍ଥାପନ କରିବ; ନ୍ୟୁ ଜେନେରେସନ୍ ମାନୁଫ୍ୟାକ୍‌ଚରିଂ ପ୍ରାଇଭେଟ୍ ଲିମିଟେଡ୍ ସୁନ୍ଦରଗଡ଼ରେ ୮୦ କୋଟି ଟଙ୍କାର ପୁଞ୍ଜିନିବେଶରେ କୋଲ୍ ଟାର୍ ଡିଷ୍ଟିଲେସନ୍ ଏବଂ ଉପ-ଉତ୍ପାଦ ଉତ୍ପାଦନ କାରଖାନା ସ୍ଥାପନ କରିବ। ଇଏସଡିଏମ୍ କ୍ଷେତ୍ରରେ ସିର୍ମା ଏସଜିଏସ୍ ଟେକ୍ନୋଲୋଜି ଲିମିଟେଡ୍ ଖୋର୍ଦ୍ଧାରେ ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ ଆସେମ୍ବଲି ଏବଂ ବକ୍ସ ବିଲ୍ଡ ଉତ୍ପାଦନ ପାଇଁ ଏକ ମାନୁ'ୟାକ୍‌ଚରିଂ ୟୁନିଟ୍ ସ୍ଥାପନ କରିବ ଓ ମହାତ୍ରିପୁରାସୁନ୍ଦରୀ ମିନେରାଲ୍ସ ଆଣ୍ଡ ମେଟାଲ୍ସ ପ୍ରାଇଭେଟ୍ ଲିମିଟେଡ୍ କେନ୍ଦୁଝରରେ ଫେରୋ ଆଲଏଜ୍, କ୍ରୋମ୍ ଡେରିଭେଟିଭ୍ସ, ଧାତୁ ପୁନରୁଦ୍ଧାର ଏବଂ କ୍ରୋମ୍ ଓର୍ ବେନିଫିସିଏସନ୍ ପାଇଁ ଏକ ସମନ୍ୱିତ କମ୍ପ୍ଲେକ୍ସ ସ୍ଥାପନ କରିବ। ଏହି ପ୍ରକଳ୍ପରେ ୧୬୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବ । ଏନକେଏସ୍ ଆର୍ଥବିଲ୍ଡ ଲିମିଟେଡ୍ ଢେଙ୍କାନାଳରେ ଷ୍ଟ୍ରକ୍‌ଚରାଲ୍ ଷ୍ଟିଲ୍ ଉତ୍ପାଦନ ପାଇଁ ଏକ ୟୁନିଟ୍ ସ୍ଥାପନ କରିବ। ଏହି ପ୍ରକଳ୍ପରେ ୬୦.୯୮ କୋଟି ଟଙ୍କାର ପୁଞ୍ଜିନିବେଶ ହେବ ଏବଂ ଏହା ମାଧ୍ୟମରେ ୧୪୮ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଭିତ୍ତିଭୂମି କ୍ଷେତ୍ରରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ଅନୁଗୋଳ ଜିଲ୍ଲାରେ ସୁଭଦ୍ରା କୋଲ୍ ମାଇନ୍ସ ପାଇଁ ଏକ ପ୍ରାଇଭେଟ୍ ରେଲୱେ ସାଇଡିଂ ବିକଶିତ କରିବ। ଏହି ପ୍ରକଳ୍ପରେ ୪୦୫.୩୫ କୋଟି ଟଙ୍କାର ପୁଞ୍ଜିନିବେଶ ହେବ।

# ବୈତରଣୀ ବନ୍ୟାରେ ୫ଶହ ଫୁଟ୍ ଧୋଇଗଲା ଜାତୀୟ ରାଜପଥ



- ଏବେବି ୪-୫ ଫୁଟ ଉଚ୍ଚରେ ବନ୍ୟାପାଣି ଜନବସତି ମୁହାଁ
- ୮ ଦିନ ହେଲା କୁଆଖିଆ-ଆଖଣ୍ଡଳମଣିକୁ ଯାତାୟତ ଠପ୍

ଭଦ୍ରକ/ଆରଡି,୨୧।୮ (ସମିସ): ଜଳସମ୍ପଦ ବିଭାଗ ଓ ଏନ.ଏଚ ବିଭାଗର ଟାଳଟୁଳ ନୀତି ଯୋଗୁଁ ଆରଡି ନିକଟସ୍ଥ ବୋଡକ ଓ ଷାଠିବାଙ୍କୁଡା ଗାଁ ନିକଟରେ ବୈତରଣୀ ବନ୍ୟା ପାଣିରେ ଧୋଇଯାଇଛି ୫ଶହ ଫୁଟର କଂକ୍ରିଟ ରାସ୍ତା। ରାସ୍ତା ଏପରି ଧୋଇଯିବା ସହ ଘାଇ ସୃଷ୍ଟି ହୋଇଥିବାରୁ ବୈତରଣୀ ନଦୀର ସମସ୍ତ ବନ୍ୟା ପାଣି ଗାଁ ଆଡ଼କୁ ମାଡ଼ି ଚାଲିଛି। ଏପରି ରାସ୍ତା ଧୋଇଯିବା ସମ୍ପର୍କରେ ଧାମନଗର ଜଳସମ୍ପଦ ବିଭାଗ ଏସଡିଓ ଶମ୍ଭୁନାଥ ମଲ୍ଲିକଙ୍କୁ ପଚାରିବାରୁ ବୈତରଣୀ ନଦୀର ଷାଠିବାଙ୍କୁଡା କିଛି ଅଂଚଳ ଠାରୁ ବୋଡକ ଯାଏଁ ଦୀର୍ଘ ଅଢ଼େଇ କି.ମି ଆମ ଅଧିନରେ ନାହିଁ, ଉକ୍ତ ସ୍ଥାନ ଏନ.ଏଚ ବିଭାଗର ଆମର ଯାହାକିଛି ହୋଇଯାଇଛି ବନ୍ୟା ଛାଡିବା ପରେ ମରାମତି କାର୍ଯ୍ୟ ଆରମ୍ଭ ହେବ। ଅନ୍ୟପଟେ ପାଣିକୋଇଲି ଏନ.ଏଚ ବିଭାଗର ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତର ମିଳିପାରିନଥିଲା। ଫଳରେ ୨ବିଭାଗର ଟାଳଟୁଳ ଯୋଗୁଁ ଦୀର୍ଘ ୮ଦିନ ହେଲା ଆରଡି ସମେତ ନାନ୍ଦପୁର, ସୁନ୍ଦରପୁର , ଓଳଗ ୪ଟି ପଂଚାୟତର ୨୪ ଗାଁ ଦାଣ୍ଡ ସହ ଅନେକ ପରିବାରଙ୍କର ଘର ଭିତରୁ କମୁନି ପାଣି। ରାସ୍ତାକଡ ଓ ନଦୀବନ୍ଧରେ ବିପଦପୂର୍ଣ୍ଣ ଭାବେ ବିତୁଛି ବିପନ୍ନଙ୍କର ଜୀବନ। ଏପରିକି ୨ଟି କ୍ଲଷ୍ଟରର ୨୫ ବିଦ୍ୟାଳୟ ପାଣି ଘେରରେ ରହିଥିବାରୁ ପିଲାଙ୍କ ବସ୍ତାନିରେ ଡୋରୀ ପଡ଼ିଛି। ଏପରି ବନ୍ୟା ପରିସ୍ଥିତିକୁ ନେଇ ଗାଁର ପୁରୁଖା ଲୋକ କହିଛନ୍ତି ଏପରି ବନ୍ୟା ୨୦୦୧ମସିହାକୁ ବଳିଗଲା। ଏପରି ବନ୍ୟା ହେବାର କାରଣ କୁଆଖିଆ-ଆଖଣ୍ଡଳମଣି ୨୦ନମ୍ବର ଜାତୀୟ ରାଜପଥକୁ ଲାଗିକରି ଥିବା ବୈତରଣୀର ନଦୀବନ୍ଧ ନଥିବାରୁ ଉପରମୁଣ୍ଡରୁ ଆସିଥିବା ବନ୍ୟାପାଣି କୂଳଲଘିଂବାରୁ ୫ଶହ ଫୁଟ ଲମ୍ବର କଂକ୍ରିଟ ରାସ୍ତାକୁ ସମ୍ପୁର୍ଣ୍ଣ ଭାବେ ଧୋଇ ନେବା ସହ ଏକ ଘାଇ ସୃଷ୍ଟି ହେବାରୁ ଏପରି ବନ୍ୟା ପରିସ୍ଥିତି ଦେଖାଦେଇଥିବା ସ୍ଥାନୀୟବୋଡକ ଓ ଷାଠିବାଙ୍କୁଡା ଗାଁର ଲୋକ କହିଛନ୍ତି। ଏବେବି ଉକ୍ତ ସ୍ଥାନରେ ୪/୫ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ କ୍ଷେତ ଓ ଜନବସତି ଆଡ଼କୁ ମାଡ଼ି ଚାଲିଛି। ଏଥିସହ ଦୀର୍ଘ ୧କିମି କଂକ୍ରିଟରାସ୍ତାର ଉଭୟ ପାର୍ଶ୍ୱରୁ ବାଲି ଓ ମାଟି ଧୋଇଯିବାରୁ ରାସ୍ତା ଏବେ ଯାତାୟତ ପାଇଁ ବିପଦ ଦେଖାଦେଇଛି। କେଉଁଠି ରାସ୍ତା ନଦୀ ଆଡ଼କୁ ଢଳି ରହିଛି ତ ଆଉ କେଉଁଠି ଘଳିଆ ପଡିବାରୁ ରାସ୍ତା ଫାଟି ଆଁ କରି ରହିଛି। ଫଳରେ ଦୀର୍ଘଦିନ ହେବ ଯାତାୟତ ଠପ୍ ହୋଇଯାଇଥିବାରୁ ବୋଡ଼ାକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହିଛି। ଗାଁର ପ୍ରାଥମିକ ବିଦ୍ୟାଳୟକୁ ବାଦ ଦେଲେ ଉଚ୍ଚଶିକ୍ଷା ପାଇଁ ପାଠ ପଢୁଥିବା ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଘରେ ବସିଛନ୍ତି। ତାହାସହ କୌଣସି ଅତ୍ୟାବଶ୍ୟକୀୟ ସାମଗ୍ରୀ ଓ ମେଡିକାଲ ଆସିବାକୁ ହେଲେ ଦେଶୀଡଙ୍ଗା ସାହା ଭରଷା ସାଜିଛି। ଏପରି ସମାନ ସ୍ଥିତି ଦେଖିବାକୁ ମିଳିଛି ମୁଁଆ, ସନ୍ତରା, ପାରଡିଆ, ଖଟୁଆ ପାଟଣା, ଭୁଇଁପୁର ଆଦି ୨୪ଟି ଗାଁରେ। ବିଶେଷକରି ଚାଷଜମିରେ ଦୀର୍ଘ ୨୫ଦିନ ହେବ ଅଣ୍ଟାଏ ଉଚ୍ଚର ବନ୍ୟାପାଣି ଲହଡ଼ି ମାରୁଥିବାରୁ ଚଳିତବର୍ଷ ଆଉ ଚାଷ କାର୍ଯ୍ୟ ହୋଇ ପାରିବ ନାହିଁ ବୋଲି ଚାଷୀ କହିଛନ୍ତି।

### ୨ବିଭାଗର ଟାଳଟୁଳ ନୀତି

### ପାରାଦୀପ ବନ୍ଦରରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ

# ୪୨୭.୮୦ କୋଟିର ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟ ଶୁଭାରମ୍ଭ

ପାରାଦୀପ,୨୧।୮ (ସମିସ): କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ ଦୁଇଦିନିଆ ପାରାଦୀପ ବନ୍ଦର ଗସ୍ତରେ ଆସି ବନ୍ଦର ପରିଦର୍ଶନ କରିବା ସହିତ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର କାର୍ଯ୍ୟ ଶୁଭାରମ୍ଭ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ୪୨୭.୮୦ କୋଟି ବ୍ୟୟରେ ନିର୍ମିତ ହେବାକୁ ଥିବା ୭ଟି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହା ସହିତ ୧,୫୮୦.୩୬ କୋଟି ବିନିଯୋଗର ତିନୋଟି ଯାନ୍ତ୍ରୀକକରଣ ପ୍ରକଳ୍ପର ଚୁକ୍ତି ସ୍ୱାକ୍ଷର କରାଯାଇଥିଲା।

କାର୍ଯ୍ୟାରମ୍ଭ ହୋଇଥିବା ୪୨୭.୮୦ କୋଟି ପ୍ରକଳ୍ପ ମଧ୍ୟରେ ପ୍ରମୁଖ ରହିଛି ପୋର୍ଟ ହାର୍ବରରେ ୧୮.୫ ମିଟର ଗଭୀର ଡ୍ରାଫ୍ଟ କ୍ଷମତା ଡ୍ରେଜିଂ ପ୍ରକଳ୍ପ। ୩୫୨ କୋଟି ଟଙ୍କା ବିନିଯୋଗରେ ହେବାକୁ ଥିବା କ୍ୟାପିଟାଲ ଡ୍ରେଜିଂ ମାଧ୍ୟମରେ ବନ୍ଦରର ଆଭ୍ୟନ୍ତରୀଣ ହାର୍ବରରେ ପୂର୍ଣ୍ଣ ଲୋଡ୍ ଥିବା କେପସାଇଜ୍ ଜାହାଜ ଚଳାଚଳ ସମ୍ଭବ ହେବ। ଏହା ଫଳରେ ଲଜିଷ୍ଟିକ୍ ଖର୍ଚ୍ଚ ଓ ଜାହାଜ ଗତି ପରିବର୍ତ୍ତନ ସମୟ ହ୍ରାସ ପାଇବ। ସେହିପରି ଅଠରବାଙ୍କୀରେ ଦ୍ୱିତୀୟ ନୂତନ ସେତୁ ପାଇଁ ୨୪.୮୯ କୋଟି ରହିଛି। ୫୦୦ ମିଟର ଲମ୍ବ ବିଶିଷ୍ଟ ଏହି ତିନି ଲେନ୍ ବିଶିଷ୍ଟ ସେତୁରେ ପାଦଚଲା ପଥ ଏବଂ ପାଇପ୍ ଲାଇନ୍ କରିଡର ରହିଛି। ପ୍ରତିଦିନ ପ୍ରାୟ ୩୦୦୦ ଟ୍ରକ୍ ଚଳାଚଳ କରୁଥିବା ଏହି ରାସ୍ତାରେ ଯାତାୟାତ ଚାପ ହ୍ରାସ ପାଇବ। କ୍ରୀଡ଼ା ଛାତ୍ରାବାସ ପାଇଁ ୨.୧୦ କୋଟି ରହିଛି। ଏହି ସୁବିଧା ଉଦୀୟମାନ କ୍ରୀଡ଼ାବିତମାନଙ୍କୁ ରହିବା ଏବଂ ଆବଶ୍ୟକ ସୁବିଧା ଯୋଗାଇବା ସହ ଯୁବ ବିକାଶକୁ ପ୍ରୋତ୍ସାହନ ଦେବ। ପ୍ରଶାସନିକ କାର୍ଯ୍ୟାଳୟ ଭବନର ଆଧୁନିକୀକରଣ ପାଇଁ ୧୨.୧୮ କୋଟି ବିନିଯୋଗ ହେବ। ଆବାସିକ କଲୋନୀକୁ ପାଇପ୍ ଯୋଗେ ନ୍ୟାଚୁରାଲ ଗ୍ୟାସ୍ ସପ୍ଲାଇ ପାଇଁ ୨୦ କୋଟି ରହିଛି। ଭାରତ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡ୍ ସହଯୋଗରେ ପ୍ରଥମ ପର୍ଯ୍ୟାୟରେ ମଧୁବନ ଅଞ୍ଚଳର ୫୪୬ଟି ଆବାସିକ କ୍ୱାର୍ଟରକୁ ପିଏନ୍‌ଜି ସଂଯୋଗ ଯୋଗାଇ ଦିଆଯିବ। ଏହା ଘରୋଇ ଗ୍ୟାସ୍ ଖର୍ଚ୍ଚକୁ ପ୍ରାୟ ୪୦ ପ୍ରତିଶତ ପର୍ଯ୍ୟନ୍ତ କମାଇବ। ଉନ୍ନତ ଭେସେଲ୍ ଟ୍ରାଫିକ୍ ମ୍ୟାନେଜମେଣ୍ଟ ଏବଂ ସୂଚନା ପ୍ରଣାଳୀ ପାଇଁ ୧୫.୫୦ କୋଟି ବିନିଯୋଗ କରାଯିବ। କେନ୍ଦ୍ରମନ୍ତ୍ରୀ ଶ୍ରୀ ସୋନୋୱାଲ ପାରାଦୀପ ବନ୍ଦରରେ ଦଶଲକ୍ଷତମ ବୃକ୍ଷ ରୋପଣ କରି ବନ୍ଦରର ସବୁଜ ପରିବେଶ ସୃଷ୍ଟି କରିଥିଲେ।

### ୧,୫୮୦.୩୬ କୋଟିର ୩ ପ୍ରକଳ୍ପର ଚୁକ୍ତି ସ୍ୱାକ୍ଷର

ସେହିପରି ବନ୍ଦରର କ୍ଷମତା ଓ କାର୍ଗୋ ପରିଚାଳନ କ୍ଷମତାକୁ ଆହୁରି ସୁଦୃଢ଼ କରିବା ପାଇଁ ୧,୫୮୦.୩୬ କୋଟି ବିନିଯୋଗର ତିନୋଟି ଯାନ୍ତ୍ରୀକକରଣ ପ୍ରକଳ୍ପର ଚୁକ୍ତି ସ୍ୱାକ୍ଷର କରାଯାଇଥିଲା। ବର୍ତ୍ତମାନ ବନ୍ଦରର ଯାନ୍ତ୍ରୀକକରଣ ସ୍ତର ପ୍ରାୟ ୮୦ ପ୍ରତିଶତ ରହିଛି। ଏହି ପ୍ରକଳ୍ପଗୁଡ଼ିକ ହେଲା ୫ ଏମ୍‌ଟିପିଏ ସାଉଥ୍ କ୍ୱେ ଯାନ୍ତ୍ରୀକରଣ ପ୍ରକଳ୍ପ ୪୯୮.୬୯ କୋଟି, ୮ଏମଟିପିଏ ମଲ୍ଟିପର୍ପୋଜ୍ ବର୍ଥ ଯାନ୍ତ୍ରୀକରଣ ପ୍ରକଳ୍ପ ୬୩୦.୬୭ କୋଟି, ୧୦ ଏମ୍‌ଟିପିଏ ସିକ୍ୟୁ-୩୧୦ କ୍ୟାପ୍ଟିଭ୍ ଯାନ୍ତ୍ରୀକରଣ ପ୍ରକଳ୍ପ ପାଇଁ ୪୫୧ କୋଟି ରହିଛି।

## ବଜ୍ରପାତରେ ବୃଦ୍ଧ ମୃତ, ୨ ଗୁରୁତର

ବାସୁଦେବପୁର,୨୧।୮(ସମିସ): ବାସୁଦେବପୁର ବ୍ଲକର ଆନ୍ଦୁଳା ପଞ୍ଚାୟତର ଜୋରାଗଡିଆ ଗ୍ରାମର ସଚ୍ଚଚରଣ ମହାକୁଡ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ସଂଜ୍ଞାହୀନ ହୋଇ ପଡ଼ିଥିଲେ । ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ପ୍ରାଥମିକ ଭାବେ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ଜୋରାଗଡ଼ିଆ ଗ୍ରାମର ରତ୍ନାକର ଘଡ଼ାଇ ବିଲ କାମ କରୁଥିବା ବେଳେ ବଜ୍ରପାତରେ ଆହତ ହୋଇଛନ୍ତି। ଏହି ପଞ୍ଚାୟତର ଖାଣ୍ଟଖୁଆଡ଼ ଗ୍ରାମର ମିନାକ୍ଷୀ ମଳିକ ବଜ୍ରପାତରେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

### ୬ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ବଦଳି

## ହିମାଂଶୁଲାଲ ଇଓଡବ୍ଲ୍ୟୁ ଆଇଜି, ସତ୍ୟବ୍ରତ ଭୋଇ ଗୁଇନ୍ଦା ଆଇଜି

ଭୁବନେଶ୍ୱର ୨୧।୮ (ସମିସ): ରାଜ୍ୟ ବରିଷ୍ଠ ଆଇପିଏସ୍‌ସ୍ତରରେ ଅଦଳବଦଳ ହୋଇଛି। ୬ ଜଣ ଆଇପିଏସ୍ ଅଧିକାରୀଙ୍କୁ ବିଭିନ୍ନ ସ୍ଥାନକୁ ବଦଳି କରାଯାଇଛି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲଙ୍କୁ ଇଓଡବ୍ଲ୍ୟୁ ଓ ଏସ୍‌ଟିଏଫ୍‌ର ଆଇଜି ଭାବେ ନିଯୁକ୍ତି ମିଳିଛି। ପିଟିସି ଅନୁଗୋଳର ପ୍ରିନ୍ସିପାଲ ତଥା ତାଳଚେରର ଉତ୍ତର-ମଧ୍ୟାଞ୍ଚଳ ରେଞ୍ଜ୍ ଆଇଜି ସତ୍ୟବ୍ରତ ଭୋଇଙ୍କୁ ଆଇଜି ଇଣ୍ଟେଲିଜେନ୍ସ ଭାବେ ବଦଳି କରାଯାଇଛି। ଇଣ୍ଟେଲିଜେନ୍ସ ଆଇଜି ଜୟନାରାୟଣ ପଙ୍କଜଙ୍କୁ ଦକ୍ଷିଣାଞ୍ଚଳ ଆଇଜି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖରଙ୍କୁ ପୁଲିସ ମୁଖ୍ୟାଳୟ ସ୍ଥିତ ଆଇଜି (ପ୍ରୋଭିଜନାଲ୍) ଭାବେ ଦାୟିତ୍ୱ ଦିଆଯାଇଛି। ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମୀନାଙ୍କୁ ଉତ୍ତରାଞ୍ଚଳ ଡିଆଇଜି (ସମ୍ବଲପୁର) ଭାବେ ବଦଳି କରାଯାଇଛି। ନିକଟରେ କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ଡିଆଇଜି ଆଶିଷ କୁମାର ସିଂହଙ୍କୁ ଉତ୍ତର-ମଧ୍ୟାଞ୍ଚଳ ରେଞ୍ଜ୍ (ତାଳଚେର) ସହ ଅନୁଗୋଳ ପୁଲିସ ଟ୍ରେନିଂ କଲେଜ ପ୍ରିନ୍ସିପାଲ୍ ଦାୟିତ୍ୱ ଦିଆଯାଇଛି। ଶୁକ୍ରବାର ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଦୁଷ୍କର୍ମ ଅଭିଯୁକ୍ତଙ୍କୁ ୨୨ ବର୍ଷ ମାସେ ଜେଲ୍

ବାରିପଦା, ୨୧।୮(ସମିସ): ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ବିଚାରପତି ତଥା ପକ୍‌ସୋ ସ୍ୱତନ୍ତ୍ର ଅଦାଲତ ବିଚାରପତି ଚିନ୍ମୟ ମିଶ୍ର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣକ ବାଦାମପାହାଡ଼ ଥାନା ସାନହାତନାବେଡା ଗ୍ରାମର ଜଗନ୍ନାଥ ମହାନ୍ତ (୭୦)। ଅଦାଲତ ତାଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା ୩୭୬(୩), ୩୭୬(୨)(ନ), ୩୪୧, ୫୦୬ ଓ ପକ୍‌ସୋ ଆଇନର ଧାରା ୬ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ୨୨ ବର୍ଷ ଏକମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ତତ୍‌ସହିତ ୪୦ ହଜାର ଟଙ୍କା ଜରିମାନା, ଅନାଦେୟ ଅଧିକ ୩ ମାସ ଅଧିକ କାରାଦଣ୍ଡ ଭୋଗିବା ନେଇ ରାୟରେ ଉଲ୍ଲେଖ କରିଛନ୍ତି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ସହାୟତା ପ୍ରଦାନ ପାଇଁ ରାୟରେ ଉଲ୍ଲେଖ ରହିଛି। ୨୦୨୧ ଡିସେମ୍ବର ୧୧ ତାରିଖ ୧୨ଟାରୁ ୧ଟା ମଧ୍ୟରେ ବାଦାମପାହାଡ ଥାନା ଅନ୍ତର୍ଗତ ଏକ ଫୁଟବଲ୍ ପଡିଆ ନିକଟ ଡୁଙ୍ଗୁରୀ ଅଞ୍ଚଳରେ ଗାଈ ଚରାଉଥିବା ସମୟରେ ନାବାଳିକାଙ୍କୁ ଏକାକୀ ପାଇ ଅଭିଯୁକ୍ତ ଦୁଷ୍କର୍ମ କରିଥିଲେ। ପରେ ତାଙ୍କୁ ଭୟ ଦେଖାଇ କିଛି ନ କହିବାକୁ ହତ୍ୟା ଧମକ ଦେଇଥିଲେ। ଏହାପରେ ମଧ୍ୟ ଅଭିଯୁକ୍ତ ଏକାଧିକ ଥର ସମାନ ଅପରାଧ କରିଥିବା ଅଭିଯୋଗ ହୋଇଥିଲା। ଭୟରେ ନାବାଳିକା ପ୍ରଥମେ ପରିବାରକୁ କିଛି କହି ନ ଥିଲେ। ପରେ ଗର୍ଭବତୀ ହୋଇଥିବା ଜଣାପଡ଼ିବା ପରେ ମାଆଙ୍କ ନିକଟରେ ସବୁ କଥା ଖୋଲି କହିବାରୁ ୨୦୨୨ ଜୁଲାଇ ୧ ତାରିଖରେ ବାଦାମପାହାଡ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ଏକ ପକ୍‌ସୋ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୨୨ ଜୁଲାଇ ୨ ତାରିଖରୁ ସେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି।

### ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସମୂହ ଗଛକଟା ଘଟଣା

# ଏନଜିଟିରେ ପୁଣି ଘୁଞ୍ଚିଲା ତାରିଖ, ନଭେମ୍ବର ୨୪ରେ ପରବର୍ତ୍ତୀ ଶୁଣାଣି

ବାରିପଦା, ୨୧।୮(ସମିସ): ସ୍ଥାନୀୟ ପାଲବଣିଠାରେ ପ୍ରସ୍ତାବିତ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ମାତ୍ରାରେ ଗଛ କାଟିବା ଘଟଣାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି)ରେ ରୁଜୁ ମାମଲା କେସ ନଂ ୨୧୩/ଇଜେଡ/୨୦୨୫ର ଶୁଣାଣି ହୋଇଛି। ସମସ୍ତ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ପରିବେଶକୁ କ୍ଷତି ପହଞ୍ଚାଉଥିବା ଉପରୋକ୍ତ ପ୍ରକଳ୍ପ ବିରୋଧରେ ଅଭିଯୋଗକାରୀ କଂଗ୍ରେସ ଯୁବନେତା ପ୍ରମୋଦ କୁମାର ହେମ୍ବ୍ରମ ଏନଜିଟିର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ପକ୍ଷରୁ ଉପସ୍ଥାପିତ ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି କୋଲକତାସ୍ଥ ଇଷ୍ଟର୍ଣ୍ଣ ବେଞ୍ଚର ଜୁଡିସିଆଲ ମେମ୍ବର ବିଚାରପତି ଅରୁଣ କୁମାର ତ୍ୟାଗି ଓ ଏକ୍ସପର୍ଟ ମେମ୍ବର ଈଶ୍ୱର ସିଂ ସମୟର ଅଭାବକୁ ନେଇ ପରବର୍ତ୍ତୀ ଶୁଣାଣି ନଭେମ୍ବର ୨୪କୁ ରଖିଛନ୍ତି ବୋଲି ଆଇନଜୀବୀ ଶଙ୍କର ପ୍ରସାଦ ପାଣିଙ୍କ ସୂତ୍ରରୁ ଜଣାପଡିଛି।

ପୂର୍ବରୁ ୨୦୨୬ ମାର୍ଚ୍ଚ ୩୦ ତାରିଖରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ରେସପଣ୍ଡେଣ୍ଟ ନମ୍ବର ୪ ସତ୍ୟପାଠ ଦାଖଲ କରି ନ ଥିବାରୁ ଟ୍ରିବ୍ୟୁନାଲ ପୁନର୍ବାର ଏକ ସପ୍ତାହ ସମୟ ଦେଇଥିଲେ। ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୧ (ଆଜି) ତାରିଖରେ ହେବ ବୋଲି ରାୟରେ ପ୍ରକାଶ ପାଇଥିଲା। ତଦନୁଯାୟୀ ବିଚାର ଆରମ୍ଭ ହୋଇଥିଲା। ତେବେ ସମୟ ଅଭାବରୁ ପରବର୍ତ୍ତୀ ଶୁଣାଣିକୁ ନଭେମ୍ବର ୨୪କୁ ରଖାଯାଇଛି। ଏହି ଘଟଣାରେ ପ୍ରତିବାଦୀ ଓଡ଼ିଶା ସରକାର ଓ ଅନ୍ୟାନ୍ୟଙ୍କ ପକ୍ଷରୁ ଏଡିଜେ ସବିତା ରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ। ମାମଲାଟି ପରିବେଶ ସମ୍ବନ୍ଧୀୟ ହେବାରୁ ରାଜ୍ୟରେ ବ୍ୟାପକ ଚର୍ଚ୍ଚାର ବିଷୟ ହୋଇଛି। ଟ୍ରିବ୍ୟୁନାଲର ପରବର୍ତ୍ତୀ ଶୁଣାଣି ଉପରେ ସମସ୍ତଙ୍କ ନଜର ରହିଛି। ଏହି ମାମଲାରେ ଅନ୍ୟ ପ୍ରତିବାଦୀ ଭାବେ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ବନଖଣ୍ଡ ଅଧିକାରୀ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ମୁଖ୍ୟ ଉପନିର୍ଦ୍ଦେଶକ, ରାଜ୍ୟ ରାସ୍ତା ଓ ପରିବହନ ବିଭାଗର ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୂଚନା ମୁତାବକ, ପାଲବଣୀଠାରେ ୫.୧୧ ଏକର ଜମିରେ ପ୍ରସ୍ତାବିତ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ୨୦୨୫ ଡିସେମ୍ବର ୧୭ ତାରିଖରୁ ଗଛକଟା ଆରମ୍ଭ ହୋଇଥିଲା।୧୭୮୯ଟି ଗଛ କଟାଯିବା ପାଇଁ ବନ ବିଭାଗ ଅନୁମତି ଥିବାବେଳେ ଅଭିଯୋଗ ଅନୁସାରେ ୫ ହଜାରରୁ ଊର୍ଦ୍ଧ୍ୱ ଗଛକଟା ସରିଛି। ଏହାକୁ ନେଇ ପ୍ରଥମେ ଭଞ୍ଜସେନା ବିରୋଧ ଆରମ୍ଭ କରିଥିବାବେଳେ ସୁପ୍ରିମକୋର୍ଟର ଆଇନଜୀବୀ ଆକାଶ ଶର୍ମା ଘଟଣାର ପ୍ରତିବାଦ କରି ଜଡ଼ିତ ଅଧିକାରୀଙ୍କୁ ପକ୍ଷଭୁକ୍ତ ପୂର୍ବକ ଉଚ୍ଚ ନ୍ୟାୟାଳୟରେ ଏକ ମାମଲ ରୁଜୁ ପାଇଁ ଆବେଦନ କରିଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡି ଗଛକଟା ବନ୍ଦ ସାଙ୍ଗକୁ ପ୍ରକଳ୍ପ ଜଙ୍ଗଲ ବିହୀନ ସ୍ଥାନକୁ ସ୍ଥାନାନ୍ତର ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ମାମଲା ଏବେ ଏନଜିଟିରେ ବିଚାରାଧୀନ ରହିଛି। ଅଭିଯୋଗକାରୀ ଶ୍ରୀ ହେମ୍ବ୍ରମଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ପାଣି ଯୁକ୍ତି ରଖିଥିଲେ ଯେ, ସହରୀ ବନୀକରଣ ଜରିଆରେ ପାଲବଣିଠାରେ ୧୦ ଏକର ଜାଗାରେ ୧୨ ହଜାର ଗଛ ଲାଗିଥିଲା। ରକ୍ଷଣାବେକ୍ଷଣ ପରେ ସମସ୍ତ ଗଛ ବଞ୍ଚିଥିଲା ବୋଲି ସେତେବେଳେ ଖର୍ଚ୍ଚ ଉପସ୍ଥାପନରେ ବିଭାଗ ଦେଖାଇଥିଲା। ତେବେ ୫.୧୧ ଏକର ଜମିରେ ଗଛ କାଟିବା ପୂର୍ବରୁ ବନ ବିଭାଗ ୧୭୮୯ଟି ଗଛ କଟାଯିବା ପାଇଁ ଅନୁମତି ଦେଇଥିଲା। ମାତ୍ର ଗଛ କଟିବା ପରେ ପ୍ରମାଣ ନଷ୍ଟ ପାଇଁ ପ୍ରଥମେ ଗଛ ମୂଳଗଣ୍ଡି ପୋଡି ନଷ୍ଟ ଉଦ୍ୟମ ପରେ ଗଣ୍ଡିରୁ ପୁନର୍ବାର ଗଜା ବାହାରିବା ପରେ ଜେସିବି ଲଗାଇ ମୂଳ ଉପୁଡାଯାଇଛି। ଏଣୁ ବହୁ ସଂଖ୍ୟାରେ ଗଛ କଟାଯାଇଛି ବୋଲି ସେ ଦର୍ଶାଇଛନ୍ତି। ତତସହିତ ବିବାଦୀୟ ସ୍ଥାନଠାରୁ ୨୦୦ ମିଟର ଦୂରରେ ପର୍ଯ୍ୟାପ୍ତ ଖୋଲା, ଅନାବାଦି ସରକାରୀ ଜମି ଥିବାବେଳେ ଏଠାରେ ଗଛ କଟାଯିବା ଉଚିତ ନ ଥିଲା ବୋଲି ସେ କହିଛନ୍ତି।

## ପ୍ରସ୍ତାବିତ ଇସ୍ପାତ ପ୍ରକଳ୍ପର ଶେଷ ଗ୍ରାମସଭା ସମାପ୍ତ

# ଯମୁନାପଶିରେ ଏକର ପ୍ରତି ୨୦ ଲକ୍ଷ ଟଙ୍କା ଦାବି






କେନ୍ଦୁଝର/ତୁରୁମୁଙ୍ଗା, ୨୧।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ଜେଏସଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍ ଦ୍ୱାରା ପ୍ରସ୍ତାବିତ ବାର୍ଷିକ ୫ ମିଲିୟନ ଟନ ଉତ୍ପାଦନକ୍ଷମ ସମନ୍ୱିତ ଇସ୍ପାତ କାରଖାନା ପ୍ରତିଷ୍ଠା ଦିଗରେ ସମସ୍ତ ୧୨ଟି ଚିହ୍ନଟ ଗ୍ରାମରେ ଗ୍ରାମସଭା ଶୁକ୍ରବାର ଶେଷ ହୋଇଛି। ଆଜି ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶ ତଥା ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକରଙ୍କ ନେତୃତ୍ୱରେ ଯମୁନାପଶି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଯମୁନାପଶି ଗ୍ରାମରେ ଆୟୋଜିତ ଶେଷ ଗ୍ରାମସଭା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶେଷ ହୋଇଛି। ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ପାଟଣା ବିଡିଓ ମାନସ ଦଣ୍ଡପାଟ, ସ୍ୱତନ୍ତ୍ର ଭୂ-ଅର୍ଜନ ସେଲ୍‌ର ଅଧିକାରୀ ରଞ୍ଜିତ ଦାଶ, ତ୍ରିଭୁବନ ଦାସ, ପ୍ରଦ୍ୟୁମ୍ନ ଜେନା ଓ ଅନ୍ୟ ରାଜସ୍ୱ କର୍ମଚାରୀ ଯୋଗ ଦେଇଥିଲେ। ଗ୍ରାମସଭା ପୂର୍ବରୁ ଝୁମରର ମେଲୋଡି ପରିବେଷଣରେ ଝୁମିଥିଲେ ଗ୍ରାମବାସୀ। ସରପଞ୍ଚ ଶଶିଭୂଷଣ ନାଏକ ସଭାପତିତ୍ୱ କରିଥିଲେ। ଇଡକୋ ଜମି ଅଧିଗ୍ରହଣ ଅଧିକାରୀ କୃଷ୍ଣଚନ୍ଦ୍ର ପାତ୍ର ନାଏବ ସରପଞ୍ଚ ରେଣୁବାଳା ମହାପାତ୍ର, ସମିତିସଭ୍ୟ ହେମଲତା ନାଏକ, ୱାର୍ଡମେମ୍ବର ତେଜସ୍ୱିନୀ ନାଏକ ଉପସ୍ଥିତ ଥିଲେ। ୭ ଜଣ ଦାବି ଉପସ୍ଥାପନ କରିଥିଲେ। ଜମିର ଉଚିତ କ୍ଷତିପୂରଣ ସହ ମୋଟ ୩୩ଟି ଦାବିପତ୍ର ପ୍ରଦାନ କରାଯାଇଥିଲା। ଜମି ହରାଉଥିବା ଲୋକଙ୍କୁ ଏକର ପିଛା ୨୦ କୋଟି ଟଙ୍କା କ୍ଷତିପୂରଣ ଦାବି ସହ ସରକାରୀ ଜମିରେ ଘର କରି ରହୁଥିବା ଲୋକଙ୍କୁ ପଟ୍ଟା ପ୍ରଦାନ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ବାର୍ଷିକ ୨୦ ଲକ୍ଷ ଟଙ୍କାର ବୀମା ପ୍ରଦାନ ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇଁ ଦାବି ରଖିଥିଲେ। ଆଜି ସମସ୍ତ ଗ୍ରାମସଭା ଶେଷ ହେବା ପରେ ଷ୍ଟିଲପ୍ଲାଣ୍ଟ ପ୍ରତିଷ୍ଠାକୁ ନେଇ ଏବେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶା ବଢ଼ିଛି। ଅତିରିକ୍ତ ଏସ୍‌ପି ଜୋସ୍ନାମୟୀ ପ୍ରଧାନ, ପ୍ରତ୍ୟୁଷ ମହାପାତ୍ର, ବିଜୟ କୁମାର ବିହାରୀ, ଡିଏସପି ପ୍ରଶାନ୍ତ ବେହେରା ଜୟଦୀପ ମହାନ୍ତି, ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ସଦର ଏସ୍‌ଡିଓ ସୁଦର୍ଶନ ଗାଙ୍ଗଇ, ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ପିଙ୍ଗୁଆ, ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ବାରିଆ ଥାନାଧିକାରୀ ମୁକୁନ୍ଦଦେବ ନାଏକ, ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ, ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି, ତୁରୁମୁଙ୍ଗା ଥାନା ଅତିରିକ୍ତ ଥାନାଧିକାରୀ ସବିତା ନାଏକ, ଟାଉନ ଥାନାଧିକାରୀ ଶ୍ରୀକାନ୍ତ ସାହୁ, ଝୁମ୍ପୁରା ଥାନାଧିକାରୀ ସୋମବାରୀ ହାଁସଦା, ବଡ଼ବିଲ ଥାନାଧିକାରୀ ଅଶୋକ ନାଏକ, ଚମ୍ପୁଆ ଥାନାଧିକାରୀ ସ୍ୱରୂପ ନାଏକ, ଯୋଡ଼ା ଥାନାଧିକାରୀ ପ୍ରଶାନ୍ତ ସାମଲ, ବାମେବାରୀ ଥାନାଧିକାରୀ ପ୍ରଭାତ ସାହୁ, ରୁଗୁଡି ଥାନାଧିକାରୀ ସମ୍ପଦ ମହାନ୍ତି, ଆନନ୍ଦପୁର ଥାନାଧିକାରୀ ଫନିନ୍ଦ୍ର ନାଏକ, ନୟାକୋଟ ଥାନାଧିକାରୀ ଅଞ୍ଜନ ପାତ୍ରଙ୍କ ସହ ୨୨ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ ଥିଲେ।

## ବେଆଇନ ପଥର ଖାଦାନରେ ଛାତ୍ରମୃତ୍ୟୁ ଘଟଣା

# ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ



ଆନନ୍ଦପୁର, ୨୧।୮ (ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ତହସିଲର ଓସ୍ତପୁରା/ଭୋଲନୂଆଗାଁ ବେଆଇନ ପଥର ଖାଦାନରେ ବୁଡ଼ି ଛାତ୍ର ପ୍ରାଣ ହରାଇବା ଘଟଣାରେ ରାଜ୍ୟ ମାନବାଧିକାର କମିଶନ (ଓଏଚଆରସି) ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ କରିଛନ୍ତି। ଅପରପକ୍ଷରେ ଜିଲ୍ଲା ଖଣି ଅଧିକାରୀଙ୍କୁ ମଧ୍ୟ କମିଶନ ଏ ସମ୍ପର୍କରେ ନିଜର ମତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଅଗଷ୍ଟ ୧୪ ତାରିଖ ରାଜ୍ୟ ମାନବାଧିକାର କମିଶନର ଅଧ୍ୟକ୍ଷ ଏସ ପୂଜାହାରୀ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ଜୁନ୍ ୧୪ରେ ଖାଲିଆମେଣ୍ଟା ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ପୁଅ ନିହାର ରଞ୍ଜନ ବେହେରା (୧୭) ଏହି ବେଆଇନ ଖାଦାନରେ ପଡ଼ି ପାଣିରେ ବୁଡି ମୃତ୍ୟୁବରଣ କରିଥିଲେ। ନିହାର ପରିବାରର ଏକମାତ୍ର ସନ୍ତାନ ଥିଲେ। ଏହି ଘଟଣା ପରେ ଯୁବ ବିଜେପି ନେତା ଯଜ୍ଞପ୍ରସାଦ ସାହୁ ଓଏଚ୍‌ଆରସିରେ ଅଭିଯୋଗ କରିଥିଲେ। ଶ୍ରୀ ସାହୁଙ୍କ ଅଭିଯୋଗର ଗୁରୁତ୍ୱକୁ ଅନୁଭବ କରି କମିଶନର ଅଧ୍ୟକ୍ଷ ଜଷ୍ଟିସ ଏସ ପୂଜାହାରୀ ମାମଲାର ଶୁଣାଣି କରିଛନ୍ତି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଖଣି ସଚିବ, କେନ୍ଦୁଝର ଜିଲ୍ଲାପାଳ, ଏସପି, ଖଣି ଉପନିର୍ଦ୍ଦେଶକ କେନ୍ଦୁଝରଙ୍କ ସମେତ ୧୦ ଜଣ ପକ୍ଷଭୁକ୍ତ ହୋଇଥିଲେ।

# ଭାଲୁ ଆକ୍ରମଣରେ ଦୁଇ ଗୁରୁତର





ବାଲିବନ୍ଧ, ୨୧।୮ (ସମିସ): ଝୁମ୍ପୁରା ଉପକଣ୍ଠ ଭଗାବନ୍ଧ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଗୁରୁତର ଜଣକ ହେଲେ ସେହି ଗ୍ରାମର ନରତ୍ତୋମ ମହାନ୍ତ (୭୦)। ନରତ୍ତୋମ ଏବଂ ଆଉ ଦୁଇ ଭାଇ ମିଶି ରାଇକଳା ଜଲପାସାହି ନିକଟ ଜମିରେ ହରଡ଼ ବୁଣିବା ପାଇଁ ଟ୍ରାକ୍ଟର ଦ୍ୱାରା ଚାଷ କରୁଥିଲେ। ନରତ୍ତୋମ ଜମି ଶେଷ ମୁଣ୍ଡରେ ଛିଡା ହୋଇଥିବା ବେଳେ ନିକଟରେ ଥିବା ଗଛ ବୁଦା ମୂଳରୁ ହଠାତ ଭାଲୁ ବାହାରି ଆସି ଆକ୍ରମଣ କରିଥିଲା। ଚିତ୍କାର ଶୁଣି ଅନ୍ୟ ଦୁଇ ଭାଇ ପାଟି କରି ଦୌଡି ଯିବାରୁ ନରତ୍ତୋମକୁ ଭାଲୁ ଛାଡି ଚାଲି ଯାଇଥିଲା।

**ତୁରୁମୁଙ୍ଗା:** ସେହିପରି ପାଟଣା ରେଞ୍ଜ ପୋଇପାଣି ବିଟ୍ ପୋଇପାଣି ଗ୍ରାମରେ ଶୁକ୍ରବାର ଭାଲୁ ଆକ୍ରମଣରେ ପୋଇପାଣି ଗ୍ରାମର ଗୁରୁଚରଣ ମହାନ୍ତ ଗୁରୁତର ଆହତ ହୋଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଗୁରୁଚରଣ ଘର ନିକଟରେ ଥିବା ସମୟରେ ହଠାତ୍ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ପରିବାରଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିକଟସ୍ଥ ଚିକିତ୍ସାକେନ୍ଦ୍ରକୁ ନେଇଥିଲେ।

## ନିର୍ଦ୍ଦେଶକୁ ମାନୁନାହାନ୍ତି ବ୍ଲକ୍ ଶିକ୍ଷାଧିକାରୀ

# ହାଟଡିହି ଶିକ୍ଷା କାର୍ଯ୍ୟାଳୟ ଠିକଣା ଷଡ଼ଙ୍ଗ ଭଡାଘର




ଆନନ୍ଦପୁର, ୨୧।୮ (ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଚାଲିଥିବା ଅରାଜକତା ଯୋଗୁଁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟାଳୟକୁ ନଆସି ନିଜ ଭଡ଼ା ଘରେ ସରକାରୀ କାର୍ଯ୍ୟ କରୁଥିବା ପଛରେ କେଉଁ ଉଦ୍ଦେଶ୍ୟ ଲୁଚି ରହିଛି ସେନେଇ ସାଧାରଣରେ ଚର୍ଚ୍ଚାର ବିଷୟ ରହିଛି। ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ହାଟଡିହି ବ୍ଲକ ମହକୁମାରେ ଥିବାବେଳେ ସୁଦୂର ଷଡ଼ଙ୍ଗ ଗ୍ରାମରେ ଭଡ଼ାରେ ରହି ସମସ୍ତ ସରକାରୀ କାର୍ଯ୍ୟ କରୁଥିବା କାହାକୁ ଅଛପା ନାହିଁ। ହାଟଡିହି ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ କୌଣସି କାର୍ଯ୍ୟ ପାଇଁ ଗଲେ ସାର ନାହାନ୍ତି ସାର ଅଫିସ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି ସାର ବିଦ୍ୟାଳୟକୁ ଭିଜିଟ କରିବାକୁ ଯାଇଛନ୍ତି; ଏହିଭଳି ବିଭିନ୍ନ ପ୍ରକାର କଥା ଶୁଣିବାକୁ ମିଳିଥାଏ। ନିର୍ଦ୍ଦିଷ୍ଟ କେତେକ ଶିକ୍ଷକ ଏଜେଣ୍ଟଙ୍କ ମର୍ଜିରେ ଭଡା ଘରେ ଅଫିସ କାର୍ଯ୍ୟ କରିଥାନ୍ତି। ଗତ କିଛି ଦିନ ଭିତରେ ଶିକ୍ଷକଙ୍କ ବଦଳିର ଅନିୟମିତତା ଅଭିଯୋଗ ହୋଇଥିଲା। କେତେକ ଅବସରପ୍ରାପ୍ତ ଶିକ୍ଷକ ବର୍ଦ୍ଧିତ ପ୍ରାପ୍ୟ ପାଇବା ପାଇଁ ବିଇଓ ଅଫିସରେ ଶିକ୍ଷାଧିକାରୀଙ୍କୁ ଅଭିଯୋଗପତ୍ର ଦେଇଥିଲେ। କିଛି କାର୍ଯ୍ୟ ହେବନାହିଁ ଆପଣମାନେ ଏକ କୋର୍ଟ କରନ୍ତୁ କୋର୍ଟ ରାୟ ଦେବା ପରେ ଆପଣ ନିଶ୍ଚିତ ପାଇବେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ହାଇକୋର୍ଟର ନିର୍ଦ୍ଦେଶ ସହ ସବୁକିଛି ଡକୁମେଣ୍ଟ ବିଇଓ ଅଫିସରେ ଦେବା ପରେ ବ୍ଲକ ଶିକ୍ଷାଧିକାରୀ ହାଇକୋର୍ଟ ନିର୍ଦ୍ଦେଶକୁ ଅବମାନନା କରିବା ଅବସର ଶିକ୍ଷକଙ୍କୁ ଜାଣିଶୁଣି ହଇରାଣ କରିବା ଯୋଗୁଁ ହାଟଡିହି ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକଙ୍କ ଭରସା ତୁଟିଯାଉଛି।

# ବ୍ରାଇଟ ସ୍ମାଇଲ ଡେଣ୍ଟାଲ କ୍ଲିନିକ୍ ଉଦ୍‌ଘାଟିତ



ଚମ୍ପୁଆ, ୨୧।୮ (ସମିସ): ଚମ୍ପୁଆ ସହରବାସୀଙ୍କୁ ଉନ୍ନତ ଦନ୍ତ ଚିକିତ୍ସା ସେବା ଯୋଗାଇବା ଲକ୍ଷ୍ୟରେ ବସଷ୍ଟାଣ୍ଡ ନିକଟରେ 'ବ୍ରାଇଟ ସ୍ମାଇଲ ଡେଣ୍ଟାଲ କ୍ଲିନିକ୍'ର ଶୁଭାରମ୍ଭ ହୋଇଛି। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଫିତା କାଟି କ୍ଲିନିକ୍‌ର ଉଦ୍‌ଘାଟନ କରିଥିଲେ। କ୍ଲିନିକ୍‌ରେ ଦାନ୍ତ ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ଚିକିତ୍ସା ଓ ଆବଶ୍ୟକ ସୁବିଧା ଉପଲବ୍ଧ ହେବ ବୋଲି ଡା. ଓଏମ୍ ରିତିଶ କୁମାର କହିଛନ୍ତି। ଚମ୍ପୁଆ ଓ ଏହାର ଆଖପାଖ ଅଞ୍ଚଳର ଲୋକଙ୍କୁ ସହଜରେ ଗୁଣାତ୍ମକ ଦନ୍ତ ଚିକିତ୍ସା ସେବା ମିଳିପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଡା. ଚିରଞ୍ଜିବୀ ଚୌଧୁରୀ, ବରିଷ୍ଠ ଓକିଲ ରମେଶ ପ୍ରଧାନ, ଗଙ୍ଗାଧର କର, ତପନ ମିଶ୍ର, ସୁଶାନ୍ତ ସାହୁ, ସୁରେଶ ଗିରିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଅତିଥି ଉପସ୍ଥିତ ଥିଲେ। ନୂତନ ଡେଣ୍ଟାଲ କ୍ଲିନିକ୍ ଖୋଲିବା ଦ୍ୱାରା ଚମ୍ପୁଆବାସୀଙ୍କୁ ଦନ୍ତ ଚିକିତ୍ସା କ୍ଷେତ୍ରରେ ଅଧିକ ସୁବିଧା ମିଳିବ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ।

# ପାଟଣା ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ତୁରୁମୁଙ୍ଗା, ୨୧।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କାର୍ଯ୍ୟାଳୟରେ ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପାଟଣା ବିଡ଼ିଓ ମାନସ ଦଣ୍ଡପାଟ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଚରଣ ଦେହୁରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିପିଡ଼ିଓ ସନ୍ତୋଷ ଶବର, ହିସାବ ରକ୍ଷକ ପାର୍ବତୀ ସର୍ଦ୍ଦାର, ଜମାଲୁଦ୍ଦିନ ଖାନ, ସୁରେନ୍ଦ୍ର ଖଣ୍ଡା, ବିଭୀଷଣ ସେଠୀ, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଇଓ ସହଯୋଗ କରିଥିଲେ। ବିଭିନ୍ନ ବିଭାଗୀୟ ଡାକ୍ତର ଭିନ୍ନକ୍ଷମଙ୍କୁ ପରୀକ୍ଷା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ଉଗ୍ରେସେନ ମହାନ୍ତ ଓ ଶୁଭଙ୍କର ପାତ୍ର ଏବଂ ଅନ୍ୟମାନେ ସହଯୋଗ କରିଥିଲେ। ଅସ୍ଥିଶଲ୍ୟ ବିଭାଗରେ ୫୦, ମାନସିକ ରୋଗ ବିଭାଗରେ ୧୮, ଶ୍ରବଣ ବାଧିତରେ ୨୦, ଦୃଷ୍ଟିବାଧିତ ୩ ଜଣଙ୍କ ପରୀକ୍ଷା କରାଯିବା ସହ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ଅସ୍ଥିଶଲ୍ୟ ବାଧିତ ୫ ଜଣଙ୍କୁ ଏଠାରେ ବିଡ଼ିଓ ହୁଇଲ ଚେୟାର ବଣ୍ଟନ କରିଥିଲେ।

# ବନ୍ୟଜନ୍ତୁ ସୁରକ୍ଷା ପାଇଁ ବିଦ୍ୟୁତ୍ ଓ ବନ ବିଭାଗର ସମନ୍ୱୟ ବୈଠକ

ତୁରୁମୁଙ୍ଗା, ୨୧।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳରେ ବନ୍ୟଜନ୍ତୁ, ବିଶେଷକରି ହାତୀପଲଙ୍କ ସୁରକ୍ଷିତ ଚଳପ୍ରଚଳ ଏବଂ ବିଦ୍ୟୁତ୍‌ଜନିତ ଦୁର୍ଘଟଣା ରୋକିବା ନେଇ ବନ ବିଭାଗ ଓ ବିଦ୍ୟୁତ୍ ବିଭାଗର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ବୈଠକରେ ବନାଞ୍ଚଳରେ ଝୁଲି ପଡ଼ିଥିବା ଓ ଅଳ୍ପ ଉଚ୍ଚତାରେ ଥିବା ବିଦ୍ୟୁତ୍ ତାର ସମେତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବନ ବିଭାଗ ପକ୍ଷରୁ ବନାଞ୍ଚଳ ଅଧିକାରୀ ବନ ବିହାରୀ ସର୍ଦ୍ଦାର, ପାଟଣା ବନପାଳ ନିରଞ୍ଜନ ସେଠୀ, ସାହାରପଡ଼ା ବନପାଳ ଶ୍ରୀମନ୍ତ ବେହେରାଙ୍କ ସମେତ ସମସ୍ତ ବନରକ୍ଷୀ ଓ ପାରା କର୍ମଚାରୀ ଯୋଗଦେଇଥିଲେ। ସେହିପରି ଟାଟା ପାୱାର ପକ୍ଷରୁ ତୁରୁମୁଙ୍ଗା ଏସ୍‌ଡିଓ ଜନ୍ମେଜୟ ବେହେରା, ସାହାରପଡ଼ା କନିଷ୍ଠ ଯନ୍ତ୍ରୀ ରାକେଶ ସାହୁ, ପାଟଣା କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ମିଶ୍ର ଓ ତୁରୁମୁଙ୍ଗା କନିଷ୍ଠ ଯନ୍ତ୍ରୀ ଗୁରୁପ୍ରସାଦ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ ବିଭାଗର ଅଧିକାରୀ ଓ କର୍ମଚାରୀ ମିଳିତ ଭାବେ ବନାଞ୍ଚଳରେ କ୍ଷେତ୍ର ପରିଦର୍ଶନ କରି ବିଦ୍ୟୁତ୍ ଲାଇନ୍‌ର ସୁରକ୍ଷା ସ୍ଥିତି ଯାଞ୍ଚ କରିବେ। ବେଆଇନ ହୁକିଂ ଉଚ୍ଛେଦ ସହ ଝୁଲି ପଡ଼ିଥିବା ବିଦ୍ୟୁତ୍ ତାରକୁ ସଜାଡ଼ିବା ଏବଂ ବିପଦପୂର୍ଣ୍ଣ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟର ଉଚ୍ଚତା ବଢ଼ାଇବା ନେଇ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ହାତୀଙ୍କ ସୁରକ୍ଷିତ ଚଳପ୍ରଚଳ ସହ ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସଂଘର୍ଷ ହ୍ରାସ କରିବା ପାଇଁ ଦୁଇ ବିଭାଗ ମଧ୍ୟରେ ନିୟମିତ ସମନ୍ୱୟ ରଖିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

# ଜମୁଲେଇବେଡ଼ା ହାଟରୁ ବିପୁଳ ମହୁଲ ଜବତ

ତୁରୁମୁଙ୍ଗା, ୨୧।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଜାମୁଲେଇବେଡ଼ା ହାଟରେ ବେଆଇନ ଭାବେ ମହୁଲ ବିକ୍ରି ଚାଲିଥିବା ସମୟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଚଢ଼ଉ ବେଳେ ହାଟରୁ ୧୦ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ମହୁଲ ଜବତ କରାଯାଇଛି। ଅବକାରୀ ଚଢ଼ଉ ବେଳେ ମହୁଲ ବେପାରୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ବେଆଇନ ଭାବେ ମହୁଲ କାରବାର ଉପରେ ରୋକ ଲଗାଇବା ସହ ଏଭଳି କାରବାରରେ ସମ୍ପୃକ୍ତ ବେପାରୀଙ୍କ ବିରୋଧରେ ଆଗାମୀ ଦିନରେ କଡ଼ା ପଦକ୍ଷେପ ନେବାକୁ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ଜାରି ରହିବ ବୋଲି ଜଣାପଡ଼ିଛି।

# ଜିଲ୍ଲାସ୍ତରୀୟ ଏଡ୍‌ସ ସଚେତନତା

କେନ୍ଦୁଝର, ୨୧।୮ (ସମିସ): କେନ୍ଦୁଝର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜି ଜିଲ୍ଲାସ୍ତରୀୟ ଏଡସ୍ ସଚେତନତା କୁଇଜ୍ ପ୍ରତିଯୋଗିତା ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ରେଡ୍ ରିବନ୍ କ୍ଲବ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏଡସ୍ ସଂପର୍କରେ ସଠିକ୍ ଜ୍ଞାନ ଓ ସଚେତନତା ସୃଷ୍ଟି ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ ବସନ୍ତ କୁମାର ପାତ୍ର, ଏଡିପିଏଚ୍‌ଓ (ଡିସି), ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା, ଆଇସିଟିସି ସୁପରଭାଇଜର ବ୍ରହ୍ମାନନ୍ଦ ସାହୁ, ଜୁନିଅର ରେଡକ୍ରସ ଅଫିସର ପ୍ରଶାନ୍ତ କୁମାର ପରିଡା, ପ୍ରଧାନଶିକ୍ଷକ ଜୟ ପ୍ରକାଶ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ୨୪ଟି ରେଡ ରିବନ କ୍ଲବ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଆଜିର ପ୍ରତିଯୋଗିତାରେ ୨ ଜଣ ଛାତ୍ର ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି । ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପଶି ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଆଦିତ୍ୟ ନାରାୟଣ ପଣ୍ଡା ପ୍ରଥମ ସ୍ଥାନ ଓ ଘସିପୁରା ବ୍ଲକ ଅନ୍ତର୍ଗତ ଓଡିଶା ଆଦର୍ଶ ବିଦ୍ୟାଳୟ, ସୁଆଁପଦାର ଛାତ୍ର ଗୌରୀଶଙ୍କର ଆଇଚ ଦ୍ୱିତୀୟ ସ୍ଥାନ ହାସଲ କରି କେନ୍ଦୁଝର ଜିଲ୍ଲାରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ।

# ଗୋଠଛଡ଼ା ଦନ୍ତାର ଉପଦ୍ରବ; ଭାଙ୍ଗିଲା ୭ ଘର



ତୁରୁମୁଙ୍ଗା, ୨୧।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଞ୍ଚଳରେ ଗୋଠଛଡ଼ା ଦନ୍ତା ହାତୀର ଉପଦ୍ରବ ଚିନ୍ତା ବଢ଼ାଇଛି। ବିଳମ୍ବିତ ରାତିରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ରେଞ୍ଜର ବଡଦେଉଳି ଜଙ୍ଗଲରୁ ଆସିଥିବା ଏହି ଦନ୍ତା ପାଟଣା ରେଞ୍ଜର ବିଭିନ୍ନ ଗ୍ରାମରେ ପଶି ୭ଟି ଘର ଭାଙ୍ଗି ଦେଇଛି। ସାହାରପଡ଼ା ସେକ୍ସନ ଅନ୍ତର୍ଗତ ବାଲିପଶି ଗ୍ରାମରେ ୪ଟି ଘର ଏବଂ ଖିରେଇଟାଙ୍ଗିରୀ ସେକ୍ସନ ଅନ୍ତର୍ଗତ ତ୍ରିବିନ୍ଧା ଗ୍ରାମରେ ୩ଟି ଘରକୁ ଦନ୍ତା ଭାଙ୍ଗି ଧାନ ଚାଉଳ ଖାଇ ଦେଇଛି ହାତୀ। ବାଲିପଶି ଗ୍ରାମର ଫୁଲମଣି ବେହେରା, ଗୌରହରି ବେହେରା, ଭାବଗ୍ରାହୀ ନାଏକ ଓ କୈତା ରାଉଳଙ୍କ ଘର ସମେତ ତ୍ରିବିନ୍ଧା ଗ୍ରାମର ମମତା କାରୁଆ, ଡାଳିମ୍ବ ମୁଣ୍ଡାରୀ ଓ ଯୋଗେଶ୍ୱର ମହାନ୍ତଙ୍କ ଘର ଭାଙ୍ଗିବା ସହ କ୍ଲବ ଘରର ଝରକା ମଧ୍ୟ ଦନ୍ତା ଭାଙ୍ଗି ନଷ୍ଟ କରିଦେଇଛି। ପରେ ଦନ୍ତାଟି ପୁଟୁଗାଁ ନିକଟରେ ଘୂରି ବୁଲୁଥିବା ବେଳେ ପରେ ସନ୍ଧ୍ୟାରେ ବାଉଁଶୁଳି ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଛି।

# ହୃଦ୍‌ରୋଗ ପୀଡ଼ିତାଙ୍କୁ ମିଳିନି ୫ ମାସର ଭତ୍ତା; ଔଷଧ ପାଇଁ ନାହିଁ ଟଙ୍କା



କେନ୍ଦୁଝର, ୨୧।୮ (ସମିସ): ୭୨ ବର୍ଷ ବୟସ୍କା ଜଣେ ହୃଦ୍‌ରୋଗ ପୀଡ଼ିତା ବୃଦ୍ଧା ଗତ ପାଞ୍ଚ ମାସ ଧରି ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ସୂଚନା ମିଳିଛି। ଏପରିକି ତାଙ୍କ ପାଖରେ ଔଷଧ କିଣିବାକୁ ଅର୍ଥ ନାହିଁ। ପଞ୍ଚାୟତଠାରୁ ଆରମ୍ଭ କରି ବ୍ୟାଙ୍କକୁ ଧାଇଁ ଧାଇଁ ସେ ନିରାଶ ହେଲେଣି। ଶୁଣିବାକୁ କେହି ନାହିଁ କିମ୍ବା ବୁଝିବାକୁ କେହିନାହିଁ। ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ଜୁଙ୍ଗା ପଞ୍ଚାୟତ ଅଧୀନ ନିତ୍ୟାନନ୍ଦପୁର ଗାଁରେ ନଟକଣ ଘଣାଙ୍କ ଘର। ନଟକଣ ବାର୍ଦ୍ଧକ୍ୟ ଭତ୍ତା ପାଆନ୍ତି। ପୂର୍ବରୁ ପାଉଥିଲେ ପାଞ୍ଚଶହ ଟଙ୍କା ମାସିକ ଭତ୍ତା। ଗତ ନିର୍ବାଚନ ପୂର୍ବରୁ ପାଇଲେ ମାସକୁ ଏକ ହଜାର। ସେଇଥିରେ ତାଙ୍କ ହୃତ ସମସ୍ୟା ପାଇଁ ଔଷଧ ଆଣନ୍ତି। ଔଷଧ ଖର୍ଚ୍ଚ ମାସକୁ ତିନି ହଜାର ଲାଗିବ। ଅର୍ଥର ଅଭାବ ପାଇଁ ଏକ ହଜାର ଟଙ୍କାରେ କିଣନ୍ତି ଆବଶ୍ୟକ ଔଷଧର ଏକ ତୃତୀୟାଂଶ। ନିତି ଔଷଧ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥିଲେ ବି ସେ ତିନି ଦିନରେ ଦିନେ ଖାଆନ୍ତି ଔଷଧ। ଆର୍ଥିକ ଅଭାବ ହିଁ ଏସବୁ କରୁଣ ଚିତ୍ରର ପ୍ରକୃତ କାରଣ। ଏହା ଭିତରେ ରାଜ୍ୟରେ ନୂଆ ସରକାର ଆସିବାର ପାଖାପାଖି ଅଢେଇ ବର୍ଷ ହେଲାଣି; ବଢା ଭତ୍ତା ମିଳିବ କ'ଣ, ଯାହା ପାଉଥିଲା ତାହାବି ବନ୍ଦ ହୋଇଗଲା। ଆଗରେ ପ୍ରତି ମାସରେ ଭତ୍ତା ମିଳୁଥଲା. କାହିଁକି କେଜାଣି ୫ ମାସ ହେଲାଣି ତାଙ୍କର ଭତ୍ତା ମିଳିନି ସେ ବୁଝିପାରୁନାହାନ୍ତି। ବୃଦ୍ଧା ଜଣଙ୍କ ଅନୁରୋଧ କରିଛନ୍ତି: ସରକାର ତା' କଥା ଶୁଣନ୍ତୁ। ପୂର୍ବ ପରି ତାକୁ ଭତ୍ତା ନିୟମିତ ଦିଅନ୍ତୁ। ଔଷଧ ଖାଇଲେ ବଞ୍ଚିବେ ବୋଲି କହିଛନ୍ତି ନଟକଣ।

## ୧୯୬ ପିଲାଙ୍କ ଭରସା ୩ ଶିକ୍ଷକ ଓ ୩ ଶ୍ରେଣୀଗୃହ

# କୁଦୁରସାହି ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମି ନାହିଁ



ଯୋଡ଼ା, ୨୧।୮ (ସମିସ): ବିଦ୍ୟାଳୟରେ ପିଲାଙ୍କ ସଂଖ୍ୟା ବଢୁଛି, ହେଲେ ସେହି ଅନୁପାତରେ ବଢୁନାହିଁ ଶ୍ରେଣୀଗୃହ କିମ୍ବା ଶିକ୍ଷକଙ୍କ ସଂଖ୍ୟା। ଫଳରେ ମୌଳିକ ଶିକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି। ଯୋଡ଼ା ପୌରପାଳିକାର ୧୧ ନମ୍ବର ୱାର୍ଡ ଅନ୍ତର୍ଗତ କୁଦୁରସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବେ ଏଭଳି ସମସ୍ୟା ଦେଇ ଗତି କରୁଛି। ବିଦ୍ୟାଳୟରେ ଶିଶୁବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୯୬ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ଶ୍ରେଣୀଗୃହ ମାତ୍ର ୩ଟି। ସେହିପରି ଶିକ୍ଷକଙ୍କ ସଂଖ୍ୟା ମଧ୍ୟ ମାତ୍ର ୩। ଏଥିରୁ ଜଣେ ପ୍ରଧାନଶିକ୍ଷକ ଥିବାରୁ ପାଠପଢ଼ା ସହ ବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟର ଦାୟିତ୍ୱ ମଧ୍ୟ ତୁଲାଇବାକୁ ପଡୁଛି।

ଶିଶୁବାଟିକାରେ ୧୫ ଜଣ, ପ୍ରଥମ ଶ୍ରେଣୀରେ ୪୨, ଦ୍ୱିତୀୟରେ ୨୩, ତୃତୀୟରେ ୫୦, ଚତୁର୍ଥରେ ୩୫ ଏବଂ ପଞ୍ଚମ ଶ୍ରେଣୀରେ ୩୧ ଜଣ ଛାତ୍ରଛାତ୍ରୀ ଅଛନ୍ତି। ଏତେ ସଂଖ୍ୟକ ପିଲାଙ୍କ ପାଇଁ ମାତ୍ର ୩ଟି କୋଠରୀ ଥିବାରୁ ଏକାଧିକ ଶ୍ରେଣୀକୁ ଏକାଠି ପଢ଼ାଇବା ଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଜଣାପଡିଛି। ବିଦ୍ୟାଳୟର ଭିତ୍ତିଭୂମି ସମସ୍ୟା ଆଜିର ନୁହେଁ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଖଣ୍ଡବନ୍ଧ ଖଣିର ସମ୍ପ୍ରସାରଣ ସମ୍ପର୍କିତ ଜନଶୁଣାଣି ସମୟରେ ବିଦ୍ୟାଳୟର ଆବଶ୍ୟକତା ପୂରଣ ନେଇ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା; କିନ୍ତୁ ଏକାଧିକ ଥର ସର୍ଭେ ହୋଇଥିଲେ ମଧ୍ୟ ଏଯାଏ ଏହାର ଦୃଶ୍ୟମାନ ପରିଣାମ ମିଳି ନଥିବା ଅଭିଯୋଗ ହୋଇଛି। ସମସ୍ୟା ନେଇ ପୂର୍ବତନ ବିଧାୟିକା ମୀନାକ୍ଷୀ ମହାନ୍ତ ମଧ୍ୟ ବିଦ୍ୟାଳୟ ପରିସରକୁ ଆସିଥିଲେ। ପରେ ମଧ୍ୟ ଶ୍ରେଣୀଗୃହ ଓ ଶିକ୍ଷକ ଅଭାବର ସ୍ଥାୟୀ ସମାଧାନ ହୋଇ ନଥିବା ଅଭିଭାବକମାନେ କହିଛନ୍ତି। ବିଦ୍ୟାଳୟରେ ତୁରନ୍ତ ଆଉ ୪ରୁ ୫ଟି ଶ୍ରେଣୀଗୃହ ନିର୍ମାଣ ସହ ଅତିକମରେ ୩ ଜଣ ଅତିରିକ୍ତ ଶିକ୍ଷକ ନିଯୁକ୍ତି ଆବଶ୍ୟକ ହୋଇପଡ଼ିଛି। ବର୍ଷ ବର୍ଷ ଧରି ଏହି ସମସ୍ୟା ଏବେ କେବେ ସମାଧାନ ହେବ, ତାହାକୁ ନେଇ ଅଭିଭାବକ ଓ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଶିକ୍ଷା ବିଭାଗ ଓ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ଶ୍ରେଣୀଗୃହ ନିର୍ମାଣ ଏବଂ ଶିକ୍ଷକ ପଦ ପୂରଣ କରିବାକୁ ଦାବି ହୋଇଛି।

● ଘରେ କେହି ନଥିବା ସୁଯୋଗରେ ଚୋରି

## ତାଲା ଭାଙ୍ଗି ନଗଦ ଟଙ୍କା ଓ ଗହଣା ଲୁଟ୍

ବୈଶିଙ୍ଗା, ୨୧।୮ (ସମିସ): ବୈଶିଙ୍ଗା ଥାନା ଅଧୀନ ରଙ୍ଗାମାଟିଆ ଗ୍ରାମରେ ଘରେ କେହି ନ ଥିବା ସୁଯୋଗ ନେଇ ତାଲା ଭାଙ୍ଗି ନଗଦ ଟଙ୍କା ସହ ସୁନାଗହଣା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ରଙ୍ଗାମାଟିଆ ଗ୍ରାମର ଆଦିତ୍ୟ ନାଥଙ୍କ ମାଆ ଅସୁସ୍ଥ ଥିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ରେମୁଣା ହସ୍ପିଟାଲକୁ ନେଇଯାଇଥିଲେ। ଏହି ସମୟରେ ଘରଟି ତାଲା ପଡ଼ିଥିଲା। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ଚୋରି କରିଥିବା ଜଣାପଡ଼ିଛି। ପରିବାର ଲୋକେ ଚିକିତ୍ସା ପରେ ଘରକୁ ଫେରିବା ପରେ ଘରର ତାଲା ଭଙ୍ଗାଥିବା ଦେଖି ସନ୍ଦେହ କରିଥିଲେ। ଘର ଭିତରକୁ ପ୍ରବେଶ କରିବା ପରେ ସାମଗ୍ରୀ ଏପଟସେପଟ ହୋଇଥିବା ଦେଖିବା ସହ ଗହଣା ଓ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ପରିବାର ପକ୍ଷରୁ ବୈଶିଙ୍ଗା ଥାନାରେ ଅଭିଯୋଗ କରାଯାଇଛି। ବୈଶିଙ୍ଗା ପୁଲିସ ପହଞ୍ଚି ଘର ଯାଞ୍ଚ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

● ଚୋରି ମାମଲାରେ ମୋରଡ଼ା ପୁଲିସ ବିଫଳ

## ମାସକରେ ୫୦ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି

ମୋରଡ଼ା, ୨୧।୮ (ସମିସ): ମୋରଡ଼ା ଥାନା ଅଞ୍ଚଳରେ ଗତ କିଛିଦିନ ମଧ୍ୟରେ ଚୋର ଓ ଡକାୟତଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। କେତେବେଳେ ଫାଣ୍ଡିରୁ ଅଳ୍ପ ଦୂରରେ ଚାରିଚକିଆ ପିକଅପ ଗାଡ଼ି ଚୋରି ହୋଇଛି ତ ଆଉ କେତେବେଳେ ଥାନା ଓ ଫାଣ୍ଡିରୁ ଅଳ୍ପ ଦୂରରେ ବାଇକ ଚୋରି ଘଟଣା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି। ଜଣେ ସୁନା ବ୍ୟବସାୟୀଙ୍କଠାରୁ ୪୦ ଲକ୍ଷ ଟଙ୍କାର ସୁନାରୁପା ଅଳଙ୍କାର ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଲୁଟି ନେଇଥିବାବେଳେ ପରଦିନ ଘରେ ପଶି କଳାକନା ବୁଲାଇ ଦେଇଥିଲେ ଚୋର। ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିର୍ବାଚନମଣ୍ଡଳୀ ହୋଇଥିବାବେଳେ ପୁଲିସର ଅସହାୟତା ଲୋକଙ୍କ ସାମ୍ନାରେ ସ୍ପଷ୍ଟ ବାରି ହେବାରେ ଲାଗିଛି। ଫଳରେ ଲୋକେ ଭଗବାନ ଭରସାରେ ରହିଛନ୍ତି। ଦେଖିବାକୁ ଗଲେ ଏକମାସ ମଧ୍ୟରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ମାମଲା ରୁଜୁ ହୋଇସାରିଥିଲେ ମଧ୍ୟ ପୁଲିସ ହାତ ଖାଲି। ତେବେ ପୁଲିସ କୌଣସି ଚୋରି ମାମଲାରେ ସଫଳ ହୋଇ ନ ଥିବାବେଳେ ତଦନ୍ତ ଚାଲୁଥିବା କହି ଭଗବାନ ଭରସାରେ ଲୋକଙ୍କୁ ଛାଡ଼ି ଦେଉଥିବା ଦେଖିବାକୁ ମିଳୁଛି।

## ତ୍ରିଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା 'ପ୍ରଗତି'



ଶୁକୁଳି, ୨୧।୮ (ସମିସ): ରରୁଆଁ ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ତ୍ୱରିତ ବିକାଶ ନିମନ୍ତେ ତ୍ରିଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା 'ପ୍ରଗତି' ଅନୁଷ୍ଠିତ ହୋଇଯାଇଛି। ଏଥିରେ ରରୁଆଁ ବ୍ଲକର ୪୮ ଜଣ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି ତିନିଦିନିଆ କର୍ମଶାଳା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ-ପ୍ରଶିକ୍ଷକ ଓ ଡାଏଟ-ସିଆରସିସି ସଂଯୋଗ ସହସଂଯୋଜକ ସଞ୍ଜୀବ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ଦିବସରେ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେଶ ମୁଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର ରାଉତ, ରରୁଆଁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଭଦ୍ରା ମହାନ୍ତ, ସିଆରସିସି ପଙ୍କଜ ମହାନ୍ତ, ଭଞ୍ଜକିଆ ସିଆରସିସି ପଙ୍କଜଲୋଚନ ମହାନ୍ତ ଓ ସମସ୍ତ ସାଧନ କର୍ମୀ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ-ପ୍ରଶିକ୍ଷକ ତଥା ସାଧନ-କର୍ମୀ ସାଗର ଦଳନାୟକ, ଶିକ୍ଷକ ପ୍ରଶିକ୍ଷକ ସଞ୍ଜୀବ ପାତ୍ର, ସାଧନ କର୍ମୀ ମନୋଜ ପାତ୍ର ଓ ସଞ୍ଜୀବ ବେହେରାଙ୍କ ଦ୍ୱାରା ତିନିଦିନ ଧରି କର୍ମଶାଳାଟି ପରିଚାଳିତ ହୋଇଥିଲା। ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ତ୍ୱରିତ ବିକାଶ, ଜାତୀୟ ଶିକ୍ଷାନୀତି-୨୦୨୦ର ପୁନର୍ବର୍ଜନ, ସାମଗ୍ରିକ ବିଦ୍ୟାଳୟ ବିକାଶ ପାଇଁ ୭ଟି ପରିସର ଚିହ୍ନଟକରଣ, ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନେତୃତ୍ୱର ଗୁଣାତ୍ମକ କୌଶଳ ବିକାଶ, ଉପଲବ୍ଧ ସମ୍ବଳର ଆକଳନ ପାଇଁ ସାଧନୀ ପ୍ରସ୍ତୁତିକରଣ, ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ପର୍ଯ୍ୟବେସିତ ହୋଇଥିଲା।

## ଖରିଫ ଓ ଉଦ୍ୟାନ କୃଷି କ୍ଷୟକ୍ଷତିର ମୂଲ୍ୟାଙ୍କନ ପାଇଁ ଟିମ୍ ଗଠିତ

ବଡ଼ସାହି, ୨୧।୮ (ସମିସ): ଲଗାତର ବର୍ଷା ବନ୍ୟାରେ ଚାଷରେ ବ୍ୟାପକ କ୍ଷତି ହୋଇଛି। ଚାଷୀଙ୍କୁ କ୍ଷତିପୂରଣ ପାଇଁ ବାରମ୍ବାର ଦାବି ହୋଇଆସୁଛି। ଏହାର ଏକ ସଠିକ ଆକଳନ ପାଇଁ ତହସିଲଦାର ବିଶ୍ୱନାଥ ବିଶ୍ୱାଳଙ୍କ ଅଫିସ୍ ଚିଠି ନମ୍ବର ୩୦୭୮ ଅନୁସାରେ ବ୍ଲକ ଅଧୀନ ୩୦ଟି ପଞ୍ଚାୟତରେ କ୍ଷୟକ୍ଷତି ଆକଳନ ପାଇଁ ଆରଆଇ, ଭିଏଡବ୍ଲୁ, କୃଷି ଓଭରସିୟର, ଉଦ୍ୟାନ କୃଷି ଓଭରସିୟର ଓ କୃଷକ ସାଥୀଙ୍କୁ ନେଇ ପ୍ରତି ପଞ୍ଚାୟତ ପାଇଁ ଟିମ ଗଠନ କରିଛନ୍ତି। ଏହାର ନକଲ ସଦର ଉପଜିଲ୍ଲାପାଳ, ଜିଲ୍ଲା ଏମରଜେନ୍ସି ଅଫିସର, ବ୍ଲକ କୃଷି ଅଧିକାରୀ ଓ ବ୍ଲକ ଉଦ୍ୟାନ କୃଷି ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ବନ୍ୟା କ୍ଷୟକ୍ଷତି ମୂଲ୍ୟାଙ୍କନ ଟିମ୍ ବଡ଼ସାହି ତହସିଲ ଅଧୀନରେ ବନ୍ୟା ସମୟରେ କୃଷି କ୍ଷେତ୍ରରେ ନଷ୍ଟ ହୋଇଥିବା କୃଷି ଓ ଉଦ୍ୟାନ କୃଷି ଉତ୍ପାଦନରେ କୃଷକଙ୍କ ଫସଲ ନଷ୍ଟ ହୋଇଥିବା ବିଷୟରେ ଆକଳନ କରି ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବେ ବୋଲି ଚିଠିରୁ ଜଣାପଡ଼ିଛି। ଏହି କାର୍ଯ୍ୟ ପାଇଁ ଗଠିତ ସମ୍ମିଳିତ ମୂଲ୍ୟାଙ୍କନ ଟିମ୍ ପ୍ରଭାବିତ ଅଞ୍ଚଳରେ ଯାଞ୍ଚ କରି ଚାଷ କ୍ଷୟକ୍ଷତିର ପରିମାଣ ଓ ପ୍ରତିଶତ ନିର୍ଣ୍ଣୟ କରିବ। ଯାହା ସରକାରୀ ନିୟମ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ଇନପୁଟ୍ ସବସିଡି ନିର୍ଦ୍ଧାରଣ କରିବାକୁ ସହାୟକ କରିବ। ଏହି ସମ୍ମିଳିତ ମୂଲ୍ୟାଙ୍କନ ଟିମ୍ ପ୍ରଭାବିତ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରିବ। ଟିମ୍ ପ୍ରଭାବିତ ଚାଷୀଙ୍କ ଅଭିଯୋଗର ସତ୍ୟତା ଯାଞ୍ଚ କରିବ ଓ ଚାଷ କ୍ଷୟକ୍ଷତିର ସଠିକ୍ ବିବରଣୀ ରେକର୍ଡ କରିବ। ଏହି ମୂଲ୍ୟାଙ୍କନ କାର୍ଯ୍ୟ ପ୍ରକୃତ କ୍ଷେତ୍ର ସ୍ଥିତିକୁ ଆଧାର କରି କରାଯିବା ସହିତ ଚାଷୀଙ୍କ ସମସ୍ୟାକୁ ରୋକିବାକୁ ସକ୍ଷମ ହେବ ବୋଲି ଜଣାଯାଇଛି। ଏହି ସମ୍ମିଳିତ ତଦନ୍ତର ରିପୋର୍ଟ ଦାୟିତ୍ୱରେ ଥିବା କର୍ମଚାରୀ ଦସ୍ତଖତ କରି ତହସିଲଦାରଙ୍କ ନିକଟରେ ଦାଖଲ କରିବେ। ପରେ ରିପୋର୍ଟକୁ ଆଧାର କରି ସରକାରୀ ସ୍ତରରେ ସହାୟତା ପ୍ରଦାନ କରାଯିବ।

ରୋଗୀଙ୍କୁ ବାଣ୍ଟି ପାରିଲେନି

# ନଦୀରେ ଫିଙ୍ଗିଦେଲେ ଲକ୍ଷାଧିକ ଟଙ୍କାର ଏକ୍ସପାୟାରୀ ଔଷଧ

ବାରିପଦା, ୨୧।୮ (ସମିସ)



ଗୋଟିଏ ପଟେ ସରକାରୀ ଡାକ୍ତରଖାନାରେ ମାଗଣା ଔଷଧ ପାଇଁ ଗରିବ ରୋଗୀ ଓ ସେମାନଙ୍କ ପରିବାର ହନ୍ତସନ୍ତ ହେଉଥିବାବେଳେ ଅନ୍ୟପଟେ ସରକାରୀ ଅର୍ଥରେ କିଣାଯାଇଥିବା ଲକ୍ଷ ଲକ୍ଷ ଟଙ୍କାର ଔଷଧ ଓ ଚିକିତ୍ସା ସାମଗ୍ରୀ ନଷ୍ଟ ହେବା ଓ ପ୍ରମାଣ ନଷ୍ଟ ପାଇଁ ନଦୀରେ ଫିଙ୍ଗାଯାଉଥିବା ଭଳି ସାଙ୍ଘାତିକ ଅଭିଯୋଗ ଆସିଛି। ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଘଟଣା ଘଟୁଥିବାବେଳେ ଜିଲ୍ଲାର ଆଭ୍ୟନ୍ତରୀଣ ଡାକ୍ତରଖାନାରେ କ'ଣ ଘଟୁଛି, ତାହା ଭଗବାନଙ୍କୁ ଜଣା।

ସୂଚନା ମୁତାବକ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗୋଦାମରୁ ବ୍ୟବହାର ସମୟ ଅତିକ୍ରାନ୍ତ (ଏକ୍ସପାୟାରୀ) ଔଷଧ, ଚିକିତ୍ସା ସାମଗ୍ରୀ ଓ ଯନ୍ତ୍ରପାତି ମେଡିକାଲ ପାଚେରି ପଛପଟେ ପ୍ରବାହିତ ସରାଳୀ ନଦୀରେ ଭସାଇ ଦେଇଥିଲେ। ଏହି ନଦୀ ବୁଢାବଳଙ୍ଗ ନଦୀରେ ମିଶିଛି। ଏଣୁ ସହରର କିଛି ସଚେତନ ବ୍ୟକ୍ତିଗଣମାଧ୍ୟମକୁ ସୂଚନା ଦେବା ପରେ ଘଟଣା ଜଣାପଡ଼ିଥିଲା। ଅନୁସନ୍ଧାନରୁ ଜଣାପଡ଼ିଥିଲା ଯେ, କରୋନା ମହାମାରୀ ସମୟରେ ରାଜ୍ୟ ସରକାରଙ୍କ ବିପୁଳ ଅର୍ଥ ବ୍ୟୟ କରି ଔଷଧ, ଚିକିତ୍ସା ସାମଗ୍ରୀ ଓ ବିଭିନ୍ନ ଯନ୍ତ୍ରପାତି କିଣାଯାଇଥିଲା। ତେବେ ବହୁ ଅଂଶ ରୋଗୀଙ୍କ ବ୍ୟବହାରରେ ନ ଆସି ଦୀର୍ଘଦିନ ଧରି ଗୋଦାମରେ ପଡ଼ିରହିଥିଲା। ହସ୍ପିଟାଲ ଷ୍ଟୋର ଅଧିକାରୀ ରାଜେନ୍ଦ୍ର ନାଥ ଙ୍କ ଅନେକ ସାମଗ୍ରୀର ବ୍ୟବହାର ଅବଧି ଶେଷ ହୋଇଥିବା ବୋଲି କହିଛନ୍ତି। ତେବେ ଏପରି ସାମଗ୍ରୀକୁ ନିୟମ ଅନୁଯାୟୀ ନଷ୍ଟ କରିବା ପରିବର୍ତ୍ତେ ନଦୀରେ ଫିଙ୍ଗାଯାଇଥିବା ନେଇ ସମ୍ପୃକ୍ତ କର୍ମଚାରୀଙ୍କୁ ପଚରିବାରୁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଥିବା କଥା କର୍ମଚାରୀମାନେ କହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମିଆଦ ଶେଷ ହୋଇଥିବା ଔଷଧ ଓ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସୁରକ୍ଷିତ ନିଷ୍କାସନ ପାଇଁ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଥିବା ସତ୍ତ୍ୱେ ନଦୀରେ କାହିଁକି ଫିଙ୍ଗାଯାଇଥିଲା ନେଇ ପଚରାଯିବାରୁ ସମ୍ପୃକ୍ତ ଅଧିକାରୀ 'ଭୁଲ ହୋଇଛି' ବୋଲି ସ୍ୱୀକାର କରିଥିଲେ। ଏହି

**ବ୍ୟବସ୍ଥାପନ ଓ ବର୍ଜ୍ୟବସ୍ତୁ ପରିଚାଳନା ନିଷ୍ପତ୍ତିକୁ ନେଇ ପ୍ରଶ୍ନ**

କାର୍ଯ୍ୟ ଠିକା କର୍ମଚାରୀ କରିଥିବା ନେଇ କହିଥିଲେ। ତେବେ ନଷ୍ଟ ହୋଇଥିବା ଔଷଧ ଓ ଚିକିତ୍ସା ସାମଗ୍ରୀର ପରିମାଣ କେତେ? ସେଗୁଡ଼ିକର ପ୍ରକୃତ ମୂଲ୍ୟ କେତେ? ଷ୍ଟକ୍ ରେକର୍ଡରେ ଏହାର ହିସାବ ରହିଛି କି? କେବେ ସେଗୁଡ଼ିକର ମିଆଦ ଶେଷ ହୋଇଥିଲା? ଓ ସବୁଠାରୁ ବଡ଼ ପ୍ରଶ୍ନ ନଦୀରେ ଫିଙ୍ଗିବାକୁ କାହାର ନିର୍ଦ୍ଦେଶ ଥିଲା? ଏସବୁର ନିରପେକ୍ଷ ତଦନ୍ତ ଆବଶ୍ୟକ। ସରକାରୀ ଅର୍ଥରେ କିଣା ଔଷଧ ରୋଗୀଙ୍କ କାମରେ ନ ଲାଗି ନଷ୍ଟ ହେବା ଘଟଣା ଡାକ୍ତରଖାନାର ଷ୍ଟକ୍ ପରିଚାଳନା, ପ୍ରଶାସନିକ ଦାୟିତ୍ୱ ଓ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନ ଉଠାଇଛି। ଏହା କେବଳ ସରକାରୀ ଅର୍ଥର ଅପଚୟ ନୁହେଁ, ନଦୀରେ ଔଷଧ ଫିଙ୍ଗାଯାଇଥିବା ଅଭିଯୋଗ ସତ ହେଲେ ପରିବେଶ ଓ ଜଳ ପ୍ରଦୂଷଣର ଆଶଙ୍କା ମଧ୍ୟ ସୃଷ୍ଟି କରୁଛି। ଘଟଣାର ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ କରାଯାଇ ନଷ୍ଟ ହୋଇଥିବା ଔଷଧ ଓ ସାମଗ୍ରୀର ପ୍ରକୃତ ମୂଲ୍ୟ, ଷ୍ଟକ୍ ରେକର୍ଡ, ମିଆଦ ଶେଷ ତାରିଖ, ବର୍ଜ୍ୟ ନିଷ୍ପତ୍ତି ପ୍ରକ୍ରିୟା ଓ ନଦୀରେ ଫିଙ୍ଗିବା ପାଇଁ କାହାର ନିର୍ଦ୍ଦେଶ ଥିଲା; ସେସବୁ ସାର୍ବଜନୀନ କରିବାକୁ ଦାବି ହେଉଛି। ଜନତାଙ୍କ ଟିକସ ଟଙ୍କାରେ କିଣା ଔଷଧ ଯଦି ରୋଗୀଙ୍କ କାମରେ ନ ଲାଗି ନଦୀରେ ଭାସେ, ତେବେ ଏହାର ଜବାବ ଦେବ କିଏ? ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଏନ ଦାସଙ୍କ ପ୍ରତିକ୍ରିୟା ମିଳିପାରିନି।

## ରାଷ୍ଟ୍ରପତିଙ୍କୁ ନିଜ କଳାକୃତି ଉପହାର ଦେଲେ ଯୁବ ବାଲୁକା ଶିଳ୍ପୀ ଦଶରଥ




ମହୁଲଡିହା, ୨୧।୮ (ସମିସ): ସ୍ୱପ୍ନ ଦେଖିବା ସହଜ। କିନ୍ତୁ ସେହି ସ୍ୱପ୍ନକୁ ବାସ୍ତବରୂପ ଦେବା ପାଇଁ ଆବଶ୍ୟକ ହୁଏ ଅକ୍ଲାନ୍ତ ପରିଶ୍ରମ, ଧୈର୍ଯ୍ୟ ଓ ଅଦମ୍ୟ ଇଚ୍ଛାଶକ୍ତି। ଏହାର ଜୀବନ୍ତ ଉଦାହରଣ ପାଲଟିଛନ୍ତି ମୟୂରଭଞ୍ଜର ଯୁବ ବାଲୁକା ଶିଳ୍ପୀ ଦଶରଥ ମହାନ୍ତ। ନିଜର ଦୀର୍ଘ ସଂଘର୍ଷ, କଠିନ ପରିଶ୍ରମ ଓ କଳା ପ୍ରତି ଅସୀମ ଭଲ ପାଇବା ବଳରେ ସେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ସାକ୍ଷାତ କରି ନିଜ ବାଲୁକା କଳାକୃତି ଉପହାର ସ୍ୱରୂପ ପ୍ରଦାନ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଏହି ସ୍ମରଣୀୟ ସାକ୍ଷାତକାର ସମୟରେ ଦଶରଥ ମୟୂରଭଞ୍ଜର ସମୃଦ୍ଧ ଆଦିବାସୀ କଳା, ସଂସ୍କୃତି ଓ ଓଡ଼ିଶାର ବିଶ୍ୱପ୍ରସିଦ୍ଧ ବାଲୁକା କଳାର ଐତିହ୍ୟ ସମ୍ପର୍କରେ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଥିଲେ। ରାଷ୍ଟ୍ରପତି ତାଙ୍କ କଳାକୃତିର ପ୍ରଶଂସା କରିବା ସହ ଭବିଷ୍ୟତରେ ଦେଶ ଓ ରାଜ୍ୟର ନାମ ଆହୁରି ଉଜ୍ଜ୍ୱଳ କରିବା ପାଇଁ ଆଶୀର୍ବାଦ ଓ ଶୁଭେଚ୍ଛା ପ୍ରଦାନ କରିଥିଲେ।

ଦଶରଥଙ୍କ ସଫଳତା ପଛରେ ରହିଛି ଦୀର୍ଘ ସଂଘର୍ଷର କାହାଣୀ। ସୀମିତ ସୁବିଧା, ଆର୍ଥିକ ପ୍ରତିବନ୍ଧକ ଓ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ କେବେ ନିଜ ସ୍ୱପ୍ନକୁ ଛାଡ଼ି ନ ଥିଲେ। ବାଲିକୁ କ୍ୟାନଭାସ୍ କରି ସେ ଦିନରାତି ଅଭ୍ୟାସ କରିଥିଲେ। ଅନେକ ସମୟରେ ଉପଯୁକ୍ତ ସୁଯୋଗ ମିଳି ନ ଥିଲା। କିନ୍ତୁ ତାଙ୍କ ଆତ୍ମବିଶ୍ୱାସ କେବେ ଭାଙ୍ଗି ନ ଥିଲା। ପ୍ରତ୍ୟେକ ବିଫଳତାକୁ ସେ ନୂଆ ଶିକ୍ଷା ଭାବେ ଗ୍ରହଣ କରି ଆଗକୁ ବଢ଼ିଥିଲେ। ଧୀରେ ଧୀରେ ତାଙ୍କ କଳା ଲୋକଙ୍କ ପ୍ରଶଂସା ଅର୍ଜନ କରିବା ଆରମ୍ଭ କଲା। ସମାଜ, ପରିବେଶ, ଭାରତୀୟ ସଂସ୍କୃତି ଓ ଓଡ଼ିଶାର ପରମ୍ପରାକୁ ନେଇ ସେ ଅନେକ ବାଲୁକା କଳାକୃତି ସୃଷ୍ଟି କରିଛନ୍ତି। ତାଙ୍କ ପ୍ରତ୍ୟେକ କଳାକୃତି କେବଳ ଏକ ଶିଳ୍ପ ନୁହେଁ, ବରଂ ସମାଜ ପାଇଁ ଏକ ସକାରାତ୍ମକ ବାର୍ତ୍ତା। ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତିଙ୍କ ସହ ସାକ୍ଷାତ ତାଙ୍କ କଳା ଜୀବନର ଏକ ଐତିହାସିକ ମୁହୂର୍ତ୍ତ। ରାଷ୍ଟ୍ରପତିଙ୍କ ଉତ୍ସାହବର୍ଦ୍ଧକ ବାଣୀ ଓ ଆଶୀର୍ବାଦ ତାଙ୍କୁ ଆହୁରି ନୂଆ ଉଚ୍ଚତା ଛୁଇଁବା ପାଇଁ ପ୍ରେରଣା ଯୋଗାଇଛି। ଦଶରଥ କହିଛନ୍ତି, ମୋର ଏହି ସଫଳତା କେବଳ ମୋର ନୁହେଁ, ଏହା ମୋ ପରିବାର, ମୋ ଗୁରୁଜନ, ମୋ ଜନ୍ମ ମାଟି ଠାକୁରମୁଣ୍ଡା ଓ ମୟୂରଭଞ୍ଜ ଓ ସମଗ୍ର ଓଡ଼ିଶାର। ଆଗାମୀ ଦିନରେ ମୁଁ ମୋ' କଳା ମାଧ୍ୟମରେ ରାଜ୍ୟର ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ନିରନ୍ତର ପ୍ରୟାସ କରିବି। ଏହି ଯୁବ ପ୍ରତିଭାଙ୍କ ସଫଳତା ଆଜି ହଜାର ହଜାର ଯୁବକଯୁବତୀଙ୍କ ପାଇଁ ପ୍ରେରଣା ହେବ।

## ରାଇରଙ୍ଗପୁର, ଜାମଦା ଓ ବହଳଦାରେ ଭୋଟର ସଚେତନତା ଶିବିର

ରାଇରଙ୍ଗପୁର, ୨୧।୮ (ସମିସ): ବାମନଘାଟୀ ଉପଖଣ୍ଡ ଅଧୀନସ୍ଥ ବିଭିନ୍ନ ବ୍ଲକର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଇଲେକ୍ଟୋରାଲ ଲିଟେରାସି କ୍ଲବ୍ ପକ୍ଷରୁ ଭୋଟର, ସଚେତନତା ଶିବିର ଅନୁଷ୍ଠିତ ହେଉଛି। ଏହି କ୍ରମରେ ଆଜି ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ, ଜାମଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଓ ବହଳଦା ଧୀରଜଲାଲ ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ମହାବିଦ୍ୟାଳୟରେ ରାଇରଙ୍ଗପୁର ଉପଜିଲ୍ଲାପାଳ ତଥା ନିର୍ବାଚନୀ ପଞ୍ଜୀକରଣ ଅଧିକାରୀ ଉଗ୍ରେସନ ଓରାମ, ବ୍ଲକର ଏବିଡିଓ ତଥା ସହକାରୀ ନିର୍ବାଚନୀ ପଞ୍ଜୀକରଣ ଅଧିକାରୀ ସୁରେଇ ମାରାଣ୍ଡି, ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ତହସିଲଦାର ଭବାନୀ ପ୍ରସାଦ ସାହୁ ପ୍ରମୁଖଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଅନ୍ୟାନ୍ୟ ଯୋଗ ଦେଇଥିଲେ। ଅଧ୍ୟାପକ ବିଜୟ ରାମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ବହଳଦାରେ ତହସିଲଦାର ତଥା ସହକାରୀ ନିର୍ବାଚନୀ ପଞ୍ଜୀକରଣ ଅଧିକାରୀ ଶିବପ୍ରସାଦ ମୁର୍ମୁ, ଅତିରିକ୍ତ ତହସିଲଦାର ଅନୀଲ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜର ଯୋଗଦେଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିଷ୍ପାପର ଓ ନୈତିକ ଭାଗୀଦାରି ସମ୍ପର୍କରେ ଅବଗତ କରିଥିଲେ। ଏଥିସହିତ ଇଆରଓ ଓ ଏଇଆରଓ ଯୁବପିଢ଼ିଙ୍କ ପାଇଁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପ୍ରକ୍ରିୟା ଓ ବର୍ତ୍ତମାନ ଚାଲୁ ରହିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ୧୮ ବର୍ଷ ବୟସ ପୂରଣ କରିଥିବା ପ୍ରତ୍ୟେକ ଯୋଗ୍ୟ ନାଗରିକ ନିଜ ନାମ ଭୋଟର ତାଲିକାରେ ସାମିଲ କରିବା ସହ ନିଜ ଅଧିକାର ସାବ୍ୟସ୍ତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମକୁ ନେଇ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## ମୟୂରଭଞ୍ଜରେ ରେଳ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ତ୍ୱରାନ୍ୱିତ କରିବାକୁ ପୂର୍ବତନ ବିଧାୟକଙ୍କ ଅନୁରୋଧ

ବାରିପଦା, ୨୧।୮ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ପ୍ରସ୍ତାବିତ ତିନୋଟି ନୂଆ ରେଳପଥ ପ୍ରକଳ୍ପର ଭୂମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ କରି ରେଳ ପ୍ରଶାସନକୁ ହସ୍ତାନ୍ତର କରିବାକୁ ବହଳଦାର ପୂର୍ବତନ ବିଧାୟକ ପ୍ରହ୍ଲାଦ ପୁର୍ତ୍ତି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅନୁରୋଧ କରିଛନ୍ତି। ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ସାମଗ୍ରିକ ସାମାଜିକ, ଅର୍ଥନୈତିକ ବିକାଶ ପାଇଁ ତିନୋଟି ରେଳପଥ ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିରେ ବିଶେଷକରି ଆଦିବାସୀ ଓ ଗ୍ରାମୀଣ ଅଞ୍ଚଳର ଲୋକଙ୍କୁ ଜାତୀୟ ରେଳ ନେଟୱାର୍କ ସହିତ ସଂଯୋଗ କରିବାରେ ସାହାଯ୍ୟ ମିଳିବ। ୮୨ କିମି ଲମ୍ବ ବାଦାମପାହାଡ଼-କେନ୍ଦୁଝରଗଡ଼ ନୂଆ ରେଳପଥ ପାଇଁ ୨.୧୦୬ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଗୋରୁମହିଷାଣି-ବାଙ୍ଗିରିପୋଷି ୮୬ କିମି ନୂଆ ରେଳପଥ ପାଇଁ ୨.୫୪୯ କୋଟି ଟଙ୍କା ଓ ବୁଢ଼ାମରାଚାକୁଳିଆ ୬୦ କିମି ନୂତନ ରେଳପଥ ପାଇଁ ୧.୬୩୯ କୋଟି ଟଙ୍କା ମଞ୍ଜୁର ହୋଇଛି। ତେବେ ବୁଢ଼ାମରାଚାକୁଳିଆ ପ୍ରକଳ୍ପର ଭୂମି ଅଧିଗ୍ରହଣ ପ୍ରାୟ ସମ୍ପୂର୍ଣ୍ଣ ହୋଇସାରିଛି। ଅଧିଗୃହୀତ ଭୂମି ରେଳ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆଗକୁ ବଢ଼ିଛି। ଏଥିପାଇଁ ସେ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ତେବେ ବାଦାମପାହାଡ଼-କେନ୍ଦୁଝରଗଡ଼ ଓ ଗୋରୁମହିଷାଣି-ବାଙ୍ଗିରିପୋଷି ପ୍ରକଳ୍ପର ଭୂମି ଅଧିଗ୍ରହଣ ପ୍ରକ୍ରିୟା ଏ ପର୍ଯ୍ୟନ୍ତ ଧୀର ଗତିରେ ଚାଲିଛି। ଏହି ଦୁଇଟି ପ୍ରକଳ୍ପକୁ ଅଗ୍ରାଧିକାର ଦେଇ ତ୍ୱରାନ୍ୱିତ କରିବା, ଅଧିଗୃହୀତ ଭୂମିକୁ ରେଳ ପ୍ରଶାସନକୁ ସମୟ ସୀମା ଭିତରେ ହସ୍ତାନ୍ତର କରିବା, ବିଭାଗୀୟ ସମନ୍ୱୟ ବଢ଼ାଇବା ଓ ନିୟମିତ ପର୍ଯ୍ୟବେକ୍ଷଣ କରିବା ପାଇଁ ସେ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। ପୂର୍ବତନ ବିଧାୟକ କହିଛନ୍ତି, ଏହି ପ୍ରକଳ୍ପଗୁଡ଼ିକର ଶୀଘ୍ର ସମାପ୍ତି ମୟୂରଭଞ୍ଜ ଓ କେନ୍ଦୁଝରର ଆଦିବାସୀ, ଗ୍ରାମୀଣ ଅଞ୍ଚଳର ଲୋକଙ୍କୁ ରୋଜଗାର, ବାଣିଜ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ବିକାଶମୂଳକ ସୁଯୋଗ ସୃଷ୍ଟି କରିବ। ସେ ଆଶା ପ୍ରକାଶ କରିଛନ୍ତି ଯେ, ଜିଲ୍ଲା ପ୍ରଶାସନର ସକ୍ରିୟ ସହଯୋଗରେ ଅବଶିଷ୍ଟ ଭୂମି ଅଧିଗ୍ରହଣ ପ୍ରକ୍ରିୟା ଶୀଘ୍ର ସମାପ୍ତ ହୋଇ ଏହି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପର କାର୍ଯ୍ୟାନୁଷ୍ଠାନ ତ୍ୱରାନ୍ୱିତ ହେବ।

## ରାଜୀବ ଗାନ୍ଧୀଙ୍କ ୮୨ତମ ଜୟନ୍ତୀ

ରାଇରଙ୍ଗପୁର, ୨୧।୮ (ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୮୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ସେ ଦେଶରେ ଟେକ୍ନୋଲୋଜି, ଯୁବବର୍ଗଙ୍କ ସଶକ୍ତୀକରଣ ଓ ଗଣତନ୍ତ୍ରର ବିକେନ୍ଦ୍ରିକରଣ ପାଇଁ ଅନେକ ପଦକ୍ଷେପ ନେଇଥିଲେ। ଭାରତୀୟ ଜାତୀୟ କଂଗ୍ରେସ ଓ ଦେଶର ବିକାଶରେ ପ୍ରଧାନମନ୍ତ୍ରୀ ତଥା ଦଳର ସଭାପତି ଭାବେ ରାଜୀବ ଗାନ୍ଧୀ ଏକ ଆଧୁନିକ ଓ ଯୁବ କୈନ୍ଦ୍ରିକ ଦୃଷ୍ଟିକୋଣ ପ୍ରଦାନ କରିଥିଲେ। ତାଙ୍କ ଜୟନ୍ତୀ ମୟୂରଭଞ୍ଜ (ପଶ୍ଚିମ) କଂଗ୍ରେସ କମିଟି ରାଇରଙ୍ଗପୁର ପକ୍ଷରୁ ରାଇରଙ୍ଗପୁର ମ୍ୟୁନିସିପାଲିଟିଠାରେ ଟାଉନ ସଭାପତି ଅମର ଦେଓ ହେମ୍ବ୍ରମଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। କଂଗ୍ରେସ କର୍ମୀ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ପରେ ସ୍ମୃତିଚାରଣ କରିଥିଲେ। ଏଥିରେ ଜିଲ୍ଲା ସମ୍ପାଦକ ବସନ୍ତ ପଟ୍ଟନାୟକ, ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ ରୂପକ ମହାନ୍ତି, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି କିଶୋର ମହାନ୍ତ, ଜିଲ୍ଲା ଲେବର ୟୁନିଅନ ସମ୍ପାଦକ ଅମର ମହାନ୍ତ, ଟାଉନ କାର୍ଯ୍ୟକାରୀ ସଦସ୍ୟ ଦେବାଶିଷ ପାତ୍ର, ଟାଉନ କୋଷାଧ୍ୟକ୍ଷ କୌଶିକ ମହାନ୍ତି, ହେମନ୍ତ ସାହୁ, ଅମିତ ବୈଠା, ଭେଙ୍କଟେଶ୍ୱର ସାବାୟାଁ ଓ ଈଶ୍ୱର ଚନ୍ଦ୍ର ଗିରି ପ୍ରମୁଖ ଉପସ୍ଥିତ ଥିଲେ।



## ବାରିପଦା ଇନରହୁଇଲ କ୍ଲବ ପକ୍ଷରୁ ସାୱନ ମହୋତ୍ସବ




ବାରିପଦା, ୨୧।୮ (ସମିସ): ବାରିପଦାର ଅଗ୍ରଣୀ ମହିଳା ସାମାଜିକ ସଂଗଠନ ବାରିପଦା ଇନରହୁଇଲ କ୍ଲବ ପକ୍ଷରୁ ଲୁଲୁଙ୍ଗର ଅର୍ଚ୍ଚିଡ ଗାର୍ଡେନରେ ସାୱନ ମହୋତ୍ସବ ପାଳିତ ହୋଇଯାଇଛି। ସଭାପତି ସୁପ୍ରତି ଦଳବେହେରାଙ୍କ ପରିଚାଳନାରେ ଆୟୋଜିତ ଉକ୍ତ ଉତ୍ସବରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଏତଦବ୍ୟତୀତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆମ ଉତ୍କଳର ସାଂସ୍କୃତିକ ଐତିହର ଗୌରବମୟ ଗାଥା ପରିବେଷିତ ହୋଇଥିଲା। ଦିବସ ବ୍ୟାପି ଉକ୍ତ କାର୍ଯ୍ୟକ୍ରମକୁ ଇନରହୁଇଲ କ୍ଲବର ସଦସ୍ୟା ପରିଚାଳନା କରିଥିଲେ।

## ବାରିପଦା ଡିଗ୍ରୀ କଲେଜରେ ଷ୍ଟାର୍ଟଅପ୍ ଇନୋଭେସନ ପ୍ରତିଯୋଗିତା



ବାରିପଦା, ୨୧।୮ (ସମିସ): ସ୍ଥାନୀୟ ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ନାତକ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଷ୍ଟାର୍ଟଅପ ଇନୋଭେସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ବିପ୍ଳବ ବିନ୍ଧାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ ସରୋଜ ନାୟକ ମୁଖ୍ୟଅତିଥି ତଥା ବିଶେଷଜ୍ଞ ବିଚାରକ ଭାବେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ମୁଖ୍ୟବକ୍ତା ଭାବେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ସରୋଜ ବେହେରା ଯୋଗ ଦେଇଥିବାବେଳେ କୌଶିକ ଘୋଷ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ସଂସ୍କୃତ ସମ୍ମାନ ଦ୍ୱିତୀୟ ବର୍ଷ ଛାତ୍ରୀ ସାବିତ୍ରୀ ନାଏକ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପ୍ରାଣୀ ବିଜ୍ଞାନ ସମ୍ମାନ ଦ୍ୱିତୀୟ ବର୍ଷର ଛାତ୍ରୀ ଶୁଭଙ୍କର ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ମନିଟରିଂ

# ଶିକ୍ଷାଦାନର ଗୁଣବତ୍ତା ଓ ସ୍ୱଚ୍ଛ ଶିକ୍ଷା ପରିବେଶ ଉପରେ ଗୁରୁତ୍ୱ

ବାରିପଦା, ୨୧।୮ (ସମିସ)



ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନର ଗୁଣବତ୍ତା, ଶିକ୍ଷା ପରିବେଶ ଓ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଉନ୍ନତିର ସ୍ଥିତି ଅନୁଧ୍ୟାନ ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ (ଯୋଜନା) ଶଶୀଧର ସିଂ ମିଳିତ ଭାବେ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ମନିଟରିଂ କରିଛନ୍ତି। ଏହି କ୍ରମରେ ଜୟବିଲା ସରକାରୀ ପ୍ରାଥମିକ ବିଦ୍ୟାଳୟ, ଭୋଳାଗଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଭାଲୁକିସ୍ଥ କେସି ଉଚ୍ଚବିଦ୍ୟାଳୟ, ଭାଲୁକି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ରଙ୍ଗାମାଟିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରାଯାଇଥିଲା। ପରିଦର୍ଶନ ସମୟରେ ଅଧିକାରୀମାନେ ଚାଲୁଥିବା ଶ୍ରେଣୀ ଶିକ୍ଷାଦାନ, ପାଠ୍ୟକ୍ରମ ଅନୁଯାୟୀ ପାଠ ପ୍ରସ୍ତୁତି ଓ ଶିକ୍ଷା ନୋଟ୍, ବିଦ୍ୟାଳୟ ପରିସରର ପରିଚ୍ଛନ୍ନତା, ଶୌଚାଳୟର ସ୍ୱଚ୍ଛତା, ପାନୀୟଜଳର ଉପଲବ୍ଧତା ଓ ସ୍ୱଚ୍ଛତା, ଛାତ୍ରାବାସର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟକର ପରିବେଶ ଆଦି ଯାଞ୍ଚ କରିଥିଲେ। ଏଥିସହ ଉଚ୍ଚବିଦ୍ୟାଳୟରେ ଜିଲ୍ଲାର ଅଭିନବ ଶିକ୍ଷାମୂଳକ ପଦକ୍ଷେପ 'ମେଧାବୀ ମୟୂରଭଞ୍ଜ' ଅଧୀନରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଓ କାର୍ଯ୍ୟକାରିତା ମଧ୍ୟ ସମୀକ୍ଷା କରାଯାଇଥିଲା। ବିଦ୍ୟାଳୟରେ ନିୟମିତ ଓ ଗୁଣାତ୍ମକ ଶ୍ରେଣୀ ଶିକ୍ଷାଦାନ ସୁନିଶ୍ଚିତ କରିବା ସହିତ ସ୍ୱଚ୍ଛ ଓ ସୁସ୍ଥ ଶିକ୍ଷା ପରିବେଶ, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ 'ମେଧାବୀ ମୟୂରଭଞ୍ଜ' କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପ୍ରଧାନଶିକ୍ଷକ ଓ ଶିକ୍ଷକଙ୍କୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ।

## ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର

ବାରିପଦା, ୨୧।୮ (ସମିସ): ବାରିପଦା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ପ୍ରଥମ କରି ବାରିପଦା ବ୍ଲକର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ବିଦ୍ୟାଳୟମାନଙ୍କରେ ପିଲାଙ୍କ ସୁରକ୍ଷା ଓ ନିରାପତ୍ତାକୁ ଆଖି ଆଗରେ ରଖି ଦିନିକିଆ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଲେଡି ହାମିଲଟନ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିର ଗୋଷ୍ଠୀ ଶିକ୍ଷାଧିକାରୀ ଅନୁଜା ମାଧୁରୀ ଦାସଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ପ୍ରାଥମିକ ଚିକିତ୍ସା ରାଜ୍ୟ ସାଧନ କର୍ମୀ ସତ୍ୟନାରାୟଣ ଦାସ ପ୍ରଶିକ୍ଷକ ଭାବେ ଯୋଗଦେଇ ବିଦ୍ୟାଳୟରେ କିପରି ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ରଖିବା ଓ କୌଣସି ଅଘଟଣ ପରେ କିପରି ପ୍ରାଥମିକ ଚିକିତ୍ସା କରାଯାଇ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇପାରିବ, ତାହା ଉପରେ ପ୍ରଶିକ୍ଷାର୍ତ୍ରୀଙ୍କୁ ବିଭିନ୍ନ ପ୍ରକାରର କୌଶଳ ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି, ଜେଆରସି, ଯଶିପୁର ବ୍ଲକ ସଂଯୋଜକ ବିଜୟ କୁମାର କଳା ସାଧନ କର୍ମୀ ଭାବେ ତାଲିମ ପ୍ରଦାନ କରିଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତପସ୍ୱିନୀ ଦାଶ ଓ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ ପରିଦର୍ଶନ କରି ପ୍ରଶିକ୍ଷାର୍ଥୀଙ୍କୁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ଶିବିରକୁ ବାରିପଦା ବ୍ଲକର ଶିକ୍ଷକ ସମନ୍ୱୟ ସମିତି ଅଧ୍ୟକ୍ଷ ଗୌରଗୋପାଳ ଲେଙ୍କା, ସାଧାରଣ ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର, ସଭାପତି ପ୍ରଦୀପ ନାଥ, ଉପଦେଷ୍ଟା ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ଠାକୁରାଣୀ ସାହି, ବଡ଼ଯୋଡ ଓ ଗୁଞ୍ଜୁ ସାହି କ୍ଲଷ୍ଟରର ୪୨ ଜଣ ପ୍ରଶିକ୍ଷାର୍ଥୀ ଓ ୩ ଜଣ ସିଆରସିସି ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ୪ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇ ସମସ୍ତ ୧୩ଟି କ୍ଲଷ୍ଟରର ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ଗୋଷ୍ଠୀ ଶିକ୍ଷାଧିକାରିଣୀ ସୁଶ୍ରୀ ଦାସ ପ୍ରକାଶ କରିଛନ୍ତି।



ସକାଳ
THE SAKALA

# ସମ୍ପାଦକୀୟ



ଶିଶୁମାନଙ୍କ ଅଧିକାରର ସୁରକ୍ଷାଠାରୁ ବଳି ଆଉ ମହତ୍ତ୍ୱପୂର୍ଣ୍ଣ କର୍ତ୍ତବ୍ୟ କିଛି ନାହିଁ।
-କୋଫି ଆନନ୍

## ପ୍ରମାଣପତ୍ର ଜଞ୍ଜାଳ

ଜମିଜମା ଓ ବିଭିନ୍ନ ପ୍ରମାଣପତ୍ର ସଂକ୍ରାନ୍ତ ଅଭିଯୋଗଗୁଡ଼ିକର ଆଶୁ ସମାଧାନ ପାଇଁ ଓଡ଼ିଶା ରାଜସ୍ୱ ବିଭାଗ ପୁଣି ଥରେ ଉଦ୍ୟମ କରିଛନ୍ତି। ଅଭିଯୋଗ ଦାଖଲ, ଶୁଣାଣି ଓ ସମାଧାନ ସ୍ଥିତି ଜାଣିବା ପାଇଁ ଲୋକଙ୍କୁ ଆଉ ଅଯଥା ଖର୍ଚ୍ଚାନ୍ତ ହୋଇ କିମ୍ବା କଷ୍ଟକରି ବାରମ୍ବାର ବିଭିନ୍ନସ୍ତରୀୟ ଅଭିଯୋଗ ପ୍ରକୋଷ୍ଠକୁ ଆଉ ଧାଇଁବାକୁ ପଡ଼ିବ ନାହିଁ। ଏଥିପାଇଁ ଘରେ ବସି ଆବେଦନ/ଅଭିଯୋଗ କରିହେବ ଏବଂ ତାହା କେଉଁ ଅଧିକାରୀଙ୍କ ପାଖରେ ଅଟକି ରହିଛି, ସ୍ଥିତି କ'ଣ ରହିଛି, ଫଇସଲା ହେଲା କି ନାହିଁ ତାହା ଜାଣିବା ପାଇଁ ଏକ ହ୍ୱାଟ୍ସ୍ଆପ୍ ନମ୍ବର ଜାରି କରାଯାଇଛି। ପୂର୍ବରୁ ମଧ୍ୟ ଏଭଳି ଉଦ୍ୟମ ହୋଇଥିବା ବେଳେ ଏହାର ପୁନରାବୃତ୍ତିରୁ ଆପାତତଃ ଏହି ଧାରଣା ସୃଷ୍ଟି ହେଉଛି ଯେ ବୋଧହୁଏ ପୂର୍ବପ୍ରୟାସ ଆଶାନୁରୂପ ସଫଳତା ପାଇପାରିନାହିଁ।

ସରକାରଙ୍କ ଏହି ଉଦ୍ୟମ ସାଧୁ ହେଲେ ମଧ୍ୟ ବ୍ୟବସ୍ଥା ହିଁ ଅସାଧୁ ଥିବାରୁ ଯୋଜନାଗୁଡ଼ିକ ପ୍ରଭାବଶାଳୀ ହେଉନାହିଁ। ତେଣୁ ସରକାର ବ୍ୟବସ୍ଥାକୁ ହିଁ ପ୍ରଥମେ ସୁଧାରିବାକୁ ପଡ଼ିବ। ସଦ୍ୟତମ ଅଭିଯୋଗ ଦାଖଲ ଓ ସମାଧାନ ପ୍ରକ୍ରିୟାକୁ ତୃଣମୂଳସ୍ତର ଅର୍ଥାତ୍ ରାଜସ୍ୱ ନିରୀକ୍ଷକ(ଆରଆଇ) ସ୍ତରରୁ ଆରମ୍ଭ କରାଯାଇଛି। ଅଥଚ ସେଠାରେ ହିଁ ଅସଲ ସମସ୍ୟା ଅଟକି ରହିଛି। ଏପରିକି ଆରଆଇମାନଙ୍କ ନିଷ୍ପତ୍ତି ଆଗରେ ତହସିଲଦାରମାନେ ମଧ୍ୟ ଗୌଣ ହୋଇପଡୁଛନ୍ତି। ରାଜସ୍ୱ ବିଭାଗ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଆରଆଇ ସ୍ତରରୁ ଆରମ୍ଭ କରି ଅଭିଯୋଗ ସମାଧାନ ଆବେଦନ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଗତି କରିବ। ତେଣୁ ଲୋକଙ୍କୁ ଆଉ ଅଧିକ କେହି ହଇରାଣ କରିପାରିବେ ନାହିଁ। କିନ୍ତୁ ବିଡ଼ମ୍ବନା ଏହା ଯେ ଆରଆଇଙ୍କ ଦ୍ୱାରା ପୀଡ଼ିତ ଆବେଦନକାରୀମାନେ ଉପଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ମଧ୍ୟ ନ୍ୟାୟ ପାଇପାରୁନାହିଁ। ଏ ସମ୍ପର୍କିତ ଅଭିଯୋଗମାନ ଆସୁଛି।

ରାଜସ୍ୱ ମନ୍ତ୍ରୀ ଓ ସଚିବ ଦାୟିତ୍ୱ ନେବା ବେଳେ ଘୋଷଣା କରିଥିଲେ ଯେ ଯଦି କେହି କେଉଁଠାରେ ଲାଞ୍ଚ ମାଗୁଥାଏ କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ହଇରାଣ ହରକତ କରୁଥାଏ ତେବେ ଫୋନ୍ ଜରିଆରେ ସୂଚନା ଦେଲେ ଅଚିରେ ତାଗିଦ କରି କାମଟି ସମ୍ପନ୍ନ କରାଯିବ। କିନ୍ତୁ କାର୍ଯ୍ୟବ୍ୟସ୍ତତା ଭିତରେ ରାଜସ୍ୱ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଲୋକମାନଙ୍କର ଫୋନ୍ କଲ୍ ଗ୍ରହଣ କରିବା ତ ଦୂରର କଥା ମେସେଜ୍(ସୂଚନା ବାର୍ତ୍ତା) ମଧ୍ୟ ଦେଖନ୍ତି କି ନାହିଁ ତାହା ଜଣାନାହିଁ। ଏପରିକି ଲିଖିତ ଆବେଦନ ମାସ ମାସ ଧରି ତାଙ୍କ ଦପ୍ତରରେ ପଡ଼ି ରହିଥିଲେ ମଧ୍ୟ ତାହା ବିଚାରକୁ ନିଆଯାଉନାହିଁ। ଏଥିରୁ ରାଜସ୍ୱ ମନ୍ତ୍ରୀଙ୍କ ସ୍ତରରେ ଆବେଦନର ସ୍ଥିତି କ'ଣ ହେଉଥିବ ତାହା ଅନୁମେୟ। ଏଭଳି ସ୍ଥିତିରେ କେବଳ ହ୍ୱାଟ୍ସଆପ୍ ଜରିଆରେ ଅଭିଯୋଗ ଦାଖଲ ଓ ସମାଧାନ ପ୍ରକ୍ରିୟା କେତେ ପ୍ରଭାବଶାଳୀ ହୋଇପାରିବ ତାହା ସମୟ ହିଁ କହିବ।

ବାସ୍ତବତା ହେଉଛି ଦୁର୍ନୀତି ରାଜସ୍ୱ ବିଭାଗରେ କର୍କଟ ଭଳି ମାଡ଼ିଚାଲିଛି। ଏହାର ମୂଳୋତ୍ପାଟନ ପାଇଁ ଯେଉଁ ମହୌଷଧି ଆବଶ୍ୟକ ସେଥିପାଇଁ ସରକାର ସାହସୀ, ନୀତିନିଷ୍ଠ ଓ ଦୃଢ଼ ହେବାକୁ ପଡ଼ିବ। ନ ହେଲେ ଦୁର୍ନୀତିର ଏହି କର୍କଟ ସଂକ୍ରମଣରେ ସାଧାରଣ ଜନତା ଆକ୍ରାନ୍ତ ହୋଇ ଚାଲିଥିବେ। ●

## ଭାରତ ପ୍ରତି ଅପମାନ

ଆମେରିକାରେ ଅବୈଧ ପ୍ରବେଶ ଓ ବସବାସ ଅଭିଯୋଗରେ ଟ୍ରମ୍ପ ପ୍ରଶାସନ ପୁଣି ଥରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଗତବର୍ଷ ୧୦୪ ଭାରତୀୟଙ୍କୁ ହାତକଡ଼ି ଓ ଗୋଡ଼ବେଡ଼ି ପିନ୍ଧାଇ ସାମରିକ ବିମାନରେ ଭାରତ ପଠାଇ ଦେଇଥିବା ବେଳେ ଚଳିତ ମାସର ପ୍ରଥମ ୧୫ ଦିନ ମଧ୍ୟରେ ୫୨୦୦ ପ୍ରବାସୀ ଭାରତୀୟଙ୍କୁ ତଡ଼ି ଦେଇଛି। ଭାରତର ମେଧା ଓ ପ୍ରତିଭା ବିଶ୍ୱକୁ, ବିଶେଷକରି ଆମେରିକାର କୋମଳଶକ୍ତି(ସଫ୍ଟପାୱାର) ଓ ସୂଚନାପ୍ରଯୁକ୍ତି ବିଦ୍ୟା(ସଫ୍ଟୱେର ଟେକନୋଲଜି)ର ପରାକାଷ୍ଠାକୁ ନଭଶ୍ଚୁମ୍ବୀ କରିଛି। କିନ୍ତୁ ଏବେ ସେହି ଦେଶର ନାଗରିକଙ୍କୁ ତଡ଼ିଦେବା ଭାରତ ପ୍ରତି ଅପମାନସୂଚକ ନିଶ୍ଚୟ।

ଭାରତୀୟମାନଙ୍କ ଆମେରିକା ରହଣିର ଅଯୌକ୍ତିକ ଓ ଅଯଥାର୍ଥ ଲାଳସା ସେମାନଙ୍କୁ ଚଳିତଳାନ୍ତ କରିବା ସହିତ ଦେଶକୁ ନିନ୍ଦିତ କରୁଛି। ଅପରପକ୍ଷରେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି କ୍ଷମତାକୁ ଫେରିବା ପରେ ଅବୈଧ ଦେଶାଟନକାରୀଙ୍କୁ ଅବାଞ୍ଛିତ, ଅହିତକର ଓ ଅପରାଧୀ ଆଖ୍ୟା ଦେଇ ଆସୁଛନ୍ତି। ବସ୍ତୁତଃ ରାଷ୍ଟ୍ରପତି ଭାବେ ଶପଥ ନେବା ଦିନ ହିଁ ଟ୍ରମ୍ପ ଆମେରିକାର 'ଏଲିଅନ୍ ଏନେମିସ୍ ଆକ୍ଟ ୧୭୯୮'କୁ ବେଆଇନ ଭାବେ ଆମେରିକାରେ ବସବାସ କରୁଥିବା ଦେଶାଟନକାରୀଙ୍କ ବିରୋଧରେ ଲାଗୁ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି ଆଇନ ସମେତ 'ଏଲିଅନ୍ ସେଡିସନ୍ ଆକ୍ଟ' ଆମେରିକାର ରାଷ୍ଟ୍ରପତିଙ୍କୁ ଅଖଣ୍ଡ କ୍ଷମତା ଦେଇଛି। ଆମେରିକାର ସାର୍ବଭୌମତ୍ୱ ସୁରକ୍ଷା ଦୃଷ୍ଟିରୁ ଆମେରିକା ରାଷ୍ଟ୍ରପତି ଚାହିଁଲେ ସନ୍ଦେହଜନକ ବହିରାଗତଙ୍କ ପାଇଁ ଆମେରିକାର ନାଗରିକତ୍ୱ ପ୍ରଦାନ ଅବଧି ନିୟମ ୫ରୁ ୧୪ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ, କାରାଦଣ୍ଡ ଓ ଦେଶାନ୍ତର ଦଣ୍ଡ ଦେଇପାରିବେ। ୧୮୧୨ରେ ଆମେରିକା-ବ୍ରିଟେନ୍ ଯୁଦ୍ଧ, ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଆମେରିକାରେ ଲାଗୁ ହୋଇଥିବା ଏହି କଠୋର ଆଇନ ଚତୁର୍ଥ ଥର ଲାଗି ବେଆଇନ ଅନୁପ୍ରବେଶକାରୀଙ୍କ ପାଇଁ ଲାଗୁ ହୋଇଛି। ଏଥିରୁ ଟ୍ରମ୍ପଙ୍କ ଆଭିମୁଖ୍ୟ ବୁଝାଇ କହିବା ଅନାବଶ୍ୟକ।

ବୈଦେଶିକ ବ୍ୟାପାର ବିଶେଷଜ୍ଞଙ୍କ ମତରେ କୌଣସି ଦେଶର ନିୟମ, କାନୁନ ଓ ଆଇନ ଅନୁଯାୟୀ ଯେଉଁ ଦେଶାଟନକାରୀମାନେ ସ୍ଥାୟୀ ବାସବାସ କରିବା ପାଇଁ ବୈଧ ପ୍ରମାଣପତ୍ର ଦାଖଲ କରି ନପାରିବେ ସେମାନଙ୍କୁ ନିଜ ନିଜ ଦେଶକୁ ପଠାଇଦେବାରେ ଆପତ୍ତି ନାହିଁ। ସାର୍ବଭୌମ ଦେଶର ଏ ସମ୍ପର୍କିତ ଅଧିକାରକୁ କେହି ପ୍ରଶ୍ନ କରିପାରିବେ ନାହିଁ। ତେଣୁ ଆମେରିକାର କାର୍ଯ୍ୟାନୁଷ୍ଠାନ ପ୍ରତି ଅଭିଯୋଗ କରାଯାଇପାରିବ ନାହିଁ। କିନ୍ତୁ ସାମଗ୍ରିକ ଘଟଣା ବିଶ୍ୱଗୁରୁ ଦୌଡ଼ରେ ଥିବା ଭାରତ ପ୍ରତି ଅପମାନସୂଚକ ନୁହେଁ କି? ●

## କହି ଜାଣିଲେ କଥା ସୁନ୍ଦର

**ବୃହସ୍ପତି ସାମଲ**

ଶ୍ରୀମଦ୍ଭଗବତ୍ ଗୀତା ଅନୁଯାୟୀ - 'ଅନୁଦ୍ୱେଗକରଂ ବାକ୍ୟଂ ସତ୍ୟଂ ପ୍ରିୟହିତଂ ଚ ଯତ୍। ସ୍ୱାଧ୍ୟାୟାଭ୍ୟସନଂ ଚୈବ ବାଙ୍ମୟଂ ତପ ଉଚ୍ୟତେ?' ଅର୍ଥାତ୍ - ଯେଉଁ ବାକ୍ୟ କାହାରି ମନରେ ଉଦବେଗ ସୃଷ୍ଟି କରେ ନାହିଁ, ଯାହା ସତ୍ୟ, ପ୍ରିୟ ଓ ହିତକର; ତଥା ଶାସ୍ତ୍ରର ନିୟମିତ ଅଧ୍ୟୟନ ଓ ଅଭ୍ୟାସ, ତା'କୁ ବାଣୀର ତପସ୍ୟା ବୋଲି କୁହାଯାଏ। ଏହା ଦର୍ଶାଏ ଯେ କେବଳ ସତ୍ୟ କହିବା ଯଥେଷ୍ଟ ନୁହେଁ; ସେହି ସତ୍ୟକୁ ଏପରି ଭାଷାରେ କହିବା ଉଚିତ୍, ଯାହା ଅନାବଶ୍ୟକ ଉଦବେଗ, ଅପମାନ କିମ୍ବା କ୍ଷୋଭ ସୃଷ୍ଟି ନକରେ। ସେଥିପାଇଁ ଓଡ଼ିଆ ବର୍ଣ୍ଣବୋଧରୁ ଆମେ ପ୍ରଥମରୁ ସେଇ ଗୋଟିଏ କଥା ଶିଖିଥାଉ - 'ମଧୁର ବିନୟ ବଚନ, କହି ତୋଷିବ ଜନମନ।'

ଅସ୍ତ୍ର ସିନା ଶରୀରକୁ ଆଘାତ କରେ; କିନ୍ତୁ ଶବ୍ଦ ମଣିଷର ଆତ୍ମସମ୍ମାନକୁ ଆଘାତ କରେ। ପୃଥିବୀରେ ଯେତେ ଯୁଦ୍ଧ ହୋଇଛି, ସେଗୁଡ଼ିକ ଅସ୍ତ୍ର ପୂର୍ବରୁ ଶବ୍ଦରେ ଆରମ୍ଭ ହୋଇଛି। ଯେତେ ବିପ୍ଳବ ଘଟିଛି, ସେଗୁଡ଼ିକ ରାସ୍ତାକୁ ଆସିବା ପୂର୍ବରୁ ମଣିଷର ମନରେ ଶବ୍ଦ ମାଧ୍ୟମରେ ଜନ୍ମ ନେଇଛି। ପୁଣି ଯେତେ ଶାନ୍ତି ପ୍ରତିଷ୍ଠିତ ହୋଇଛି, ତାହାର ମୂଳରେ ମଧ୍ୟ ଅଛି କୌଣସି ଜ୍ଞାନୀଗୁଣୀଙ୍କ କିଛି ସଂଯମ ବାକ୍ୟ। ଶବ୍ଦର ଏହି ଦ୍ୱୈତଚରିତ୍ର ମାନବ ସଭ୍ୟତାକୁ ବାରମ୍ବାର ନୂଆ ମୋଡ଼ ଦେଇଛି। ଏହା ହିଁ ଶବ୍ଦର ଅଲୌକିକ ଶକ୍ତି।

ବିଦ୍ୱାନମାନେ ଏକମତ ଯେ କୁରୁକ୍ଷେତ୍ର ଯୁଦ୍ଧର ପଛରେ ଉତ୍ତରାଧିକାର ବିବାଦ, ଅହଂକାର, ଅନ୍ୟାୟ ଓ ରାଜନୈତିକ ସଂଘର୍ଷ ଥିଲା। କିନ୍ତୁ ଭାରତୀୟ ଲୋକସ୍ମୃତିରେ ଦୁର୍ଯ୍ୟୋଧନଙ୍କ ପ୍ରତି ଦ୍ରୌପଦୀଙ୍କ ଉପହାସମୂଳକ ବାକ୍ୟ 'ଅନ୍ଧର ପୁତ୍ର ଅନ୍ଧ' ଏକ ପ୍ରତୀକ ହୋଇ ରହିଛି। ଏହା ଆମକୁ ଶିଖାଏ ଯେ ଅପମାନଜନକ ଶବ୍ଦ ଅନେକ ସମୟରେ ପ୍ରତିଶୋଧର ଅଗ୍ନିକୁ ଆହୁରି ପ୍ରଜ୍ୱଳିତ କରିଦିଏ। ସେହିପରି ରାମାୟଣରେ ମନ୍ଥରାଙ୍କ ଅସ୍ତ୍ର ଥିଲା କେବଳ ଶବ୍ଦ। ସେହି ଶବ୍ଦ କୈକେୟୀଙ୍କ ମନରେ ସନ୍ଦେହ ଓ ଅସୁରକ୍ଷାର ବୀଜ ବପନ କଲା, ଯାହାର ପରିଣାମରେ ଅଯୋଧ୍ୟାର ଇତିହାସ ବଦଳିଗଲା। ପୁଣି ଆଡଲଫ୍ ହିଟଲରଙ୍କ ଘୃଣାଭରା ଭାଷଣ ଏକ ସମଗ୍ର ଜାତିକୁ ଉନ୍ମାଦନାକୁ ଠେଲିଦେଇ ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟଙ୍କର ବିପର୍ଯ୍ୟୟର ମଞ୍ଚ ପ୍ରସ୍ତୁତ କରିଥିଲା।

ଅନ୍ୟପକ୍ଷରେ ଶବ୍ଦ ମାନବତାର ମୁକ୍ତିର ମାର୍ଗ ମଧ୍ୟ ଦେଖାଇଛି। ସମ୍ରାଟ ଅଶୋକ କଳିଙ୍ଗ ଯୁଦ୍ଧର ରକ୍ତପାତ ପରେ ବୁଦ୍ଧଙ୍କ ବାଣୀ ଶୁଣି ନିଜ ଜୀବନର ଦିଗ ବଦଳାଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କ 'ଆମେରିକାର ପ୍ରିୟ ଭଉଣୀ ଓ ଭାଇମାନେ' ଭଳି କେତୋଟି ଶବ୍ଦ ବିଶ୍ୱ ସମ୍ମୁଖରେ ଭାରତର ସହିଷ୍ଣୁତା ଓ ବିଶ୍ୱବନ୍ଧୁତ୍ୱର ପରିଚୟ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ 'କର ବା ମର' ଏବଂ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ 'ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' କୋଟି କୋଟି ଭାରତୀୟଙ୍କ ରକ୍ତରେ ସ୍ୱାଧୀନତାର ସ୍ୱପ୍ନ ଜାଗ୍ରତ କରିଥିଲା। ଭାରତର ସ୍ୱାଧୀନତା ଆନ୍ଦୋଳନରେ 'ବନ୍ଦେ ମାତରମ୍' ଓ 'ସରଫରୋଶୀ କି ତମନ୍ନା' ଲକ୍ଷ ଲକ୍ଷ ଯୁବକଙ୍କୁ ପ୍ରେରଣା ଦେଇଥିଲା। ଏହି ଶବ୍ଦଗୁଡ଼ିକ ଗୁଳିଠାରୁ ଅଧିକ ଶକ୍ତିଶାଳୀ ସାବ୍ୟସ୍ତ ହୋଇଥିଲା। ମାର୍ଟିନ୍ ଲୁଥର କିଙ୍ଗ ଜୁନିଅରଙ୍କ 'ଆଇ ହାଭ୍ ଏ ଡ୍ରିମ୍' ଆମେରିକାର ଜାତିଗତ ସମାନତା ଆନ୍ଦୋଳନକୁ ନୂଆ ଦିଗ ଦେଇଥିଲା। ଫ୍ରାନ୍ସ ବିପ୍ଳବରେ ଦାର୍ଶନିକ ରୁଷୋ ଓ ଭଲଟେୟାରଙ୍କ ଲେଖା ସାଧାରଣ ଲୋକଙ୍କ ଚେତନାକୁ ବଦଳାଇଥିଲା।

ଏହା ପ୍ରମାଣ କରେ ଯେ ଶବ୍ଦ କେବଳ ସଂଯୋଗର ମାଧ୍ୟମ ନୁହେଁ; ଏହା ସାମାଜିକ ଶକ୍ତିର ଉତ୍ସ। ଶବ୍ଦ ମଣିଷକୁ ଦେବତା କରିପାରେ, ପୁଣି ଦାନବ ମଧ୍ୟ କରିପାରେ। ଶବ୍ଦ ଫୁଲ ହୋଇପାରେ, କଣ୍ଟା ମଧ୍ୟ ହୋଇପାରେ। ତେଣୁ ଶବ୍ଦ ନିଜେ ଭଲ କିମ୍ବା ଖରାପ ନୁହେଁ। ତାହାର ଉଦ୍ଦେଶ୍ୟ, ପ୍ରସଙ୍ଗ ଓ ପ୍ରୟୋଗ ତାହାର ଶକ୍ତିକୁ ନିର୍ଣ୍ଣୟ କରେ। ସେଥିପାଇଁ ଆମ ଓଡ଼ିଆରେ ଗୋଟେ କଥା ଅଛି - 'କହି ଜାଣିଲେ କଥା ସୁନ୍ଦର, ବାନ୍ଧି ଜାଣିଲେ ମଥା ସୁନ୍ଦର।' ଆଜିର ଡିଜିଟାଲ୍ ଯୁଗରେ ଏହି ଶକ୍ତି ଅକଳ୍ପନୀୟ ଭାବେ ବୃଦ୍ଧି ପାଇଛି।

ଏକଦା ରାଜାଙ୍କ କଥା ରାଜ୍ୟ ଭିତରେ ସୀମିତ ଥିଲା। ଆଜି ଜଣେ ବିଚାରପତି, ଜଣେ ମନ୍ତ୍ରୀ କିମ୍ବା ଜଣେ ସାର୍ବଜନିକ ବ୍ୟକ୍ତିଙ୍କ ଗୋଟିଏ ଶବ୍ଦ କିଛିସେକେଣ୍ଡ ମଧ୍ୟରେ ସମଗ୍ର ବିଶ୍ୱରେ ପହଞ୍ଚି ଯାଉଛି। ଏହି କାରଣରୁ ସାର୍ବଜନିକ ପଦବୀରେ ଥିବା ବ୍ୟକ୍ତିଙ୍କ ଭାଷା କେବଳ ତାଙ୍କର ବ୍ୟକ୍ତିଗତ ଭାଷା ନହୋଇ ସମ୍ପୃକ୍ତ ସଂସ୍ଥାର ମର୍ଯ୍ୟାଦା ଓ ସମାଜର ଆସ୍ଥା ସହ ଜଡ଼ିତ ହୋଇଯାଏ। ଏହି ପ୍ରେକ୍ଷାପଟରେ ସମ୍ପ୍ରତି ଭାରତରେ ଘଟିଥିବା ଛାତ୍ରଆନ୍ଦୋଳନ ସମୟର ଏକ ବହୁଚର୍ଚ୍ଚିତ ଘଟଣା ଆମକୁ ପୁଣିଥରେ ଶବ୍ଦର ଶକ୍ତି ବିଷୟରେ ଭାବିବାକୁ ବାଧ୍ୟ କରିଛି। ସର୍ବୋଚ୍ଚ ନ୍ୟାୟାଳୟର ଶୁଣାଣି ସମୟରେ ବେରୋଜଗାର ଯୁବପିଢ଼ିଙ୍କ ପ୍ରତି ବ୍ୟବହୃତ 'କକ୍ରୋଚ୍' ଶବ୍ଦଟି ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ଶବ୍ଦ କେଉଁ ପ୍ରସଙ୍ଗରେ କୁହାଯାଇଥିଲା, ତାହାକୁ ନେଇ ଭିନ୍ନ ଭିନ୍ନ ବ୍ୟାଖ୍ୟା ରହିଛି। କିନ୍ତୁ ଗୋଟିଏ କଥା ନିର୍ବିବାଦ ଯେ ଅନେକ ଛାତ୍ରଛାତ୍ରୀ, ବିଶେଷକରି ଯୁବପିଢ଼ି, ସେହି ଶବ୍ଦକୁ ଗଭୀର ମାନସିକ ଆଘାତ ଭାବରେ ଅନୁଭବ କରିଥିଲେ। ଏହାପରେ ସାମାଜିକ ଗଣମାଧ୍ୟମ, ବୌଦ୍ଧିକ ମଞ୍ଚ ଓ ଜନସାଧାରଣଙ୍କ ମଧ୍ୟରେ ଭାଷାର ମର୍ଯ୍ୟାଦା ଓ ସାର୍ବଜନିକ ପଦରେ ଥିବା ବ୍ୟକ୍ତିଙ୍କ ଦାୟିତ୍ୱକୁ ନେଇ ବ୍ୟାପକ ଆଲୋଚନା ଆରମ୍ଭ ହୋଇଥିଲା। ଯାହା ଫଳରେ 'କକ୍ରୋଚ୍ ଜନତା ପାର୍ଟି' ସୃଷ୍ଟି ହୋଇ ପରବର୍ତ୍ତୀ ସମୟରେ ସର୍ବଭାରତୀୟ ସ୍ତରରେ ଏକ ବିରାଟ ଛାତ୍ର ଆନ୍ଦୋଳନକୁ ଜନ୍ମଦେଲା।

ଏଠାରେ ପ୍ରଶ୍ନ ଏହା ନୁହେଁ ଯେ ଗୋଟିଏ ଶବ୍ଦ ଏକାକୀ କୌଣସି ଆନ୍ଦୋଳନକୁ ଜନ୍ମ ଦେଇପାରେ କି ନାହିଁ। ଇତିହାସ କହେ, କୌଣସି ବଡ଼ ଆନ୍ଦୋଳନର ପଛରେ ଥାଏ ଅନେକ କାରଣ। ଦୀର୍ଘଦିନର କ୍ଷୋଭ, ଅନ୍ୟାୟର ଅନୁଭବ, ଆଶଙ୍କା, ଅବିଶ୍ୱାସ ଓ ସାମାଜିକ ପରିସ୍ଥିତି। କିନ୍ତୁ ଏହା ମଧ୍ୟ ଇତିହାସର ସତ୍ୟ ଯେ କେତେକ ଶବ୍ଦ ସେହି ନିରବ ଅସନ୍ତୋଷର ଏକ ପ୍ରତୀକ ଭାବରେ ପ୍ରତୀୟମାନ ହୋଇଥାଏ। ଯେପରି ଏକ ଛୋଟ ଅଗ୍ନିସ୍ଫୁଲିଙ୍ଗ ସମ୍ପୂର୍ଣ୍ଣ ଜଙ୍ଗଲକୁ ଧ୍ୱଂସ କରିପାରେ, ସେହିପରି କେତେକ ଶବ୍ଦ ପୂର୍ବରୁ ରହିଥିବା ଭାବନାକୁ ନୂଆ ଗତି ଦେଇଥାଏ। ଏହି ଦୃଷ୍ଟିକୋଣରୁ ସାମ୍ପ୍ରତିକ ଘଟଣାରେ ଭାଷାର ସାମାଜିକ ପ୍ରଭାବକୁ ବୁଝିବା ଅତ୍ୟନ୍ତ ଜରୁରୀ। ମନୋବିଜ୍ଞାନରେ ଏହାକୁ 'ଲେବେଲିଂ ଇଫେକ୍ଟ' ବୋଲି କୁହାଯାଏ। ଯେତେବେଳେ କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀ ସମୂହକୁ ଏକ ଅବମାନନାତ୍ମକ ଶବ୍ଦରେ ସମ୍ବୋଧନ କରାଯାଏ, ସେମାନେ କେବଳ ସେହି ଶବ୍ଦକୁ ଶୁଣନ୍ତି ନାହିଁ; ସେମାନେ ଅନୁଭବ କରନ୍ତି ଯେ ତାଙ୍କର ପରିଚୟ, ପରିଶ୍ରମ ଓ ସମ୍ମାନକୁ ମଧ୍ୟ ସେହି ଶବ୍ଦ ସହ ମପାଯାଉଛି। ବିଶେଷକରି ଆଜିର ଯୁବପିଢ଼ି ଆତ୍ମସମ୍ମାନ, ସ୍ୱାଭିମାନ ଓ ନିଜ ପରିଚୟ ପ୍ରତି ଅଧିକ ସଚେତନ। ସେଥିପାଇଁ ସେମାନେ ଶବ୍ଦର ପ୍ରଭାବକୁ କେବଳ ଭାଷାଗତ ଘଟଣା ଭାବେ ନୁହେଁ, ବରଂ ସମ୍ମାନ ଓ ମର୍ଯ୍ୟାଦାର ପ୍ରଶ୍ନ ଭାବରେ ଦେଖନ୍ତି।

ଗଣତନ୍ତ୍ରର ଚାରି ସ୍ତମ୍ଭ, ବିଧାନପାଳିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଏବଂ ଗଣମାଧ୍ୟମ ପ୍ରତି ଜନସାଧାରଣଙ୍କ ଆସ୍ଥା ହିଁ ଗଣତନ୍ତ୍ରର ପ୍ରକୃତ ଶକ୍ତି। ସେଥିପାଇଁ ଏହି ସ୍ତମ୍ଭମାନଙ୍କ ସହ ଜଡ଼ିତ ବ୍ୟକ୍ତିଙ୍କ ପ୍ରତ୍ୟେକ ଶବ୍ଦ କେବଳ ବ୍ୟକ୍ତିଗତ ମତ ନୁହେଁ, ବରଂ ସଂସ୍ଥାର ମର୍ଯ୍ୟାଦା ଓ ଗଣତାନ୍ତ୍ରିକ ସଂସ୍କୃତିର ପ୍ରତିଫଳନ। ତେଣୁ ଯେତେ ଉଚ୍ଚ ପଦବୀ, ସେତେ ଅଧିକ ବାକ୍-ସଂଯମ ଆବଶ୍ୟକତା। ଶକ୍ତିର ପ୍ରକୃତ ପରିଚୟ କଠୋର ଭାଷାରେ ନୁହେଁ; ସଂଯମ ଭାଷାରେ ପ୍ରକାଶ ପାଏ। ସମ୍ମାନ ଦେଇ କୁହାଯାଇଥିବା କଥାର ପ୍ରଭାବ ଅପମାନ କରି କୁହାଯାଇଥିବା କଥାଠାରୁ ସବୁବେଳେ ଅଧିକ ସ୍ଥାୟୀ। ଆଜି ଆମ ସମାଜକୁ ଶବ୍ଦର ସଂସ୍କୃତି ପୁଣିଥରେ ଶିଖିବାକୁ ପଡ଼ିବ। ମତଭେଦ ଗଣତନ୍ତ୍ରର ସୌନ୍ଦର୍ଯ୍ୟ; କିନ୍ତୁ ଅବମାନନା ଗଣତନ୍ତ୍ରର ଶକ୍ତି ନୁହେଁ। ସମାଲୋଚନା ତୀବ୍ର ହୋଇପାରେ, କିନ୍ତୁ ଭାଷା ମର୍ଯ୍ୟାଦାଜନକ ହେବା ଉଚିତ୍। କାରଣ କହିଦେବା କଥା, ବୋହିଗଲା ପାଣି କେବେ ଫେରି ଆସେନାହିଁ। ପଦବୀର ଉଚ୍ଚତା ମଣିଷକୁ କେବଳ ଅଧିକାର ଦିଏ ନାହିଁ; ଅଧିକ ଦାୟିତ୍ୱ ମଧ୍ୟ ଦିଏ। ସେହି ଦାୟିତ୍ୱର ପ୍ରଥମ ପରୀକ୍ଷା ହେଉଛି ତାଙ୍କର ଭାଷା। ଶେଷରେ କବୀରଙ୍କ ସେହି ଅମର ବାଣୀ ପୁଣିଥରେ ମନେ ପଡ଼େ, - 'ଏସି ବାଣୀ ବୋଲିଏ, ମନକା ଆପା ଖୋଏ। ଔରେଂକୋ ଶୀତଲ କରେ, ଆପହୁଁ ଶୀତଲ ହୋଏ।'

ଉଚ୍ଚାରିତ ଶବ୍ଦର ପ୍ରତିଧ୍ୱନି କେବେ କେବେ ଏକ ଯୁଗର ଚେତନାକୁ ବଦଳାଇ ଦିଏ, ଏକ ସମାଜର ମନୋଭାବକୁ ପରିବର୍ତ୍ତନ କରେ ଏବଂ ଇତିହାସର ପୃଷ୍ଠାରେ ନୂଆ ଅଧ୍ୟାୟ ଲେଖିଦିଏ। ଶବ୍ଦର ଏହି ଶକ୍ତିକୁ ବୁଝିବା ହିଁ ସଭ୍ୟତାର ପ୍ରଥମ ପାଠ। ●

ପଦ୍ମପୁର(କେନ୍ଦୁଝର)
ମୋ: ୯୪୩୭୦୨୨୬୬୯

## ପ୍ରକୃତିରୁ ବିଶ୍ୱସୁସ୍ଥତା ପର୍ଯ୍ୟନ୍ତ

**ଉର୍ମିଳା ଦାଶ**

ଏକବିଂଶ ଶତାବ୍ଦୀରେ ସମଗ୍ର ବିଶ୍ୱ ସ୍ୱାସ୍ଥ୍ୟର ଅର୍ଥକୁ ନୂତନ ଦୃଷ୍ଟିରେ ବୁଝିବାକୁ ଆରମ୍ଭ କରିଛି। କେବଳ ରୋଗ ହେଲେ ଔଷଧ ସେବନ କରିବା ନୁହେଁ, ବରଂ ରୋଗମୁକ୍ତ, ସନ୍ତୁଳିତ ଓ ସୁସ୍ଥ ଜୀବନ କିପରି ଗଢ଼ାଯିବ, ତାହା ଆଜିର ପ୍ରମୁଖ ଆଲୋଚ୍ୟ ବିଷୟ। କରୋନା ମହାମାରୀ ପରେ ରୋଗପ୍ରତିରୋଧକ ଶକ୍ତି, ମାନସିକ ସ୍ଥିରତା, ଶୁଦ୍ଧ ଆହାର, ଯୋଗ, ଧ୍ୟାନ, ପ୍ରାକୃତିକ ଚିକିତ୍ସା ଓ ସମନ୍ୱିତ ସ୍ୱାସ୍ଥ୍ୟବ୍ୟବସ୍ଥା ପ୍ରତି ବିଶ୍ୱବାସୀଙ୍କ ଆଗ୍ରହ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ଭାରତର ଆୟୁର୍ବେଦ ବିଶ୍ୱ ସ୍ୱାସ୍ଥ୍ୟ ଚିନ୍ତାଧାରାର ଏକ ନୂତନ ଦିଗନ୍ତ ଉନ୍ମୋଚନ କରିଛି।

ଆୟୁର୍ବେଦ କେବଳ ଏକ ଚିକିତ୍ସା ପଦ୍ଧତି ନୁହେଁ; ଏହା ଏକ ସମ୍ପୂର୍ଣ୍ଣ ଜୀବନଦର୍ଶନ। ଏହା ମଣିଷର ଶରୀର, ମନ ଓ ଆତ୍ମାକୁ ପ୍ରକୃତି ସହିତ ସମନ୍ୱିତ କରି ସୁସ୍ଥ ଜୀବନର ପଥ ଦେଖାଏ। ଭାରତୀୟ ଦର୍ଶନର 'ପିଣ୍ଡେ ଯାହା, ବ୍ରହ୍ମାଣ୍ଡେ ତାହା' ମହାବାକ୍ୟକୁ ଆୟୁର୍ବେଦ ସ୍ୱାସ୍ଥ୍ୟ ବିଜ୍ଞାନର ଭାଷାରେ ବ୍ୟାଖ୍ୟା କରିଛି। ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶଏହି ପଞ୍ଚମହାଭୂତ ଯେପରି ସୃଷ୍ଟିର ମୂଳ ଆଧାର, ସେହିପରି ମାନବ ଶରୀର ମଧ୍ୟ ଏହି ପଞ୍ଚତତ୍ତ୍ୱର ସୁସନ୍ତୁଳିତ ସମନ୍ୱୟ। ଆୟୁର୍ବେଦର ମୂଳ ଆଧାର ହେଉଛି ସନ୍ତୁଳନ। ବାତ, ପିତ୍ତ ଓ କଫ - ଏହି ତ୍ରିଦୋଷର ସମତା ହିଁ ସୁସ୍ଥତାର ପରିଚାୟକ। ଏହି ସନ୍ତୁଳନରେ ବ୍ୟତିକ୍ରମ ଘଟିଲେ ରୋଗର ଉତ୍ପତ୍ତି ହୁଏ। ତେଣୁ ଆୟୁର୍ବେଦ କେବଳ ରୋଗର ଲକ୍ଷଣକୁ ଦମନ କରେନାହିଁ; ରୋଗର ମୂଳ କାରଣକୁ ଚିହ୍ନଟ କରି ତାହାର ସମାଧାନ ଦିଗରେ ଗୁରୁତ୍ୱ ଦିଏ। ଆହାର, ବିହାର, ଋତୁଚର୍ଯ୍ୟା, ଦିନଚର୍ଯ୍ୟା, ନିଦ୍ରା, ସଦାଚାର ଓ ପ୍ରକୃତି ସହ ମଣିଷର ସମ୍ପର୍କ ଆୟୁର୍ବେଦର ମୂଳ ଭିତ୍ତି।

ଆଧୁନିକ ଯୁଗରେ ବିଜ୍ଞାନ ଓ ପ୍ରଯୁକ୍ତି ମଣିଷକୁ ଅନେକ ସୁବିଧା ଦେଇଥିଲେ ମଧ୍ୟ ଜୀବନଶୈଳୀଜନିତ ରୋଗର ପ୍ରକୋପ ଚିନ୍ତାଜନକ ଭାବେ ବୃଦ୍ଧି ପାଉଛି। ମଧୁମେହ, ଉଚ୍ଚ ରକ୍ତଚାପ, ମୋଟାପଣ, ମାନସିକ ଚାପ, ନିଦ୍ରାହୀନତା ଓ ଅବସାଦ ଭଳି ସମସ୍ୟା ମଣିଷକୁ ଅସ୍ଥିର କରିଦେଇଛି। ଏପରି ସମୟରେ ଆୟୁର୍ବେଦ ଆମକୁ ସ୍ମରଣ କରାଏ ଯେ ମଣିଷ ପ୍ରକୃତିରୁ ଅଲଗା ନୁହେଁ; ସେ ପ୍ରକୃତିର ଏକ ଅଭିନ୍ନ ଅଂଶ। ମାଟି, ପାଣି, ସୂର୍ଯ୍ୟକିରଣ, ପବନ, ଋତୁ ଓ ଶୁଦ୍ଧ ଆହାର ସହିତ ସମନ୍ୱୟପୂର୍ଣ୍ଣ ଜୀବନ ହିଁ ଚିରସ୍ଥାୟୀ ସ୍ୱାସ୍ଥ୍ୟର ଭିତ୍ତି। ଯୋଗ, ପ୍ରାଣାୟାମ, ଧ୍ୟାନ ଓ ପ୍ରାକୃତିକ ଚିକିତ୍ସା ଯେତେବେଳେ ଆୟୁର୍ବେଦ ସହ ସମନ୍ୱିତ ହୁଏ, ସେତେବେଳେ ସମଗ୍ର ସ୍ୱାସ୍ଥ୍ୟର ଏକ ପୂର୍ଣ୍ଣାଙ୍ଗ ମଡେଲ ସୃଷ୍ଟି ହୁଏ। ଯୋଗ ଶରୀରକୁ ସୁଦୃଢ଼ କରେ, ପ୍ରାଣାୟାମ ଜୀବନଶକ୍ତିକୁ ସନ୍ତୁଳିତ କରେ, ଧ୍ୟାନ ମନକୁ ପ୍ରଶାନ୍ତ କରେ, ପ୍ରାକୃତିକ ଚିକିତ୍ସା ପଞ୍ଚତତ୍ତ୍ୱ ସହ ମଣିଷର ସମ୍ପର୍କକୁ ଦୃଢ଼ କରେ ଏବଂ ଆୟୁର୍ବେଦ ସୁସ୍ଥ ଜୀବନଶୈଳୀ ମାଧ୍ୟମରେ ଦୀର୍ଘକାଳୀନ ସ୍ୱାସ୍ଥ୍ୟର ପଥ ପ୍ରଦର୍ଶନ କରେ।

ଭାରତ ସରକାରଙ୍କ ନିତି ଆୟୋଗ ପ୍ରକାଶିତ 'ଆୟୁର୍ବେଦକୁ ବିଶ୍ୱସ୍ତରୀୟ କରିବା ପାଇଁ କୌଶଳଗତ କାର୍ଯ୍ୟଯୋଜନା' ରିପୋର୍ଟ ଆୟୁର୍ବେଦକୁ ପ୍ରମାଣଭିତ୍ତିକ, ଗୁଣମାନସମ୍ପନ୍ନ ଏବଂ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପଦ୍ଧତିରେ ପରିଣତ କରିବାର ଦିଗନିର୍ଦ୍ଦେଶ ଦେଇଛି। ଏଥିରେ ଉପଲବ୍ଧତା, ଗ୍ରହଣଯୋଗ୍ୟତା ଓ ପ୍ରଚାରକୁ ମୁଖ୍ୟ ଆଧାର କରାଯାଇଛି। ବୈଶ୍ୱିକ ଆୟୁର୍ବେଦ ପଞ୍ଜୀକରଣ ବ୍ୟବସ୍ଥା, ଅନ୍ତର୍ଜାତୀୟ ମାନଦଣ୍ଡ, ଗବେଷଣା, ଗୁଣମାନ, ଚିକିତ୍ସକ ପ୍ରଶିକ୍ଷଣ, ବିଦେଶୀ ବଜାର ଓ ଚିକିତ୍ସା ପର୍ଯ୍ୟଟନ ଭଳି ବିଷୟଗୁଡ଼ିକ ଏହି ରୋଡମ୍ୟାପର ପ୍ରମୁଖ ଅଂଶ। ଓଡ଼ିଶା ପରି ପ୍ରାକୃତିକ ସମ୍ପଦରେ ସମୃଦ୍ଧ ରାଜ୍ୟରେ ଆୟୁର୍ବେଦର ସମ୍ଭାବନା ଅଧିକ ବ୍ୟାପକ। ଆଦିବାସୀ ଓ ଗ୍ରାମୀଣ ସମାଜର ପାରମ୍ପରିକ ଔଷଧୀୟ ଜ୍ଞାନ, ଔଷଧୀୟ ଉଦ୍ଭିଦ, ଜଙ୍ଗଲୀ ଶାଗ, ମାଣ୍ଡିଆ, ହଳଦୀ, ନିମ, ତୁଳସୀ, ହରିଡ଼ା, ବାହାଡ଼ା ଓ ଅଁଳା ପରି ସମ୍ପଦକୁ ବୈଜ୍ଞାନିକ ଭାବେ ସଂରକ୍ଷଣ ଓ ଲିପିବଦ୍ଧ କରାଗଲେ ଏହା ବିଶ୍ୱ ପାଇଁ ଏକ ମୂଲ୍ୟବାନ ସ୍ୱାସ୍ଥ୍ୟ ଐତିହ୍ୟରେ ପରିଣତ ହୋଇପାରିବ।

ଆୟୁର୍ବେଦରେ ଖାଦ୍ୟକୁ ପ୍ରଥମ ଔଷଧ ବୋଲି ବିବେଚନା କରାଯାଏ। ରୋଷେଇ ଘର ହିଁ ପ୍ରଥମ ଔଷଧାଳୟ। ସ୍ଥାନୀୟ ଧାନ୍ୟ, ଜୈବିକ କୃଷି, ଋତୁ ଅନୁଯାୟୀ ଆହାର ଓ ପ୍ରାକୃତିକ ଖାଦ୍ୟ ଅଭ୍ୟାସ ଆଗାମୀ ଦିନରେ ସୁସ୍ଥ ସମାଜ ଗଠନର ମୂଳ ଆଧାର ହୋଇପାରିବ। ତେବେ ବିଶ୍ୱକୁ ଆୟୁର୍ବେଦର ବାର୍ତ୍ତା ପହଞ୍ଚାଇବାକୁ ହେଲେ ଗୁଣମାନ, ପ୍ରମାଣଭିତ୍ତିକ ଗବେଷଣା, ଔଷଧର ଶୁଦ୍ଧତା, ଚିକିତ୍ସକଙ୍କ ଦକ୍ଷତା, ରୋଗୀ ସୁରକ୍ଷା ଓ ସ୍ୱଚ୍ଛ ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ହେବ। ଜ୍ଞାନ ସହିତ ବିଶ୍ୱାସ ମଧ୍ୟ ଅର୍ଜନ କରିବାକୁ ପଡ଼ିବ। ଆୟୁର୍ବେଦର ମୂଳ ଗ୍ରନ୍ଥ ସଂସ୍କୃତରେ ରଚିତ। ତେଣୁ ସଂସ୍କୃତ ଜ୍ଞାନର ସଠିକ୍ ବ୍ୟାଖ୍ୟା ସହିତ ଓଡ଼ିଆ, ହିନ୍ଦୀ, ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ସରଳ ଭାବେ ଏହାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଆବଶ୍ୟକ। ସେହିପରି କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ୍ ସ୍ୱାସ୍ଥ୍ୟ ସେବା, ଦୂରବର୍ତ୍ତୀ ପରାମର୍ଶ, ବହୁଭାଷୀ ଶିକ୍ଷା, ଗବେଷଣା ଓ ପ୍ରଯୁକ୍ତିର ସୁଚିନ୍ତିତ ବ୍ୟବହାର ଆୟୁର୍ବେଦକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇପାରିବ।

ଆୟୁର୍ବେଦର ଶତାବ୍ଦୀ କେବଳ ଭାରତର ଗୌରବର ଶତାବ୍ଦୀ ନୁହେଁ; ଏହା ସମଗ୍ର ମାନବଜାତି ପାଇଁ ପ୍ରକୃତି ସହ ସମନ୍ୱୟପୂର୍ଣ୍ଣ, ସନ୍ତୁଳିତ ଓ ସୁସ୍ଥ ଜୀବନର ଶତାବ୍ଦୀ ହୋଇପାରେ। ଯେତେବେଳେ ଆୟୁର୍ବେଦ, ଯୋଗ, ଧ୍ୟାନ, ପ୍ରାକୃତିକ ଚିକିତ୍ସା, ଜୈବିକ କୃଷି, ଆଦିବାସୀ ଜ୍ଞାନ, ସଂସ୍କୃତର ପ୍ରାଚୀନ ପ୍ରଜ୍ଞା ଓ ଆଧୁନିକ ପ୍ରଯୁକ୍ତି ଏକ ସୂତ୍ରରେ ବାନ୍ଧି ହେବ, ସେତେବେଳେ ଭାରତ ବିଶ୍ୱକୁ କେବଳ ଚିକିତ୍ସା ନୁହେଁ, ବରଂ ଏକ ସୁସ୍ଥ, ସନ୍ତୁଳିତ ଓ ମାନବିକ ଜୀବନଦର୍ଶନ ଉପହାର ଦେଇପାରିବ। ସ୍ୱାସ୍ଥ୍ୟର ଭବିଷ୍ୟତ ପ୍ରକୃତି ସହିତ ସମନ୍ୱୟରେ ନିହିତ। ସେହି ସମନ୍ୱୟର ଅନ୍ୟନାମ ହେଉଛି ଆୟୁର୍ବେଦ। ●

ଗରଦପୁର(କେନ୍ଦ୍ରାପଡ଼ା),
ମୋ: ୯୬୬୮୩୯୯୭୧୧

## ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

### ଓଡ଼ିଶାର ବୌଦ୍ଧ ପରମ୍ପରା

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ଦ୍ୱିତୀୟ ଅନୁଶାସନଟି ପ୍ରଥମ କଳିଙ୍ଗ ଅନୁଶାସନର ପୂର୍ବାଂଶକୁ ଦୋହରାଇଥାଏ ଏବଂ 'ସମସ୍ତ ମଣିଷ ମୋର ସନ୍ତାନ' ବାକ୍ୟାଂଶଟି ମଧ୍ୟ ସେଥିରେ ଅନ୍ତର୍ଭୁକ୍ତ। ସମ୍ରାଟ ଅଶୋକ ତାଙ୍କର ଅଧିକାରୀମାନେ ତାଙ୍କର ସରଳ ତଥା ନ୍ୟାୟପୂର୍ଣ୍ଣ ପ୍ରଶାସନ ନୀତିକୁ ନିଶ୍ଚିତ ଭାବେ ଯେପରି କାର୍ଯ୍ୟକାରୀ କରିବେ ସେ ବିଷୟରେ ଏବଂ ଦୃଢ ରହିଥିଲେ। ଏଥିରେ ପ୍ରଥମ କଳିଙ୍ଗ ଅନୁଶାସନରେ ଉଲ୍ଲେଖ ଥିବା ଅଧିକାରୀଙ୍କ ବ୍ୟତୀତ ଅନ୍ୟ ଅଧିକାରୀମାନଙ୍କୁ ସମ୍ବୋଧିତ କରାଯାଇଛି। ଧଉଳି ସଂସ୍କରଣରେ ରାଜକୁମାର ତଥା ମହାମାତ୍ରମାନଙ୍କୁ କୁହାଯାଇଛି। ଏଥିରେ ରାଜକୁମାର ଯାହା ଦର୍ଶାଯାଇଛି ତାହା ନିଶ୍ଚିତ ଭାବେ ସମଗ୍ର କଳିଙ୍ଗ ଅଞ୍ଚଳରେ ରାଜ୍ୟପାଳଙ୍କୁ ବୁଝାଇବା ସହ ସମ୍ଭବତଃ ସେହି ପଦାଧିକାରୀ ନିଶ୍ଚିତଭାବେ ରାଜ ପରିବାରର ସଦସ୍ୟ ରହିଥିବେ। ସେହିଭଳି ଜଉଗଡ଼ ସଂସ୍କରଣରେ ମହାମାତ୍ରଙ୍କ ସହ ରାଜ ବାଚନିକଙ୍କୁ ପଦାଧିକାରୀ ଭାବେ ଦର୍ଶାଯାଇଛି। ଯେଉଁ ରାଜବାଚନିକ ପଦାଧିକାରୀ କୁହାଯାଇଛି ସେ ନିଶ୍ଚିତ ଭାବେ ସାଧାରଣ ସଂବାଦବହାକ ଅଥବା ନଗର ଘୋଷକଙ୍କ ଠାରୁ ଅଧିକ କ୍ଷମତା ଥିବା କେହି ଅଧିକାରୀ ହୋଇଥିବେ ଏବଂ ତାଙ୍କର ଦାୟିତ୍ୱ ମଧ୍ୟ ସେହିଭଳି ରାଜକୀୟ ଅଥବା ଶାସକୀୟ ଅଦେଶନାମାର ସର୍ବସାଧାରଣରେ ଘୋଷଣା କରାଇବା ରହିଥିବ।

ଏହି ଶିଳାଲେଖର ମୁଖ୍ୟ ବାର୍ତ୍ତାଟି ତ୍ରୟୋଦଶ ବୃହତ୍ ଶିଳାଲେଖରେ ମଧ୍ୟ ଅନ୍ତର୍ଭୁକ୍ତ। ମାତ୍ର କଳିଙ୍ଗରେ ତାହାର ପ୍ରକାଶନକୁ ଚାପି ଦିଆଯାଇଥିଲା। ଏହା ମୁଖ୍ୟତଃ ମୌର୍ଯ୍ୟ ସାମ୍ରାଜ୍ୟ ଏବଂ ସୀମାନ୍ତ ଅଞ୍ଚଳରେ ବସବାସ କରୁଥିବା ପରାଜିତ ହୋଇନଥିବା ଆଦିବାସୀ ଜନଜାତିଙ୍କ ସଂପର୍କକୁ ଦର୍ଶାଇଥାଏ। ଅଶୋକ ଚାହୁଁଥିଲେ ଏହି ଲୋକମାନେ ତାଙ୍କ ଉପରେ ଆସ୍ଥା ତଥା ଭରସା ସ୍ଥାପନ କରନ୍ତୁ ଏବଂ ତାଙ୍କ ଦୟା ଉପରେ ନିର୍ଭର କରନ୍ତୁ ଏବଂ ତାଙ୍କ ପ୍ରଜାମାନଙ୍କ ଭଳି ଏମାନେ ମଧ୍ୟ ଧର୍ମ ଅଥବା ନୀତି ଶିକ୍ଷା ଏବଂ ସଦାଚାରକୁ ଅନୁସରଣ କରନ୍ତୁ। ଅଶୋକ ସେମାନଙ୍କ ପାଇଁ କେବଳ ଖୁସି ଚାହାନ୍ତି ଓ ତାଙ୍କ ସହ ସଂପର୍କ ଓ ଭାବ ବିନିମୟରେ ସେମାନଙ୍କର କୌଣସି ଦୁଃଖ ସେ ଚାହାନ୍ତି ନାହିଁ। ଆଉ ସେମାନଙ୍କୁ କୌଣସି ଅପରାଧ କଲେ ଯେତେ ପର୍ଯ୍ୟନ୍ତ କ୍ଷମା କରାଯାଇ ପାରିବ। ସେ ସେପରି ତାଙ୍କ ପ୍ରତି ଦୟାଶୀଳ ଓ କ୍ଷମାଶୀଳ ହେବେ। ଆଉ ମଧ୍ୟ ଶାସନ ତରଫରୁ ସେମାନଙ୍କୁ ଏହି ବିଶ୍ୱାସ ଦେବାକୁ ପଡ଼ିବ ଯେପରିକି ରାଜା ସେମାନଙ୍କ ପାଇଁ ପିତାଙ୍କ ସ୍ଥାନରେ ଅଛନ୍ତି ଏବଂ ରାଜା ତାଙ୍କ ନିଜ ପାଇଁ ଯେତିକି ଭାବନ୍ତି। ସେମାନଙ୍କ ପାଇଁ ସେହିଭଳି ଭାବିଥାନ୍ତି।

ଏହି ଅନୁଶାସନଟିର ଶେଷରେ କର୍ମଚାରୀମାନେ ଯେପରି ଏହାର ନିର୍ଦ୍ଦେଶଗୁଡିକୁ କାର୍ଯ୍ୟକାରୀ କରିନ୍ତ ତାହାକୁ ସୁନିଶ୍ଚିତ କରିବା ନିମନ୍ତେ ଏହାକୁ ସ୍ୱତନ୍ତ୍ର ଭାବରେ ଖୋଦେଇ କରାଯାଇଥିବା କଥା କୁହାଯାଇଛି। ଏହି ରାଜାଜ୍ଞାକୁ ମଧ୍ୟ ସର୍ବାଧିକ ଚାରିମାସ ବ୍ୟବଧାନରେ ଏବଂ ବିଭିନ୍ନ ଉପଯୁକ୍ତ ସମୟରେ ସର୍ବସାଧାରଣଙ୍କ ସାମନାରେ ନିୟମିତ ଭାବେ ଘୋଷଣା କରିବାକୁ ହେବ। ଦ୍ୱିତୀୟ କଳିଙ୍ଗ ଶିଳାଲେଖ ସାମ୍ରାଜ୍ୟର ଅନ୍ୟ କୌଣସି ଅଂଶ ବା ଅଞ୍ଚଳ ବିଷୟରେ କିଛି ଉଲ୍ଲେଖ କରେ ନାହିଁ। ତେଣୁ ଏହା ସମ୍ଭବତଃ କେବଳ କଳିଙ୍ଗରେ ପ୍ରଚାର କରିବା ନିମନ୍ତେ ସ୍ୱତନ୍ତ୍ର ଭାବେ ଲେଖାଯାଇ ଥିଲା। ଏହି ଲେଖାଟି ତ୍ରୟୋଦଶ ଶିଳାଲେଖରେ (ଯାହାକୁ ବାଦ ଦିଆଯାଇଥିଲା) ଥିବା ସୀମାନ୍ତ ଅଞ୍ଚଳରେ ଅବଶିଷ୍ଟ ଲୋକଙ୍କ ପାଇଁ ଥିବା ନିର୍ଦ୍ଦେଶକୁ ବଦଳାଇବା ପାଇଁ ଉଦ୍ଦିଷ୍ଟ ଥିଲା। ଏହା ଜଙ୍ଗଲ ପାହାଡ଼ ଅଞ୍ଚଳରେ ରହୁଥିବା ଆଦିବାସୀ ଲୋକଙ୍କ ପ୍ରତି ଅଶୋକଙ୍କ ଚିନ୍ତାକୁ ପ୍ରତିଫଳିତ କରେ। ଏହି ଲୋକମାନେ ନିଃସନ୍ଦେହରେ ନିୟମିତ ବ୍ୟବଧାନରେ ଅଧିକ ସ୍ଥାୟୀ ଜନବସତି ଉପରେ ଆକ୍ରମଣ କରୁଥିଲେ। ଅଶୋକ ସ୍ପଷ୍ଟ ଭାବରେ ଏହି ଆଦିବାସୀ ଲୋକମାନଙ୍କୁ ଆର୍ଯ୍ୟ ସଂସ୍କୃତିର ପରିସର ମଧ୍ୟକୁ ଆଣିବା ପାଇଁ ଆନ୍ତରିକ ପ୍ରୟାସ କରୁଥିବା ଜଣାଯାଉଛି। ମାତ୍ର ସେହି ଲୋକମାନଙ୍କ ବିରୁଦ୍ଧରେ କୌଣସି ଶାସ୍ତିମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରିବା ନିମନ୍ତେ ଅଶୋକ ଇଚ୍ଛୁକ ନଥିଲେ। ତଥାପି ନିହାତି ଆବଶ୍ୟକ ହେଲେ ସେମାନଙ୍କ ବିରୋଧରେ ଶକ୍ତି ପ୍ରଦର୍ଶନ ନିମନ୍ତେ ତାଙ୍କର ଶାସକୀୟ କାର୍ଯ୍ୟଭାବେ ଦାୟିତ୍ୱ ଥିଲା ବୋଲି ସେ ମନେ କରୁଥିଲେ। ତ୍ରୟୋଦଶ ଶିଳାନୁଶାସନ ବଦଳରେ କଳିଙ୍ଗରେ ପ୍ରବର୍ତ୍ତିତ ଏହି ଅନୁଶାସନରେ ସେହି ଗୁପ୍ତ ଧମକ ସେତେ ପ୍ରବଳ ଭାବରେ ପ୍ରକାଶ ପାଇନାହିଁ। ଏହି ପରିବର୍ତ୍ତୀଟି ବାସ୍ତବରେ ବେଶ ସ୍ପଷ୍ଟ ଯେପରି ସେମାନେ ପଶ୍ଚାତାପ କରିବେ ମାତ୍ର ସେମାନଙ୍କୁ ହତ୍ୟା କରାଯିବ ନାହିଁ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ମିଳିଲା ଆଉ...

ବିବାଦର ସମାଧାନ ରାସ୍ତା ବାହାର କରିବେ ବୋଲି ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଅପରପକ୍ଷେ ଦୁଇରାଜ୍ୟ ମଧ୍ୟରେ କେଉଁ ଫର୍ମୁଲା ଆଧାରରେ ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରହିଛି, ତାହାକୁ କାହିଁକି ଗୋପନ ରଖାଯାଉଛି ବୋଲି ବିଶେଷଜ୍ଞ ମହଲ ପ୍ରଶ୍ନ କରିଛନ୍ତି। ରାଜ୍ୟ ବିଜେପି ସରକାର ରାଜ୍ୟବାସୀ, ବିରୋଧୀ ଦଳ, ଜଳ ବିଶେଷଜ୍ଞମାନଙ୍କୁ ଆଦୌ ବିଶ୍ୱାସକୁ ନେଉନାହାନ୍ତି। ଆପୋଷ ସମାଧାନକୁ ସଭିଙ୍କର ସମର୍ଥନ ରହିଛି। ମାତ୍ର ସମସ୍ତଙ୍କ ମତାମତ ଭିତ୍ତିରେ ଯଦି ରାଜ୍ୟ ସରକାର ସମାଧାନ କ୍ଷେତ୍ରରେ ଆଗକୁ ବଢ଼ନ୍ତେ, ତାହେଲେ ଏହା ରାଜ୍ୟ ସ୍ୱାର୍ଥ ଦିଗରେ ଯାଆନ୍ତା। ସରକାର କିନ୍ତୁ ସେପରି ନକରି, ସଭିଙ୍କୁ ଅନ୍ଧାରରେ ରଖିବାକୁ ଚେଷ୍ଟା କରୁଛନ୍ତି ବୋଲି ବିଶେଷଜ୍ଞ ମହଲ କ୍ଷୋଭ ପ୍ରକାଶ କରିଛନ୍ତି। ଛତିଶଗଡ଼ ସିଡବ୍ଲ୍ୟୁସିର କଥାକୁ ଯେ ପୂର୍ଣ୍ଣମାତ୍ରାରେ ଗ୍ରହଣ କରିନେବ ତାହାର ମାନେ ନାହିଁ। ଯଦି ରାଜ୍ୟ ବିଜେପି ସରକାର ସତରେ ବିବାଦର ସମାଧାନ ଦିଗରେ ଆଗ୍ରହୀ, ତାହେଲେ ଏନେଇ କେନ୍ଦ୍ର ସରକାରଙ୍କର ହସ୍ତକ୍ଷେପ ଲୋଡ଼ନ୍ତୁ।ଟକେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ଉପସ୍ଥିତିରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ବିବାଦର ସମାଧାନ ପାଇଁ ଆଲୋଚନା କରିବା ସ୍ୱାଗତଯୋଗ୍ୟ। ନିକଟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ମଧ୍ୟସ୍ଥତାରେ ହରିୟାଣା ଏବଂ ରାଜସ୍ଥାନ ମଧ୍ୟରେ ଦୀର୍ଘ ୩୨ ବର୍ଷ ଧରି ଚାଲିଆସିଥିବା ଜମୁନା ଜଳ ବିବାଦର ଐତିହାସିକ ସମାଧାନ ହେଲା। ତାହେଲେ ଓଡ଼ିଶା କ୍ଷେତ୍ରରେ ସମାନ ଆଭିମୁଖ୍ୟ କାହିଁକି ଗ୍ରହଣ କରାଯିବ ନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

## ନୀରବିଗଲେ ପ୍ରଣବ...

ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତରେ ତାଙ୍କ ଅବଦାନ ବିଶେଷ ଭାବେ ସ୍ମରଣୀୟ ବୋଲି ଓଡ଼ିଶା ସଙ୍ଗୀତ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। କଟକ ଖାନ୍ ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, "ନିଜର କାଳଜୟୀ କଣ୍ଠସ୍ୱରରେ ସମଗ୍ର ଓଡ଼ିଶାକୁ ବିମୋହିତ କରିଥିବା ମହାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ପରଲୋକ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ଜୟଦେବ ପୁରସ୍କାର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଏବଂ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଭଳି ଅନେକ ସମ୍ମାନରେ ଭୂଷିତ ଏହି ଅତୁଳନୀୟ ସଙ୍ଗୀତ ସାଧକଙ୍କ ଦେହାନ୍ତ ଓଡ଼ିଆ କଳା ଓ ସଂସ୍କୃତି ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଛି। ତାଙ୍କର ସୁମଧୁର ସ୍ୱରର ମୂର୍ଚ୍ଛନା ଓ କାଳଜୟୀ ସଙ୍ଗୀତ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଚିରକାଳ ଅମର ହୋଇ ରହିବ।" ଶୋକସନ୍ତପ୍ତ ପରିବାରବର୍ଗ ଓ ଅସଂଖ୍ୟ ପ୍ରଶଂସକଙ୍କୁ ଗଭୀର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ମୁଖ୍ୟମନ୍ତ୍ରୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

ସେହିପରି ପ୍ରଣବଙ୍କ ବିୟୋଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରି ଲେଖିଛନ୍ତି, "ଓଡ଼ିଆ ସଙ୍ଗୀତ ଜଗତର ଅଭୁଲା ସ୍ୱର, ବର୍ଷୀୟାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ସୁମଧୁର ଗାୟନ ଶୈଳୀ ଅନେକ ଓଡ଼ିଆ ସଙ୍ଗୀତକୁ ଲୋକଙ୍କ ହୃଦୟରେ କାଳଜୟୀ କରିଛି। ସଙ୍ଗୀତ ଜଗତକୁ ସମୃଦ୍ଧ କରିବାରେ ତାଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଇବା ସହ ଦିବଂଗତ ଅମର ଆତ୍ମାର ସଦଗତି କାମନା କରୁଛି'।

୧୯୩୮ ମସିହା ଜାନୁଆରୀ ମାସ ୨୦ ତାରିଖରେ ଜନ୍ମଗ୍ରହଣ କରିଥିଲେ। ପିଲାଟିଦିନରୁ ତାଙ୍କର ସଂଗୀତ ପ୍ରତି ରୁଚି ରହିଥିଲା। ପ୍ରଥମେ ସେ କଟକ ଆକାଶବାଣୀ କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ହେବାର ସୌଭାଗ୍ୟ ଲାଭ କରିଥିଲେ। ୧୯୫୮ ମସିହାରେ ମୁକ୍ତିଲାଭ କରିଥିବା ମା' ଚଳଚ୍ଚିତ୍ରରୁ ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଆଉ ପଛକୁ ଫେରି ନ ଥିଲେ। ଦର୍ଶକଙ୍କୁ ଭେଟି ଦେଥିଲେ ଗୋଟିକ ପରେ ଗୋଟିଏ ମନଛୁଆଁ ସଙ୍ଗୀତ। ତାଙ୍କର ସୁଦୀର୍ଘ କ୍ୟାରିୟର ଭିତରେ ପ୍ରଣବ ପଟ୍ଟନାୟକ ୫୦ରୁ ଅଧିକ ଚଳଚ୍ଚିତ୍ରରେ କଣ୍ଠଦାନ କରିଥିଲେ। ସେ ବାଳକୃଷ୍ଣ ଦାସ, ଉପେନ୍ଦ୍ର କୁମାର, ଅକ୍ଷୟ ମହାନ୍ତି, ଶାନ୍ତନୁ ମହାପାତ୍ର, ପ୍ରଫୁଲ୍ଲ କର, ଭୁବନେଶ୍ୱର ମିଶ୍ର, ବାସୁଦେବ ରଥ ଏବଂ ସ୍ୱରୂପ ନାୟକଙ୍କ ଭଳି ଲୋକପ୍ରିୟ ସଂଗୀତ ନିର୍ଦ୍ଦେଶକଙ୍କ ସ୍ୱର ସଂଯୋଜନାରେ କଣ୍ଠଦାନ କରିବାର ସୁଯୋଗ ପାଇଥିଲେ। ସେହିପରି ଏକାଧିକବାର ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ଭାବେ ରାଜ୍ୟ ଚଳଚିତ୍ର ପୁରସ୍କାର ଲାଭ କରିଥିଲେ। ଏହାବ୍ୟତୀତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ଚଳଚିତ୍ର ସମ୍ମାନ ଜୟଦେବ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଥିଲେ।

## ୨୫ ବେଳକୁ...

ପର୍ଯ୍ୟନ୍ତ ମିଳୁଥିବା ସମୟର ସୁଯୋଗ ନେଇ କିଆରୀର ଜଳ ନିଷ୍କାସନ ନାଳି ସଫା କରି ଜଳମଗ୍ନ ଧାନକିଆରୀରୁ ଅତିରିକ୍ତ ଜଳ ନିଷ୍କାସନ କରିବାର ଆବଶ୍ୟକ ରହିଛି। ଏଥିସହିତ ୨୪ ଅଗଷ୍ଟ ପର୍ଯ୍ୟନ୍ତ ହେବାକୁ ଥିବା ସାମୟିକ ବିଜୁଳି, ଘଡ଼ଘଡ଼ି ଓ ସ୍ଥାନୀୟ ବର୍ଷାରୁ ସାବଧାନ ରହିବାକୁ ମଧ୍ୟ ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି।

## ସାଂସଦଙ୍କ ପୁଅ...

ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହାଇଦରାବାଦ ପୁଲିସ ସୂଚନା ଅନୁଯାୟୀ, କାର୍‌କୁ ଜନସେନା ପାର୍ଟିର ରାଜ୍ୟସଭା ସାଂସଦ ଲିଙ୍ଗମାନେନି ରମେଶଙ୍କ ପୁତ୍ର ଲିଙ୍ଗମାନେନି ସନ୍ତୁଷ (୨୧) ଚଳାଉଥିଲେ। ପୁଲିସ ଘଟଣା ଦିନ ତାଙ୍କୁ ଗିରଫ କରି ଗାଡ଼ିକୁ ଜବତ କରିଥିଲା। ଭାରତୀଙ୍କ ମାଆ ଆନନ୍ଦିନୀ ମୁଖୀ କହିଛନ୍ତି, ମୁଁ ବହୁତ କଷ୍ଟରେ ଝିଅକୁ ବଢ଼ାଇଛି। ତାକୁ ପଢ଼ାଇଛି, ଡିପ୍ଲୋମା କୋର୍ସ କରାଇଛି। କୋଭିଡ୍ ଲକଡାଉନ ଯୋଗୁଁ ବିଟେକ ପଢ଼ିପାରିଲାନାହିଁ। ପରେ ହାଇଦରାବାଦରେ ଚାକିରି ମିଳିଲା। ୪/୫ ବର୍ଷ ଧରି ସେ ଚାକିରି କରୁଥିଲା ଓ ଘରକୁ ଟଙ୍କା ପଠାଉଥିଲା। ଆମେ ସମସ୍ତେ ତା' ଉପରେ ନିର୍ଭର କରୁଥିଲୁ। ଏବେ କରିବୁ କ'ଣ। ଭାଇ ରଜନୀକାନ୍ତ ମୁଖୀ କହିଛନ୍ତି, ଆମ ପରିବାରରେ ଦୁଇଭାଇ, ଗୋଟିଏ ଭଉଣୀ ଓ ବାପାମାଆ। ଭଉଣୀ ହିଁ ପରିବାରକୁ ଚଳାଉଥିଲା। ସବୁ ଖର୍ଚ୍ଚ ସେ ଦେଉଥିଲା। ଏହି ପରିବାରକୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ହାଇଦରାବାଦ ପୁଲିସ ଦୁର୍ଘଟଣା ମାମଲାର ଅନୁସନ୍ଧାନ ଜାରି ରଖିଥିବା ବେଳେ ସାଂସଦଙ୍କ ପକ୍ଷରୁ କ୍ଷତିପୂରଣ ମିଳିନଥିବା ଜଣାପଡିଛି।

## ସରକାରଙ୍କୁ ଖୋଲା...

ନ୍ୟାୟାଳୟର ୯ ଜଣିଆ ଖଣ୍ଡପୀଠ ଏହା ଉପରେ ବିଚାର କରି ଖଣି ଓ ଖଣିର ଜମି ଉପରେ ରାଜ୍ୟମାନଙ୍କର ଅଧିକାର ରହିଛି, ତେଣୁ ରାଜ୍ୟମାନେ ଖଣିଜ ପଦାର୍ଥ ଉପରେ ଲେଭି ଓ ଟ୍ୟାକ୍ସ ଲଗାଇ ପାରିବେ ବୋଲି ମତ ଦେଇଥିଲେ । ଏହାସହ ୧ ଏପ୍ରିଲ ୨୦୦୫ରୁ ଖଣି ମାଲିକମାନଙ୍କଠାରୁ ବକେୟା ଟ୍ୟାକ୍ସ ଆଦାୟ କରିପାରିବେ ବୋଲି ଉଚ୍ଚତମ ନ୍ୟାୟାଳୟ ରାୟ ଦେଇଥିଲେ। ସେହି ଅନୁସାରେ ଓଡ଼ିଶା ଦେଢ଼ ଲକ୍ଷ କୋଟି ଟଙ୍କା ବକେୟା ରାଜସ୍ୱ ପାଇବ ବୋଲି ଆକଳନ ହୋଇଥିଲା। ଏହାଛଡ଼ା ପ୍ରତିବର୍ଷ ଖଣି ରାଜସ୍ୱ ଅଧିକ ୧୨,୦୦୦ କୋଟି ଟଙ୍କା ଆଦାୟ ହୋଇପାରିବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ଏମଏମଡିଆର ସଂଶୋଧନ ବିଲ୍ ଜରିଆରେ ଓଡ଼ିଶାର ନ୍ୟାଯ୍ୟ ପ୍ରାପ୍ୟକୁ କେନ୍ଦ୍ର ସରକାର ହଡ଼ପ କରିଦେଲେ। ଓଡ଼ିଶାରୁ ନିର୍ବାଚିତ ବିଜେପିର ୨୦ ଲୋକସଭା ସାଂସଦ ଓ ୫ ରାଜ୍ୟସଭା ସାଂସଦ ରାଜ୍ୟ ବିରୋଧୀ ବିଲକୁ ସମର୍ଥନ କଲେ। । ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତାରେ ଏହି ବିଲ ଦ୍ୱାରା ଓଡିଶାର ପ୍ରଭୁତ କ୍ଷତି ହେବ ବୋଲି ଉଲ୍ଲେଖ କରିଛନ୍ତି। ମାତ୍ର ଏହା ବିଜେପି ପାଇଁ ହଜମ ହେଉନାହିଁ। କେବଳ ମିଥ୍ୟା ତଥ୍ୟ ଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟ ଖଣିମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି ବୋଲି ସେ କହିଛନ୍ତି ।

ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ସତ୍ୟପାଠ ଦାଖଲ କରିଥିଲେ। ଯେଉଁଥିରେ ଖଣିରୁ ଲେଭି ଓ ଟିକସ ଆଦାୟ ଓଡ଼ିଶା ସ୍ୱାର୍ଥ ଦୃଷ୍ଟିରୁ ନିତ୍ୟାନ୍ତ ଜରୁରୀ ଓ ବକେୟା ଖଣି ରାଜସ୍ୱ ନ ମିଳିଲେ ଓଡ଼ିଶାର ବ୍ୟାପକ କ୍ଷତି ହେବ ବୋଲି କହିଥିଲେ । ମାତ୍ର ଏବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜ୍ୟର କ୍ଷତିହେବ ନାହିଁ ବୋଲି କହୁଛନ୍ତି । ଯଦି ଏହି ମନ୍ତବ୍ୟ ଠିକ୍, ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲଙ୍କ ଦେଇଥିବା ସତ୍ୟପାଠ ମିଥ୍ୟା ବୋଲି ବୁଝିବାକୁ ହେବ। ତେଣୁ ଉଚ୍ଚତମ ନ୍ୟାୟାଳୟରେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ରଖିôଥିବା ସତ୍ୟପାଠ ଠିକ୍ ନା ଧର୍ମେନ୍ଦ୍ର ପ୍ରଧାନ ଓ ଖଣିମନ୍ତ୍ରୀ ବିଭୂତି ଜେନା ଦେଇଥିବା ବିବୃତି ଠିକ୍, ବିଜେପି ତାହା ସ୍ପଷ୍ଟ କରିବା ଆବଶ୍ୟକ। ୨୪ ବର୍ଷ ଶାସନରେ ନବୀନ ସରକାର ୭୮,୦୦୦ କୋଟି ଟଙ୍କା ଋଣ ହୋଇଥିଲା ବେଳେ ବିଜେପିର ଦୁଇ ବର୍ଷ ଶାସନରେ ୧,୩୮,୦୦୦ କୋଟି ଟଙ୍କା ଋଣ ନେଇଛନ୍ତି। ତେଣୁ କିଏ କାହାକୁ ଭ୍ରମିତ କରୁଛି ତାହା ଏଥିରୁ ସ୍ପଷ୍ଟ। ଆଗାମୀ ଦିନରେ ବିଜେଡି ଏହାର ଦୃଢ଼ ପ୍ରତିବାଦ କରିବ ବୋଲି ସେ କହିଛନ୍ତି ।

### ଶପଥପତ୍ର

ଆମ୍ଭେ ସନ୍ଦୀପ କୁମାର ଦାସ, ପିତା- ଶିଶିର କୁମାର ଦାସ ବୟସ ପ୍ରାୟ ୩୨ ବର୍ଷ, ଗ୍ରାମ/ସାହି - ନୂଆଗାଁ, ପୋ - ବାଲିସାହି, ନରସିଂହପୁର, ଜି-କଟକ, ଏହା ଜଣାଉ ଅଛୁ ଯେ ମୋ ଘର ନିକଟରେ, ଖାତା ନଂ. ୧୮୮/୧୦, ପ୍ଲଟ୍ ନଂ. ୪୨, ସମ୍ବନ୍ଧୀୟ ମୂଳ ଆରଓଆର୍ ହଜିଯାଇଛି / ମିଳୁନାହିଁ । ଏହି ସମ୍ବନ୍ଧରେ ୨୯.୦୭.୨୦୨୬ ତାରିଖରେ କୁତୁମ ଥାନାରେ ଅଭିଯୋଗ କରାଯାଇଅଛି । ଯଦି କେହି ଉକ୍ତ ଆରଓଆର୍/ପଟ୍ଟା ପାଇଥାଆନ୍ତି ଦୟାକରି ନିମ୍ନୋକ୍ତ ଫୋନ୍ ନମ୍ବରରେ ଯୋଗାଯୋଗ କରିବେ । ଆଡ୍‌ଭୋକେଟ ସୋମନାଥ ପଟ୍ଟନାୟକ - ୮୪୨୦୦୧୧୯୮୫

### AFFIDAVIT

By virtue of an affidavit sworn before The Executive Magistrate, Nabarangpur, I Sala Rohan Kumar, S/o- Sala Sankar Rao resident of Ichhabatiguda, Nabarangpur, Dist.- Nabarangpur, Odisha, Pin- 764059 vide no. 1120 dtd.20/08/2026 state that, I have changed my name from **S ROHAN KUMAR** to **SALA ROHAN KUMAR**. Henceforth I shall be known as **SALA ROHAN KUMAR** for all future purposes.

### AFFIDAVIT

By virtue of an affidavit sworn before The Executive Magistrate, Nabarangpur, I Sala Sankar Rao, S/o- Late Sala Basudeb Rao resident of Ichhabatiguda, Nabarangpur, Dist.- Nabarangpur, Odisha, Pin- 764059 vide no. 1121 dtd.20/08/2026 state that, I have changed my name from **S SANKAR RAO** to **SALA SANKAR RAO**. Henceforth I shall be known as **SALA SANKAR RAO** for all future purposes.

### AFFIDAVIT

By virtue of an affidavit sworn before The Executive Magistrate, Nabarangpur, I Sri Sala Sankar Rao, S/o- Late Sala Basudeb Rao resident of Ichhabatiguda, Nabarangpur, Dist.- Nabarangpur, Odisha, Pin- 764059 vide no. 1122 dtd.20/08/2026 state that, I have changed my minor son's name from **S SAI SWASTIK** to **SALA SAI SWASTIK**. Henceforth he shall be known as **SALA SAI SWASTIK** for all future purposes.

Sd/- Sala Sankar Rao

### AFFIDAVIT

I ROHIT PANDA S/O RAMESH CHANDRA PANDA, RESIDENT AT- PLOT NO- 115, BAPUJI NAGAR, PS- CAPITAL P.S., BHUBANESWAR- 751009, ODISHA DECLARE BY THIS AFFIDAVIT NO- 84, DT 18.08.2026. THAT NOW ON WARDS I SHALL BE KNOWN AS ROHIT PNDA FOR ALL FEATURES PURPOSES

### AFFIDAVIT

I, Priyadarshini Mishra, aged about 40years, W/o- Bipin Bihari Panda, resident of At- Canal Road, Gate Bazar, Po- Sakhigopal, Ps- Satyabadi, Dist- Puri, Pin- 752014, State- Odisha declared by this affidavit No.14, dtd-20/08/2026 that now onwards I shall be known as **PRIYADARSANI MISHRA** for all future purposes.

### AFFIDAVIT

By virtue of an affidavit sworn before executive magistrate, Bhubaneswar, CF.No- 80, dtd.22.7.26 , I Lopamudra Sahu D/o late Nursingh Charan Sahu, At. House no.273, P.o/p.s..saheed nagar, Bhubaneswar Dist. Khordha, Odisha,pin-751007 declare that,I have changed my minor daughter's name from OINAM PRAGATI (old name) to PRAGATI SAHU (new name). Henceforth she shall be known as **PRAGATI SAHU** for all purposes. Sd/Lopamudra Sahu.

---

34001/681/2627 ID: ee.randbjyp@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JAYAPUR (R&B) DIVISION, JAYAPUR**
**e-Procurement Notice**
**Bid Identification No. S.E (R&B)-15/2026-27/JYP(K)**

No. 4762 Date 14.08.26

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Building Work (Composite) as mentioned in DTCN.
2. No. of Works : 1 No.
3. Estimated Cost : Rs. 43.2 lakhs
4. Period of completion : 4 (Four) Month
5. Date & Time of Bidding : From 11.00 hours of 21.08.2026 Up-to 17.00 hours of 31.08.2026
6. Last date & time for receipt of bids in portal : 17.00 hours of 31.08.2026.
7. Bids received online shall be opened on : 11.00 hours of 01.09.2026.
8. Name and address of the officer inviting Bid : Superintending Engineer, Jayapur (R&B) Division, Jayapur

Further details can be seen from the www.tendersodisha.gov.in

Superintending Engineer
Jayapur (R&B) Division

OIPR-34001/34027/1/26-27/0016

---

### ADVERTISEMENT

**PANCHAYAT SAMITI COLLEGE, GAISILAT**
At/Po.- Gaisilat, Dist.- Baragada, Odisha - 768037
(Affiliated to Sambalpur University)
Email: prlgaisilat@gmail.com

No. 956 /PSC Dt. 21.08.2026

**ENGAGEMENT OF RETIRED READER/LECTURER AS GUEST FACULTY FOR THE SESSION 2026-27**

Applications are invited from **Retired Reader/ Lecturer** for temporary engagement as **Guest Faculty** for the Academic Session 2026-27 in the following subjects at Panchayat Samiti College, Gaisilat, Dist.- Baragada as per DHE Letter No.57198 Dt. 23.10.2025.

| Sl. No. | Name of the Post | Subject | No. of Posts |
|---|---|---|---|
| 1. | Guest Faculty | MATHEMATICS | 01 (One) |
| 2. | Guest Faculty | BOTANY | 01 (One) |
| 3. | Guest Faculty | GEOGRAPHY | 01 (One) |

ONLINE APPLICATION : Interested candidates are required to apply online through the HIMS portal at https://hims.odisha.gov.in/guest_faculty/home

APPLICATION PERIOD : From dt. 23.08.2026 to 30.08.2026

DOCUMENT VERIFICATION & SCRUTINY : 02.09.2026

★ Note : Candidates are advised to visit the HIMS portal regularly for detailed information, eligibility criteria and other updates.

Sd/-
PRINCIPAL
Panchayat Samiti College, Gaisilat

---

**IDBI BANK** କ୍ଷେତ୍ରୀୟ କାର୍ଯ୍ୟାଳୟ: ୧ମ ମହଲା, ଆଇଡିବିଆଇ ହାଉସ୍, ଜନପଥ, ୟୁନିଟ୍-୯, ଭୁବନେଶ୍ୱର-୭୫୧୦୨୨, CIN: L65190MH2004GOI148838

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ। ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସର ରୁଲ୍ ୬(୨), ରୁଲ୍ ୮(୬) ଏବଂ ରୁଲ୍ ୯(୧) ପ୍ରାବଧାନ ସହିତ

ଏତଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତା, ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତା (ଆଇଡିବିଆଇ ବ୍ୟାଙ୍କ ଲିଃ.)ଙ୍କ ନିକଟରେ ନିମ୍ନଦର୍ଶିତ ସ୍ଥାବର ସମ୍ପତ୍ତିଗୁଡିକ ବନ୍ଧକ ରହିଛି। ନିମ୍ନରେ ଦର୍ଶିତ ପ୍ରତ୍ୟେକ ଋଣଗ୍ରହୀତାମାନଙ୍କ ଠାରୁ ବକେୟା ଋଣରାଶି ଆଦାୟ କରିବାପାଇଁ ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀମାନେ ଡିମାଣ୍ଡ ନୋଟିସ ଜାରି କରିଥିଲେ। ପୁନଶ୍ଚ ସରଫେଶୀ ଆକ୍ଟ, ୨୦୦୨ ଅନୁସାରେ କ୍ଷମତା ପ୍ରୟୋଗ କରି ସଂପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଦର୍ଶିତ ସୁରକ୍ଷିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଡିମାଣ୍ଡ ନୋଟିସ ଅନୁଯାୟୀ ଆଇଡିବିଆଇ ବ୍ୟାଙ୍କ ଲିଃ. ବକେୟା ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ବ୍ୟାଙ୍କ ଦେୟ ବିଯୁକ୍ତ ଆଦାୟ ହୋଇଥିବା ରାଶି ଯଦି ଥାଏ ତାହା ଆଦାୟ କରିବାପାଇଁ ସୁରକ୍ଷିତ ସମ୍ପତ୍ତିକୁ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ଯାଉଛନ୍ତି। ସର୍ବସାଧାରଣ ବ୍ୟକ୍ତିଗତ ଭାବେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ପ୍ରସ୍ତାବ ଦାଖଲ ପାଇଁ ଆମନ୍ତ୍ରଣ କରାଯାଉଛି।ଋଣଗ୍ରହୀତା(ମାନ)/ବନ୍ଧକଦାତା(ମାନ)/ ଗ୍ୟାରେଣ୍ଟିଦାତା(ମାନ)/ ସୁରକ୍ଷିତ ସମ୍ପତ୍ତି/ଦେୟ/ସଂରକ୍ଷିତ ମୂଲ୍ୟ / ଇ-ନିଲାମ ତାରିଖ ଏବଂ ସମୟ, ଅମାନତ ଜମା ରାଶି ଏବଂ ବିଡ୍ ବୃଦ୍ଧି ପରିମାଣର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ସୁରକ୍ଷିତ ସମ୍ପତ୍ତିଗୁଡିକର ପ୍ରସ୍ତାବିତ ବିକ୍ରୟ ନିମ୍ନମତେ:**

| କ୍ର. ନଂ. | ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | କ) ଡ଼ିମାଣ୍ଡ ନୋଟିସ୍ ତାରିଖ, ଖ) ଦଖଲ ତାରିଖ, ଗ) ଦାବିକରାଯାଇଥିବା ରାଶି | ସ୍ଥାବର ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍‌ବୃଦ୍ଧି ରାଶି |
|---|---|---|---|---|
| ୧. | ଋଣଗ୍ରହୀତା/ସହ-ଋଣଗ୍ରହୀତା: ଶ୍ରୀ ଜନ୍ମେଜୟ ମହାକୁଡ ଏବଂ ଶ୍ରୀମତୀ ରେଖା ମହାକୁଳ, ଉଭୟଙ୍କ ଠିକଣା-୧: ସା/ପୋ: ଇଞ୍ଚୁଡି, ଭାୟା: ରସାଳପୁର, ସା: ଦେଓ୍ୱାନପାଟଣା, ସୁରେନ୍ଦ୍ର ନିବାସ, ମୌଜା: ସୁନହାଟ, ଥାନା: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୨୧, ଠିକଣା-୨: ପ୍ଲଟ୍ ନଂ.: ୫୩/୨୫୪୨/୫୩୭୧, ଖାତା ନଂ.: ୫୮୪/୧୭୯୬, ସା: ଦେଓ୍ୱାନପାଟଣା, ସୁରେନ୍ଦ୍ର ନିବାସ, ମୌଜା: ସୁନହାଟ, ଥାନା: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୨ | କ) ୧୦.୦୧.୨୦୨୪ ଖ) ୨୮.୦୩.୨୦୨୪ ଗ) ତା. ୧୦.୦୯.୨୦୨୩ ସୁଦ୍ଧା ଟ.୩୫,୯୯,୩୭୮/- ଏବଂ ସେବାବଦ ସୁଧ | ସମ୍ପତ୍ତିର ମାଲିକ ଏବଂ ବନ୍ଧକଦାତା: ରେଖା ମହାକୁଳଙ୍କ ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୩/୨୫୪୨/୫୩୭୧, ଖାତା ନଂ.: ୫୮୪/୧୭୯୬, ପରିମିତ କ୍ଷେତ୍ର: ୨୦୦୩.୭୬ ବର୍ଗଫୁଟ, ସା: ଦେଓ୍ୱାନପାଟଣା, ମୌଜା: ସୁନହାଟ, ଥାନା: ବାଲେଶ୍ୱର, ତହସିଲ: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟର ଅବଶିଷ୍ଟ ଅଂଶ, ପଶ୍ଚିମ: ପ୍ଲଟ ନଂ.: ୪୫, ଉତ୍ତର: ପ୍ଲଟ ନଂ.: ୪୮, ଦକ୍ଷିଣ: ରାସ୍ତା ସହିତ ସେଠାରେ ଥିବା ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ଏବଂ ଏକକ ଷ୍ଟ୍ରକ୍‌ଚର / ସାଙ୍କେତିକ | ଟ.୪୫,୦୦,୦୦୦/- / ଟ.୪,୫୦,୦୦୦/- / ଟ.୧୦,୦୦୦/- |
| | ଇ-ନିଲାମର ତାରିଖ ଏବଂ ସମୟ: ତା. ୨୪.୦୯.୨୦୨୬ରିଖ, ପୂର୍ବାହ୍ନ ୧୧.୦୦ଘଟିକା ରୁ ମଧ୍ୟାହ୍ନ ୧୨.୦୦ଘଟିକା ପର୍ଯ୍ୟନ୍ତ | | | |
| | ଅମାନତ ରାଶି ଜମାର ଅନ୍ତିମ ତାରିଖ : ୨୩.୦୯.୨୦୨୬ | | | |
| | ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ପୂର୍ବରୁ ସୂଚନା ଦେଇ ତା.୨୨.୦୯.୨୦୨୬ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ | | | |
| | ନୋଡାଲ ଅଫିସରଙ୍କ ନାମ ଏବଂ ଯୋଗାଯୋଗ ନଂ.: ଶ୍ରୀ ମନୋଜିତ ଦେ, ସହାୟକ ମହାପ୍ରବନ୍ଧକ (ମୋ: ୯୦୮୮୦୧୮୭୩୩), ଶ୍ରୀମତୀ ସୁଚିସ୍ମିତା ଦତ୍ତ, ପ୍ରବନ୍ଧକ (ମୋ: ୯୮୩୦୫୦୮୯୬୧), ଶ୍ରୀ ଦିବ୍ୟଜ୍ୟୋତି ପଣ୍ଡା, ସହାୟକ ପ୍ରବନ୍ଧକ (ମୋ: ୮୨୪୯୭୯୬୨୨୪) | | | |
| | RTGS/NEFT ମାଧ୍ୟମରେ ଅମାନତ ରାଶି ଜମା କରିବା ଅକାଉଣ୍ଟର ବିବରଣୀ ଏବଂ A/c No.: 32834915010026, IFSC Code:IBKL0000328 | | | |
| ୨. | ଋଣଗ୍ରହୀତା: ଏ ହମଦ ଫିସ୍, ସ୍ୱତ୍ୱାଧିକାରୀ: ରୋଜିଦା ଖାତୁନ (ବନ୍ଧକଦାତା) / ଗ୍ୟାରେଣ୍ଟିଦାତା: ଜୁଲଫିକର ଅଲ୍ଲୀ ସାକିବ, ଉଭୟଙ୍କ ଠିକଣା-୧: କାଜି ସାହି, ନଙ୍ଗା ମହଲ୍ଲା, ମସଜିଦ୍ ନିକଟ, ଭଦ୍ରକ ଟାଉନ୍, ଭଦ୍ରକ, ଓଡିଶା, ପିନ୍-୭୫୬୧୦୦, ଠିକଣା-୨: ଖାତା ନଂ.: ୩୨୪, ପ୍ଲଟ୍ ନଂ.: ୧୦୬୦, କ୍ୱାଜି ସାହି, ବାଲିଓରଡା, ପୁରୁଣାବଜାର, ନଙ୍ଗା ମହଲ୍ଲା, ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୦୦ | କ) ୩୧.୧୨.୨୦୨୪ ଖ) ୦୪.୦୪.୨୦୨୫ ଗ) ତା. ୦୨.୧୧.୨୦୨୪ ସୁଦ୍ଧା ଟ.୧୨,୩୬,୨୪୨.୨୭ ଏବଂ ସେବାବଦ ସୁଧ | ସମ୍ପତ୍ତିର ମାଲିକ ଏବଂ ବନ୍ଧକଦାତା: ରୋଜିଦା ଖାତୁନଙ୍କ ବାସୋପଯୋଗୀ ଖାଲି ଜମି ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର ୦.୮୦ ଡିସିମିଲି, ପ୍ଲଟ୍ ନଂ.: ୧୦୬୨, ଖାତା ନଂ.: ୩୩୬/୩୬୭, ପ୍ଲଟ୍ ନଂ.: ୧୦୪୯ ଏବଂ ୧୦୬୩, ଖାତା ନଂ.: ୫୩୭/୧୬୫, ମୌଜା: ବାଲିଓରଡା, ଥାନା: ଭଦ୍ରକ ପୁରୁଣା ବଜାର, ଭଦ୍ରକ-୭୫୬୦୦୧, ରାଜ୍ୟ: ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୦୬୧, ଉତ୍ତର: ପ୍ଲଟ୍ ନଂ.: ୧୦୪୯, ୧୦୬୨, ଦକ୍ଷିଣ: ୧୦୬୩, ୧୦୬୪ ସହିତ ସେଠାରେ ଥିବା ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ଏବଂ ଏକକ ଷ୍ଟ୍ରକ୍‌ଚର / ଭୌତିକ | ଟ.୧୪,୦୦,୦୦୦/- / ଟ.୧,୪୦,୦୦୦/- / ଟ.୧୦,୦୦୦/- |
| | ଇ-ନିଲାମର ତାରିଖ ଏବଂ ସମୟ: ତା. ୦୮.୦୯.୨୦୨୬ରିଖ, ପୂର୍ବାହ୍ନ ୧୧.୦୦ଘଟିକା ରୁ ମଧ୍ୟାହ୍ନ ୧୨.୦୦ଘଟିକା ପର୍ଯ୍ୟନ୍ତ | | | |
| | ଅମାନତ ରାଶି ଜମାର ଅନ୍ତିମ ତାରିଖ : ୦୭.୦୯.୨୦୨୬ | | | |
| | ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ପୂର୍ବରୁ ସୂଚନା ଦେଇ ତା.୦୫.୦୯.୨୦୨୬ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ | | | |
| | ନୋଡାଲ ଅଫିସରଙ୍କ ନାମ ଏବଂ ଯୋଗାଯୋଗ ନଂ.: ଶ୍ରୀ ଲଳିତ କୁମାର ପାତ୍ର, ସହାୟକ ମହାପ୍ରବନ୍ଧକ (ମୋ: ୮୭୬୩୪୦୦୧୪୦), ଶ୍ରୀମତୀ ସୁଚିସ୍ମିତା ଦତ୍ତ, ପ୍ରବନ୍ଧକ (ମୋ: ୯୮୩୦୫୦୮୯୬୧), ଶ୍ରୀମତୀ ଶକୁନ୍ତଳା ଘୋଷ, ପ୍ରବନ୍ଧକ (ମୋ: ୯୮୩୦୦୨୨୦୫୫) | | | |
| | RTGS/NEFT ମାଧ୍ୟମରେ ଅମାନତ ରାଶି ଜମା କରିବା ଅକାଉଣ୍ଟର ବିବରଣୀ ଏବଂ A/c No.: 40234915010026, IFSC Code:IBKL0000402 | | | |

**ଇ-ନିଲାମ ବିକ୍ରୟର ସଂକ୍ଷିପ୍ତ ନିୟମ ଏବଂ ସର୍ତ୍ତାବଳୀ :** ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ରେ ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ ଅନୁଷ୍ଠିତ ହେବ । ୧. ଆଇଡିବିଆଇ ବ୍ୟାଙ୍କ ଲିଃ ଅର୍ଥାତ ସୁରକ୍ଷିତ ଋଣଦାତାଙ୍କ ଅର୍ଥାତ୍ **IDBI Bank Ltd.** ପକ୍ଷରୁ "ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି, ସେଠାରେ ଯାହାଅଛି ଏବଂ ବିନା ଆଇନଗତ ସହାୟତା" ଭିତ୍ତିରେ ସୁରକ୍ଷିତ ସମ୍ପତ୍ତି ବିକ୍ରୟ କରାଯିବ। ୨) "ବିଡ୍ କାଗଜପତ୍ର" ଏବଂ ଏହି ବିଜ୍ଞାପନରେ ଦିଆଯାଇଥିବା ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ ଅନୁଷ୍ଠିତ ହେବ। ବିଡ୍ କାଗଜପତ୍ର ଆମର ଯେ କୌଣସି କାର୍ଯ୍ୟାଳୟରୁ କିମ୍ବା ୱେବସାଇଟ୍: **www.idbibank.in** ରୁ ଡାଉନ୍‌ଲୋଡ୍ କରିପାରିବେ ଏବଂ **https://baanknet.com** ଏବଂ **https://psballiance.com** ରେ ଉପଲବ୍ଧ ହେବ। ୩) ବିକ୍ରୟ ଇ-ନିଲାମ ପ୍ଲାଟଫର୍ମ **https:// baanknet.com** ରେ ଇ-ନିଲାମ ସେବାପ୍ରଦାନକାରୀ: **PSB Alliance Private Limited (BAANKNET Platform)** ମାଧ୍ୟମରେ ଅନୁଷ୍ଠିତ ହେବ। ଯୋଗାଯୋଗ ମିସ୍ ସ୍ୱନୀ, ମୋ: +୯୧-୯୯୯୦୬୦୫୦୭୫, ଶ୍ରୀ ଧର୍ମେଶ ଅସର, ମୋ: +୯୧-୯୮୯୨୨୧୯୮୪୮ । ୪) କ୍ଷମତାପ୍ରାପ୍ତ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ବିଡ୍‌କୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି, ଯଦି ବିଡ୍ ଗ୍ରହଣ ଯୋଗ୍ୟ ନ ହେଲା ତେବେ କୌଣସି କାରଣ ନ ଦର୍ଶାଇ ଯେ କୌଣସି ସମୟରେ ନିଲାମକୁ ସ୍ଥଗିତ / ବାତିଲ କରିପାରନ୍ତି ଏବଂ ଏବିଷୟରେ ତାଙ୍କର ନିଷ୍ପତ୍ତି ଚୂଡାନ୍ତ ଅଟେ। ୫) ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ସମୟରେ ବିକ୍ରୟ ମୂଲ୍ୟର ୨୫% (ଅମାନତରାଶି ଅନ୍ତର୍ଭୁକ୍ତ କରି) ଅର୍ଥାତ ୨୪ ଘଣ୍ଟା ମଧ୍ୟରେ ଦାଖଲ କରିବାକୁ ପଡିବ କିନ୍ତୁ ତାର ପରବର୍ତ୍ତି କାର୍ଯ୍ୟ ଦିବସରେ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ରାଶି ବିକ୍ରୟ ଚୂଡାନ୍ତ ହେବାର ୧୫ଦିନ ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହମତି କ୍ରମେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ରାଶି ଦାଖଲ କରିବାରେ ବିଫଳ ହେଲେ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯିବ। ୬) ନିଲାମ ରାଶି ୨୫% ସଙ୍ଗେ ସଙ୍ଗେ ଦାଖଲ କରିବାରେ କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୭୫% ନିଲାମରାଶି ଦାଖଲ କରିବାରେ ବିଫଳ ହୋଇଥିଲେ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯାଇ ସୁରକ୍ଷିତ ସମ୍ପତ୍ତିକୁ ପୁନଃ ବିକ୍ରୟ କରାଯିବ। ୭) କ୍ରେତା ସମସ୍ତ ଆଇନଗତ ଦେୟ / ଆଟେଣ୍ଡାଣ୍ଟ ଦେୟ / ରେଜିଷ୍ଟ୍ରେସନ ଦେୟ, ଷ୍ଟାମ୍ପ ଡ୍ୟୁଟି, ଅତିରିକ୍ତ ଟିକସ ଇତ୍ୟାଦି ବହନ କରିବେ। ୮) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀଙ୍କୁ ବିକ୍ରୟ ଚୂଡାନ୍ତ ଚିଠି ଜାରି ପୂର୍ବରୁ ଯଦି ଋଣଗ୍ରହୀତା ବ୍ୟାଙ୍କକୁ ଚୁକ୍ତି ହାରରେ ବକେୟା ରାଶି ସହିତ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରନ୍ତି ତେବେ ବିକ୍ରୟ ଚୂଡାନ୍ତ ହେବ ନାହିଁ। ଏପରି କ୍ଷେତ୍ରରେ ବ୍ୟାଙ୍କ ବିନା ସୁଧରେ ସମସ୍ତ ଅର୍ଥ ସଫଳ ନିଲାମଧାରୀଙ୍କୁ ଫେରସ୍ତ କରିଦେବ। ସବିଶେଷ ବିବରଣୀ ଏବଂ ସମ୍ପୂର୍ଣ୍ଣ ନିୟମ ଏବଂ ସର୍ତ୍ତାବଳୀ ପାଇଁ ବ୍ୟାଙ୍କର ୱେବସାଇଟ୍ **www.idbibank.in** ଦେଖନ୍ତୁ ଏବଂ / କିମ୍ବା ଉପର ଦର୍ଶିତ ଶାଖା ଅଧିକାରୀ(ମାନ)ଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ଥାନ: ଭୁବନେଶ୍ୱର
ତାରିଖ : ୨୧.୦୮.୨୦୨୬

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍

---

ରେଜିଷ୍ଟ୍ରି ସଂ. ଡି.ଏଲ. ୩୩୦୦୪/୯୯ Regd. No. D.L. 33004/99

**भारत का राजपत्र**
**The Gazette of India**

24001/418/2627

ସି.ଜି.-ଡି.ଏଲ.-ଅ.-2406206-273777
CG-DL-E-24062026-273777
ଅସାଧାରଣ
(EXTRAORDINARY)
ଭାଗ ୨ - ଖଣ୍ଡ ୩ - ଉପ-ଖଣ୍ଡ (ii)
PART II-Section 3-Sub-section (ii)
ପ୍ରାଧିକାରୀଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

**ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ**
**ବିଜ୍ଞପ୍ତି**
**ନୂଆ ଦିଲ୍ଲୀ, 04.11.2025**

S.O.5004(E) - ଯେହେତୁ, ଭାରତ ସରକାରଙ୍କ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ବିଜ୍ଞପ୍ତି, ସଂଖ୍ୟା S.O. 5004(E), ତାରିଖ 4 ନଭେମ୍ବର, 2025, ଭାରତୀୟ ଗେଜେଟ୍, ଅସାଧାରଣ, ଭାଗ II, ଧାରା 3, ଉପ-ଧାରା (ii) ରେ ପ୍ରକାଶିତ, ଜାତୀୟ ରାଜପଥ ଆଇନ, 1956 (1956 ର 48) ର ଧାରା 3A ର ଉପ-ଧାରା (1) ଅନ୍ତର୍ଗତ ପ୍ରକାଶିତ, କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟର କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ଉପଖଣ୍ଡ ଅନ୍ତର୍ଗତ କାସିବାହଲ ଏବଂ ସରଧାପୁର ଗ୍ରାମଠାରେ NH-130C ର କିଲୋମିଟର 201.6 ରୁ କିଲୋମିଟର 208.3 ପର୍ଯ୍ୟନ୍ତ ଏକ ଟୋଲ୍ ପ୍ଲାଜା ନିର୍ମାଣ, ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ପରିଚାଳନା ପାଇଁ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଗ୍ରହଣ କରିବାକୁ ତାଙ୍କର ଉଦ୍ଦେଶ୍ୟ ଘୋଷଣା କରିଥିଲେ;

ଏବଂ ଯେହେତୁ ଉକ୍ତ ବିଜ୍ଞପ୍ତିର ସାରାଂଶ ଉକ୍ତ ଆଇନର ଧାରା 3A ର ଉପ-ଧାରା (3) ଅନୁଯାୟୀ ଇଂରାଜୀ ଖବର କାଗଜ "ଦି ଟାଇମସ୍ ଅଫ୍ ଇଣ୍ଡିଆ" ତା22.01.2026 ରିଖ ଏବଂ ଓଡ଼ିଆ ଖବର କାଗଜ "ସକାଳ" ତା21.01.2026 ରିଖରେ ପ୍ରକାଶିତ ହୋଇଥିଲା:

ଯେହେତୁ ଦକ୍ଷ କର୍ତ୍ତୃପକ୍ଷ ଧାରା 3-C ଅନୁଯାୟୀ ଦାଖଲ ହୋଇଥିବା ଆପତ୍ତି ଗ୍ରହଣ କରିଛନ୍ତି, ଯାହା ବିଚାର କରାଯାଇ ଉପଯୁକ୍ତ ଭାବରେ ସମାଧାନ କରାଯାଇଛି;

ଏବଂ ଯେହେତୁ, ଉକ୍ତ ଆଇନର ଧାରା 3D ର ଉପ-ଧାରା (1) ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି;

ତେଣୁ, ବର୍ତ୍ତମାନ, କେନ୍ଦ୍ର ସରକାର, ଦକ୍ଷ ଅଧିକାରୀଙ୍କ ଉପରୋକ୍ତ ରିପୋର୍ଟ ପ୍ରାପ୍ତ କରି ଏବଂ ଉକ୍ତ ଆଇନର ଧାରା 3D ର ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, ଏହାଦ୍ୱାରା ଘୋଷଣା କରୁଛନ୍ତି ଯେ ଉକ୍ତ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଗ୍ରହଣ କରାଯିବା ଉଚିତ;

ଏବଂ ବର୍ତ୍ତମାନ, ଉକ୍ତ ଆଇନର ଧାରା 3D ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହାଦ୍ୱାରା ଘୋଷଣା କରୁଛନ୍ତି ଯେ ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ପରେ, ଉକ୍ତ ସୂଚୀରେ ନିର୍ଦ୍ଦିଷ୍ଟ ଜମିଗୁଡ଼ିକ ସମସ୍ତ ଭାରରୁ ମୁକ୍ତ ଭାବରେ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ।

**ଭୂମିସୂଚୀ**

ରାଜ୍ୟ: ଓଡ଼ିଶା ଜିଲ୍ଲା: କଳାହାଣ୍ଡି

| କ୍ର.ନଂ. | ସର୍ଭେ/ପ୍ଲଟ ନଂ | ଜମିର ବିବରଣୀ | କିସମ | ରକବା (ହେକ୍ଟରରେ) | ଜମି ମାଲିକାନି / ଆଗ୍ରହୀ ବ୍ୟକ୍ତି |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ତହସିଲ: ଧର୍ମଗଡ଼ | | | | | |
| ଗ୍ରାମ: କାଶିବାହାଳ | | | | | |
| ୧ | 1818/3845 | ବେସରକାରୀ | ବେର୍ଣ୍ଣା ଅଣଜଳସେଚିତ | 0.0161878 | ସୌଦା ଜାଲ ପିତା - କୁଷଣ ଜାଲ |
| ୨ | 1818/4610 | ବେସରକାରୀ | ବେର୍ଣ୍ଣା ଅଣଜଳସେଚିତ | 0.0303521 | ବେଶ୍ରା ପରା ପୁଲେଇ, ପିତା- ସିନ୍ଧୁ ବେଶ୍ରା |
| ଗ୍ରାମ: ଶରଧାପୁର | | | | | |
| ୩ | 925 | ବେସରକାରୀ | ଘରବାରୀ | 0.0809389 | ଅଭିମନ୍ୟୁ ବିହାରି, ସତ୍ୟନାରାୟଣ ବିହାରି, ରବିନ୍ଦ୍ର ବିହାରି ପିତା- କୁରୁକ୍ଷେତ୍ର ବିହାରି ଅନୁପ ବିହାରି, ସ୍ୱାମୀ- କୁରୁକ୍ଷେତ୍ର ବିହାରି |
| | | | ମୋଟ | 0.1274788 | |

ଓଡିଶା ରାଜ୍ୟ କଳାହାଣ୍ଡି ଜିଲ୍ଲା, ଧର୍ମଗଡ ଉପଖଣ୍ଡ ଅନ୍ତର୍ଗତ ସରଧାପୁର ଏବଂ କାସିବାହଲ ଗ୍ରାମଠାରେ ଏନଏଚ ୧୩୦ସି ର କିମି ୨୦୧.୬ ରୁ କିମି ୨୦୮.୩ ପାଇଁ ଗଠନ ସହିତ କିମ୍ବା ବିନା ଭୂମି ଅଧିଗ୍ରହଣର ବିବରଣୀ।

ଜିଲ୍ଲା: କଳାହାଣ୍ଡି ଫାଇଲ ନଂ.- F. No. RO/BBSR/11017/LA/97/2016/3D
https://egazette.gov.in ଶେଖ୍ ଅମିନ ଖାନ, ନିର୍ଦ୍ଦେଶକ
ପ୍ରକାଶନ ତାରିଖ: 10/07/2026
https://egazette.gov.in
https://bhoomirashi.gov.in
ଟିପ୍ପଣୀ: ଏହି ବିଜ୍ଞପ୍ତିର ଭୌତିକ କପି CALA/PIU/PMU/RO/ED କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ ଏବଂ ଜମି ମାଲିକମାନେ ସେଠାରେ ମଧ୍ୟ ବିଜ୍ଞପ୍ତି ଦେଖିପାରିବେ

**MINISTRY OF ROAD TRANSPORT AND HIGHWAYS**
**Notification**
**New Delhi, 04.11.2025.**

S.O. 5004 (E). -Whereas by the notification of the Government of India in the Ministry of Road Transport and Highway, S.O. 5004(E) Dated:4 November 2025 published in Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening/four-laning, etc.), maintenance, management and operation of NH130C in the stretch of land from Km. 201.6 to Km. 208.3 in the village(s) namely- Kasibahal, Saradhapur Taluk- Dharamgarh in the district of KALAHANDI in the state of ODISHA.

And whereas the substance of the said notification has been published in "The Times of India" dtd 22.01.2026 & "SAKALA" dtd 21.01.2026 under sub-section (3) of section 3A of the said Act;

And whereas the Competent Authority has received objections filed under Section 3-C, considered and settled the same appropriately And whereas, in pursuance of sub-section (1) of section 3D of the said Act, the Competent Authority has submitted its report to the Central Government;

Now, therefore, upon receipt of the said report of the Competent Authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

**LAND SCHEDULE**

State: ODISHA District: KALAHANDI

| Sl. No. | Survey/Plot Number | Type of Land | Nature of Land | Area (in Hectares) | Name of Land Owner/Interested Person |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Taluk: Dharamgarh | | | | | |
| Village: Kasibahal | | | | | |
| 1 | 1818/3845 | Private | Berna Anajalasechita | 0.0161878 | Souda Jal S/o.: Kushan Jal 1818/3845 |
| 2 | 1818/4610 | Private | Berna Anajalasechita | 0.0303521 | Beshra Para Pulai S/o.: Sindhu Beshra 1818/4610 |
| Village: Saradhapur | | | | | |
| 3 | 925 | Private | Gharabari | 0.0809389 | Abhimanyu Bihari, Satya Narayan Bihari, Rabindra Bihari,S/o.: Kurukshetra Bihari, Anup Bihari, W/o.: Kurukshetra Bihari, 925 |
| | | | Total | 0.1274788 | |

Brief Description of the land to be acquired with or without structures falling NH130C in the stretch of land from Km. 201.6 to Km. 208.3 in the village(s) namely- Kasibahal, Saradhapur Taluk-Dharamgarh in the district of KALAHANDI in the state of ODISHA

District: KALAHANDI File Number: F. No. RO/BBSR/11017/LA/97/2016/3D
https://egazette.gov.in Shaikh Amin khan, Director
Publication Date: 10/07/2026
https://egazette.gov.in
https://bhoomirashi.gov.in
Note: The physical copy of this notification is also available at the office of CALA/PIU/PMU/RO/ED and Landowners may also see the notification there.

OIPR-24001/24455/3/26-27/0001

---

34001/645/2627 E-Mail I.D.-eepwdcuttack@gmail.com
Tel./ Fax No.(0671)-2304128

**OFFICE OF THE SUPERINTENDING ENGINEER**
**KATAKA (R&B) DIVISION NO.I: KATAKA**
**GOVERNMENT OF ODISHA "e" procurement Notice**
**e-procurement Notice for Building (E.I.) works**
**Bid Identification No. S.E. CTC(R&B) - 18 of 2026-27**

The Superintending Engineer, Kataka (R&B) Division No. I, Kataka on behalf of Governor of Odisha invites on Percentage rate basis bid in **Single Cover System** in ONLINE MODE from eligible contractor for building work (E.I) as mentioned below.

1. No. of the Work :- **06 (Six) Nos. of E.I Works**
2. Date & time of availability of bid document in the portal :- **From dt.24/08/2026 to 5PM of dt.07/09/2026**
3. Last date / time of receipt of bids in the portal :- **5PM of dt.07/09/2026**
4. Date & time of opening of bids :- **11 A.M of dt. 08/09/2026**
5. Name and address of the Officer Inviting Bid :- **Superintending Engineer, Kataka (R&B) Division No. I, Kataka**

Further details can be seen from the e-procurement portal **"https://tendersodisha.gov.in"**

Er. Md. Shahbaz
Superintending Engineer
Kataka (R&B) Division No.I

OIPR-34001/34012/1/26-27/0026

---

Mob No: 9937182746
Email: womencollegebargarh@gmail.com

**PARBATI GIRI WOMEN'S COLLEGE**
BARGARH- 768028|ODISHA|

Letter No. 612/PGWCB Dt. 22.08.2026

**ADVERTISEMENT OF WALK IN INTERVIEW FOR ENGAGEMENT OF RETIRED/FRESHER GUEST FACULTIES**

Applications are invited by online through HIMS portal (www.hims.gov.in) from eligibal candidates from the dt. 22.08.2026 to 30.08.2026 for engagement of Retired/Fresher Guest faculties in the following subjects in the college for the Academic session 2026-27. A walk in interview has been scheduled on dt.01.09.2026. For details please visit the college website.

| Sl No | Name of the post | No of post |
|---|---|---|
| 01 | Odia | 01 |
| 02 | Hindi | 01 |

1. Qualification and eligibility criteria for Candidates(Retired)
   a. As per the Govt Guideline attached
2. Qualification and eligibility criteria for candidate(fresher)
   a. PG with 55%(Minimum)
   b. Preference will be given to M.Phil/Phd/NET/NET with JRF holder.

Principal,
Parbati Giri Women's College Bargarh

ମହୁଭଣ୍ଡାର- ଝାଉଁରିସାହି ରାସ୍ତା ଶୋଚନୀୟ

# ଦୁର୍ଦ୍ଦିନରେ ୮୦ ପରିବାର, ଶୁଣୁନି ପ୍ରଶାସନ

ବିଶୋଇ,୨୧।୮ (ସମିସ) : ମୟୂରଭଞ୍ଜ ଜିଲ୍ଲା ଉପାନ୍ତ ଅଞ୍ଚଳରେ ଥିବା ବହୁ ଗ୍ରାମରେ ଏବେ ସୁଦ୍ଧା ଉତ୍ତମ ସଡ଼କ ସଂଯୋଗ ହୋଇପାରିନାହିଁ। ଫଳରେ ଏହି ଅଞ୍ଚଳବାସୀଙ୍କ ସୁଗମନାଗମନ ସାତସପନ ପାଲଟିଛି। ଏପରି ଏକ ଘଟଣା ବିଶୋଇ ବ୍ଲକ ମୁଖ୍ୟ ଦପ୍ତରରୁ ମାତ୍ର ୫ କିଲୋମିଟର ଦୂରରେ ଅବସ୍ଥିତ ବାଉତିବେଡା ପଞ୍ଚାୟତର ୪୯ନଂ ଜାତୀୟ ରାଜପଥ କଡ଼ରେ ଥିବା ମହୁଭଣ୍ଡାର ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମର ଝାଉଁରୀସାହି ଓ କୁମ୍ଭାରସାହିକୁ ସଂଯୋଗ କରୁଥିବା ଅଣଓସାରିଆ କଚ୍ଚା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ୪୯ ନଂ ଜାତୀୟ ରାଜପଥ ମହୁଭଣ୍ଡାର ଛକଠାରୁ ବାଲିଚୁଆ ଆରଡ଼ି ରାସ୍ତାକୁ ଦୀର୍ଘ ୨ କିଲୋମିଟର ମାଟି ନିର୍ମିତ ରାସ୍ତା ସଂଯୋଗ କରୁଛି। ଏହି ମାଟି ରାସ୍ତାରେ ଯାତାୟତ ପାଇଁ ଝାଉଁରୀ ସାହିର ୧୫ ପରିବାର ଓ କୁମ୍ଭାର ସାହିର ୬୫ ପରିବାର ନିର୍ଭର କରନ୍ତି। ଏହି ରାସ୍ତା ଏବେ ଖାଲରେ ପରିପୂର୍ଣ୍ଣ। ୨୦୧୮ ରେ ଶେଷଥର ପାଇଁ ପଞ୍ଚାୟତ ପାଣ୍ଠି ବିନିଯୋଗରେ ମାଟି ପକାଯାଇ ଏହି ରାସ୍ତାର ମରାମତି କରାଯାଇଥିଲା। ଦୀର୍ଘ ୮ ବର୍ଷ



ବିତିଯାଇଥିଲେ ସୁଦ୍ଧା ଏହି ରାସ୍ତା ଉପରେ ମୁଠାଏ ମାଟି ମଧ୍ୟ ପଡିନାହିଁ। ଫଳରେ ବର୍ଷା କାରଣରୁ ଏହି ରାସ୍ତାରେ ଏବେ ବଡ଼ ବଡ଼ ଖାଲ ସୃଷ୍ଟି ହେବା ସହିତ ରାସ୍ତା ଉପରେ ଆଣ୍ଠୁଏ ପାଣି ଠିଆ ହୋଇ ରହିଛି। ଅସରାଏ ବର୍ଷା ହେଲେ ଏହି ରାସ୍ତାରେ ଥିବା ଏକମାତ୍ର ଗାର୍ଡୱେଲ ଉପରେ ଖୁବ ଜୋରରେ ଜଳସ୍ରୋତ ପ୍ରଭାବିତ ହୋଇଥାଏ। ଫଳରେ ବର୍ଷାଦିନେ ସ୍କୁଲ ଛାତ୍ରଛାତ୍ରୀ ବିପଦପୂର୍ଣ୍ଣ ଭାବେ ଏହି ପୋଲ ଉପର ଗଭୀର ଜଳସ୍ରୋତ ପାର ହୋଇ ସ୍କୁଲକୁ ଆସିଥା'ନ୍ତି। ଅଣଓସାରିଆ ସହିତ ଖାଲ ରାସ୍ତା ପାଇଁ ଜରୁରୀ ପରିସ୍ଥିତି ସମୟରେ ଦୁଇ ସାହି ମଧ୍ୟକୁ ଆମ୍ବୁଲାନ୍ସ କିମ୍ବା ଦମକଳ ବାହିନୀ ଯାଇପାରେନାହିଁ। ଫଳରେ ଗୁରୁତର ରୋଗୀ କିମ୍ବା ପ୍ରସୂତିଙ୍କୁ ଷ୍ଟ୍ରେଚରରେ ବୁହା ହୋଇ ମୁଖ୍ୟ ରାସ୍ତା ଯାଏଁ ଅଣାଯାଉଛି। ଏନେଇ ଦୁଇ ସାହି ବାସିନ୍ଦା ସରପଞ୍ଚ ସମେତ ଅନ୍ୟ ଜନ ପ୍ରତିନିଧିଙ୍କୁ ଅବଗତ କରିବା ସହିତ ଏନେଇ ଗତ ଜୁନ ମାସରେ ବିଶୋଇ ବ୍ଲକ ବିଡ଼ିଓଙ୍କୁ ଏକ ଲିଖିତ ଅଭିଯୋଗ ଦେଇଥିଲେ। ମାତ୍ର ପରିତାପର ବିଷୟ ରାସ୍ତାର ଦୁରାବସ୍ଥା ପ୍ରତି କାହାରି ନିଘା ନାହିଁ। ତେଣୁ ଆରଡ଼ି ବିଭାଗ ପକ୍ଷରୁ ଏହି ରାସ୍ତାକୁ ପିଚୁ ରାସ୍ତା କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଥିବାବେଳେ ଏଥିପ୍ରତି ପ୍ରଶାସନ ଯଥାଶୀଘ୍ର ଦୃଷ୍ଟି ନଦେଲେ ଆନ୍ଦୋଳନ କରିବା ପାଇଁ ସାହିବାସିନ୍ଦା ଚେତାବନୀ ଦେଇଛନ୍ତି।

## ବିଧବା ଭତ୍ତା ପାଇବାରୁ ସୁମୀ ଦେଇ ବଞ୍ଚିତ



ଶରତ, ୨୧।୮ (ସମିସ):ସମାଜରେ ଆର୍ଥିକ ଅନଗ୍ରସର ବୟସ୍କ ନାଗରିକ ହୁଅନ୍ତୁ ବା ଦିବ୍ୟାଙ୍ଗ, ସମସ୍ତଙ୍କ ପାଇଁ ସରକାରଙ୍କ ତରଫରୁ ଭତ୍ତା ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାର ନିର୍ଦ୍ଦିଷ୍ଟ ବର୍ଗର ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗଙ୍କୁ ଭତ୍ତା ଭଳି ସହାୟତା ରାଶି ପ୍ରଦାନ କରିଆସୁଛନ୍ତି। କିନ୍ତୁ କପ୍ତିପଦା ବ୍ଲକ ଅନ୍ତର୍ଗତ ଲାବଣ୍ୟଦେଇପୁର ପଞ୍ଚାୟତର ୫ନଂ ୱାର୍ଡ ହଦଗୁଟୁରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏଠାରେ ସୁମୀ ଦେଇ (୭୪) ବିଧବା ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ସୁମୀ ଦେଇଙ୍କ ସ୍ୱାମୀ ପଚିଶ ବର୍ଷ ପୂର୍ବରୁ କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ଏହାପରେ ସୁମୀଙ୍କ ଉପରେ ପରିବାରର ଦାୟିତ୍ୱ ପଡ଼ିଥିଲା। ପରିବାର କହିଲେ ଚାରି ଝିଅ ଓ ସେ। ସ୍ୱାମୀ ଆରପାରିକୁ ଚାଲିଗଲା ପରେ ଖଲିପତ୍ର ସିଲାଇ କରି ପରିବାର ଚଳାଉଛନ୍ତି। ସୁମୀ ପଚିଶ ବର୍ଷ ମଧ୍ୟରେ ଅନେକ ଥର ବିଧବା ଭତ୍ତା ପାଇବା ପାଇଁ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ନିକଟରେ ଆବେଦନ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ସେ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ସେ ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ଯୋଗ୍ୟ ଅଟନ୍ତି। ତେଣୁ ସରକାର ଯଥା ସମ୍ଭବ ସୁମୀ ଦେଇଙ୍କୁ ବିଧବା କିମ୍ବା ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରନ୍ତୁ ବୋଲି ଗ୍ରାମର ଯୁବ ସମାଜ ସେବୀ ଦୁମ୍ବି ସିଂ ପୂର୍ତ୍ତି, ଦାନିଏଲ ଖୁଣ୍ଟିଆ, ଗଣେଶ ଜାରିକା ପ୍ରମୁଖ ଦାବି କରିଛନ୍ତି।

## ଲଗାଣ ବର୍ଷା ଭାଙ୍ଗିଦେଲା ଚାଷୀଙ୍କ ମେରୁଦଣ୍ଡ

ମୋରଡା, ୨୧।୮ (ସମିସ): ଚଳିତ ଖରିଫରେ ମୋରଡା ବ୍ଲକରେ ଆରମ୍ଭରୁ ଚାଷ ଝୁଣ୍ଟିଛି। ପ୍ରଥମେ ବର୍ଷା ଅଭାବ ଓ ପରେ ଅଧିକ ବର୍ଷା ଯୋଗୁଁ ବ୍ଲକରେ ଚାଷ ପ୍ରଭାବିତ ହୋଇଥିଲା। ତେବେ ଗତ କିଛିଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ଦେଖା ଦେଇଛି। ଇତିମଧ୍ୟରେ ବନ୍ୟା ଛାଡି ଯାଇଛି କିନ୍ତୁ ଲଗାଣ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। କ୍ରମାଗତ ବର୍ଷା ଯୋଗୁଁ ଜମିରେ ପାଣି ଜମି ରହିବା କାରଣରୁ ଧାନ ଫସଲ ନଷ୍ଟ ହୋଇଥିବାବେଳେ ପାଣିର ସ୍ରୋତରେ ଅନେକ ଚାଷ ଜମିକୁ ବାଲି ଚରିଯାଇଛି। ଯାହାଫଳରେ ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। କ୍ଷେତରେ ଅଧିକ ପାଣି ଜମିରହିବା ଦ୍ୱାରା ମୂଳ ପଚିଯାଇଛି ତେଣୁ ଜମିରୁ ତୁରନ୍ତ ଅତିରିକ୍ତ ପାଣି ବାହାର କରିବାର ବ୍ୟବସ୍ଥା କରିବାକୁ ଚାଷୀକୁଳ ସରକାରଙ୍କୁ ଅନୁରୋଧ କରିଛନ୍ତି। ତତ୍‌ସହିତ ସରକାରୀ କର୍ମଚାରୀମାନେ ଚାଷ ଜମିକୁ ଯାଇ କ୍ଷୟକ୍ଷତି



ଆକଳନ କରିବା ସହ ଚାଷୀଙ୍କୁ ଆର୍ଥିକ ସହାୟତା ଦେବାକୁ ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତ ଦାବୀ କରିଛନ୍ତି।

କ୍ଷୟକ୍ଷତି ସମୀକ୍ଷା କଲେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି

## ରାସଗୋବିନ୍ଦପୁରରେ ୩୭୫୬ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ

ରାସଗୋବିନ୍ଦପୁର,୨୧।୮ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ରାସଗୋବିନ୍ଦପୁର ବ୍ଲକରେ ଫସଲର ବ୍ୟାପକ ଭାବେ କ୍ଷତି ହୋଇଛି। ଗୁରୁବାର ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ୬ ଜଣିଆ ରାଜ୍ୟ କମିଟି ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଥିଲେ। ଏହି ଅବସରରେ ବନ୍ୟା, ବର୍ଷା ଯୋଗୁଁ କ୍ଷୟକ୍ଷତି ହୋଇଥିବା ଚାଷର ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ରାସଗୋବିନ୍ଦପୁର ବ୍ଲକ ପରିସରରେ ଚାଷ କ୍ଷୟକ୍ଷତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ସମେତ,ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି, ରାଜ୍ୟ ସମ୍ପାଦକ ଶିରୀଶ କୁମାର ମହାନ୍ତ, ରାଜ୍ୟ ସାଧାରଣ ସମ୍ପାଦକ ଆର୍ତ୍ତବନ୍ଧୁ ପୃଷ୍ଟି, ରାଜ୍ୟ ଉପସଭାପତି ବିକାଶ କୁମାର ପାଢ଼ୀ, ସହସମ୍ପାଦକ ପ୍ରଶାନ୍ତ ଘଣ୍ଟିଆ, ରାଜ୍ୟ ଅଫିସ ସମ୍ପାଦକ ରଞ୍ଜିତ କୁମାର ଆଚାର୍ଯ୍ୟ, ଜିଲ୍ଲା ସଭାପତି ଟୁନା ରାମ ଥୟାଲ, ଜିଲ୍ଲା ସଭାପତି ଗଜେନ୍ଦ୍ର ମହାନ୍ତ, ମିଡିଆ ସେଲ ମୁଖପାତ୍ର ଯୋଗେନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ଅଭିଜିତ୍ ପଣ୍ଡା, ସମ୍ପାଦକ କମଳଲୋଚନ ରାୟ,



ଉପସଭାପତି ଜୟନ୍ତୀ ସିଙ୍କ ସମେତ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି କହିଥିଲେ "କ୍ଷତିଗ୍ରସ୍ତ ଚାଷୀଟିଏ ମଧ୍ୟ କ୍ଷତିପୂରଣ ପାଇବାରୁ ବଞ୍ଚିତ ନ ହୁଅନ୍ତୁ।" ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରକୃତ କ୍ଷୟକ୍ଷତିର ଠିକ୍ ଆକଳନ କରି ସମସ୍ତ ଯୋଗ୍ୟ ଚାଷୀଙ୍କୁ ସରକାରୀ କ୍ଷତିପୂରଣ ଓ ସହାୟତା ପହଞ୍ଚାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ମଣ୍ଡଳଙ୍କ ସୂଚନା ଅନୁଯାୟୀ, ରାସଗୋବିନ୍ଦପୁର ବ୍ଲକର ମୋଟ ୧୬ଟି ପଞ୍ଚାୟତ ଅଧୀନ ୯୮ଟି ଗ୍ରାମରେ ଚାଷ କ୍ଷୟକ୍ଷତିର ଆକଳନ କରାଯାଇଛି। ଏଥିରେ ପ୍ରାୟ ୩୭୫୬ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ବୈଠକରେ ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ମଣ୍ଡଳ, ବିଡିଓଡି ସୁବାସ ଜେନା, ଏଏଚ୍‌ଓ ଟ୍ୱିଙ୍କିଲ ଜେନା, ଏଫ୍‌ଓ ବିକାଶ ସାହୁଙ୍କ ସମେତ କୃଷି ବିଭାଗର ଅନ୍ୟାନ୍ୟ କର୍ମଚାରୀ ଓ ସହଯୋଗୀମାନେ ଉପସ୍ଥିତ ରହି କ୍ଷୟକ୍ଷତି ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ଶୀଘ୍ର ସହାୟତା ଯୋଗାଇଦେବା ପାଇଁ ପଦକ୍ଷେପ ନେବାକୁ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

## ଗଳ୍ପ ପୁସ୍ତକ 'ଧନେଶ୍ୱରଙ୍କ ଅବଶିଷ୍ଟ ଗଳ୍ପଧନ' ଓ କବିତା ପୁସ୍ତକ 'ମଉଳା ଜହ୍ନର ଅଲିଭା ଜୋଛନା' ଲୋକାର୍ପିତ



ବାରିପଦା,୨୧।୮ (ସମିସ): ବିଶିଷ୍ଟ ସାରସ୍ୱତ ସାଧକ ସ୍ୱର୍ଗତ ଧନେଶ୍ୱର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ 'ଆଶାଦେବୀ ସ୍ମୃତିପରିଷଦ' ଆନୁକୂଲ୍ୟରେ ତାଙ୍କ ରଚିତ ଓ ତତ୍ତ୍ୱମସି ପ୍ରତିଷ୍ଠାନର ସଭାପତି ରାଜେନ୍ଦ୍ର ସାମଲଙ୍କ ସମ୍ପାଦିତ ଗଳ୍ପପୁସ୍ତକ 'ଧନେଶ୍ୱରଙ୍କ ଅବଶିଷ୍ଟ ଗଳ୍ପଧନ' ଓ କବିତା ପୁସ୍ତକ, 'ମଉଳା ଜହ୍ନର ଅଲିଭା ଜୋଛନା' ନହରପଦାସ୍ଥ 'ସାଇ ମଣ୍ଡପ'ରେ ଲୋକାର୍ପିତ ହୋଇଯାଇଛି। ଉକ୍ତ ଉତ୍ସବରେ ଇଂଜିନିୟର ରବୀନ୍ଦ୍ର ନାଥ ବେହେରା ସଭାପତିତ୍ୱ କରିଥିବାବେଳେ ପ୍ରଫେସର ଡ. ମୋହିତ୍ କୁମାର ଷଡଙ୍ଗୀ ମୁଖ୍ୟଅତିଥି, ଡ ଅବନୀ କୁମାର କୁଣ୍ଡୁ ମୁଖ୍ୟବକ୍ତା, ଡ.ସୁଶାନ୍ତ କୁମାର ବଶା ଗଳ୍ପ ପୁସ୍ତକର ସମୀକ୍ଷକ, ଶ୍ରୀମା' ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ କୁଞ୍ଜବନ ପୃଷ୍ଟି କବିତା ପୁସ୍ତକର ସମୀକ୍ଷ ଭାବରେ ଓ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡ ଶିଶିର କୁମାର ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କବି-କଥାକାର ଅଶୋକ କୁମାର ପଲେଇ ଅତିଥି ପରିଚୟ ପ୍ରଦାନ ପରେ ମୁଖ୍ୟଅତିଥି ପୁସ୍ତକ ଦ୍ୱୟର ଶୁଭ ଲୋକାର୍ପଣ କରିଥିଲେ। ତାପରେ ସମ୍ପାଦକ ରାଜେନ୍ଦ୍ର ସାମଲ ପୁସ୍ତକ ସମ୍ପର୍କରେ ସମ୍ୟକ୍ ଆଲୋକପାତ କରିଥିଲେ ଓ ସମୀକ୍ଷକମାନେ ପୁସ୍ତକ ଦ୍ୱୟର ବିଷଦ ସମୀକ୍ଷା କରି ଲେଖକଙ୍କର ଉଚ୍ଚମାନର ସାହିତ୍ୟ ସର୍ଜନାର ଭୂୟସୀ ପ୍ରଶଂସା କରିଥିଲେ। ଏ ମର୍ତ୍ତ୍ୟମଣ୍ଡଳରେ ବ୍ୟକ୍ତି ତାର ଅମର କର୍ମ ଓ କୃତୀ ମଧ୍ୟରେ ଚିରକାଳ ବଞ୍ଚି ରହେ। ସ୍ୱର୍ଗତ ପଣ୍ଡା ତାଙ୍କର ସାରସ୍ୱତ ଅବଦାନ ଓ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ପାଇଁ କାଳଜୟୀ ହୋଇଯାଇଛନ୍ତି ବୋଲି ସମସ୍ତେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ଆଶିଷ କୁମାର ବଶା ପରିଚାଳନା କରିଥିଲେ। ଏହି ଅବସରରେ ସଭାପତି ଇଂ ବେହେରା ଓ ପୁସ୍ତକର ପ୍ରଚ୍ଛଦଶିଳ୍ପୀ, ଅଦ୍ୱୈତ ପ୍ରସାଦ ବେହେରାଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦେବକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସହରର ଅନେକ ମାନ୍ୟଗଣ୍ୟ, କବି-ଲେଖକ, ସାରସ୍ୱତପ୍ରେମୀଗଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଏମ୍‌ପିସି କଲେଜ ଅଧ୍ୟାପକଙ୍କୁ ରାଜୀବ ଗାନ୍ଧୀ ସେବା ସମ୍ମାନ

ବାରିପଦା, ୨୧।୮ (ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଦର୍ଶନ ଶାସ୍ତ୍ର ଅଧ୍ୟାପକ ତଥା ରୋଭର୍, ସ୍କାଉଟ ଲିଡର ଡ ଦୀପକ କୁମାର ବେହେରାଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ ୨୦୨୬ରେ ପ୍ରଦାନ କରାଯାଇଛି। ଭୁବନେଶ୍ୱର ଜୟଦେବ ଭବନରେ ଅନୁଷ୍ଠିତ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୮୨ତମ ଜନ୍ମ ବାର୍ଷିକୀ ଉତ୍ସବ ପାଳନ ଅବସରରେ ପଦ୍ମଶ୍ରୀ ଡ ଅଶୋକ ମହାପାତ୍ର, ପୂର୍ବତନ ନିର୍ଦ୍ଦେଶକ, ଏମସଙ୍କ ହାତରୁ ସେ ଏହି



ପୁରସ୍କାର ଗ୍ରହଣ କରିଥିଲେ। ଜଣେ ନିଷ୍ଠାପର ସ୍ୱେଚ୍ଛାସେବୀ ଭାବରେ ଛାତ୍ରଛାତ୍ରୀଙ୍କୁ ସାମାଜିକ, ନୈତିକ, ଶାରୀରିକ ଏବଂ ବୈଷୟିକ ଶିକ୍ଷା ପ୍ରଦାନ କରିବା ସହ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ମାର୍ଗଦର୍ଶନ କରିବାରେ ଡ. ବେହେରାଙ୍କର ଅସାଧାରଣ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ କଲେଜ ଅଧ୍ୟକ୍ଷ ନାରାୟଣ ପ୍ରସାଦ ବେହେରା, ସ୍ଥାନୀୟ ନେତୃବୃନ୍ଦ, ସହକର୍ମୀ ଏବଂ ଛାତ୍ରଛାତ୍ରୀମାନେ ଡ.ବେହେରାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି।

## ଶାଳଗାଁରେ ବିପର୍ଯ୍ୟୟ ସମ୍ପର୍କିତ ସଚେତନତା ଶିବିର

ବଡ଼ସାହି, ୨୧।୮ (ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଶାଳଗାଁ କଟକ ସ୍ଥିତ ମୁଣ୍ଡୁଳି ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ ଦ୍ୱାରା ବିପର୍ଯ୍ୟୟ ସତର୍କତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ବରିଷ୍ଠ ସେନା ଅଧିକାରୀ ଡ. ନିରୋଜ କୁମାର, ନିରୀକ୍ଷକ ରମେଶ ଚନ୍ଦ୍ର ଓଝା, ଏନ.ଡି.ଆର.ଏଫ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନେ ନିଜକୁ ସୁରକ୍ଷିତ ରଖି ଅନ୍ୟର କିଭଳି ଜୀବନ ବଞ୍ଚାଇପାରିବେ ସେ ବିଷୟରେ ବିଭିନ୍ନ ସଚେତନତା ପ୍ରଦର୍ଶିତ କରିଥିଲେ। ଏଥି ସହିତ ସର୍ପଘାତ ଓ ଘଡ଼ଘଡ଼ିରୁ କିଭଳି ରକ୍ଷା ପାଇପାରିବା ପରାମର୍ଶ ଦେଇଥିଲେ। ଏନଡିଆରଏଫର ଜି.ବି. ପରିଡ଼ା, ଏ.ଡି. ତ୍ରିପାଠୀ, ଏ.କେ. ବେହେରା ଓ ବି.କେ. ସାମନ୍ତରାୟ ସଚେତନତା ଶିବିରରେ ଯୋଗ ଦେଇଥିଲେ। ବନ୍ୟାରେ ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ଆସିଥିବା ସମୟରେ ଛାତ୍ରଛାତ୍ରୀଙ୍କୁ ସଚେତନତା କାର୍ଯ୍ୟକ୍ରମ କରିଥିବାରୁ ବିଦ୍ୟାଳୟ ତରଫରୁ ଭୂୟସୀ ପ୍ରଶଂସା କରିଥିଲେ। ଶିକ୍ଷକ ପ୍ରଭାସ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଚିତ୍ତରଞ୍ଜନ ପୁହାଣ, ପ୍ରଭାକର ଉପାଧ୍ୟାୟ, ପ୍ରମୋଦ ବିନ୍ଧାଣି, ଧର୍ମେନ୍ଦ୍ର ସିଂ ଓ ସରୋଜ କୁମାର ପଣ୍ଡା ସହଯୋଗ କରିଥିଲେ। ସର୍ବଶେଷରେ ସନ୍ତୋଷ କୁମାର ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲା।

ପାଞ୍ଚପିଢ଼ ମହାବିଦ୍ୟାଳୟରେ 'ନବସୃଜନ ଓ ନୂଆ ଉଦ୍ୟୋଗ' କାର୍ଯ୍ୟକ୍ରମ

## ନିଯୁକ୍ତି ପଛରେ ନ ଦୌଡ଼ି ଉଦ୍ୟୋଗୀ ହେବାକୁ ପରାମର୍ଶ




କରଞ୍ଜିଆ, ୨୧।୮ (ସମିସ): କେବଳ ଶିକ୍ଷା ଗ୍ରହଣ କରି ଚାକିରି ଅନ୍ୱେଷଣ ନୁହେଁ, ବରଂ ନିଜର ନୂଆ ଚିନ୍ତାଧାରା, ସୃଜନଶୀଳତା ଓ ଦକ୍ଷତାକୁ ପୁଞ୍ଜି କରି ଜଣେ ସଫଳ ଉଦ୍ୟୋଗୀ ହେବା ଦିଗରେ ଛାତ୍ରୀଙ୍କୁ ପ୍ରେରିତ କରିବା ଲକ୍ଷ୍ୟରେ ପାଞ୍ଚପିଢ଼ ମହାବିଦ୍ୟାଳୟରେ 'ନବସୃଜନ ଓ ନୂଆ ଉଦ୍ୟୋଗ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦ ଜଣ ଛାତ୍ରୀ ଯୋଗଦେଇ ନିଜ ନିଜର ନୂଆ ପ୍ରକଳ୍ପ ଓ ଉଦ୍ୟୋଗୀ ଚିନ୍ତାଧାରା ପ୍ରଦର୍ଶନ କରିଥିଲେ। ଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରି ତାହାର ସଠିକ୍ ବ୍ୟବହାର ମାଧ୍ୟମରେ ଆତ୍ମନିର୍ଭର ହେବାର ମାର୍ଗ ଦେଖାଇବା ଥିଲା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ। ଅଧ୍ୟକ୍ଷା ପ୍ରଣତୀ ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପାଞ୍ଚପିଢ଼ ଉପଖଣ୍ଡର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ସ୍ୱଦେଶୀ ଖାଦ୍ୟ, ସ୍ୱାସ୍ଥ୍ୟକର ଜୀବନଶୈଳୀ ଓ ନିଜ ଅଞ୍ଚଳରେ ଉପଲବ୍ଧ ସମ୍ପଦକୁ ଆଧାର କରି ନୂଆ ଚିନ୍ତାଧାରା ବିକଶିତ କରିବାକୁ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ରାକେଶ ଅଗ୍ରୱାଲ ଯୋଗଦେଇ ଜଣେ ଛାତ୍ରୀ କିପରି ନିଜ ଦକ୍ଷତା ଓ ଚିନ୍ତାଧାରାକୁ ଉପଯୋଗ କରି ସଫଳ ଉଦ୍ୟୋଗୀ ହୋଇପାରିବେ, ସେ ସମ୍ପର୍କରେ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ନୂଆ ବ୍ୟବସାୟ ଆରମ୍ଭ ସମୟରେ ଆବଶ୍ୟକ ଯୋଜନା, ଦକ୍ଷତା ବିକାଶ, ବଜାର ଚାହିଦା ଓ ଆତ୍ମବିଶ୍ୱାସର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ଏହା ପୂର୍ବରୁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସୁବ୍ରତ ବିଶ୍ୱାଳ ଛାତ୍ରୀଙ୍କୁ ନବସୃଜନ, ଉଦ୍ୟୋଗିତା ଓ ନୂଆ ବ୍ୟବସାୟିକ ଚିନ୍ତାଧାରା ସମ୍ପର୍କରେ ପ୍ରଶିକ୍ଷଣ ଦେବା ସହ ପ୍ରେରଣା ଯୋଗାଇଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ନବଉଦ୍ୟୋଗ ପ୍ରକଳ୍ପ ପ୍ରତିଯୋଗିତା। ଏଥିରେ ୨ୟ ବର୍ଷର ଛାତ୍ରୀ ବାଣୀଶ୍ରୀ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ। ଛାତ୍ରୀଙ୍କ ପ୍ରକଳ୍ପ ପ୍ରଦର୍ଶନ ଓ ସୃଜନଶୀଳ ଚିନ୍ତାଧାରା ଉପସ୍ଥିତ ଅତିଥି ଓ ଅଧ୍ୟାପକଅଧ୍ୟାପିକାଙ୍କ ମଧ୍ୟରେ ପ୍ରଶଂସା ସାଉଁଟିଥିଲା। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଅନୀଲ ଚାରୁଦର୍ଶୀ ପରିଚାଳନା କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ସେବତୀ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ସେପ୍ଟେମ୍ବର ୫ରୁ କୁଡ଼ମାଲୀ କରମ କହନି ସର୍ବଭାରତୀୟ କର୍ମଶାଳା




ବାରିପଦା, ୨୧।୮ (ସମିସ): ଓଡିଶା ଆଦୀମ କୁଡୁମି ମହାସଂଘର କୋର କମିଟି ବୈଠକ ତକତପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେପ୍ଟେମ୍ବର ୫ ଓ ୬ ତାରିଖ କୁଡ଼ମାଲୀ କରମ କହନି ସର୍ବଭାରତୀୟ କର୍ମଶାଳା ବାରିପଦା ସ୍ୱାଗତିକା ସମ୍ମିଳନୀ କକ୍ଷରେ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଯେଉଁ କରମ କହନି କହିବା ଲୋକ ଯୋଗଦେବେ ସେମାନେ ତାଙ୍କ 'କହନି'କୁ ଲିଖିତ ଆକାରରେ ଦାୟିତ୍ୱରେଥିବା କର୍ମୀଙ୍କ ପାଖରେ ମଧ୍ୟାହ୍ନ ୧୨ଘଟିକା ସୁଦ୍ଧା ଜମା ଦେବେ। ଏହି ଦ୍ୱି ଦିବସୀୟ କର୍ମଶାଳାରେ ରହିବା ଓ ଖାଇବା ସମ୍ପୂର୍ଣ୍ଣ ଦେୟ ମୁକ୍ତ ଅଟେ। କର୍ମଶାଳାର ଦ୍ୱିତୀୟ ଦିବସରେ ଜଜ୍‌ମାନଙ୍କ ଦ୍ୱାରା କୁଡୁମି ଜାତିସତ୍ତାକୁ ସୁହାଇଲା ଭଳି କରମ କହନିକୁ ସ୍ୱୀକୃତି ଦେବେ ଓ ଆଦିମ କୁଡୁମି ମହାସଂଘ, ଓଡିଶା, ସ୍ୱୀକୃତ ହୋଇଥିବାକରମକହନିକୁସର୍ବଭାରତୀୟସ୍ତରରେପ୍ରଚାରପ୍ରସାରକରିବାପାଇଁଦାୟିତ୍ୱନେବ। ଏହି ବୈଠକରେ ରାଜ୍ୟ ସଭାପତି ପଦ୍ମଲୋଚନ ମହାନ୍ତ, ସାଧାରଣ ସମ୍ପାଦକ ନରୋତ୍ତମ ମହାନ୍ତ, ପ୍ରଫେସର କ୍ଷୀରୋଦ ଚନ୍ଦ୍ର ମହାନ୍ତ, କୁଡୁମାଲି କଲଚୁରାଲ ଆସୋସିଏସନର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ଆଦିମ କୁଡୁମି ମହାସଂଘର ବରିଷ୍ଠ ସଦସ୍ୟ ଚେମନ ଲାଲ ମହାନ୍ତ, ଦୈତାରୀ ମହାନ୍ତ ଓ ଗୁରୁଚରଣ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

ପ୍ରଧାନଶିକ୍ଷକଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ

## ସ୍କୁଲ ଗେଟ୍‌ରେ ତାଲା ପକାଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଧାରଣା

କପ୍ତିପଦା, ୨୧।୮ (ସମିସ) : କପ୍ତିପଦା ବ୍ଲକ ଅନ୍ତର୍ଗତ ଦେବାନବାହାଲି ପଞ୍ଚାୟତ ଭୁତାସାହି ଗ୍ରାମର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଶ୍ୱର ସେଠୀଙ୍କ କାର୍ଯ୍ୟକଳାପକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରଧାନଶିକ୍ଷକ ଗଣେଶ୍ୱର ସେଠୀ ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ବିଦ୍ୟାଳୟକୁ ଆସୁଛନ୍ତି। ସେ ନିୟମିତ ଭାବେ ଠିକ୍ ସମୟରେ ପାଠ ପଢାଉନାହାଁନ୍ତି, ବିଳମ୍ବରେ ବିଦ୍ୟାଳୟ ପହଞ୍ଚି ପିଲାଙ୍କୁ ବସିବାକୁ କହି ନିକଟରେ ଥିବା ମଦଭାଟିରେ ନିଶା ସେବନ କରି ଶୋଇଥା'ନ୍ତି। ମଧ୍ୟାହ୍ନଭୋଜନ ପରେ ବିଦ୍ୟାଳୟରେ ପହଞ୍ଚି ଦିନ ୩ଟାରେ ଛୁଟି କରି ଚାଲିଯା'ନ୍ତି। ଆଜି ପର୍ଯ୍ୟନ୍ତ ଦିନେବି ବିଦ୍ୟାଳୟରେ ପ୍ରାର୍ଥନା ହୁଏନାହିଁ। ବିଦ୍ୟାଳୟର ମଧ୍ୟାହ୍ନଭୋଜନ ପାଇଁ ଆସୁଥିବା ପିଲାଙ୍କ ଚାଉଳ ବିକ୍ରି କରି ମଦ ପାନ କରୁଥିବା ନେଇ ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ଗ୍ରାମବାସୀ



ପୂର୍ବରୁ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସହକାରୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ପ୍ରଶାସନର ଏଭଳି ନିରବତା ଦେଖି ଶେଷରେ କ୍ଷୁବ୍ଧ ଗ୍ରାମବାସୀ ସ୍କୁଲ ଗେଟରେ ତାଲା ପକାଇ ଦେଇଥିଲେ। ପରେ ପ୍ରଧାନଶିକ୍ଷକ ଦିନ ୧୧:୪୫ ମିନିଟ୍ ସମୟରେ ବିଦ୍ୟାଳୟରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ଦାବି ହେଲା ଯେ, ପ୍ରଧାନଶିକ୍ଷକ ଗଣେଶ୍ୱର ସେଠୀଙ୍କୁ ତୁରନ୍ତ ଏହି ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରାଯାଉ। ଯଦି ପ୍ରଶାସନ ଏହା ଉପରେ ଶୀଘ୍ର କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ, ତେବେ ଗ୍ରାମବାସୀ ବାଧ୍ୟହୋଇ ରାଜରାସ୍ତାକୁ ଓହ୍ଲାଇବେ ଓ ଆନ୍ଦୋଳନକୁ ଜୋରଦାର କରିବେ ବୋଲି ଗ୍ରାମର ଶ୍ୟାମସିଂ,ସୁମାସୁଣ୍ଡି,କୁନା ସିଂ,ସବିତା ସିଂ, କୁନାଲ ସିଂ ଓ ମଶୁରୀସିଂ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ନେଇ ବ୍ଲକ୍ ଶିକ୍ଷାଧିକାରୀ ପାନମଣୀ ବେସ୍ରାଙ୍କୁ ଯୋଗାଯୋଗ କରିଥିଲେ ବି ସେ ଫୋନ୍ ଉଠାଇ ନ ଥିଲେ।

## ● ବନ୍ୟା ପରିଚାଳନା ଅବହେଳା
## ବୈତରଣୀ ପାୱାର ପ୍ରୋଜେକ୍ଟକୁ ନୋଟିସ



ଆନନ୍ଦପୁର, ୨୧।୮ (ସମିସ): ବୈତରଣୀ ନଦୀରେ ଚଳିତ ବର୍ଷ ଦ୍ୱିତୀୟ ବନ୍ୟାରେ ଆନନ୍ଦପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଆନନ୍ଦପୁରର ଉପରମୁଣ୍ଡ ସିଂହନାଳିରେ ଥିବା ବୈତରଣୀ ପାୱାର ପ୍ରୋଜେକ୍ଟ ହଠାତ୍ ପାଣି ଛାଡ଼ିଦେବାରୁ ବନ୍ୟାପାଣିକୁ ନିୟନ୍ତ୍ରଣ କରଯାଇପାରି ନଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିପାଇଁ ସେ ବୈତରଣୀ ପାୱାର ପ୍ରୋଜେକ୍ଟକୁ ଦାୟୀ କରିବା ସହିତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ପାୱାର ପ୍ରୋଜେକ୍ଟରେ ପହଞ୍ଚି ଏହାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ ସମ୍ପର୍କରେ ବୈତରଣୀ ପାୱାର ପ୍ରୋଜେକ୍ଟର ପରିଚାଳକ ଶ୍ରୀନିବାସ ରାଓ କହିଛନ୍ତି, ଗତ ଏକମାସହେଲାଜଳସମ୍ପଦବିଭାଗରଜଣେକର୍ମଚାରୀଏଠାରେନିୟୋଜିତହୋଇଛନ୍ତି। ସେ ପାଣିର ସ୍ତର ସମ୍ପର୍କରେ ରାଜ୍ୟ ସରକାର ତଥା ପ୍ରଶାସନକୁ ସୂଚନା ଦେଉଛନ୍ତି। ତେଣୁ ହଠାତ୍ ପାଣି ଛାଡ଼ିଦେବା ଅଭିଯୋଗକୁ ସେ ଶ୍ରୀ ରାଓ ଅସ୍ୱୀକାର କରିଛନ୍ତି। ଗତକାଲି ଉପଜିଲ୍ଲାପାଳ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି ବୋଲି ଶ୍ରୀ ରାଓ କହିଛନ୍ତି।

## ପାଟଣାରେ ନୂତନ ବନାଞ୍ଚଳ ଅଧିକାରୀଙ୍କ ଯୋଗଦାନ



ତୁରୁମୁଙ୍ଗା, ୨୧।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣାରେ ନୂତନ ବନାଞ୍ଚଳ ଅଧିକାରୀ ଭାବେ ଆର୍ତ୍ତତ୍ରଣ ମିର୍ଦ୍ଧା ଶୁକ୍ରବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେ ପୂର୍ବରୁ ବୌଦ୍ଧ ଜିଲ୍ଲାରେ କାର୍ଯ୍ୟରତ ଥିଲେ। ପୂର୍ବତନ ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର ଏଠାରୁ ବଦଳି ହେବା ପରେ ଏହି ପଦ କିଛିଦିନ ପାଇଁ ଖାଲି ପଡିଥିଲା। ନୂତନ ବନାଞ୍ଚଳ ଅଧିକାରୀ ଶ୍ରୀ ମିର୍ଦ୍ଧା ଆଜି ଯୋଗଦାନ ପରେ ପାଟଣା ବନପାଳ ନିରଞ୍ଜନ ସେଠୀ, ସାହାରପଡା ବନପାଳ ଶ୍ରୀମନ୍ତ ବେହେରା, ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଓ ବନରକ୍ଷୀଙ୍କ ସହ କାର୍ଯ୍ୟାଳୟର କର୍ମଚାରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ● ଏମିତି ଚାଲିଛି କି ସ୍ୱଚ୍ଛତା ଅଭିଯାନ ?
## ଅଳିଆରେ ପୋତି ହେଉଛି ଝୁମ୍ପୁରା ପୁରୁଣା ପୋଖରୀ





ବାଲିବନ୍ଧ, ୨୧।୮ (ସମିସ): ଝୁମ୍ପୁରା ବଜାରର ଶିଶୁ ମନ୍ଦିର ପଛପଟେ ଥିବା ପୁରୁଣା ପୋଖରୀ ଏବେ ଅଳିଆ ଗଦାରେ ପରିଣତ ହୋଇଛି। ବଜାରର ବିଭିନ୍ନ ଜଳଖିଆ ଦୋକାନ, ହୋଟେଲ, ଚା' ଦୋକାନ ଓ ଫଳ ଦୋକାନରୁ ବାହାରୁଥିବା ଅଇଁଠା ଖଲି, ଚୌପତି, ପଲିଥିନ, ପ୍ଲାଷ୍ଟିକ ବୋତଲ, ଗ୍ଲାସ୍, ନଡ଼ିଆ ଚୋପା, କଦଳୀ ବାହୁଙ୍ଗା ଆଦି ଏଠାରେ ଫିଙ୍ଗାଯାଉଥିବା ଅଭିଯୋଗ ହୋଇଛି। ପୋଖରୀ ପାଣିରେ ଅଳିଆ ଆବର୍ଜନା ଭାସୁଥିବା ବେଳେ ଏଥିରୁ ପ୍ରବଳ ଦୁର୍ଗନ୍ଧ ବାହାରୁଛି। ଫଳରେ ଆଖପାଖ ଅଞ୍ଚଳରେ ରହୁଥିବା ଲୋକେ ବିଭିନ୍ନ ରୋଗର ଆଶଙ୍କାରେ ଚିନ୍ତିତ ହୋଇପଡ଼ିଛନ୍ତି। ଏପରିକି ଦୂଷିତ ପାଣିରେ ସ୍ଥାନୀୟ ଲୋକେ ଶୌଚ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଝୁମ୍ପୁରା ଶିଶୁ ମନ୍ଦିର ରାସ୍ତା ଏବଂ ୨ ନମ୍ବର ୱାର୍ଡର ବିଭିନ୍ନ ରାସ୍ତାକଡ଼ରେ ମଧ୍ୟ କୁଢ଼ କୁଢ଼ ଅଇଁଠା ଖଲି ଓ ଚୌପତି ଜମା ହୋଇ ରହିଛି। ଅଳିଆ ପଚି ଦୁର୍ଗନ୍ଧ ବାହାରୁଥିବାରୁ ସେହି ରାସ୍ତାରେ ଯାତାୟାତ କରୁଥିବା ଛାତ୍ରଛାତ୍ରୀ ଓ ସାଧାରଣ ଲୋକେ ନାକରେ କପଡ଼ା ଦେଇ ଯିବାଆସିବା କରୁଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଏ ସମସ୍ୟା ସମ୍ପର୍କରେ ଝୁମ୍ପୁରା ପଞ୍ଚାୟତ, ଆରଏମସି ଏବଂ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ତେଣୁ ତୁରନ୍ତ ପୋଖରୀ ଓ ରାସ୍ତାକଡ଼ରୁ ଆବର୍ଜନା ସଫା କରିବା ସହ ନିୟମିତ ଆବର୍ଜନା ପରିଚାଳନା ଏବଂ ହୋଟେଲ, ଜଳଖିଆ ଓ ଅନ୍ୟ ଦୋକାନରୁ ବାହାରୁଥିବା ଆବର୍ଜନା ଏଣେତେଣେ ନ ଫିଙ୍ଗିବା ପାଇଁ କଡ଼ା ପଦକ୍ଷେପ ନେବାକୁ ଦାବି ହୋଇଛି। ଏନେଇ ବିଡିଓ ହୃଦାନନ୍ଦ ଅଡା କହିଛନ୍ତି, ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ। ଦୋକାନୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରାଯିବ। ତେବେ, ସମସ୍ୟାର ସମାଧାନ ନହେଲେ ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି।

## ବଡ଼ସାହି ତହସିଲଦାର ଓ ଜଳସେଚନ ବିଭାଗ ଏସ୍‌ଇଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ବଡ଼ସାହି, ୨୧।୮ (ସମିସ): ବଡ଼ସାହି ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଓ ଜଳସେଚନ ବିଭାଗ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର (ଏସ୍.ଇ) ସ୍ଥାନୀୟ ବାସିନ୍ଦାଙ୍କ ସହିତ କୁଞ୍ଜବଣିଆ, ସିମିଳିଡାହି ଓ ଗଡ଼ିସାହି ଗ୍ରାମର ବନ୍ୟା ପ୍ରଭାବିତ ଅଞ୍ଚଳରେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନର ଉଦ୍ଦେଶ୍ୟ ଥିଲା ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ଅଞ୍ଚଳର ପରିସ୍ଥିତି ମୂଲ୍ୟାଙ୍କନ କରିବା। ତହସିଲଦାର ଓ ଏସ୍.ଇ. ବାସିନ୍ଦାଙ୍କ ସହ ଆଲୋଚନା କରି କ୍ଷତିର ପରିମାଣ ବୁଝିବାକୁ ଚେଷ୍ଟା କରିଛନ୍ତି। ଆବଶ୍ୟକପୁନରୁଦ୍ଧାରଓସହାୟତାବ୍ୟବସ୍ଥାପାଇଁଆବଶ୍ୟକପଦକ୍ଷେପନେବାକୁଆଶ୍ୱାସନା ଦେଇଛନ୍ତି। ସ୍ଥାନୀୟ ଲୋକେ ବନ୍ୟା ଯୋଗୁଁ ଘର, ଫସଲ ଓ ରାସ୍ତାଘାଟରେ ହୋଇଥିବା କ୍ଷତି ବିଷୟରେ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ପ୍ରଶାସନ କ୍ଷତିଗ୍ରସ୍ତ ପରିବାରଙ୍କୁ ଯଥାଶୀଘ୍ର ସହାୟତା ପହଞ୍ଚାଇବା ପାଇଁ କାର୍ଯ୍ୟ ଆରମ୍ଭ କରିବ ବୋଲି ଆଶା କରାଯାଉଛି।

## ବୁଢ଼ାବଳଙ୍ଗ ବନ୍ୟାରେ ଉଜୁଡ଼ିଲା ଫସଲ
# ଚାଷୀ ମୁଣ୍ଡରେ ଚଡ଼କ, ପରିବା ଦର ଆକାଶଛୁଆଁ

ବେତନଟୀ, ୨୧।୮ (ସମିସ)



ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ଓ ବୁଢ଼ାବଳଙ୍ଗ ନଦୀରେ ବାରମ୍ବାର ବନ୍ୟା ଯୋଗୁଁ ଫସଲ ସମ୍ପୂର୍ଣ୍ଣ କ୍ଷତି ହୋଇଛି। ଏହି ଅଞ୍ଚଳରେ ଥିବା ହଜାର ହଜାର ହେକ୍ଟର ଧାନ ତଳି ଓ ପନିପରିବା କ୍ଷେତ ଦୀର୍ଘଦିନ ଧରି ବନ୍ୟା ଜଳରେ ବୁଡ଼ି ରହି ପଚି ନଷ୍ଟ ହୋଇଯାଇଛି। ଫଳରେ ଆଗାମୀ ଦିନରେ ବର୍ଷକର ଆହାର ଓ କୃଷି ଋଣ ପରିଶୋଧକୁ ନେଇ ସ୍ଥାନୀୟ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଜୁଲାଇ ଓ ଅଗଷ୍ଟ ମାସରେ ଅଳ୍ପଦିନ ବ୍ୟବଧାନରେ ବୁଢ଼ାବଳଙ୍ଗ ନଦୀରେ ଦୁଇ ଦୁଇଥର ବନ୍ୟା ଆସିବା ଫଳରେ ରୁଆ କାର୍ଯ୍ୟ ପାଇଁ ପ୍ରସ୍ତୁତ ଧାନ ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବର୍ତ୍ତମାନ ପୁନର୍ବାର ତଳି ପକାଇବା ପାଇଁ ଆଉ ସମୟ ନାହିଁ କିମ୍ବା ରୋଇବା ପାଇଁ ବିକଳ୍ପ ତଳି ମଧ୍ୟ ଉପଲବ୍ଧ ନାହିଁ। ଏହି ସ୍ଥିତି ଯୋଗୁଁ ସମବାୟ ସମିତିରୁ ଋଣ ନେଇ ଚାଷ କରିଥିବା ଚାଷୀ ପରିବାର ଏବେ ଚରମ ଆର୍ଥିକ ସଙ୍କଟ ମଧ୍ୟକୁ ଠେଲି ହୋଇଯାଇଛନ୍ତି। ଅନ୍ୟପକ୍ଷରେ ବୁଢ଼ାବଳଙ୍ଗ ଅବବାହିକାରେ ପନିପରିବା ଚାଷ ପାଇଁ ବେଶ୍ ଜଣାଶୁଣା। ବନ୍ୟା ପାଣି ମାଡ଼ିଯିବାରୁ ପନିପରିବା ଫସଲ ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ଫଳସ୍ୱରୂପ ବେତନଟୀ ଓ ବୈଶିଙ୍ଗା ବଜାରରେ ପନିପରିବା ଦର ଆକାଶଛୁଆଁ ହୋଇଛି। ସ୍ଥାନୀୟ ଆବଶ୍ୟକତା ମେଣ୍ଟାଇବା ପାଇଁ ବାହାର ରାଜ୍ୟରୁ ପରିବା ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି। କୃଷି ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ଅଞ୍ଚଳରେ କ୍ଷୟକ୍ଷତିର ଯୁଦ୍ଧକାଳୀନ ଆକଳନ କରି ପ୍ରଭାବିତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ କୃଷକ ନେତା ଦାବି କରିଛନ୍ତି।

## ନାରୀ ସୁରକ୍ଷା ଓ ଅଧିକାର ସଚେତନତା ଶିବିର

ରାସଗୋବିନ୍ଦପୁର, ୨୧।୮ (ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ତୋଟାପଡ଼ାସ୍ଥ ବାସୁଦେବ ସଂସ୍କୃତ ମହାବିଦ୍ୟାଳୟ ପରିସରରେ




ଶକ୍ତିଶ୍ରୀ ଆନୁକୂଲ୍ୟରେ ଏକ ନାରୀ ସଚେତନତା ଆଲୋଚନା ଶିବିର ଅନୁଷ୍ଠିତ ହୋଇଯାଇଛି। ନାରୀ ସୁରକ୍ଷା, ଅଧିକାର ଓ ଉପଲବ୍ଧ ଆଇନ ସମ୍ପର୍କରେ ଛାତ୍ରୀଙ୍କୁ ସଚେତନ କରିବା ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମହାବିଦ୍ୟାଳୟର ଅଧକ୍ଷ ଅରୁଣ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ବେତନଟୀ ଏସ୍‌ଡିପିଓ ମିନତୀ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ନାରୀ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ ଓ ଆଇନଗତ ବ୍ୟବସ୍ଥା ବିଷୟରେ ଛାତ୍ରୀଙ୍କୁ ସଚେତନ କରିଥିଲେ। ଅନ୍ୟତମ ଅତିଥି ଭାବେ କନକ ବ୍ୟୁରୋର ସାମ୍ବାଦିକ ଦୀପକ ସିଂହ ଓ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ସମାଜସେବୀ ମନୋରଞ୍ଜନ ଉପାଧ୍ୟାୟ ଯୋଗଦେଇ ନାରୀ ସଶକ୍ତୀକରଣ, ସାମାଜିକ ସଚେତନତା ଓ ନାରୀ ସୁରକ୍ଷାର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ। ଶକ୍ତିଶ୍ରୀ ସଂଯୋଜିକା ଉର୍ମିଳା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ନାରୀ ସୁରକ୍ଷା ସମ୍ପର୍କିତ ଆଇନ ଓ ଆଇନଗତ ସଚେତନତା ଆଲୋଚନାର ମୁଖ୍ୟ ବିଷୟ ଥିଲା। ମହାବିଦ୍ୟାଳୟର ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀ ଉପସ୍ଥିତ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସୁଧୁରୁନି କେଶନା-ଆଦିପୁର ରାସ୍ତାର ଦୁରବସ୍ଥା



ଖିଚିଂ, ୨୧।୮ (ସମିସ): ଶୁକ୍ଳି ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶିଳ୍ପୀ ଗ୍ରାମ କେଶନା ଛକଠାରୁ ଆଦିପୁର ଯାଏଁ ଦୁଇ କିଲୋମିଟର ରାସ୍ତା ଦୀର୍ଘଦିନ ଧରି ଖାଲଖମା ଭର୍ତ୍ତି ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଏହି ରାସ୍ତାଟି ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆଜକୁ ପ୍ରାୟ ପାଞ୍ଚବର୍ଷ ପୂର୍ବେ ନିର୍ମାଣ ହୋଇଥିଲା। ତେବେ ପ୍ରାୟ ତିନିବର୍ଷ ପୂର୍ବେ ରାଜ୍ୟ ସରକାରଙ୍କ ଅନୁଦାନକ୍ରମେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ସଂଯୋଗୀକରଣ ନିମନ୍ତେ ବୈତରଣୀ ନଦୀ ଉପରେ ଏକ ପୋଲ ନିର୍ମାଣ ହେବା ପରଠାରୁ ପ୍ରତିଦିନ ଏହି ବ୍ୟସ୍ତବହୁଳ ରାସ୍ତା ଦେଇ ଶହ ଶହ ଦୁଇଚକିଆ ବ୍ୟତୀତ ଭାରୀଯାନ ଯାତାୟାତ କରୁଥିବାରୁ ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ନିକଟରେ ଲଘୁଚାପଜନିତ ଲଗାଣ ବର୍ଷା ଫଳରେ କେଶନା ଛକ ସହିତ ସଂଯୋଗୀକରଣ ରାସ୍ତା ମଝିରେ ବଡ଼ ଖାଲ ସୃଷ୍ଟି ହେବାରୁ ଆଣ୍ଠୁଏ ପାଣି ଜମି ରହିଥିବା ଶୋଚନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଏହି ରାସ୍ତା ଉପରେ ପ୍ରତିଦିନ ହାରାହାରି ୧୦୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ, ସ୍କୁଲ କଲେଜ ଛାତ୍ରଛାତ୍ରୀ, ବିଭିନ୍ନ କାର୍ଯ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ଲୋକ ନିର୍ଭରଶୀଳ। ତେଣୁ ସ୍ଥାନୀୟ ଲୋକ ପ୍ରତିନିଧି ସମେତ ବିଭାଗୀୟ ଅଧିକାରୀ ତୁରନ୍ତ ଏହି ବିପଦସଙ୍କୁଳ ରାସ୍ତାକୁ ଯାତାୟାତ ଉପଯୋଗୀ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଶିଷ୍ଟ ସମାଜସେବୀ ନନ୍ଦ କିଶୋର ଖଟୁଆ ଦୃଢ଼ ଦାବି କରିଛନ୍ତି।

## ମହିଳାଙ୍କ ମୃତ୍ୟୁ; ହତ୍ୟା ଅଭିଯୋଗ

ଆନନ୍ଦପୁର, ୨୧।୮ (ସମିସ): ଆଜି ସକାଳେ ଆନନ୍ଦପୁର ଉପଖଣ୍ଡ ଘଷିପୁରା ଥାନା ବାଲିପାଳ ଗାଁର ଜିତେନ୍ଦ୍ର ମହାରଣାଙ୍କ ସ୍ତ୍ରୀ ବବିତାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ବାପଘର ଲୋକେ ଝିଅକୁ ହତ୍ୟା। କରାଯାଇଥବା ନେଇ ଥାନାରେ ଏତଲା ଦେଇଛନ୍ତି। ଯାଜପୁର ଜିଲ୍ଲା ସୁକୁନ୍ଦା ଥାନା ଗାଁର ନକୁଳ ଓଝା ଝିଅ ବବିତାଙ୍କ ଜିତେନ୍ଦ୍ରଙ୍କ ସହ ୪ ବର୍ଷ ତଳେ ବିବାହ ହୋଇଥିଲା। ତେବେ ଶାଶୂଘର ଲୋକଙ୍କ ତରଫରୁ ଘଟଣା ବାବଦରେ କୈଣସି ପ୍ରତିକ୍ରିୟା ମିଳିପାରିନାହିଁ। ବାପଘର ନ୍ୟାୟ ଦାବି କରିଛନ୍ତି।

## ଶକ୍ତିଶ୍ରୀ ପକ୍ଷରୁ ସଚେତନତା ଓ ସଶକ୍ତୀକରଣ କାର୍ଯ୍ୟକ୍ରମ




ଉଦଳା, ୨୧।୮ (ସମିସ): କୁଣ୍ଡାବାଇସ୍ଥ ଆର୍‌ଡିଏସ୍ ଡିଗ୍ରୀ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ଏମ୍ପାୱାର ସେଲ୍ ପକ୍ଷରୁ "ପିସ୍ ୱିଦିନ ପାୱାର ୱିଦିନ: ଏ ଜର୍ଣ୍ଣି ଟୁୱାର୍ଡସ୍ ଏମ୍ପାୱାରମେଣ୍ଟ' ଶୀର୍ଷକ ସଚେତନତା ଓ ସଶକ୍ତୀକରଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଅଧକ୍ଷ ଡ. ପ୍ରଦୀପ କୁମାର ଗିରି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ଛାତ୍ରଛାତ୍ରୀଙ୍କୁ ମନରେ ଶାନ୍ତି, ଚିନ୍ତାରେ ସକାରାତ୍ମକତା ଓ ଜୀବନରେ ଶୃଙ୍ଖଳା ଆପଣାଇବାକୁ ଉଦ୍‌ବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉଦଳା ବ୍ରହ୍ମାକୁମାରୀ ସେଣ୍ଟରର ଇନ୍‌ଚାର୍ଜ ବି.କେ. ଦମୟନ୍ତୀ ଭଉଣୀ, ବି.କେ. ସତ୍ୟବାନ ଭାଇ, ବି.କେ. ନମିତା ଭଉଣୀ ଓ ବି.କେ. ଅଞ୍ଜୁ ଭଉଣୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶାନ୍ତି, ଧ୍ୟାନ, ସକାରାତ୍ମକ ଚିନ୍ତନ ଓ ଆତ୍ମଶକ୍ତିର ଗୁରୁତ୍ୱ ସମ୍ପର୍କରେ ପ୍ରେରଣାଦାୟକ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏଥିସହିତ ମନକୁ ଶାନ୍ତ ଓ ସକାରାତ୍ମକ ରଖି ନିଜ ଭିତରେ ଥିବା ଶକ୍ତିକୁ ଚିହ୍ନଟ କରିପାରିଲେ ଜୀବନର ବିଭିନ୍ନ ଆହ୍ୱାନକୁ ସାହସର ସହିତ ସାମ୍ନା କରିହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ କୋଅର୍ଡିନେଟର ତଥା ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ଡ. ମମତା ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଏ ଅବସରରେ ଶକ୍ତିଶ୍ରୀର ଆସିଷ୍ଟାଣ୍ଟ କୋର୍ଡିନେଟର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା କବିତା ମଲ୍ଲିକ ଛାତ୍ରଛାତ୍ରୀଙ୍କୁ ନିଜ ଜୀବନରେ ଶୃଙ୍ଖଳା, ନୈତିକତା, ସମ୍ମାନ, ଦାୟିତ୍ୱବୋଧ ଓ ସକାରାତ୍ମକ ଚିନ୍ତନକୁ ଆପଣାଇବା ପାଇଁ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଣ୍ଡିଶାଳରେ ମହଙ୍ଗା ମାଡ଼
## ପିଆଜ ଦର ୫୦ ପାର, ଛୁଇଁ ହେଉନି ପରିବା

ମୋରଡ଼ା, ୨୧।୮ (ସମିସ): ପରିବା ଦର ବୃଦ୍ଧି ସାଧାରଣ ଖାଉଟିଙ୍କ ହାଣ୍ଡିଶାଳକୁ ପ୍ରଭାବିତ କରିଛି। ବିଶେଷ ଭାବେ ପିଆଜ ଦର ଅହେତୁକ ଭାବେ ବୃଦ୍ଧି ପାଇଥିବାରୁ ଗରିବ ଲୋକଙ୍କ ଭାତ ଥାଳିରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଏଥିସହ ଚିନି ଦର ଅହେତୁକ ବୃଦ୍ଧି ପାଇ କେଜି ପ୍ରତି ୭୦ ଟଙ୍କାରେ ପହଞ୍ଚିଛି। ଚିନି ଦର ବୃଦ୍ଧି ଯୋଗୁଁ ଚା', ଜଳଖିଆ ଓ ମିଠା ଦୋକାନରେ ଏହାର ପ୍ରଭାବ ଦେଖିବାକୁ ମିଳିଥିବାବେଳେ ଖାଉଟି ଚିନ୍ତାରେ ପଡ଼ିଛନ୍ତି। ଶ୍ରାବଣରେ ସାଧାରଣତଃ ଆମିଷ ବଦଳରେ ନିରାମିଷ ଖାଦ୍ୟର ଗୁରୁତ୍ୱ ରହିଛି। ଆମିଷ ବନ୍ଦ ଯୋଗୁଁ ଅଧିକାଂଶ ଘରେ ରୋଷେଇ ପାଇଁ ପନିପରିବାର ବ୍ୟବହାର ବୃଦ୍ଧି ପାଇଛି। ଏଭଳି ସମୟରେ ପନିପରିବା ଦର ବୃଦ୍ଧି ସାଧାରଣ ଖାଉଟିଙ୍କୁ ଚିନ୍ତାରେ ପକାଇଛି। ପିଆଜ କେଜି ପ୍ରତି ୫୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଟମାଟୋ ୨୫-୩୦, ବାଇଗଣ ୪୦-୫୦, ବନ୍ଧାକୋବି ୪୦, ଫୁଲକୋବି ୮୦, ପୋଟଳ ୬୦-୮୦, ଝୁଡ଼ଙ୍ଗ ୬୦, କଦଳୀ ୪୦, ଭେଣ୍ଡି ୮୦, ଅମୃତଭଣ୍ଡା କିଲୋ ପ୍ରତି ୩୦ ଟଙ୍କାରେ ବିକ୍ରି ହେଉଛି। ଅନ୍ୟପଟେ ଆଳୁ ଦର ସାମାନ୍ୟ ରହିଛି। ଆଳୁ କେଜି ପ୍ରତି ୨୦ ଟଙ୍କାରେ ବିକ୍ରି ହେଉଥିବାବେଳେ ୫୦ ଟଙ୍କାରେ ୩ କେଜି ଆଳୁ ମିଳୁଥିବା ଦେଖିବାକୁ ମିଳୁଛି। ସେହିପରି ଅଦା କେଜି ୨ ଶହ ଟଙ୍କା ଓ ରସୁଣ କେଜି ୨ଶହ ଟଙ୍କାରେ ବିକ୍ରି ହେଉଛି। ପରିବାର ଦର ଅହେତୁକ ଭାବେ ବୃଦ୍ଧି ପାଇଥିବାରୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯୋଗାଣ ବିଭାଗ ପକ୍ଷରୁ ପିଆଜ ଦର ବୃଦ୍ଧି ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।

## ■ ୱାର୍ଲ୍ଡ କଣ୍ଟିନେଣ୍ଟାଲ ସିଲଭର ଲେଭଲ୍ ଆଥଲେଟିକ୍ ମିଟ୍
## ମୟୂରଭଞ୍ଜ କ୍ରୀଡ଼ା ଅଧିକାରୀ ବୈଷୟିକ ଷ୍ଟାଫ୍ ଭାବେ ମନୋନୀତ



ବାରିପଦା, ୨୧।୮ (ସମିସ): ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ. ଶୁଭାଶିଷ ନାୟକଙ୍କୁ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ୱାର୍ଲ୍ଡ କଣ୍ଟିନେଣ୍ଟାଲ ସିଲଭର୍ ଲେଭଲ୍ ଆଥଲେଟିକ୍ ମିଟ୍-୨୦୨୬ ପାଇଁ ବୈଷୟିକ ଷ୍ଟାଫ୍ ଭାବେ ଚୟନ କରାଯାଇଛି। ଏହି ଅନ୍ତର୍ଜାତୀୟ ଆଥଲେଟିକ୍ସ ମିଟ୍ ଆସନ୍ତାକାଲିଠାରୁ ଭୁବନେଶ୍ୱରସ୍ଥ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଏକ ପ୍ରତିଷ୍ଠିତ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନରେ ବୈଷୟିକ ଦାୟିତ୍ୱ ନିର୍ବାହ ପାଇଁ ଡ. ନାୟକଙ୍କ ଚୟନ ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବର ବିଷୟ। ଏହି ଚୟନ ତାଙ୍କର କ୍ରୀଡ଼ା କ୍ଷେତ୍ରରେ ଦକ୍ଷତା, ଅଭିଜ୍ଞତା ଓ ବୈଷୟିକ ଜ୍ଞାନର ସ୍ୱୀକୃତି ବହନ କରୁଛି। ଡ. ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିକଟରେ ୭୨ତମ ଓଡ଼ିଶା ରାଜ୍ୟ ଜୁନିୟର ଆଥଲେଟିକ୍ସ ଚାମ୍ପିଅନସିପ୍-୨୦୨୬ ରାଇରଙ୍ଗପୁରସ୍ଥ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାର ସଫଳ ଆୟୋଜନରେ ତାଙ୍କର ଦକ୍ଷତା, ଅଭିଜ୍ଞତା ଓ ନେତୃତ୍ୱର ପ୍ରତିଫଳନ ଦେଖିବାକୁ ମିଳିଥିଲା। ଏହି ଗୌରବମୟ ସଫଳତା ପାଇଁ ଡ. ନାୟକଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ମିଳିବା ସହ ବିଶ୍ୱ କଣ୍ଟିନେଣ୍ଟାଲ୍ ସିଲଭର ଲେଭଲ୍ ଆଥଲେଟିକ୍ସ ମିଟ୍‌ରେ ତାଙ୍କର ବୈଷୟିକ ଦାୟିତ୍ୱର ସଫଳ ନିର୍ବାହ ପାଇଁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଟ୍ରକ୍ ଧକ୍କାରେ ବୃଦ୍ଧ ମୃତ

ବୈଶିଙ୍ଗା, ୨୧।୮ (ସମିସ): ଭତ୍ତା ଟଙ୍କା ନେଇ ସାଇକଲରେ ଘରକୁ ଫେରୁଥିବାବେଳେ ଜାତୀୟ ରାଜପଥରେ ଜଣେ ବୃଦ୍ଧଙ୍କ ଜୀବନ ଯାଇଛି। ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ରଙ୍ଗାମାଟିଆ ଛକ ନିକଟରେ ଶୁକ୍ରବାର ଘଟିଛି ଏହି ଦୁର୍ଘଟଣା। ମୃତକ ରଙ୍ଗାମାଟିଆ ଗ୍ରାମର ବାସୁ ସିଂ(୬୫)। ପ୍ରାୟ ସାଢ଼େ ୧୧ଟା ସମୟରେ ବାସୁ ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ଟଙ୍କା ନେଇ ସାଇକଲରେ ଘରକୁ ଫେରୁଥିଲେ। ରଙ୍ଗାମାଟିଆ ଛକ ନିକଟରେ ପଛପଟୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ୍ ତାଙ୍କୁ ଧକ୍କା ଦେଇ ବାଲେଶ୍ୱର ଦିଗକୁ ଫେରାର ହୋଇଯାଇଥିଲା। ବାସୁଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ବାରିପଦା ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ବାସୁଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ବୈଶିଙ୍ଗା ପୁଲିସ ଘଟଣାର ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କରିଛି। ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ଟ୍ରକ୍‌କୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

## ପ୍ରତାରକ ପ୍ରେମିକ ଗିରଫ



ଉଦଳା, ୨୧।୮ (ସମିସ): ନିଜର ଚିକିତ୍ସା ପାଇଁ ଯିବା ସମୟରେ ଦେଖା ହୋଇଥିଲା। ପରେ ଗଢି ଉଠିଲା ପ୍ରେମ ସମ୍ପର୍କ। ପ୍ରେମ ସମ୍ପର୍କ ପରେ ବିବାହର ପ୍ରତିଶ୍ରୁତି ଦେଇଥିଲେ ଯୁବକ। ବିବାହ ସ୍ୱପ୍ନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ପରେ ଠକିଦେଲା ପ୍ରେମିକ। ଏବେ ପ୍ରେମିକକୁ ଗିରଫ କରିଛି ଉଦଳା ପୁଲିସ। ଗିରଫ ଯୁବକ ବାଲେଶ୍ୱର ଜିଲ୍ଲା ନୀଳଗିରି ଗୋଡିଷୋଳ ଅଞ୍ଚଳର ଧରଣୀଧର ସିଂ। ଧରଣୀଧର ଉଦଳା ଥାନା ଅଞ୍ଚଳର ଜଣେ ଯୁବତୀ ସହିତ ଏକ ଡାକ୍ତରୀ ଚିକିତ୍ସା ସମୟରେ ବାରିପଦାରେ ଭେଟ ହୋଇଥିଲା। ଦୁଇବର୍ଷ ପୂର୍ବରୁ ଦେଖା ହେବା ପରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା ଓ ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଧରଣୀଧର। ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ପରେ ଶେଷରେ ବିବାହ କରିବାକୁ ମନା କରି ସମ୍ପର୍କରୁ ଦୂରେଇ ଯାଇ ଠକି ଦେଇଥିଲେ ଧରଣୀଧର। ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଯୁବତୀ। ପୁଲିସ ଅଭିଯୋଗକୁ ଆଧାର କରି ଅଭିଯୁକ୍ତ ପ୍ରେମିକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ନିଶାମୁକ୍ତ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀଙ୍କ ଶପଥ

ବୈଶିଙ୍ଗା, ୨୧।୮ (ସମିସ)



ନିଶା ଯୁବପିଢ଼ିର ଭବିଷ୍ୟତକୁ ଅନ୍ଧକାର ଆଡ଼କୁ ଠେଲି ଦେଉଥିବାବେଳେ ଏହା ବିରୋଧରେ ସଚେତନତା ସୃଷ୍ଟି ପାଇଁ ବୈଶିଙ୍ଗାରେ ଶୁକ୍ରବାର ଏକ ଅଭିନବ ପ୍ରୟାସ ଦେଖିବାକୁ ମିଳିଛି। "ସ୍ୱ ପରିବର୍ତ୍ତନ ଦ୍ୱାରା ବିଶ୍ୱ ପରିବର୍ତ୍ତନ ସମ୍ଭବ' ବାର୍ତ୍ତାକୁ ଆଧାର କରି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବୈଶିଙ୍ଗା ସେବାକେନ୍ଦ୍ର ପକ୍ଷରୁ ମହାତ୍ମା ଗାନ୍ଧୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ନିଶାମୁକ୍ତି ଅଭିଯାନ ଅନୁଷ୍ଠିତ ହୋଇଯାଇଛି।

ଅଧକ୍ଷ ତଥା ଇଂରାଜୀ ପ୍ରାଧ୍ୟାପକ ବୀରେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବଡ଼ସାହି ବିଧାୟକ ସନାତନ ବିଜୁଳି ମୁଖ୍ୟଅତିଥି, ବେତନଟୀ ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ବନିତା ଭଉଣୀ ମୁଖ୍ୟବକ୍ତା, ବୈଶିଙ୍ଗା ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁପମା ଭଉଣୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଦୀପ, ଧୂପ, ପୁଷ୍ପ ଓ ନୈବେଦ୍ୟ ଅର୍ପଣ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଅଧକ୍ଷ ଶ୍ରୀ ବେହେରା ସ୍ୱାଗତ ଭାଷଣରେ ନିଶାଦ୍ରବ୍ୟର କୁପ୍ରଭାବ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀଙ୍କୁ ନିଶାଠାରୁ ଦୂରେଇ ଆତ୍ମବିଶ୍ୱାସ ଓ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ବିଧାୟକ ସନାତନ ବିଜୁଳି କହିଥିଲେ, ନିଶା କେବଳ ଜଣେ ବ୍ୟକ୍ତିର ସ୍ୱାସ୍ଥ୍ୟକୁ ନଷ୍ଟ କରେନାହିଁ, ଏହାର ପ୍ରଭାବ ପରିବାର, ସମାଜ ଓ ଦେଶର ଭବିଷ୍ୟତ ଉପରେ ପଡ଼ିଥାଏ। ତେଣୁ ଯୁବପିଢ଼ି ନିଶାମୁକ୍ତ ଜୀବନ ଆପଣାଇ ସମାଜ ପରିବର୍ତ୍ତନର ଅଗ୍ରଦୂତ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ବ୍ରହ୍ମାକୁମାରୀ ବନିତା ଭଉଣୀ ନିଶା

### ବୃକ୍ଷରୋପଣ ସହ ବୈଶିଙ୍ଗା ବଜାରରେ ସଚେତନତା ରାଲି

ସେବନର କୁପ୍ରଭାବ ଓ ଏହାର ସାମାଜିକ ପରିଣାମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ବୈଶିଙ୍ଗା ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁପମା ଭଉଣୀ "ସ୍ୱ ପରିବର୍ତ୍ତନ ଦ୍ୱାରା ବିଶ୍ୱ ପରିବର୍ତ୍ତନ ସମ୍ଭବ' ବାର୍ତ୍ତା ଦେବା ସହ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ରାଜଯୋଗ ଅଭ୍ୟାସ କରାଇଥିଲେ। ପରେ ବିଦ୍ୟାଳୟ ପରିସରସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବ୍ରହ୍ମାକୁମାରୀ ଭଉଣୀଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ଶପଥ ପାଠ କରାଯାଇଥିଲା। ଏହାପରେ ବିଦ୍ୟାଳୟ ପରିସରରେ ଅତିଥିଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇ ପରିବେଶ ସୁରକ୍ଷାର ବାର୍ତ୍ତା ଦିଆଯାଇଥିଲା।

ଶେଷ ପର୍ଯ୍ୟାୟରେ ବିଦ୍ୟାଳୟର ଏନଏସଏସ ବିଭାଗ ପକ୍ଷରୁ ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ଏକ ନିଶାମୁକ୍ତି ସଚେତନତା ରାଲି ବାହାରିଥିଲା। ବ୍ରହ୍ମାକୁମାର ସତ୍ୟପ୍ରକାଶ ଭାଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ଅଧ୍ୟାପକ ବିଜୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ରହ୍ମାକୁମାର ଦିବ୍ୟରଞ୍ଜନ ଭାଇ, ବ୍ରକୁ କନିକା ମାତା, ବ୍ରକୁ ମୀରା ମାତା, ବ୍ରକୁ ଜୟନ୍ତୀ ମାତା, ବ୍ରକୁ ସରୋଜ ଭାଇଙ୍କ ସମେତ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପୁଅକୁ ବଞ୍ଚାଇବାକୁ ଯାଇ ପିତାଙ୍କ ମୃତ୍ୟୁ; ଦୁଃଖରେ ପାହାଡ଼ରୁ ଡେଇଁଲେ ମା’

ଛତ୍ରପତି ସମ୍ଭାଜୀନଗର, ୨୧।୮(ଏଜେନ୍ସି): ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗରରୁ ଏକ ଅତ୍ୟନ୍ତ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ପାହାଡ଼ ଉପରୁ ପୁଅକୁ ଆତ୍ମହତ୍ୟା କରିବାରୁ ବଞ୍ଚାଇବାକୁ ଯାଇ ପିତା ନିଜ ଜୀବନ ହରାଇଥିବା ବେଳେ, ଏହା ସହିପାରି ନ ପାରି ମା’ ମଧ୍ୟ ପାହାଡ଼ରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଟିସଗାଓଁ ଅଞ୍ଚଳରେ ଥିବା ଖୱାଡ଼ିଆ ପାହାଡ଼ରେ ଏହି ଅଘଟଣ ଘଟିଛି। ୧୯ ବର୍ଷୀୟ ଯୁବକ କୁନାଲ ଚାନ୍ଦଗୁଡ଼ ଶୁକ୍ରବାର ସକାଳ ପ୍ରାୟ ୧୦ଟା ସମୟରେ ପାହାଡ଼ ଉପରକୁ ଚଢ଼ି ଆତ୍ମହତ୍ୟା କରିବାର ଧମକ ଦେଉଥିଲା। ସୂଚନା ମୁତାବକ, ଏକ ମୋବାଇଲ୍ ଫୋନ୍ କିଣିବାକୁ ନେଇ ପରିବାରରେ କଥା କଟାକଟି ହେବାରୁ ସେ ଅଭିମାନ କରି ଏପରି ଚରମ ନିଷ୍ପତ୍ତି

## ମୋବାଇଲ ଫୋନ୍ ହେଲା କାଳ

ନେଇଥିଲା। କୁନାଲକୁ ବୁଝାଇବା ପାଇଁ ପିତା ମୁରଲୀଧର (୪୮) ଏବଂ ମା’ ସଙ୍ଗୀତା ଘଟଣାସ୍ଥଳରେ ପହଞ୍ଚିଥିଲେ। ଗ୍ରାମବାସୀ ଏବଂ ପୁଲିସ ମଧ୍ୟ ତାକୁ ବୁଝାଇବାକୁ ଚେଷ୍ଟା କରିଥିଲେ। ତାକୁ ନୂଆ ମୋବାଇଲ୍ ଦେବାର ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା, କିନ୍ତୁ କୁନାଲ କାହାର କଥା ଶୁଣି ନଥିଲା। ସେଠାରେ ଉପସ୍ଥିତ ଅଗ୍ନିଶମ ବାହିନୀ ପାହାଡ଼ ତଳେ ଏକ ନେଟ୍ (ଜାଲ) ବିଛାଇଥିଲେ, କିନ୍ତୁ କୁନାଲ ପାହାଡ଼ର ଏପଟ ସେପଟ ହୋଇ ନିଜର ସ୍ଥାନ ବଦଳାଉଥିବାରୁ ତାକୁ ଉଦ୍ଧାର କରିବା ସମ୍ଭବ ହୋଇନଥିଲା। ଶେଷ ୧୫-୨୦ ମିନିଟ୍ ସମୟରେ, ପିତା କୁନାଲକୁ ଧରିବା ପାଇଁ ଅତି ନିକଟକୁ ଯାଇଥିଲେ। ସେହି ସମୟରେ କୁନାଲ ପାହାଡ଼ରୁ ଖସି ପଡ଼ିଥିଲା। ପୁଅକୁ ଧରିବାକୁ ଯାଇ ପିତା ମୁରଲୀଧର ମଧ୍ୟ ନିଜର ଭାରସାମ୍ୟ ହରାଇ ତା’ ସହିତ ଗଭୀର ଖାଲକୁ ପଡ଼ିଯାଇଥିଲେ। ଉଭୟଙ୍କ ମୃତ୍ୟୁ ଘଟଣାସ୍ଥଳରେ ହୋଇଥିଲା। ନିଜ ଆଖି ଆଗରେ ସ୍ୱାମୀ ଓ ପୁଅକୁ ହରାଇ ମା’ ସଙ୍ଗୀତା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ସେ ମଧ୍ୟ ପାହାଡ଼ରୁ ଡେଇଁ ପଡ଼ିଥିଲେ ଏବଂ ତାଙ୍କର ମଧ୍ୟ ମୃତ୍ୟୁ ହୋଇଛି। ଏହି ଘଟଣାର ଏକ ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ପୁଲିସ ଏହି ମାମଲାର ତଦନ୍ତ କରୁଛି। ଗୋଟିଏ ପରିବାରର ତିନି ଜଣ ସଦସ୍ୟଙ୍କ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।



# ପେଲେଟ୍ ଗନ୍ ମାଡ଼ରେ ଆହତ ଛାତ୍ରଙ୍କ ପାଇଁ ରାହୁଲଙ୍କ ଧାରଣା

ନୂଆଦିଲ୍ଲୀ, ୨୧।୮(ଏଜେନ୍ସି): ଛାତ୍ର ଆନ୍ଦୋଳନ ସମୟରେ ପେଲେଟ୍ ବନ୍ଧୁକ ବ୍ୟବହାରକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଆହତ ଛାତ୍ର ସାହିଲ ଲୋଚବଙ୍କୁ ସାଥିରେ ନେଇ ରାହୁଲ ଗାନ୍ଧୀ ସଂସଦ ମାର୍ଗ ଥାନା ବାହାରେ ଧାରଣାରେ ବସିଛନ୍ତି। ପୁଲିସ ଏଫ୍‌ଆଇଆର୍ ପଞ୍ଜୀକରଣ କରିବାକୁ ମନା କରିବାରୁ ସେ ଏହି ଚରମ ନିଷ୍ପତ୍ତି ନେଇଛନ୍ତି। ଗତ

## ଏଫ୍‌ଆଇଆର୍ ଦାବିରେ ଅଡ଼ିବସିଲେ

ଜୁଲାଇ ୨୦ରେ ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ବେଳେ ସାହିଲ ଲୋଚବ ନାମକ ଜଣେ ଛାତ୍ରଙ୍କ ଉପରକୁ ପେଲେଟ୍ ଗନ୍ ମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ରାହୁଲ ଗାନ୍ଧୀଙ୍କ ଅଭିଯୋଗ ଅନୁଯାୟୀ, ସାହିଲଙ୍କ ଶରୀରରେ ପ୍ରାୟ ୨୦୦ଟି ଧାତବ ଗୁଳି (ପେଲେଟ୍) ଲାଗି ରହିଛି ଏବଂ ତାଙ୍କର ଗୋଟିଏ ଆଖିରେ ୩ଟି ପେଲେଟ୍ ଫସି ରହିବାରୁ ଦୃଷ୍ଟିଶକ୍ତି ହରାଇବାର ଆଶଙ୍କା ରହିଛି।



ଏହାର ପ୍ରମାଣ ସ୍ୱରୂପ ସେ ଏମ୍ସ୍ ଏବଂ ଲେଡ଼ି ହାର୍ଡିଞ୍ଜ ମେଡ଼ିକାଲ କଲେଜର ରିପୋର୍ଟ ମଧ୍ୟ ଦେଖାଇଛନ୍ତି। ଏହି ଘଟଣାକୁ ନେଇ ବିଜେପି ସାଂସଦ ରବିଶଙ୍କର ପ୍ରସାଦ ରାହୁଲ ଗାନ୍ଧୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଏହା ଏକ ପ୍ରକାରର ‘ଅରାଜକତା ରାଜନୀତି’। ବିଜେପି ମୁଖପାତ୍ରଙ୍କ କହିବା ଅନୁଯାୟୀ, ସୁପ୍ରିମକୋର୍ଟ ଏହି ମାମଲାର ତଦନ୍ତ ପାଇଁ ପୂର୍ବରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି ଏବଂ ପୁଲିସ ମଧ୍ୟ ଏହାର ତଦନ୍ତ କରୁଛି। ତେଣୁ ଏହି ପ୍ରତିବାଦ କେବଳ ଅନ୍ୟ ଏକ ବିବାଦରୁ ଧ୍ୟାନ ହଟାଇବା ପାଇଁ ଏକ କୌଶଳ ବୋଲି ସେ ଦର୍ଶାଇଛନ୍ତି। ଦିଲ୍ଲୀ ପୁଲିସ ଛାତ୍ରଙ୍କ ଉପରେ ପେଲେଟ୍ ବନ୍ଧୁକ ବ୍ୟବହାର କରିଥିବା କଥାକୁ ଅସ୍ୱୀକାର କରିଛି। ତେବେ ରାହୁଲ ଗାନ୍ଧୀ ଲଗାତାର ଭାବେ ଗୃହ ମନ୍ତ୍ରୀଙ୍କୁ ଚିଠି ଲେଖି ଏହି ‘ବର୍ବରୋଚିତ ଆକ୍ରମଣ’ ପାଇଁ ଜବାବ ମାଗିଛନ୍ତି। ପେଲେଟ୍ ବନ୍ଧୁକର ସଠିକ୍ ବ୍ୟବହାର ନିୟମ ଅନୁଯାୟୀ, ଏହାକୁ ଅତି କମରେ ୫୦୦ ଫୁଟ ଦୂରରୁ ଏବଂ କେବଳ ଅଣ୍ଟା ତଳକୁ ଲକ୍ଷ୍ୟ କରି ଫାୟାର କରିବା କଥା। କିନ୍ତୁ ସାହିଲଙ୍କ କ୍ଷେତ୍ରରେ ଯାହା ହୋଇଛି, ତାହାକୁ ନେଇ ଏବେ ଚର୍ଚ୍ଚା ସରଗରମ ହୋଇଛି। ଏହି ଆନ୍ଦୋଳନରେ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଯୋଗଦେଇଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ହଟିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି।

## ଗାନ୍ଧୀଙ୍କ ଲିଖିତ ଦୈନିକ ଚିନ୍ତନ ୧୬.୨ କୋଟିରେ ନିଲାମ

ନୂଆଦିଲ୍ଲୀ, ୨୧।୮(ଏଜେନ୍ସି): ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଆତ୍ମସଂଯମ ଓ ଅହିଂସା ଉପରେ ଲିଖିତ ଦୈନିକ ଚିନ୍ତନର ସଂକଳନ ନିଲାମରେ ୧୬.୨୦ କୋଟି ଟଙ୍କାରେ ବିକ୍ରି ହୋଇଛି। ଏହା ନିଲାମରେ ବିକ୍ରି ହୋଇଥିବା କୌଣସି ଭାରତୀୟ ଐତିହାସିକ ଦଲିଲର ସର୍ବାଧିକ ମୂଲ୍ୟ ବୋଲି କୁହାଯାଉଛି। ‘ଏ ଥଟ୍ ଫର୍ ଦ ଡେ’ ନାମରେ ସଂକଳିତ ଏହି ଦଲିଲରେ ୨୩ ମାସ ମଧ୍ୟରେ ଗାନ୍ଧୀ ଲେଖିଥିବା ୬୮୮ଟି ତାରିଖଯୁକ୍ତ ଚିନ୍ତନ ରହିଛି। ଏଥିରେ ତାଙ୍କ ନୈତିକ ଚିନ୍ତାଧାରା ଓ ବ୍ୟକ୍ତିଗତ ମାର୍ଗଦର୍ଶନର ଝଲକ ମିଳେ। ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ଓ ଶିଷ୍ୟ ଆନନ୍ଦ ଟି ହିଙ୍ଗୋରାଣୀ ୧୯୩୦ରେ ତାଙ୍କୁ ପ୍ରଥମେ ଭେଟିଥିଲେ। ସେ ସାବରମତୀ ଆଶ୍ରମରେ ଗାନ୍ଧୀଙ୍କ ସହ କାମ କରିବା ସହ ଦାଣ୍ଡି ଯାତ୍ରା, ଅସହଯୋଗ ଓ ଭାରତ ଛାଡ଼ ଆନ୍ଦୋଳନରେ ଭାଗ ନେଇଥିଲେ। ପରବର୍ତ୍ତୀ ସମୟରେ ସେ ଗାନ୍ଧୀଙ୍କ ଲେଖାର ପ୍ରକାଶକ ଓ ସଂରକ୍ଷକ ହୋଇଥିଲେ। ଏହି ସଂକଳନ ସହ ଗାନ୍ଧୀଙ୍କ ଭଗବାନ ଓ ଭଗବଦ୍‌ଗୀତା ସମ୍ପର୍କିତ ତିନିଟି ହସ୍ତଲିଖିତ ଦଲିଲ ୧.୬୮ କୋଟି ଟଙ୍କାରେ ଏବଂ ତାଙ୍କ ଚରଖା ଓ ଦୁଇଟି ପତ୍ର ୧.୦୨ କୋଟି ଟଙ୍କାରେ ନିଲାମ ହୋଇଛି। ଗାନ୍ଧୀଙ୍କ ଚିନ୍ତନର ଏହି ଦୁର୍ଲଭ ସଂକଳନ ତାଙ୍କ ବ୍ୟକ୍ତିଗତ ଜୀବନ ଓ ଆଦର୍ଶର ଏକ ମୂଲ୍ୟବାନ ଐତିହାସିକ ଦଲିଲ ଭାବେ ଗୁରୁତ୍ୱ ବହନ କରୁଛି।

## ତ୍ରିକୋଣୀୟ ପ୍ରେମ: ଜାମିନରେ ଆସିଥିବା କୁଖ୍ୟାତ ଅପରାଧୀକୁ ହତ୍ୟା

ନାଗପୁର, ୨୧।୮(ଏଜେନ୍ସି): ମହାରାଷ୍ଟ୍ରର ନାଗପୁର ସହରର ସୁନ୍ଦରବନ ଅଞ୍ଚଳରେ ଏକ ବର୍ବର କାଣ୍ଡ ଘଟିଛି। ଜଣେ ଯୁବତୀଙ୍କୁ ନେଇ ହୋଇଥିବା ପ୍ରେମ ବିବାଦକୁ କେନ୍ଦ୍ର କରି ମାତ୍ର ଦୁଇ ସପ୍ତାହ ପୂର୍ବେ ଜାମିନରେ ଆସିଥିବା ଜଣେ କୁଖ୍ୟାତ ଅପରାଧୀଙ୍କୁ ତାଙ୍କର ହିଁ ଜଣେ ପୂର୍ବତନ ସାଥୀ ଏବଂ ସହଯୋଗୀ ମିଶି ନିର୍ମମ ଭାବେ ଛୁରୀରେ ଆକ୍ରମଣ କରି ହତ୍ୟା କରିଛନ୍ତି। ପୁଲିସ ସୂତ୍ରରୁ ପ୍ରକାଶ ଯେ ମୃତକ ଗୌରବ ପଙ୍କଜ ରାଗଡ଼େଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ ଏବଂ ଡକାୟତି ଭଳି ଏକାଧିକ ସଙ୍ଗୀନ ଅପରାଧ ମାମଲା ରହିଛି। ଗୌରବ ରାଉତ ଏବଂ ଅଭିଷେକ ବାସନିକ ନାମକ ଦୁଇ ଅଭିଯୁକ୍ତଙ୍କ ସହ ମୃତକଙ୍କର ପୂର୍ବରୁ ବନ୍ଧୁତା ଥିଲା। ତେବେ ଜଣେ ଯୁବତୀଙ୍କୁ ପ୍ରେମ କରିବାକୁ ନେଇ ସେମାନଙ୍କ ଭିତରେ ଶତ୍ରୁତା ସୃଷ୍ଟି ହୋଇଥିଲା। ଘଟଣା ଦିନ ଅଭିଯୁକ୍ତଙ୍କ ଘର ପାଖରେ ଗଣ୍ଡଗୋଳ ବେଳେ ଉଭୟଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷ ହୋଇଥିଲା। ସେହି ସମୟରେ ଅଭିଯୁକ୍ତମାନେ ଗୌରବଙ୍କଠାରୁ ଛୁରୀ ଛଡାଇ ନେଇ ତାଙ୍କୁ ବାରମ୍ବାର ଆକ୍ରମଣ କରିଥିଲେ, ଯାହା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ହତ୍ୟାକାଣ୍ଡ ପରେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜଣେ ଅଭିଯୁକ୍ତଙ୍କୁ ଘଟଣାସ୍ଥଳରୁ କାବୁ କରିବାରେ ସଫଳ ହୋଇଛି। ପୁଲିସ ପକ୍ଷରୁ ଅନ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ଅଧିକ ତାଡିତ ତଦନ୍ତ ଜାରି ରହିଛି।

## ଆମେରିକାରେ ବିମାନ ଦୁର୍ଘଟଣା; ୮ ଜଣଙ୍କ ମୃତ୍ୟୁ

ଜୁନୋ (ଆଲାସ୍କା), ୨୧।୮(ଏଜେନ୍ସି): ଆମେରିକାର ଆଲାସ୍କା ପ୍ରଦେଶରେ ଏକ ମର୍ମନ୍ତୁଦ ବିମାନ ଦୁର୍ଘଟଣା ଘଟିଛି। ଆଲାସ୍କାର କେପ୍ ନିଉଏନହମ୍‌ସ୍ଥିତ ଏକ ଦୂରବର୍ତ୍ତୀ ରାଡାର ସାଇଟ୍ ନିକଟରେ ଏକ ଚାର୍ଟର୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ୮ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଦୁର୍ଘଟଣାଗ୍ରସ୍ତ ବିମାନଟି ଆଙ୍କରେଜରୁ ଉଡ଼ାଣ ଭରିଥିଲା। ଏଥିରେ ଦୁଇଜଣ ପାଇଲଟ ଏବଂ ଛଅଜଣ ଯାତ୍ରୀ ଥିଲେ। ଗୁରୁବାର ଅପରାହ୍ଣରେ କେପ୍ ନିଉଏନହମ୍ ଲଙ୍ଗ୍ ରେଞ୍ଜ୍ ରାଡାର ସାଇଟ୍ ବିମାନବନ୍ଦରରେ ଅବତରଣ କରିବା ସମୟରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ବିମାନଟି ଏକ ବେସରକାରୀ ଚୁକ୍ତିଭିତ୍ତିକ ବିମାନ ଥିଲା। ଆଲାସ୍କା କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ରବର୍ଟ ଡେଭିସ୍ ଏହି ଘଟଣାକୁ ଏକ ଅପୂରଣୀୟ କ୍ଷତି ବୋଲି ବର୍ଣ୍ଣନା କରିଛନ୍ତି। ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ପହଞ୍ଚି ମୃତଦେହଗୁଡ଼ିକୁ ଉଦ୍ଧାର କରିଥିଲେ। ଦୁର୍ଘଟଣାର କାରଣ ସମ୍ପର୍କରେ ଜାତୀୟ ପରିବହନ ସୁରକ୍ଷା ବୋର୍ଡ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

## ଚିନି ଦର ବୃଦ୍ଧିକୁ ନେଇ ବିହାର ମନ୍ତ୍ରୀଙ୍କ ଅଜବ ଯୁକ୍ତି: ମଧୁମେହ ଆଳ ଦେଖାଇ ସଫେଇ

ପାଟନା, ୨୧।୮(ଏଜେନ୍ସି): ବିହାରରେ ଚିନି ଦର ବୃଦ୍ଧିକୁ ନେଇ ଏବେ ରାଜନୈତିକ ବୟାନବାଜି ଜୋର ଧରିଛି। ରାଜ୍ୟରେ ଚିନି ଦର କିଲୋଗ୍ରାମ ପିଛା ୪୮-୫୦ ଟଙ୍କାରୁ ବଢ଼ି ୬୫ ଟଙ୍କା ପାର କରିଥିବା ବେଳେ ଏହାକୁ ନେଇ ବିହାର ମନ୍ତ୍ରୀ ଶ୍ରବଣ କୁମାର ଏକ ଅଦ୍ଭୁତ ଏବଂ ବିଚିତ୍ର ଯୁକ୍ତି ବାଢ଼ିଛନ୍ତି। ମନ୍ତ୍ରୀ ଶ୍ରବଣ କୁମାର କହିଛନ୍ତି, ‘ଏବେ ସମସ୍ତେ ମଧୁମେହ ବା ଡାଇବେଟିସ୍‌ରେ ପୀଡ଼ିତ, ତେଣୁ ଲୋକେ ଚିନି କମ୍ ଖାଉଛନ୍ତି। ଏହି ମୂଲ୍ୟ ବୃଦ୍ଧି ଲୋକଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ, ତେଣୁ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ।’ ଅନ୍ୟପକ୍ଷରେ, ଅନ୍ୟଜଣେ ମନ୍ତ୍ରୀ ବିଜୟ କୁମାର ସିହ୍ନା ମୂଲ୍ୟ ବୃଦ୍ଧିକୁ ସମର୍ଥନ କରି କହିଛନ୍ତି ଯେ, କୃଷକଙ୍କ ଉତ୍ପାଦର ଦାମ୍ ବଢ଼ିଲେ ସେ ବ୍ୟକ୍ତିଗତ ଭାବେ ଖୁସି ହୁଅନ୍ତି। ତେବେ ଏହି ଦର ବୃଦ୍ଧିର କାରଣ ଖୋଜାଯିବ ବୋଲି ସେ ପ୍ରକାଶ କରିଛନ୍ତି। ମନ୍ତ୍ରୀଙ୍କ ଏହି ଅଜବ ଯୁକ୍ତିକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ସ୍ୱାଧୀନ ସାଂସଦ ପପୁ ଯାଦବ। ଏହି ସରକାର ହିଁ ସବୁଠାରୁ ବଡ଼ ମଧୁମେହ। ମନ୍ତ୍ରୀଙ୍କଠାରୁ ଏଭଳି ଅପରିପକ୍ୱ ବୟାନ ବ୍ୟତୀତ ଆଉ କଣ ଆଶା କରାଯାଇପାରେ ବୋଲି ସେ କହିଛନ୍ତି।

### ସୋମାଲିଆ ଉପକୂଳରେ ଜାହାଜ ଅପହରଣ

# ୬ ଭାରତୀୟ ସମେତ ୧୦ ଜଣ କର୍ମଚାରୀ ବନ୍ଦୀ



ନୂଆଦିଲ୍ଲୀ, ୨୧।୮(ଏଜେନ୍ସି): ସୋମାଲିଆ ଉପକୂଳରେ ଏକ ପଣ୍ୟବାହୀ ଜାହାଜକୁ ସାମୁଦ୍ରିକ ଦସ୍ୟୁମାନେ ଅପହରଣ କରିଥିବା ଖବର ମିଳିଛି। କାମେରୁନ ପତାକାଧାରୀ ‘ଲୁଟୁଫ’ ନାମକ ଏହି ଜାହାଜରେ ୧୦ ଜଣ କର୍ମଚାରୀ ଥିବା ବେଳେ ସେମାନଙ୍କ ମଧ୍ୟରେ ୬ ଜଣ ଭାରତୀୟ ନାବିକ ରହିଛନ୍ତି। ଏହି ଜାହାଜଟି ମୋଗାଦିଶୁରେ ଥିବା ଏକ ତୁର୍କୀ ସାମରିକ ତାଲିମ କେନ୍ଦ୍ର ପାଇଁ ଅସ୍ତ୍ରଶସ୍ତ୍ର ଓ ଯୋଗାଯୋଗ ଉପକରଣ ବହନ କରୁଥିଲା। ସୂଚନା ଅନୁଯାୟୀ, ଗତ ସୋମବାର ସୋମାଲିଆର ପୁଣ୍ଟଲ୍ୟାଣ୍ଡ ଉପକୂଳ ନିକଟରେ ୮ ଜଣ ଦସ୍ୟୁ ଜାହାଜଟିକୁ କବଜା କରିଥିଲେ। ପରେ ସେମାନେ ଜାହାଜକୁ ଗାରମାଲ ଅଞ୍ଚଳ ଆଡ଼କୁ ନେଇଯାଇଥିଲେ। ଜାହାଜରେ ୬ ଜଣ ଭାରତୀୟଙ୍କ ବ୍ୟତୀତ ଜଣେ ତୁର୍କୀ ନାଗରିକ, ଜଣେ ଜର୍ଜିଆ ଏବଂ ଦୁଇ ଜଣ ସର୍ବିୟାର ସୁରକ୍ଷାକର୍ମୀ ମଧ୍ୟ ରହିଛନ୍ତି। ଘଟଣା ପରେ ସେହି ଅଞ୍ଚଳରେ ତୁର୍କୀର ହେଲିକପ୍ଟର ଓ ଡ୍ରୋନ ପହଞ୍ଚି ନଜର ରଖିଥିଲା। ଏହି ସମୟରେ ଏକ ଏୟାର ଷ୍ଟ୍ରାଇକ୍ ମଧ୍ୟ ହୋଇଥିବା କଥା ଚର୍ଚ୍ଚା ହେଉଛି, ଯେଉଁଥିରେ କିଛି ଦସ୍ୟୁ ନିହତ ହୋଇଥିବା ସନ୍ଦେହ କରାଯାଉଛି। ତେବେ ଏହି ଆକ୍ରମଣ କିଏ କଲା ଏବଂ ଜାହାଜରେ ଥିବା କର୍ମଚାରୀମାନଙ୍କର ବର୍ତ୍ତମାନର ସ୍ଥିତି କଣ, ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଭାରତୀୟ ଓ ତୁର୍କୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏଯାବତ୍ କୌଣସି ଅଫିସିଆଲ୍ ବୟାନ ଜାରି କରାଯାଇନାହିଁ।

## କେନ୍ଦ୍ର ଦେଲାନି ଅନୁମତି; ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ଆମେରିକା ଗସ୍ତ ବାତିଲ

ହାଇଦରାବାଦ୍, ୨୧।୮(ଏଜେନ୍ସି): ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ ରେବନ୍ତ ରେଡ୍ଡୀଙ୍କ ଆମେରିକା ଗସ୍ତ ବାତିଲ ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କ ଗସ୍ତକୁ ଅନୁମତି ମିଳିନଥିବାରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଲଣ୍ଡନ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ସେଠାରୁ ଆମେରିକା ଯିବା ପାଇଁ ଯୋଜନା କରିଥିଲେ, କିନ୍ତୁ କେନ୍ଦ୍ରର ମନା କାରଣରୁ ସେ ଅଗଷ୍ଟ ୨୩ରେ ସିଧା ହାଇଦ୍ରାବାଦ ଫେରିବେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, ରାଜ୍ୟ ସରକାରଙ୍କ ‘ତେଲଙ୍ଗାନା ରାଇଜିଂ’ ତଥା ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ଏହି ଗସ୍ତର ଯୋଜନା କରାଯାଇଥିଲା। କେବଳ ବ୍ରିଟେନ ଗସ୍ତ ପାଇଁ ଅନୁମତି ମିଳିଥିବା ବେଳେ ଆମେରିକା ପାଇଁ ରାଜନୈତିକ କାରଣ ଦର୍ଶାଇ ଅନୁମତି ଦିଆଯାଇନାହିଁ। ଏହି ସ୍ଥିତିରେ ମୁଖ୍ୟମନ୍ତ୍ରୀ କହିଛନ୍ତି



ଯେ, ସେ କେନ୍ଦ୍ରର ନିଷ୍ପତ୍ତିକୁ ସମ୍ମାନ ଜଣାଇ ନିଜର ଆମେରିକା ଗସ୍ତକୁ ବାତିଲ କରିଛନ୍ତି। ତେବେ ରାଜ୍ୟର ଅଧିକାରୀମାନେ ଆମେରିକା ଗସ୍ତ କରି ସେଠାରେ ନିର୍ଦ୍ଧାରିତ ବୁଝାମଣାପତ୍ର (ଏମଓୟୁ) ଏବଂ ଅଂଶୀଦାର ଚୁକ୍ତିଗୁଡ଼ିକୁ ସମ୍ପନ୍ନ କରିବେ। ସେ ଲଣ୍ଡନର ଅକ୍ସଫୋର୍ଡ, କେମ୍ବ୍ରିଜ ଏବଂ ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଗସ୍ତ କରିବାର ଯେଉଁ କାର୍ଯ୍ୟକ୍ରମ ରହିଛି, ତାହା ଅବ୍ୟାହତ ରହିବ। ହାଇଦରାବାଦକୁ ଏକ ବିଶ୍ୱସ୍ତରୀୟ ଶିକ୍ଷା ଏବଂ ଦକ୍ଷତା ହବ୍‌ରେ ପରିଣତ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ‘ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିଶ୍ୱର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନଗୁଡ଼ିକୁ ଭାରତ ଓ ତେଲେଙ୍ଗାନାକୁ ଆଣିବା ଆମର ଲକ୍ଷ୍ୟ।’

## ଉପସାଗରୀୟ ଦେଶରୁ ବହିଷ୍କୃତ ହେଲେ ୨୦ ହଜାରରୁ ଅଧିକ ପାକିସ୍ତାନୀ

ଲାହୋର, ୨୧।୮(ଏଜେନ୍ସି): ଗତ ମାର୍ଚ୍ଚ ମାସରୁ ଜୁଲାଇ ମଧ୍ୟରେ ଉପସାଗରୀୟ ଦେଶଗୁଡ଼ିକରୁ ୨୦ ହଜାରରୁ ଅଧିକ ପାକିସ୍ତାନୀ ନାଗରିକଙ୍କୁ ବହିଷ୍କାର କରାଯାଇଛି। ପାକିସ୍ତାନର ଜାତୀୟ ସଂସଦରେ ଉପସ୍ଥାପିତ ସରକାରୀ ତଥ୍ୟରୁ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ସୁରକ୍ଷା ଜନିତ କାରଣ, ଭିସା ନିୟମ ଉଲ୍ଲଙ୍ଘନ ଏବଂ ନକଲି କାଗଜପତ୍ର ଭଳି ବିଭିନ୍ନ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନାର୍କୋଟିକ୍ସ କଣ୍ଟ୍ରୋଲ ମନ୍ତ୍ରଣାଳୟ ଦ୍ୱାରା ଦିଆଯାଇଥିବା ତଥ୍ୟ ଅନୁଯାୟୀ, ବହିଷ୍କୃତଙ୍କ ମଧ୍ୟରେ ସର୍ବାଧିକ ୧୫, ୫୦୦ ଜଣ ସାଉଦି ଆରବରୁ ଫେରାଇ ଦିଆଯାଇଥିବା ବେଳେ ୟୁଏଇରୁ ୩, ୮୦୩, ଓମାନରୁ ୧, ୬୦୬, ବାହାରିନରୁ ୫୨୧, କତାରରୁ ୪୨୯ ଏବଂ କୁଏତରୁ ୯୭ ଜଣ ରହିଛନ୍ତି। ଏହି ବହିଷ୍କାରର ଅନ୍ୟତମ ପ୍ରମୁଖ କାରଣ ହେଉଛି ସୁରକ୍ଷା ସମ୍ବନ୍ଧୀୟ ଚିନ୍ତା। ଇରାନ ଏବଂ ଆମେରିକା ମଧ୍ୟରେ ଜାରି ସଂଘର୍ଷ ସମୟରେ ଇରାନର ଆକ୍ରମଣ ସମ୍ବନ୍ଧୀୟ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଅଭିଯୋଗରେ ମଧ୍ୟ ଅନେକ ପାକିସ୍ତାନୀଙ୍କୁ ଗିରଫ କରାଯାଇ ବହିଷ୍କାର କରାଯାଇଛି। ଏଥିସହିତ ଭିସା ଅବଧି ସରିବା, ବେଆଇନ ପ୍ରବେଶ, ଭିକ୍ଷାବୃତ୍ତି ଏବଂ ନିଶାଦ୍ରବ୍ୟ କାରବାର ଭଳି ଅଭିଯୋଗରେ ମଧ୍ୟ ଅନେକଙ୍କୁ ଦେଶକୁ ଫେରାଇ ଦିଆଯାଇଛି। ସରକାରୀ ମନ୍ତ୍ରୀଙ୍କ କହିବାନୁସାରେ, ଏହି ତଥ୍ୟ କେବଳ ସେହି ବ୍ୟକ୍ତିମାନଙ୍କର ଯେଉଁମାନଙ୍କୁ ସେହି ଦେଶର କର୍ତ୍ତୃପକ୍ଷ ଅଟକ ରଖି ପାକିସ୍ତାନୀ ମିଶନର ଜରୁରୀକାଳୀନ ଭ୍ରମଣ ଦଲିଲ ମାଧ୍ୟମରେ ପଠାଇଛନ୍ତି। ସ୍ୱେଚ୍ଛାକୃତ ଭାବେ ଫେରିଥିବା କିମ୍ବା ବୈଧ ପାସପୋର୍ଟରେ ଆସିଥିବା ବ୍ୟକ୍ତିମାନେ ଏହି ଗଣନାରେ ଅନ୍ତର୍ଭୁକ୍ତ ନୁହଁନ୍ତି।

### ● କୋର୍ଟଙ୍କ ବଡ଼ ରାୟ

## ୨୦୧୭ ପୁଲିସ ଆକ୍ରମଣ ମାମଲାରୁ ୨୭ ଡେରା ସଚ୍ଚା ସୌଦା ଅନୁଗାମୀ ନିର୍ଦ୍ଦୋଷରେ ଖଲାସ

ଚଣ୍ଡୀଗଡ଼, ୨୧।୮(ଏଜେନ୍ସି): ହରିଆଣାର କୈଥଲ ଜିଲ୍ଲା କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ୨୦୧୭ ମସିହାରେ ପୁଲିସ ଦଳ ଉପରେ ଆକ୍ରମଣ, ଗୁଳିଚାଳନା ଏବଂ ସରକାରୀ ଗାଡ଼ି ଭଙ୍ଗାରୁଜା ମାମଲାରେ ଅଭିଯୁକ୍ତ ଥିବା ୨୭ ଜଣ ଡେରା ସଚ୍ଚା ସୌଦା ଅନୁଗାମୀଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୭ ଅଗଷ୍ଟ ୨୫ରେ କୋଟଡା ଗ୍ରାମରେ ଏକ ପୁଲିସ ଦଳ ଉପରେ ହୋଇଥିବା ଆକ୍ରମଣକୁ ନେଇ ଏହି ମାମଲା ରୁଜୁ ହୋଇଥିଲା। ଅଭିଯୋଗ ମୁତାବକ, ପ୍ରାୟ ୬୦ରୁ ୭୦ ଜଣ ଲୋକ ଅସ୍ତ୍ରଶସ୍ତ୍ର ଏବଂ ପେଟ୍ରୋଲ ବୋତଲ ଧରି ପୁଲିସ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଅନେକ ପୁଲିସ କର୍ମଚାରୀ ଆହତ ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ଉକ୍ତ ଗୋଷ୍ଠୀ ଏକ ବିଦ୍ୟୁତ କେନ୍ଦ୍ରରେ ନିଆଁ ଲଗାଇବା ସହ ଗ୍ରାମବାସୀଙ୍କ ସହ ସଂଘର୍ଷ କରିଥିଲେ। ଏହି ମାମଲାର ଶୁଣାଣି ସମୟରେ କୋର୍ଟ ୩୮ ଜଣ ସାକ୍ଷୀଙ୍କୁ ପରୀକ୍ଷା କରିଥିଲେ। ତେବେ ଉପସ୍ଥାପିତ ପ୍ରମାଣ ଏବଂ ସାକ୍ଷ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ଦୋଷ ସାବ୍ୟସ୍ତ କରିବା ପାଇଁ ଯଥେଷ୍ଟ ନୁହେଁ ବୋଲି ବିଚାରପତି କାଞ୍ଚନ ମାହି ତାଙ୍କ ରାୟରେ ଦର୍ଶାଇଛନ୍ତି। କୋର୍ଟ ସମସ୍ତ ୨୭ ଜଣଙ୍କୁ ଦୋଷମୁକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବିଚାର ପ୍ରକ୍ରିୟା ଚାଲିଥିବା ବେଳେ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିଲା।

### ● ଲଦାଖ ହିଂସା ମାମଲା

## ୨୫ ଜଣଙ୍କ ବିରୋଧରେ ମାମଲା ପ୍ରତ୍ୟାହାର

ଶ୍ରୀନଗର, ୨୧।୮(ଏଜେନ୍ସି): ଲଦାଖର ଲେହଠାରେ ଗତ ବର୍ଷ ସେପ୍ଟେମ୍ବର ୨୪ରେ ଘଟିଥିବା ହିଂସାକାଣ୍ଡ ପରେ ଗିରଫ ହୋଇଥିବା କିଛି ବ୍ୟକ୍ତିଙ୍କ ବିରୋଧରେ ରୁଜୁ ମାମଲାକୁ ପ୍ରତ୍ୟାହାର କରିବାକୁ ଲଦାଖ ପ୍ରଶାସନ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ଫଳରେ ମୋଟ ୨୫ ଜଣଙ୍କ ବିରୋଧରେ ଥିବା ମାମଲା ପ୍ରତ୍ୟାହାର କରାଯିବ। କାରଗିଲ ଡେମୋକ୍ରାଟିକ୍ ଆଲାଇନ୍ସ (କେଡିଏ) ଏବଂ ଲେହ ଆପେକ୍ସ ବଡି (ଏଲଏବି)ର ପ୍ରତିନିଧିମାନେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଅଧିକାରୀଙ୍କୁ ଭେଟିବା ପରଦିନ ଏହି ଘୋଷଣା କରାଯାଇଛି। ଲଦାଖର ମୁଖ୍ୟ ସଚିବ ଆଶିଷ କୁନ୍ଦ୍ରା କହିଛନ୍ତି ଯେ, ଗତ ବର୍ଷ ପ୍ରାୟ ୮୭ ଜଣଙ୍କୁ ଗିରଫ କରାଯାଇଥିଲା, ସେଥିମଧ୍ୟରୁ ୯ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇଛି। ଅନ୍ୟମାନଙ୍କ ମଧ୍ୟରୁ ୨୫ ଜଣଙ୍କ ବିରୋଧରେ ମାମଲା ପ୍ରତ୍ୟାହାର କରିବାକୁ ଉପ-ରାଜ୍ୟପାଳଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ଗତ ବର୍ଷ ଲଦାଖକୁ ରାଜ୍ୟ ପାହ୍ୟା ଏବଂ ଷଷ୍ଠ ଅନୁସୂଚୀ ଅନ୍ତର୍ଭୁକ୍ତ କରିବା ଦାବିରେ ହୋଇଥିବା ବିକ୍ଷୋଭ ହିଂସାତ୍ମକ ରୂପ ନେଇଥିଲା, ଯେଉଁଥିରେ ପୁଲିସ ଗୁଳିଚାଳନା ଯୋଗୁଁ ୪ ଜଣଙ୍କ ମୃତ୍ୟୁ ହୋଇଥିଲା।

## ପେରୁରେ ୬.୭ ତୀବ୍ରତାର ଶକ୍ତିଶାଳୀ ଭୂକମ୍ପ


ଲିମା, ୨୧।୮(ଏଜେନ୍ସି): ଦକ୍ଷିଣ ଆମେରିକୀୟ ଦେଶ ପେରୁରେ ଗୁରୁବାର ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୭ ମାପ କରାଯାଇଛି। ସୌଭାଗ୍ୟବଶତଃ ଏହି ପ୍ରାକୃତିକ ବିପର୍ଯ୍ୟୟରେ କୌଣସି ଜୀବନହାନି କିମ୍ବା ବଡ଼ ଧରଣର ସମ୍ପତ୍ତି ନଷ୍ଟ ହୋଇଥିବା ନେଇ ଖବର ମିଳିନାହିଁ। ସ୍ଥାନୀୟ ସମୟ ଦିନ ୧ଟା ସମୟରେ ଏହି ଭୂକମ୍ପ ଘଟିଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ପେରୁର ଆୟାକୁଚୋ ଅଞ୍ଚଳର ପାରିନାକୋଚାସ୍ ପ୍ରଦେଶର ଉପାହୁଆଚୋଠାରୁ ୩୮ କିଲୋମିଟର ଉତ୍ତର-ପଶ୍ଚିମ ଦିଗରେ ଥିଲା। ଏହାର ଗଭୀରତା ଭୂପୃଷ୍ଠଠାରୁ ପ୍ରାୟ ୬୬.୭ କିଲୋମିଟର ତଳେ ଥିଲା ବୋଲି ଜଣାପଡ଼ିଛି। ଇକା ଏବଂ ଆରେକୁଇପା ଭଳି ଅଞ୍ଚଳରେ ମଧ୍ୟ କମ୍ପନ ଅନୁଭୂତ ହୋଇଥିଲା। ଭୂକମ୍ପ ଯୋଗୁଁ ଆଣ୍ଡିଜ ପର୍ବତମାଳା ଅଞ୍ଚଳରେ ପଥର ଖସିଥିବା ଦେଖିବାକୁ ମିଳିଥିଲା। ପେରୁ ‘ପାସିଫିକ୍ ରିଙ୍ଗ୍ ଅଫ୍ ଫାୟାର୍’ରେ ଅବସ୍ଥିତ ଥିବାରୁ ଏଠାରେ ପ୍ରାୟତଃ ଭୂକମ୍ପ ହୋଇଥାଏ।

# ହର୍ମୁଜ୍‌ରେ ଭାରତୀୟ ନାବିକଙ୍କ ଉପରେ ଆକ୍ରମଣ

ନୂଆଦିଲ୍ଲୀ, ୨୧।୮(ଏଜେନ୍ସି): ବିଶ୍ୱର ସାମୁଦ୍ରିକ ମାର୍ଗରେ କାର୍ଯ୍ୟରତ ଭାରତୀୟ ନାବିକମାନେ ଏବେ ବଡ଼ ଧରଣର ସୁରକ୍ଷା ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଇରାନ ଏବଂ ଆମେରିକା-ଇସ୍ରାଏଲ ମଧ୍ୟରେ ଚାଲିଥିବା ସଂଘର୍ଷ କାରଣରୁ ହର୍ମୁଜ ପ୍ରଣାଳୀ ଏକ ରଣକ୍ଷେତ୍ରରେ ପରିଣତ ହୋଇଛି। ଏହି ସଙ୍କଟମୟ ସ୍ଥିତିରେ ଏପ୍ରିଲ ମାସରେ ୨୧ ଜଣ ଭାରତୀୟ ନାବିକଙ୍କୁ ନେଇ ଯାଉଥିବା ଏକ କଣ୍ଟେନର ଜାହାଜ ଉପରେ ହୋଇଥିବା ଆକ୍ରମଣର ଏକ ଭୟଙ୍କର ଭିଡିଓ ଏବେ ସାମ୍ନାକୁ ଆସିଛି। ଫରୱାର୍ଡ ସିମେନ୍ସ ୟୁନିଅନ୍ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଏହି ଭିଡିଓରେ ଦେଖିବାକୁ ମିଳିଛି ଯେ, ପାନାମା ପତାକାଧାରୀ ଜାହାଜଟିକୁ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର୍ସର ବୋଟ୍‌ଗୁଡ଼ିକ ଘେରିଯାଇଥିଲେ। ସେଠାରେ ଉତ୍ତେଜନା ଏତେ ବୃଦ୍ଧି ପାଇଥିଲା ଯେ ଆକ୍ରମଣକାରୀମାନେ ରକେଟ୍ ପ୍ରୋପେଲଡ୍ ଗ୍ରେନେଡ୍ ବ୍ୟବହାର କରିଥିଲେ।

## ସାମ୍ନାକୁ ଆସିଲା ଭୟଙ୍କର ଭିଡିଓ

ଜୀବନ ବଞ୍ଚାଇବା ପାଇଁ ଭାରତୀୟ ନାବିକମାନେ ଜାହାଜ ଭିତରେ ଲୁଚିବାକୁ ବାଧ୍ୟ ହୋଇଥିଲେ। ଭାଗ୍ୟବଶତଃ ଏହି ଘଟଣାରେ ସମସ୍ତ ୨୧ ଜଣ ଭାରତୀୟ ସୁରକ୍ଷିତ ଥିଲେ। ଗତ କିଛି ମାସ ମଧ୍ୟରେ ଏହି ଅଞ୍ଚଳରେ ହୋଇଥିବା ଆକ୍ରମଣରେ ଅନେକ ନାବିକଙ୍କ ମୃତ୍ୟୁ ହୋଇଥିବାରୁ ଭାରତ ସରକାର ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଡିରେକ୍ଟୋରେଟ୍ ଜେନେରାଲ୍ ଅଫ୍ ସିପିଂ ପକ୍ଷରୁ ସମସ୍ତ ଜାହାଜ ମାଲିକ ଓ ନିଯୁକ୍ତି ସଂସ୍ଥାଙ୍କୁ ଏକ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ସଂଘର୍ଷ ପ୍ରଭାବିତ ହର୍ମୁଜ ପ୍ରଣାଳୀ ଏବଂ ପାରାସ୍ୟ ଉପସାଗର ଦେଇ ଯାଉଥିବା ଜାହାଜରେ ଭାରତୀୟ ନାବିକଙ୍କୁ ନିୟୋଜିତ ନ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହିତ ଜାହାଜର କ୍ୟାପଟେନମାନଙ୍କୁ ସୁରକ୍ଷା ସମ୍ବନ୍ଧୀୟ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।





## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ । ନୂଆ ଯାନ କିଣିବା ଯୋଗ ଅଛି । ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ । ନାଚ, ଗୀତରେ ପ୍ରଶଂସା ମିଳିବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ । ବ୍ୟସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ । ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

**କନ୍ୟା:** ବ୍ୟବସାୟରେ ଲାଭ ହେବ । ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ । ନୂଆ କାମ ଆରମ୍ଭ କରିବେ । ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ । ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ । ପାରିବାରିକ ସମସ୍ୟା ସମାଧାନ ହେବ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଭାଇଭଉଣୀଙ୍କଠାରୁ ଉପହାର ପାଇବେ । ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ । ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ । ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ । ଆଇନଜୀବୀଙ୍କୁ ସଫଳତା ମିଳିବ ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ । ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ । ବିରୋଧୀଙ୍କୁ ସାମ୍ନା କରିବେ । ଚିନ୍ତାଗ୍ରସ୍ତ ରହିବେ । ଜୀବନସାଥୀଙ୍କୁ ମନ କଥା କହିବେ ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । କଳା କ୍ଷେତ୍ରରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ ।

## ଆଜିର ଇତିହାସ

- ୧୮୪୮ - ଆମେରିକା ନ୍ୟୁମେକ୍ସିକୋ ସହ ବୁଝାମଣା କଲା ।
- ୧୯୧୦- ଜାପାନ କୋରିଆ ଉପରେ କବ୍‌ଜା କଲା ।
- ୧୯୬୯ - ଆମେରିକାରେ ଆସିଥିବା ତୋଫାନ ଯୋଗୁଁ ୨୫୫ ଜଣଙ୍କ ମୃତ୍ୟୁ ।
- ୧୯୭୯ - ରାଷ୍ଟ୍ରପତି ନୀଲମ୍ ସଞ୍ଜୀବ ରେଡ୍ଡୀ ଲୋକସଭା ଭଙ୍ଗ କଲେ ।
- ୧୯୯୬- ମାଡ୍ରାସ ନାମ ବଦଳାଯାଇ ଚେନ୍ନାଇ ରଖାଗଲା ।



# ସୈଫ୍‌ଙ୍କ ନାୟିକା ହେବେ କିଆରା

ବଲିଉଡ୍ ଅଭିନେତ୍ରୀ କିଆରା ଆଡଭାନୀ ଏବେ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଟକ୍ସିକ୍'କୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି । ଯଶ୍‌ଙ୍କ ସହ ତାଙ୍କର ଇଣ୍ଟିମେଣ୍ଟ ସିନ୍‌କୁ ନେଇ ସାମାଜିକ ଗଣମାଧ୍ୟମରେ ଜୋରଦାର ଚର୍ଚ୍ଚା ମଧ୍ୟ ହେଉଛି । ବର୍ତ୍ତମାନ ଏହି ଚଳଚ୍ଚିତ୍ର ପରେ କିଆରାଙ୍କ ହାତକୁ ଆଉ ଏକ ବଡ଼ ଫିଲ୍ମ ଆସିଛି । ଏଥିରେ କିଆରାଙ୍କ ବିପକ୍ଷରେ ସୈଫ୍ ଅଲ୍ଲୀ ଖାନ୍ ନଜର ଆସିବେ । ତେବେ ସୈଫ୍ ଏବଂ କିଆରା ପ୍ରଥମ ଥର ପାଇଁ ଏକାଠି ସ୍କ୍ରିନ୍ ସେୟାର୍ କରିବାକୁ ଯାଉଛନ୍ତି । ଏହା ଏକ ସୁପର୍ ନାଚ୍ୟୁରାଲ ଥ୍ରୀଲର୍ ଫିଲ୍ମ ହେବ ବୋଲି ଜଣାପଡ଼ିଛି । ଏଯାବତ୍ ଫିଲ୍ମର ନାମ ଦିଆଯାଇ ନାହିଁ । କନିକା ଢିଲୋନ ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି । ଫରହାନ ଅଖତର ଏବଂ ରିତେଶ ସିଧୱାନୀଙ୍କ କମ୍ପାନି ଏକ୍ସେଲ ଏଣ୍ଟରଟେନମେଣ୍ଟ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି । କୁହାଯାଉଛି ଯେ, ନିର୍ମାତାମାନେ ଚଳିତବର୍ଷ ଶେଷ ସୁଦ୍ଧା ଏହାର ସୁଟିଂ ଆରମ୍ଭ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି । ଏବେ ଏହାର କାହାଣୀ ଲେଖା ଚାଲିଛି । କିଆରାଙ୍କ କାମ କଥା କହିବାକୁ ଗଲେ, ସେ ଖୁବ୍‌ଶୀଘ୍ର 'ଟକ୍ସିକ୍'ରେ ନଜର ଆସିବେ । ଏହାବାଦ୍ ସେ 'ନୋ ଏଣ୍ଟ୍ରି ୨'ରେ ମଧ୍ୟ କାମ କରୁଛନ୍ତି । ସେହିଭଳି ସୈଫ୍‌ଙ୍କ କାମ କଥା କହିବାକୁ ଗଲେ ଖୁବ୍‌ଶୀଘ୍ର ସେ 'ହୈବାନ' ଫିଲ୍ମରେ ନଜର ଆସିବେ । ଏଥିରେ ଲିଡ୍ ରୋଲରେ ଅକ୍ଷୟ କୁମାର ନଜର ଆସିବେ । ଏହାବାଦ୍ ସେ 'ଦେବରା ପାର୍ଟ ୨'ରେ ମଧ୍ୟ ଦେଖାଯିବେ ।

# ପୋଷାକ ସଫା କରିବାକୁ ୯୦ ଲକ୍ଷ



ବିଶ୍ୱରେ ଏମିତି କିଛି ଅଜବ ଚାକିରି ଅଛି, ଯାହା ବିଷୟରେ ଶୁଣିଲେ ବେଶ୍ ଆଶ୍ଚର୍ଯ୍ୟ ଲାଗିଥାଏ । ଏହି କାମଗୁଡ଼ିକ ଯେତିକି ବିଚିତ୍ର, ଏଥିପାଇଁ ମିଳୁଥିବା ଦରମା ମଧ୍ୟ ସେତିକି ଆଶ୍ଚର୍ଯ୍ୟଜନକ । ନିକଟରେ ସୋସିଆଲ ମିଡିଆରେ ଏମିତି ଏକ ଅଜବ ଚାକିରିର ବିଜ୍ଞାପନ ଭାଇରାଲ ହେବାରେ ଲାଗିଛି । ଲଣ୍ଡନରେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ତାଙ୍କର ଡିଜାଇନର୍ ପୋଷାକଗୁଡ଼ିକ ଧୋଇବା ଏବଂ ସେଗୁଡ଼ିକ ସାଇତି ରଖିବା ପାଇଁ ବାର୍ଷିକ ପ୍ରାୟ ୯୦ ଲକ୍ଷ ଟଙ୍କାର ଚାକିରି ଅଫର୍ ଦେଇଛନ୍ତି । ବ୍ରିଟେନର 'ଦ ଲେଡି' ପତ୍ରିକାରେ ଏହି ଚାକିରିର ବିଜ୍ଞାପନ ପ୍ରକାଶ ପାଇଛି । ବିଜ୍ଞାପନ ଅନୁଯାୟୀ, ମନୋନୀତ ବ୍ୟକ୍ତିଙ୍କୁ କେବଳ ପୋଷାକ ଧୋଇବା ନୁହେଁ, ବରଂ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବାକୁ ପଡ଼ିବ । ବ୍ୟବସାୟୀଙ୍କ ଦାମୀ ଡିଜାଇନର୍ ପୋଷାକଗୁଡ଼ିକୁ ଧୋଇବା ସହ ଯାତ୍ରା ସମୟରେ ତାକୁ ସୂଚାରୁରୂପେ ସଜାଡ଼ି ରଖିବାକୁ ହେବ । ମାଲିକଙ୍କ ପାଇଁ ଦାମୀ ବେଣ୍ଟଲେ କାର୍ ଚଲାଇବାକୁ ହେବ । ଏହାବାଦ୍ ଘରର ଛୋଟମୋଟ ଦୈନନ୍ଦିନ କାମ କରିବା ସହ ସ୍ନାକ୍ସ କିମ୍ବା କିଛି ସାଧାରଣ ଖାଦ୍ୟ ପ୍ରସ୍ତୁତ କରିବାକୁ ହେବ । ମାଲିକଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ପାର୍ଟିରେ ଅତିଥିମାନଙ୍କୁ ସେବା ଯୋଗାଇ ଦେବାକୁ ହେବ । ଏହି ସମସ୍ତ କାମ ଜଣେ ବ୍ୟକ୍ତିଙ୍କୁ ଏକାକୀ କରିବାକୁ ପଡ଼ିବ ନାହିଁ, ବରଂ ସେ ଆଉ ଜଣେ ସହଯୋଗୀଙ୍କ ସହ ମିଶି ଏହି ଦାୟିତ୍ୱଗୁଡ଼ିକ ବାଣ୍ଟିନେବେ । ମୋଟାମୋଟି କହିବାକୁ ଗଲେ, ଏହା କେବଳ ପର୍ସନାଲ ଆସିଷ୍ଟାଣ୍ଟର ଚାକିରି ନୁହେଁ, ବରଂ ଏଥିରେ ଡ୍ରାଇଭର, ହାଉସକିପର୍ ଏବଂ ୱାର୍ଡରୋବ୍ ମ୍ୟାନେଜରର ଭୂମିକା ମଧ୍ୟ ସାମିଲ ରହିଛି । ଏହି ବ୍ୟବସାୟୀ ଜଣକ ବର୍ଷ ସାରା ବିଭିନ୍ନ ଦେଶକୁ ବ୍ୟବସାୟିକ ଯାତ୍ରା କରୁଥିବାରୁ, ଲଣ୍ଡନରେ କେବଳ ୯୦ ଦିନ ହିଁ ରହନ୍ତି । ବାକି ସମୟ ସେ ବିଶ୍ୱ ଭ୍ରମଣରେ ଥାଆନ୍ତି, ତେଣୁ ଚୟନ ହେବାକୁ ଥିବା କର୍ମଚାରୀଙ୍କୁ ମଧ୍ୟ ତାଙ୍କ ସହ ବିଦେଶ ଯାତ୍ରା କରିବାକୁ ପ୍ରସ୍ତୁତ ରହିବାକୁ ହେବ । ଚାକିରି ପାଇଁ ଆବେଦନ କରୁଥିବା ବ୍ୟକ୍ତି ଜଣକ ଶାରୀରିକ ଭାବେ ଫିଟ୍ ଥିବା ଆବଶ୍ୟକ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ବ୍ୟବସାୟୀଙ୍କ ବ୍ୟକ୍ତିଗତ ଜୀବନ କିମ୍ବା ଘରର କୌଣସି ବି ତଥ୍ୟ ଯେପରି ବାହାରକୁ ନ ଯାଏ, ସେଥିପ୍ରତି କଡ଼ା ନଜର ରଖିବାକୁ ହେବ । ଏହି ଚାକିରିର ବିଜ୍ଞାପନ ବ୍ରିଟେନର ଏକ ପ୍ରସିଦ୍ଧ ନିଯୁକ୍ତି ସଂସ୍ଥା 'ବ୍ୟୁଚାମ୍ପ ପାର୍ଟନର୍ସ' ମାଧ୍ୟମରେ ପ୍ରକାଶ କରାଯାଇଛି । କୋଟିପତି ବ୍ୟବସାୟୀ ଜଣକ ନିଜର ପରିଚୟ ଗୋପନ ରଖିବା ପାଇଁ ଏହି ଏଜେନ୍ସିର ସହାୟତା ନେଇଛନ୍ତି । ଏହି ବିଜ୍ଞାପନକୁ ନେଇ ଲୋକେ ବେଶ୍ ମଜାଦାର ପ୍ରତିକ୍ରିୟା ଦେଇଛନ୍ତି ।

# କ୍ଷୀରରେ ୪୫ ବର୍ଷ



ରାଜସ୍ଥାନ, ରାଜସମନ୍ଦ ଜିଲ୍ଲା ଅନ୍ତର୍ଗତ ତକଡ଼ିୟୋଁ କା ଗୁଡ଼ା ଗାଁର ୪୫ ବର୍ଷୀୟ ପୁନମ ସିଂହ ତାଙ୍କର ଅଜବ ଖାଦ୍ୟାଭ୍ୟାସ ପାଇଁ ଚର୍ଚ୍ଚାରେ ରହିଛନ୍ତି । ସେ ଆଜିକୁ ୪୫ ବର୍ଷ ହେବ ଖାଦ୍ୟ ବଦଳରେ କେବଳ କ୍ଷୀର ପିଇ ବଞ୍ଚିଛନ୍ତି । ଏହି ଅଭ୍ୟାସ ତାଙ୍କର ପିଲାଦିନରୁ ରହିଛି । ପୁନମ ସକାଳେ ଏବଂ ସନ୍ଧ୍ୟାରେ କେବଳ ଗ୍ଲାସେ କ୍ଷୀର ପିଉଥିବାବେଳେ ଖରାଦିନେ କେବେ କେବେ ଆଖୁ ରସ ପିଇଥାନ୍ତି । ଆଶ୍ଚର୍ଯ୍ୟର କଥା ଏହା ଯେ, ସେ କେବଳ କ୍ଷୀର ପିଇ ବି ସମ୍ପୂର୍ଣ୍ଣ ସୁସ୍ଥ ରହିଛନ୍ତି । ପୁନମ୍‌ଙ୍କ କହିବା କଥା, ୨୦୦୦ ମସିହାରେ ଥରେ ସେ ଅସୁସ୍ଥ ହୋଇ ଯାଇଥିଲେ । ଏହି ସମୟରେ ଡାକ୍ତର ତାଙ୍କୁ ଖାଦ୍ୟ ଖାଇବାକୁ ଖାଇଥିଲେ । ହେଲେ ସେ ଖାଦ୍ୟ ଗ୍ରହଣ କରିବାକୁ ମନା କରି ଦେଇଥିଲେ । ଏହି ଘଟଣାକୁ ଏଯାବତ୍ ୨୬ ବର୍ଷ ବିତି ଯାଇଥିଲେ ବି ସେ କେବେ ଅସୁସ୍ଥ ହୋଇ ନ ଥିବା କହିଛନ୍ତି । କେବଳ ସେତିକି ନୁହେଁ, ପୁନମ୍ ନିୟମିତ ବାଇକ୍ ଓ ଟ୍ରାକ୍ଟର ମଧ୍ୟ ଚଳାନ୍ତି । ସେ ବିବାହ ଭୋଜିଗୁଡ଼ିକରେ ଯୋଗ ଦେଉଥିବାବେଳେ ଲୋକେ ତାଙ୍କୁ ଖାଦ୍ୟ ଖାଇବା ପାଇଁ ବାଧ କଲେ ସେ ଅଧା କପ୍ ଚା' ପିଇଥାନ୍ତି । ଏନେଇ ଡାକ୍ତରଙ୍କ କହିବା କଥା, , କେବଳ କ୍ଷୀର ପିଇ ଏତେ ଦିନ ଧରି ଜୀବନ ଜିଇଁବା ଏକ ଅସାମାନ୍ୟ ସ୍ଥିତି । କ୍ଷୀରରେ ଆବଶ୍ୟକୀୟ ପୋଷକତତ୍ତ୍ୱ ଥିଲେ ବି ଏଥିରେ କିଛି ଜରୁରି ତତ୍ତ୍ୱର ଅଭାବ ଥାଏ । ଅନେକ ଥର ପୁନମ୍‌ଙ୍କୁ ତାଙ୍କ ପରିବାର ଲୋକେ ଖାଦ୍ୟ ଖୁଆଇବା ପାଇଁ ଚେଷ୍ଟା କରି ବିଫଳ ହୋଇଛନ୍ତି । ପୁନମ୍‌ଙ୍କ ପରିବାରର ଅନ୍ୟ ସଦସ୍ୟମାନେ ସାଧାରଣ ଖାଦ୍ୟ ଖାଉଥିବାବେଳେ ସେ କିନ୍ତୁ କେବଳ କ୍ଷୀର ପିଇ ବଞ୍ଚିଛନ୍ତି ।

## ରାକ୍ଷୀ: ଅତୁଟ ବନ୍ଧନ

ଭାଇ ଭଉଣୀର ଅତୁଟ ବନ୍ଧନ
ସ୍ନେହ ଶ୍ରଦ୍ଧା କଥା ମନରେ ହରଷ ଭରୁଛି
ରାକ୍ଷୀ ପୂର୍ଣ୍ଣିମାର ଆଗମନେ
ବଜାର ଉଛୁଳି ପଡୁଛି ।
ରାକ୍ଷୀ ଦୋକାନରେ ଗହଳ ଚହଳ ଲାଗିଛି
ନାନା ରଙ୍ଗ ରାକ୍ଷୀ ଆଖି ତ ଝଲସି ଯାଉଛି
ନାନୀ ମନ ଖୁସିରେ ଉଛୁଳି ପଡୁଛି
ଦୂର ବିଦେଶରୁ ଭାଇ ତା'ର ପରା ଆସୁଛି ।
ଚକ୍‌ଲେଟ୍, କ୍ଲିପ୍, ଡ୍ରେସ୍, ଟିକିଲି
କେତେ ଉପହାର ଆଣିଛି
ପ୍ରଜାପତି ପରି କଅଁଳ ମନଟା
ଆନନ୍ଦରେ ଖେଳି ଯାଉଛି ।
ସକାଳୁ ସକାଳୁ ନିନି ଉଠି ପଡ଼ି
ଗାଧୁଆ ପାଧୁଆ ସାରିଛି
ସିନ୍ଦୂର, ଚନ୍ଦନ, ମିଠା ପୁଣି ଦୀପ
ରାକ୍ଷୀଟିଏ ଥାଳିରେ ସଜେଇ ରଖିଛି ।
ମଙ୍ଗଳ ମନାସି ଭାଇର
ବନ୍ଦାପନା କରି ହାତରେ ରାକ୍ଷୀ ବାନ୍ଧିଛି
ଉପହାର ପାଇଁ ଭାଇ ପଛେ ପଛେ ଧାଉଁଛି
ପିଲାଙ୍କର ଖୁସି ଦେଖି ମାଆ ମନ ପୁରିଛି ।
ଯୁଗ ଯୁଗ ଧରି ଭାଇ ଭଉଣୀର
ଭଉଣୀ ଭାଇର ଏମିତି ବନ୍ଧନ ଥାଉ
ଦୁଃଖରେ ସୁଖରେ ଭାବ ଅଭାବରେ
ଦୁହେଁ ଦୁହିଁଙ୍କର ସାହାରା ହେଉ ।
ଗୋମାତାର ପୂଜା ଘରେ ଘରେ
ଖେଚଡ଼ି ଖିରିରେ ହେଉଛି
ସିନ୍ଦୁର ମଥାରେ ଦେଇ
ଗାଈର ସିଂଘରେ ରାକ୍ଷୀଟିଏ ବନ୍ଧାଯାଇଛି ।
ଗେଲେହି ନାନୀ
ଗଛରେ ବି ରାକ୍ଷୀ ବାନ୍ଧିଛି
ପଚାରିଲେ କହେ ଗଛ ଅଟେ ପରା
ଭାଇଠୁ ଅଧିକ ସ୍କୁଲରେ ପଢ଼ା ଯାଉଛି ।



ଅନସୂୟା ପଣ୍ଡା

ଭୁବନେଶ୍ୱର

## ଆମ ଗରବ ରାକ୍ଷୀ ପରବ



ସୁଜିତ କୁମାର ମିଶ୍ର

ଆମ ଗରବ ରାକ୍ଷୀ ପରବ
ଭାଇ ଓ ଭଉଣୀର,
ଆସିଛି ସିଏ ବାଣ୍ଟିବା ପାଇଁ
ଶରଧା ନିରନ୍ତର ।
ସକାଳୁ ଉଠି ଗେହ୍ଲି ଭଉଣୀ
ସଜାଡ଼େ ପୂଜାଥାଳୀ,
ବାନ୍ଧିବା ପାଇଁ ଭାଇ ହାତରେ
ରାକ୍ଷୀଟେ ହୃଦଖୋଲି ।
ରେଶମୀ ସୂତା ନୁହଁଇ ସିଏ
ସୁରକ୍ଷା ଶ୍ରଦ୍ଧା ଡୋରି,
ମଧୁର ଭାବ ବରଷା ପରି
ସେଠୁ ପଡ଼ଇ ଝରି ।
ସୁଖଦୁଃଖରେ ସାଥୀ ହେବାକୁ
ରାକ୍ଷୀ ଜଣାଇ ଦିଏ,
ଏପରି ଦିବ୍ୟ ସନ୍ତକ ସହ
ଅଛି କି ସରି କିଏ ?
ପରଶି ଦିଏ ଆଦର ସିଏ
ପାଖକୁ ଡାକି ଡାକି,
ସବୁ ବିପଦ ଦୂରେଇ ଦେଇ
ରଖେ ସଭିଙ୍କୁ ସୁଖୀ ।
ରାକ୍ଷୀ ବୁଝେନା ଏଇ ସଂସାରେ
କିଏ ଆପଣା ପର,
ହାତରେ ଥିଲେ ଭଉଣୀ ରାକ୍ଷୀ
ମନ ସରଗ ପୁର ।
ସଭିଙ୍କ ହାତେ ପିନ୍ଧାଇ ରାକ୍ଷୀ
ଆସ ଜିଣିବା ମନ
ବଢିବ ତେବେ ଆମ ଭିତରେ
ରାକ୍ଷୀ ପରବ ମାନ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର

## ପ୍ରହେଳିକା

- ଶ୍ରାବଣ ମାସର ପୁନେଇଁ ଦିନ
ପର୍ବଟିଏ ଆସେ ଅତି ମହାନ
ସ୍ନେହ ମମତାର ପବିତ୍ର ଡୋରୀ
ଭାଇ ହାତେ ବାନ୍ଧେ ଗେହ୍ଲି ଭଉଣୀ
ବନ୍ଦାପନା ନୀତି ହୁଏ
ଭାଇ ଦେଇଥାଏ ଭଉଣୀକୁ ଭେଟି
କୁହତ ତା' ନାମ କିଏ ।
ଉତ୍ତର-ରାକ୍ଷୀ ପୁନେଇଁ

- ଭାଇ ଭଉଣୀଙ୍କ ସ୍ନେହ ମମତା
ଯୋଡ଼ିଥାଏ ସେହି ରେଶମ ଫିତା
ଶ୍ରାବଣ ପୁନେଇଁ ଶୁଭ ମୁହୂର୍ତ୍ତେ
ଭଉଣୀ ବାନ୍ଧଇ ଭାଇର ହାତେ
ଦେଖିବାକୁ ଅନୁପମ
ଭାଇ ଭଉଣୀର ବନ୍ଧନକୁ ଯୋଡ଼େ
କୁହତ ସେ ଫିତା ନାମ ।
ଉତ୍ତର-ରାକ୍ଷୀ



- ଶ୍ରାବଣ ପୁନେଇଁ ଯେବେ ଆସଇ
ସଭିଏଁ ଦିଅନ୍ତି ତାକୁ ଗାଧୋଇ
ସନ୍ଧ୍ୟାକାଳେ ତା'ର ହୁଅଇ ପୂଜା
ପୁଷ୍ପ ଚନ୍ଦନରେ ହୁଏ ସେ ସଜା
ସଭିଏଁ ମାନନ୍ତି ତାହାକୁ ମାତା
ପରିବାର ରକ୍ଷା କରଇ ସଦା
ତା'କ୍ଷୀର ଅମୃତ ସମ
ତାକୁ ପୂଜା କଲେ କୋଟି ପୂଣ୍ୟ ମିଳେ
କୁହତ ସେ ପୂଜା ନାମ ।
ଉତ୍ତର-ଗୋମାତା ପୂଜା

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

# ସୁମନ

## ରାଗ ରୁଷା ଗଲା ଦୂରେଇ



ମୁନା ଆଉ ମାମୁନି ଦୁହେଁ ଭାଇ ଭଉଣୀ । ମୁନା ପ୍ରଥମ ଶ୍ରେଣୀରେ ପଢ଼େ ଆଉ ମାମୁନି ତୃତୀୟରେ । ଦୁହେଁ ଭାରି ଭଲ । ସାଙ୍ଗ ହୋଇ ଖେଳନ୍ତି, ବୁଲନ୍ତି, ପଢନ୍ତି । ସ୍କୁଲ୍ ବସ୍‌ରେ ବି ଦୁହେଁ ସାଥୀ ହୋଇ ସ୍କୁଲ୍ ଯାଆନ୍ତି । ସ୍କୁଲ୍‌ରେ ଖାଇବା ଛୁଟି ବେଳେ ସାଙ୍ଗ ହୋଇ ଦୁହେଁ ଖାଆନ୍ତି । ମୁନା ଖାଇ ନ ପାରିଲେ ମାମୁନି ତାକୁ ଖୋଇଦେଇ ମୁହଁ ହାତ ଧୋଇ ଦିଏ । ପକେଟ୍‌ରୁ ରୁମାଲ ବାହାର କରି ମୁହଁ ପୋଛି ଦିଏ, ଠିକ୍ ମାଆଟିଏ ପୁଅର ଯତ୍ନ ନେଲା ଭଳି । ଘରେ ବି ସାଙ୍ଗ ହୋଇ ଦୁହେଁ ଖେଳନ୍ତି, ଖାଆନ୍ତି, ପାଠ ପଢ଼ନ୍ତି । ସବୁ ଠିକ୍ ଠାକ୍ ଥିଲା ଭିତରେ ବେଳେବେଳେ ଦୁହେଁ ଝଗଡ଼ା ଲାଗି ଯାଆନ୍ତି । ଦୁଇ ଜଣଙ୍କ ଝଗଡ଼ା ଦେଖି ମାଆ ଦୌଡ଼ି ଆସନ୍ତି । ବଡ଼ ଭଉଣୀ ହୋଇ ସାନ ଭାଇ ସାଙ୍ଗରେ ଲାଗୁଛୁ କହି ଗାଳି କରନ୍ତି । ମାଆଙ୍କ ଗାଳି ଶୁଣି ମାମୁନି କାନ୍ଦି କାନ୍ଦି କହେ, "ତମେ ମତେ ସବୁବେଳେ ଗାଳି କରୁଛ । ମୁନାକୁ କେବେ କିଛି କହୁନ !" ଏତିକି କହି ସେ ଆହୁରି ଜୋର ଜୋର କରି କାନ୍ଦେ । ମାମୁନିର କାନ୍ଦ ଦେଖି 'ମୋର ସୁନା ଝିଅ' କହି ମାଆ କୋଳେଇ ନେଇ ଲଡୁଟିଏ ଖୋଇ ଦିଅନ୍ତି । ମାମୁନି ଚୁପ୍ ହୋଇଯାଏ । ଏଇମିତି ଭାଇ ଭଉଣୀଙ୍କ ରାଗ ରୁଷା ସବୁବେଳେ ଚାଲିଥାଏ । ଦିନେ ମୁନା ଓ ମାମୁନି ପାଇଁ ବାପା ଦୁଇଟା ଡ୍ରଇଂ ବହି ଆଣିଦେଲେ । ମାମୁନି ଖୁସି ହୋଇ ସୁନ୍ଦର ଚିତ୍ର ଦେଖି ରଙ୍ଗ ଭରିବା ଆରମ୍ଭ କରି ଦେଲା । ଏତିକି ବେଳେ ମୁନା ଦୌଡ଼ି ଆସି ମାମୁନିକୁ ତା' ସାଙ୍ଗରେ ଖେଳିବା ପାଇଁ କହିଲା । ରଙ୍ଗ ଭରିବାରେ ବ୍ୟସ୍ତ ଥିବାରୁ ମାମୁନି ଖେଳିବାକୁ ଯିବ ନାହିଁ ବୋଲି ରୋକ୍ ଠୋକ୍ ମନା କରିଦେଲା । ରାଗିଯାଇ ମୁନା, ମାମୁନି ପାଖରୁ ବହିଟିକୁ ଟାଣି ଆଣିବାରୁ ବହିଟି ଚିରିଗଲା । ଏହାଦେଖି ମାମୁନି ଜୋରରେ ରଡ଼ି କରି କାନ୍ଦିଲା । ମାମୁନିର କାନ୍ଦ ଶୁଣି ମାଆ ଦୌଡ଼ି ଆସିଲେ । ଦୁହିଁଙ୍କୁ ବୁଝେଇବା ଆରମ୍ଭ କରିଦେଲେ । ବାପାଙ୍କୁ କହି ଆଉ ଗୋଟିଏ ଭଲ ଡ୍ରଇଂ ବହି ଆଣି ଦେବାକୁ କହିବାରୁ ମାମୁନି ଚୁପ୍ ହେଲା । ତା' ପରଦିନ ଥାଏ ରାକ୍ଷୀ ପୂର୍ଣ୍ଣିମା । ସେଦିନ ସକାଳୁ ସକାଳୁ ଗାଧୋଇ ପଡ଼ି ନୂଆ ପୋଷାକ ପିନ୍ଧି ମୁନା ଠାକୁରଙ୍କ ପାଖରେ ମୁଣ୍ଡିଆ ମାରି ଜଳଖିଆ ଖାଇସାରି ବୁଲୁଥାଏ । ସକାଳ ଆଠଟାରୁ ଦଶଟା ହେଲା । ତା' ପରେ ଏଗାର । ହେଲେ ମାମୁନି ଦିଦି ରାକ୍ଷୀ ବାନ୍ଧି ଦେଉ ନ ଥାଏ । ମୁନା ଯାଇ କହିବାରୁ ମାଆ ମାମୁନିକୁ ଡାକି ଭାଇକୁ ରାକ୍ଷୀ ବାନ୍ଧିବା ପାଇଁ କହିଲେ । ମାମୁନି କହିଲା, "ନା, ମୁଁ ତାକୁ ଜମା ରାକ୍ଷୀ ବାନ୍ଧିବି ନାହିଁ । ମୋ ସହିତ ଲାଗିବ, ଝଗଡ଼ା କରିବ, ମୋ ବହି ଚିରିଦେବ ମୁଁ ତାକୁ ରାକ୍ଷୀ ବାନ୍ଧିଦେବି ? ଜମା ନୁହେଁ ।" ଏତିକି କହି ସେ ପଳେଇଲା । ରାକ୍ଷୀ ନ ବାନ୍ଧି ମୁନା ମନ ମାରି ବସି ପଡ଼ିଲା । ମୁନାର ଅବସ୍ଥା ଦେଖି ମାଆ ମୁନା କାନରେ କ'ଣ ଟିକେ କହିଦେଲେ । ସଙ୍ଗେ ସଙ୍ଗେ ମୁନା ଡେରି ନ କରି ହାତରେ ଫୁଲ, ଚନ୍ଦନ, ରାକ୍ଷୀ, ମିଠାଥିବା ଥାଳିଟିଏ ନେଇ ମାମୁନି ପାଖରେ ପହଞ୍ଚିଗଲା । କହିଲା, "ଦିଦି, ମୁଁ କାନ ଧରୁଛି, ମୋର ଭୁଲ୍ ହୋଇ ଯାଇଛି, ମୁଁ ଆଉ ଜମା ଝଗଡ଼ା କରିବି ନାହିଁ । ମତେ କ୍ଷମା କରିଦେ ଦିଦି, ଏଇ ରାକ୍ଷୀ ନେଇ ମୋ ହାତରେ ପିନ୍ଧେଇ ଦେ । ମୁଁ ପରା ତୋ ସାନ ଗେହ୍ଲା ଭାଇ । ତୁ କ'ଣ ମତେ କ୍ଷମା କରିବୁନି ।" ମୁନାକୁ ବହୁତ ଭଲ ପାଉଥିବା ମାମୁନି, ମୁନାର କଅଁଳ କଥାରେ ସବୁ ରାଗ ରୁଷା ସେ ଯେମିତି ନିମିଷକ ଭିତରେ ଭୁଲିଗଲା । ସ୍ନେହରେ ପାଖକୁ ଆଉଜେଇ ନେଇ ଫୁଲ ଚନ୍ଦନ ଲଗେଇ ଦେଇ ତା' ହାତରେ ରାକ୍ଷୀ ବାନ୍ଧି ଦେଲା, ମିଠା ଦୁଇଟା ଖୋଇ ଦେଲା । ଡେରି ନ କରି ମୁନା ରାକ୍ଷୀ ବନ୍ଧା ଉପହାର ଭାବରେ ମାମୁନି ହାତର ସୁନ୍ଦର ଡ୍ରଇଂ ବହି ସହିତ ଦୁଇଟି ଗପ ଓ କବିତା ବହି ଧରେଇ ଦେଲା । ଏତେ ସୁନ୍ଦର ଉପାଦେୟ ବହି ସବୁ ଉପହାର ପାଇ ମାମୁନି ଖୁସି ହେଲା । ଭାଇ ଭଉଣୀଙ୍କ ରାଗ ଅଭିମାନ ସବୁ ଦୂରେଇ ଗଲା । ସାଙ୍ଗ ହୋଇ ଦୁହେଁ ବାପା, ମାଆ, ଜେଜେ, ଜେଜି ମାଆଙ୍କ ପାଦ ଛୁଇଁ ପ୍ରଣାମ କରି ଆଶୀର୍ବାଦ ନେଲେ ।




ଡ. ରବିନାରାୟଣ ସାହୁ

ସ୍ମୃତି ନଗର, ବରଗଡ଼

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ । ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ ।


## ଚିତ୍ର ଆଙ୍କିବା ଲୁହା







ସାଇ ନମ୍ରତା ମହାପାତ୍ର
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା, ପୁରୀ






ଅଦ୍ୱିତା ବିଶ୍ୱାଳ
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





ମାଇରା ମହାନ୍ତି
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ୟୁନିଟ୍ ୮
ଭୁବନେଶ୍ୱର





ଶୁଭଶକ୍ତି ହାଁସଦା
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ

## ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ୍

# ଭାରତ-ନେଦରଲ୍ୟାଣ୍ଡସ ମୁକାବିଲା ଆଜି

ଆମଷ୍ଟଲଭିନ୍,୨୧।୮ (ଏଜେନ୍ସି)



ଏଠାରେ ଚାଲିଥିବା ପୁରୁଷ ହକି ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡ ବା କ୍ରସ୍ ଓଭର ମୁକାବିଲା ଆସନ୍ତାକାଲିଠାରୁ ଆରମ୍ଭ ହେବ। ପୁଲ୍-ଇ'ରେ ସ୍ଥାନ ପାଇଥିବା ନେଦରଲ୍ୟାଣ୍ଡସ ସହ ଆସନ୍ତାକାଲି ଭାରତୀୟ ପୁରୁଷ ଦଳ ପ୍ରଥମ ଓ ୨୪ ତାରିଖରେ ଆର୍ଜେଣ୍ଟିନାକୁ ଭେଟିବ। ଇଂଲଣ୍ଡ ତୃତୀୟ ଦଳ ଭାବେ ସ୍ଥାନ ପାଇଥିଲେ ମଧ୍ୟ ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ କ୍ରସ୍ ଓଭରରେ ଭାରତ ସହ ମୁକାବିଲା ହେବ ନାହିଁ। କିନ୍ତୁ ପୁଲ୍‌ରେ ବା ପ୍ରଥମ ରାଉଣ୍ଡରେ ଭାରତକୁ ହରାଇଥିବାରୁ ଇଂଲଣ୍ଡ ଓ ଆର୍ଜେଣ୍ଟିନାକୁ ହରାଇଥିବା ନେଦରଲ୍ୟାଣ୍ଡସ ୩ ପଏଣ୍ଟ ଲେଖାଏଁ ସହ ଖେଳିବେ। ଏଣୁ ଭାରତକୁ ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ କ୍ରସ୍ ଓଭରରେ ଉଭୟ ନେଦରଲ୍ୟାଣ୍ଡସ ଓ ଆର୍ଜେଣ୍ଟିନାକୁ ହରାଇବାକୁ ପଡ଼ିବ। ଫର୍ମ ଓ ପରିସ୍ଥିତିକୁ ଦେଖିଲେ ଭାରତ ଲାଗି ଏହା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ବୋଲି ବିବେଚନା କରାଯାଉଛି।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ସବୁଠାରୁ ବଡ଼ ଅସୁବିଧା ହେଉଛି, ଅଗଣୀତ୍ୱ ବଜାୟ ରଖି ନ ପାରିବା। ପୁଲ୍-ଡି'ରେ ଦଳ ପାକିସ୍ତାନ ବିପକ୍ଷରେ ୩-୦ ଏବଂ ୪-୧ରେ ଆଗୁଆ ଥିଲେ ମଧ୍ୟ ୨ଟି ଗୋଲ ବରଣ କରି ୫-୩ରେ ମ୍ୟାଚ୍ ଜିତିଥିଲା। ସେହିପରି ଇଂଲଣ୍ଡ ବିପକ୍ଷରେ ପ୍ରଥମାର୍ଦ୍ଧ ସୁଦ୍ଧା ଦଳ ୨-୧ରେ ଆଗୁଆ ରହିଥିଲା। କିନ୍ତୁ ଖେଳ ଶେଷରେ ଇଂଲଣ୍ଡ ୪-୨ ଗୋଲରେ ବିଜୟୀ ହୋଇଥିଲା। ଏହି ଅସୁବିଧାକୁ ଦଳ ଦୂର କରି ନ ପାରିଲେ ନେଦରଲ୍ୟାଣ୍ଡସ ଓ ଆର୍ଜେଣ୍ଟିନା ପରି ଶକ୍ତିଶାଳୀ ଦଳ ବିପକ୍ଷରେ ବିଜୟ ହାସଲ କରିବା କଷ୍ଟକର ହେବ।

ଅବଶ୍ୟ ନିକଟରେ ଖେଳାଯାଇଥିବା ପ୍ରୋ-ଲିଗ୍‌ରେ ନେଦରଲ୍ୟାଣ୍ଡସକୁ ଭାରତ ୩-୨ ଗୋଲରେ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଗୋଲ ସ୍କୋର କରିଥିବା ଅଭିଷେକ, ଜୁଗରାଜ ସିଂହ ଓ ରାଜିନ୍ଦର ସିଂହ ଏବେ ମଧ୍ୟ ଦଳରେ ଖେଳୁଛନ୍ତି। ଅଧିନାୟକ ତଥା ଡ୍ରାଗ୍ ଫ୍ଲିକର ହରମନ୍‌ପ୍ରୀତ୍ ସିଂହ ୫ଟି ଗୋଲ ସ୍କୋର କରି ଭଲ ଫର୍ମରେ ଅଛନ୍ତି। କିନ୍ତୁ ଏମାନେ ଜବରଦସ୍ତ ଫର୍ମରେ ଥିବା ଘରୋଇ ଦଳ ବିପକ୍ଷରେ କେମିତି ପ୍ରଦର୍ଶନ କରିବେ ତାହାକୁ ନେଇ ଆଶଙ୍କା ରହିଛି। ଚଳିତ ବିଶ୍ୱକପ୍‌ରେ ନେଦରଲ୍ୟାଣ୍ଡସ ୫-୧ରେ ନ୍ୟୁଜିଲାଣ୍ଡକୁ, ୩-୧ରେ ଆର୍ଜେଣ୍ଟିନାକୁ ଓ ୪-୧ରେ ଜାପାନକୁ ପରାସ୍ତ କରିଛି। ଏଭଳି ଫର୍ମରେ ଥିବା ଦଳ ବିପକ୍ଷରେ ସାମାନ୍ୟତମ ତ୍ରୁଟି ମହଙ୍ଗା ପଡ଼ିପାରେ। ଭାରତ ଏବେ ଆକ୍ରମଣ ଅପେକ୍ଷା ରକ୍ଷଣାତ୍ମକ ଖେଳରେ ଅଧିକ ଗୁରୁତ୍ୱ ଦେଉଥିଲେ ମଧ୍ୟ ହାଇଲେଭଲ ହକିରେ କିପରି ଖେଳିବ ତାହା ଉପରେ ଦଳର ସଫଳତା ନିର୍ଭର କରୁଛି।

**ଚୀନ୍-ଅଷ୍ଟ୍ରେଲିଆ ମ୍ୟାଚ୍ ଡ୍ର**

ମହିଳା ବିଶ୍ୱକପ୍ କ୍ରସ୍ ଓଭରରେ ଚୀନ୍ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ପୁଲ୍-ଇ'ର ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଛି। ଖେଳର ୩୯ତମ ମିନିଟ୍‌ରେ ଚୀନ୍ ପକ୍ଷରୁ ଝାଙ୍ଗ ପ୍ରଥମ ଗୋଲ ଦେଇଥିଲେ। ୪୮ତମ ମିନିଟ୍‌ରେ ପେନାଲ୍ଟି ଷ୍ଟ୍ରୋକ୍‌ରୁ ୱିଲସନ ଗୋଲଟି ଶୁଝାଇଦେଇଥିଲେ। ଏହା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଏହି ପୁଲ୍‌ରେ ନେଦରଲ୍ୟାଣ୍ଡସ ସେମିଫାଇନାଲ ଖେଳିବାରେ ହଟ୍ ଫେବରାଇଟ୍ ରହିଛି। ଭାରତ ଚତୁର୍ଥ ଦଳ ଭାବେ ଏହି ପୁଲ୍‌ରେ ସ୍ଥାନ ପାଇଛି।

**୨୦୨୫ରେ ବିପର୍ଯ୍ୟୟ ଘଟାଇଥିଲା ମହିଳା ଦଳ**

ମହିଳା ବିଭାଗରେ ଭାରତ ଚଳିତ ବିଶ୍ୱକପ୍‌ରେ ଉନ୍ନତ ଖେଳ ପ୍ରଦର୍ଶନ କରିଛି। ଜୋଏର୍ଡ ମାରିନଙ୍କ ତତ୍ତ୍ୱାବଧାନରେ ଖେଳୁଥିବା ଭାରତୀୟ ଦଳ ପ୍ରଥମ ପୁଲ୍ ମ୍ୟାଚ୍‌ରେ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଚୀନ୍ ସହ ୨-୨ ଗୋଲରେ ଏବଂ ଇଂଲଣ୍ଡ ସହ ଗୋଲଶୂନ୍ୟ ମ୍ୟାଚ୍ ଡ୍ର ରଖିବା ପରେ ଦଳଠାରୁ ଅନେକ କିଛି ଆଶା କରାଯାଉଛି। ପୁରୁଷ ଦଳ ଭଳି ଘରୋଇ ନେଦରଲ୍ୟାଣ୍ଡସ ସହ କ୍ରସ୍ ଓଭରରେ ଭାରତ ପ୍ରଥମ ଲଢ଼େଇ ହେଉଛି। ମହିଳା ହକିରେ ନେଦରଲ୍ୟାଣ୍ଡସକୁ ହରାଇବା ଏତେଟା ସହଜ ନୁହେଁ। ତଥାପି ଏହି ଭାରତୀୟ ଦଳଠାରୁ ନିଶ୍ଚିତଭାବେ କିଛି ଚମତ୍କାରିତା ଆଶା କରାଯାଉଛି। ଉଭୟ ଦଳ ଶେଷଥର ଲାଗି ୨୦୨୫ରେ ଭେଟାଭେଟି ହୋଇଥିଲେ। ଏହି ସମୟରେ ଅଲିମ୍ପିକ୍ ତଥା ଡିଫେଣ୍ଡିଂ ଚାମ୍ପିଅନ ନେଦରଲ୍ୟାଣ୍ଡସକୁ ୨-୧ ଗୋଲରେ ହରାଇ ବିପର୍ଯ୍ୟୟ ଘଟାଇଥିଲା ଭାରତ। କ୍ରସ୍ ଓଭରରେ ଭାରତଠାରୁ ଏଭଳି ପ୍ରଦର୍ଶନ ଆଶା କରାଯାଉଛି। ନିଃସନ୍ଦେହରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଉନ୍ନତ ପ୍ରଦର୍ଶନ କରିଛି। କିନ୍ତୁ ଏହି ପ୍ରଦର୍ଶନ ଯେ, ନେଦରଲ୍ୟାଣ୍ଡସ ଓ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳକୁ ହରାଇବା ଲାଗି ଯଥେଷ୍ଟ ହେବ ତାହା ମ୍ୟାଚ୍ ପରେ ଜଣାପଡ଼ିବ।

■ କଲମ୍ବୋରେ ଦ୍ୱିତୀୟ ଟେଷ୍ଟ ରବିବାରରୁ

# ଭାରତର ଜୋର୍‌ଦାର୍ ଅଭ୍ୟାସ୍



କଲମ୍ବୋ,୨୧।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ତଥା ଶେଷ ମୁକାବିଲା ସ୍ଥାନୀୟ ସିଂହଲୀଜ୍ ସ୍ପୋର୍ଟ୍ସ କ୍ଲବ୍ ପରିସରରେ ରବିବାରଠାରୁ ଖେଳାଯିବ। ଗଲ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଜିତିଥିବା ଭାରତ କଲମ୍ବୋ ମୁକାବିଲା ଲାଗି ଆଜି ଜୋରଦାର ଅଭ୍ୟାସ କରିଛି। ଏଠାରେ ତାପମାତ୍ରା ୩୦ ଡିଗ୍ରୀରୁ ଅଧିକ ଥିବାରୁ ଖେଳାଳିଙ୍କୁ ଅଭ୍ୟାସ କରିବାରେ ଝାଳ ବୁହାଇବାକୁ ପଡ଼ିଥିଲା। ଦୁଇ ପ୍ରମୁଖ ଖେଳାଳି ଲୋକେଶ ରାହୁଲ ଓ କୁଲଦୀପ ଯାଦବ ଆଜି ଅଭ୍ୟାସ କରିବାକୁ ଆସି ନ ଥିଲେ। ସେମାନଙ୍କୁ ବିଶ୍ରାମ ଦିଆଯାଇଛି ବୋଲି ବୋଲିଂ କୋଚ୍ ସାଇରାଜ ବାହୁତୁଲେ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ହେଡ୍‌କୋଚ୍ ଗୌତମ ଗମ୍ଭୀର ଓ ଚିଫ୍ ସିଲେକ୍ଟର ଅଜିତ ଅଗରକରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ୟ ଖେଳାଳିମାନେ ଅଭ୍ୟାସ କରିଥିଲେ।

ପ୍ରଥମ ପର୍ଯ୍ୟାୟରେ ଯଶସ୍ୱୀ ଜୟସ୍ୱାଲ, ଦେବଦତ୍ତ ପାଡିକଲ, ଋଷଭ ପନ୍ତ ଓ ଅଧିନାୟକ ଶୁବମନ ଗିଲ୍ ଅଭ୍ୟାସ କରିଥିଲେ। ଆଜି ଗିଲ୍ ବଡ଼ ବଡ଼ ସଟ୍ ଖେଳିଥିବାର ଦେଖାଯାଇଥିଲା। ରବୀନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ, ସର୍ଫରାଜ ଖାନ୍ ଓ ଅନ୍ୟମାନେ ପରେ ବ୍ୟାଟିଂ କରିଥିଲେ। ଆଜି କିନ୍ତୁ ଅଫ୍ ସ୍ପିନର ସାରାଂଶ ଜୈନ୍ ଦୀର୍ଘ ସମୟ ଧରି ବୋଲିଂ କରିଥିଲେ। ଅଭ୍ୟାସ ଆରମ୍ଭରୁ ଶେଷଯାଏ ବୋଲିଂ କୋଚ୍ ମୋର୍ଣ୍ଣେ ମୋର୍କେଲ ପଡ଼ିଆରେ ଏପଟ ସେପଟ ହୋଇ ଖେଳାଳିଙ୍କ ସହ ରହିଥିଲେ।

# ଶ୍ରୀଲଙ୍କା ଦଳରେ କାମିଲ, ସାହାନ ସାମିଲ

କଲମ୍ବୋ,୨୧।୮ (ଏଜେନ୍ସି): ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଲାଗି ଶ୍ରୀଲଙ୍କା ଦଳରେ ଦୁଇ ଉଦୀୟମାନ ବ୍ୟାଟର କାମିଲ ମିଶରା ଓ ସାହାନ ଆରାଚିଗେଙ୍କୁ ସାମିଲ କରାଯାଇଛି। ଦଳର ପ୍ରମୁଖ ବ୍ୟାଟରଙ୍କ ଅନୁପସ୍ଥିତିରେ ଉଭୟ ଏହି ଟେଷ୍ଟ ଖେଳିବେ ବୋଲି ଆଶା କରାଯାଉଛି। ଆଘାତ ଜନିତ କାରଣରୁ କୁଶାଲ ମେଣ୍ଡିସ୍ ଓ ପାଥୁମ ନିଶାଙ୍କା ବାଦ୍ ପଡ଼ିଛନ୍ତି। ପ୍ରଥମ ଟେଷ୍ଟରେ ଆହତ ହୋଇଥିବା ଦିନେଶ ଚାଣ୍ଡିମଲ ଓ ଫର୍ମରେ ନ ଥିବା ନିଶାନ ମଦୁସ୍କାଙ୍କୁ ବାଦ୍ ଦିଆଯାଇଛି। ପ୍ରଥମ ଟେଷ୍ଟରେ ୧୬୫ ରନ୍‌ରେ ହାରି ଶ୍ରୀଲଙ୍କା ୦-୧ରେ ପଛୁଆ ରହିଛି।

ଶ୍ରୀଲଙ୍କା ଦଳ: ଲାହିରୁ ଉଦରା, କାମିଲ ମିଶରା, ପାସିନ୍ଦୁ ସୁରିଆବାନ୍ଦରା, କାମିନ୍ଦୁ ମେଣ୍ଡିସ୍, ଧନଞ୍ଜୟ ଡି ସିଲ୍‌ଭା (ଅଧିନାୟକ), ସାହାନ ଆରାଚାଚିଗେ, ସୋନାଲ ଦିନୁଶା, ନିରୋସନ ଡିକ୍‌ୱେଲା (ୱିକେଟରକ୍ଷକ), କେଶରା ନୁୱାନ୍ଥା, ପ୍ରବାତ ଜୟସୁରିୟା, ମିଲନ ରତନାୟକେ, ଲାହିରୁ କୁମାରା, ଅସିଥା ଫର୍ଣ୍ଣାଣ୍ଡୋ, ବିଶ୍ୱ ଫର୍ଣ୍ଣାଣ୍ଡୋ।

# କଳିଙ୍ଗରେ ଲନ୍ ବଲ୍ କୋର୍ଟ ଲାଗି ଦାବି



ଭୁବନେଶ୍ୱର,୨୧।୮ (ସମିସ): ରାଜ୍ୟରେ ଆଉ ଏକ ନୂଆ ଖେଳ ଭାବେ ପ୍ରସାର ଲାଭ କରିଥିବା ଲନ୍ ବଲ୍‌ରେ ଏକ ସ୍ଥାୟୀ କୋର୍ଟ କଳିଙ୍ଗ ଷ୍ଟାଡିୟମ୍‌ରେ ନିର୍ମାଣ କରିବାକୁ ଓଡ଼ିଶା ରାଜ୍ୟ ବୋଲିଂ ସଂଘ ପକ୍ଷରୁ ଦାବି କରାଯାଇଛି। ଭୁବନେଶ୍ୱର ଓ ବଲାଙ୍ଗିରରେ ଲନ୍‌ବଲ୍ କୋର୍ଟ ନିର୍ମାଣ କରିବା ଲାଗି ସରକାର ପ୍ରତିଶ୍ରୁତି ଦେଇଥିଲେ। ବଲାଙ୍ଗିରରେ ଏହି କୋର୍ଟକୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଉଦ୍‌ଘାଟନ କରିଛନ୍ତି। କିନ୍ତୁ ଭୁବନେଶ୍ୱରରେ ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଏଣୁ ଭୁବନେଶ୍ୱରରେ ଏକ ଲନ୍ ବଲ କୋର୍ଟ ନିର୍ମାଣ କରିବାକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିକଟରେ ସଂଘର ରାଜ୍ୟ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଓ ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ସୁରେଶ ସ୍ୱାଇଁ ଦାବିପତ୍ର ଦେଇଛନ୍ତି।

■ ସିନ୍‌ସିନାଟି ଓପନ୍

# ପେଗୁଲା-ସ୍ୱିଆଟେକ ସେମି ଲଢ଼େଇ

ଓହିହୋ, ୨୧।୮ (ଏଜେନ୍ସି): ଦୁଇ ତାରକା ଖେଳାଳି ଜେସିକା ପେଗୁଲା ଓ ଇଗା ସ୍ୱିଆଟେକଙ୍କ ମଧ୍ୟରେ ଚଳିତ ସିନ୍‌ସିନାଟି ଓପନ୍‌ର ସେମିଫାଇନାଲ ଶନିବାର ଖେଳାଯିବ। ଶୁକ୍ରବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ଲଢ଼େଇରେ ୩ୟ ସିଡ୍ ଘରୋଇ ଆମେରିକାର ପେଗୁଲା ୬-୪, ୨-୬, ୭-୬ (୭/୪) ସେଟରେ ସାଥୀ ଖେଳାଳି ଆମଣ୍ଡା ଆନିସିମୋଭାଙ୍କୁ ହରାଇଥିଲେ। ସେହିଭଳି ୭ମ ସିଡ୍ ସ୍ୱିଆଟେକ ଓ କାଜାଖସ୍ତାନର ଏଲିନା ରିବାକିନାଙ୍କ ମଧ୍ୟରେ ଅନ୍ୟ ଏକ କ୍ୱାର୍ଟର ଖେଳାଯାଇଥିଲା। ତେବେ ପୋଲାଣ୍ଡ ତାରକା ସ୍ୱିଆଟେକ ଏହି ମ୍ୟାଚର ପ୍ରଥମ ସେଟରେ ୪-୧ରେ ଅଗ୍ରଣୀ ରହିଥିବାବେଳେ ରିବାକିନା ଗୋଇଠିରେ ଆଘାତ ଲାଗିଥିଲା। ଫଳରେ ସେ ରିଟାୟର୍ଡ ନେଇଥିଲେ।

## ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିଅନସିପ୍

# ପ୍ରଥମ ପଦକ ପକ୍କା କଲେ ତ୍ରିଶା-ଗାୟତ୍ରୀ



ନୂଆଦିଲ୍ଲୀ,୨୧।୮ (ଏଜେନ୍ସି): ଭାରତର ମହିଳା ଯୁଗଳ ଯୋଡି ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡି ଏଠାରେ ଚାଲିଥିବା ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍‌ରେ ପ୍ରଥମ ପଦକ ଜିତିବା ସ୍ପଷ୍ଟ କରିଛନ୍ତି। ଆଜି ଖେଳାଯାଇଥିବା ମହିଳା ଯୁଗଳ କ୍ୱାର୍ଟର ଫାଇନାଲରେ ତ୍ରିଶା ଓ ଗାୟତ୍ରୀଙ୍କ ଯୋଡି ୨-୧ ସେଟ୍‌ରେ ବିଶ୍ୱର ୪ ନମ୍ବର ମାନ୍ୟତାପ୍ରାପ୍ତ ଚୀନ୍ ଯୋଡି ୟି ଫାନ୍ ଜିଆ ଓ ଶୁ ଜିଆନ୍ ଝାଙ୍ଗଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବ୍ୟାଡମିଣ୍ଟନ ବିଶ୍ୱଚାମ୍ପିଅସିପ୍‌ର ନିୟମ ଅନୁଯାୟୀ ସେମିଫାଇନାଲରେ ପ୍ରବେଶ କରିଥିବା ଯେ କୌଣସି ଖେଳାଳିଙ୍କୁ ପଦକ (ଅତିକମ୍‌ରେ କାଂସ୍ୟ) ମିଳିବ। ଏଣୁ ଭାରତୀୟ ଯୋଡି ତ୍ରିଶା-ଗାୟତ୍ରୀ ୧୫ ବର୍ଷ ପରେ ଭାରତ ଲାଗି ମହିଳା ଯୁଗଳ ବିଭାଗରେ ପଦକ ଜିତିବା ସ୍ପଷ୍ଟ କରିଛନ୍ତି। ୨୦୧୧ ବିଶ୍ୱଚାମ୍ପିଅନସିପ୍‌ରେ ଶେଷଥର ଲାଗି ଭାରତୀୟ ଯୋଡି ଏହି କାଟାଗୋରୀରେ ପଦକ ହାସଲ କରିଥିଲେ। ଏହି ବର୍ଷ ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନ ପୋନ୍ନାପ୍ପାଙ୍କ ଯୋଡି ସେମିଫାଇନାଲରେ ପରାଜିତ ହେବା ସହ କାଂସ୍ୟ ପଦକ ହାସଲ କରିଥିଲେ।

ଭାରତର କିଂବଦନ୍ତୀ ବ୍ୟାଡମିଣ୍ଟନ ଖେଳାଳି ପୁଲେଲା ଗୋପୀଚାନ୍ଦଙ୍କ ଝିଅ ଗାୟତ୍ରୀ ଓ ତ୍ରିଶା ଜଲି ଯୁବ ଖେଳାଳି ହୋଇଥିଲେ ମଧ୍ୟ କ୍ୱାର୍ଟର ଫାଇନାଲରେ ଦୁଃସାହସିକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ବିଶ୍ୱରେ ଏମାନଙ୍କ ମାନ୍ୟତର ୩୯ ଓ ପ୍ରଥମ ସେଟ୍‌ରେ ଆକ୍ରମଣ କରିବାକୁ ଯାଇ କିଛି ତ୍ରୁଟି କରିଥିଲେ ଓ ୧୬-୨୧ରେ ପ୍ରଥମ ସେଟ୍‌କୁ ପରାଜିତ ହୋଇଥିଲେ। ଦ୍ୱିତୀୟ ସେଟ୍‌ରେ କିନ୍ତୁ ଭାରତୀୟ ଯୋଡି ଆରମ୍ଭରୁ କୌଣସି ସୁଯୋଗ ଦେଇ ନ ଥିଲେ। ଅଭିଜ୍ଞ ଚୀନା ଯୋଡି କିନ୍ତୁ ଛାଡିବାର ନୁହଁନ୍ତି। ଦ୍ୱିତୀୟ ସେଟ୍ ୧୦-୧୦ ସମାନସ୍ତରରେ ଥିଲାବେଳେ ଚୀନ ଯୋଡିଙ୍କ ଏକ ତ୍ରୁଟିରୁ ଫାଇଦା ଉଠାଇ ଭାରତୀୟ ଯୋଡିଙ୍କ ସ୍କୋର ୧୧-୧୦ ହୋଇଥିଲା। ଏହା ପରେ କ୍ରମାଗତ ୫ ପଏଣ୍ଟ ହାସଲ କରିବା ସହ ୨୧-୧୬ରେ ଦ୍ୱିତୀୟ ସେଟ୍‌କୁ ଜିତିନେଇ ବରାବର ସ୍ଥିତିରେ ପହଞ୍ଚିଯାଇଥିଲେ। ଏହା ଫଳରେ ତୃତୀୟ ସେଟ୍‌ରେ ଯିଏ ବିଜୟୀ ହେବେ ସେମାନେ ସେମିଫାଇନାଲକୁ ଯିବେ। କଠିନ ପରିଶ୍ରମ ଓ ଶୃଙ୍ଖଳାର ସହ ଖେଳୁଥିବା ତ୍ରିଶା-ଗାୟତ୍ରୀଙ୍କ ଯୋଡି ତୃତୀୟ ସେଟ୍‌ରେ ମଧ୍ୟ ତାଙ୍କ ଚମକ ଦେଖାଇଥିଲେ। ଆରମ୍ଭରୁ ଭାରତୀୟ ଯୋଡି ୧୧-୫ରେ ଆଗୁଆ ହୋଇଯାଇଥିଲା। ଚୀନା ଯୋଡି ଯେତେ ଚେଷ୍ଟା କରିଥିଲେ ମଧ୍ୟ ଏଥିରୁ ମୁକୁଳି ପାରି ନ ଥିଲେ। ଭାରତୀୟ ଯୋଡି ଅଗ୍ରଣୀ ବଜାୟ ରଖିବା ସହ ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌କୁ ୨୧-୧୩ରେ ଜିତିବା ସହ ମ୍ୟାଚ୍‌କୁ କବ୍‌ଜା କରି ଇତିହାସ ସୃଷ୍ଟି କରିଥିଲେ। ଏମାନେ ସେମିଫାଇନାଲରେ ପ୍ରବେଶ କରିବା ସହ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଖାଲି ହାତରେ ରହିବ ନାହିଁ ବୋଲି ସ୍ପଷ୍ଟ ହୋଇଥିଲା। ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କୁ ୨୦୨୫ ବର୍ଷ ଲାଗି ଅର୍ଜୁନ ପୁରସ୍କାର ଦିଆଯିବାକୁ ମନୋନୀତ ହୋଇଛନ୍ତି।

# ଜାକବ ମାର୍ଟିନଙ୍କୁ କୋର୍ଟରୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର ବରୋଦାର ଜାକବ ମାର୍ଟିନଙ୍କୁ କୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ୨୨ ବର୍ଷ ପୁରୁଣା ଫୌଜଦାରୀ ମାମଲାରେ ପଟିଆଲା ହାଉସ କୋର୍ଟ ତାଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ କରିଛନ୍ତି। ତାଙ୍କ ଉପରେ ଭାରତୀୟ ଦଣ୍ଡ ସଂହିତାର ଧାରା ୪୨୦, ୪୬୮, ୪୭୧, ୧୨୦ବି ଏବଂ ପାସପୋର୍ଟ ଆଇନର ଧାରା ୧୨ ଅନୁଯାୟୀ ଅଭିଯୋଗ ରହିଥିଲା। ମାର୍ଟିନଙ୍କ ବିରୁଦ୍ଧରେ ନକଲି ଇମିଗ୍ରେସନ ଷ୍ଟାମ୍ପ, ଆର୍ଥିକ କାରବାର ଏବଂ ଯାତ୍ରା ବ୍ୟବସ୍ଥା ଆୟୋଜନର ଅଭିଯୋଗ ପ୍ରମାଣିତ ହୋଇନାହିଁ। କୋର୍ଟ ଆର୍ଥିକ କାରବାର କିମ୍ବା ଅଜୱା ସ୍ପୋର୍ଟସ କ୍ଲବର ମାଲିକାନା ସମ୍ପର୍କରେ କୌଣସି ଠୋସ୍ ପ୍ରମାଣ ପାଇଲେ ନାହିଁ। ସାକ୍ଷୀମାନେ ମଧ୍ୟ ଅଭିଯୋଗ ପ୍ରମାଣ କରିପାରି ନଥିଲେ। ଶେଷରେ ମାର୍ଟିନଙ୍କୁ କୋର୍ଟ ନିର୍ଦ୍ଦୋଷ ଘୋଷଣା କରିଥିଲେ। ପରେ ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ମାର୍ଟିନ କହିଥିଲେ ଯେ ୨୦୦୪ ମସିହାର ଏହି ମାମଲା ତାଙ୍କୁ ଗଭୀର ମାନସିକ ଚାପ ଦେଇଥିଲା। ଏବେ ନିର୍ଦ୍ଦୋଷ ସାବ୍ୟସ୍ତ ହେବା ମୋତେ ଆଶ୍ୱସ୍ତି ଦେଇଛି। ଏହି ମାମଲା ଯୋଗୁ ମାର୍ଟିନ ରେଳବାଇରେ ଚାକିରି ମଧ୍ୟ ହରାଇଥିଲେ।

# ପୁଣି ବାତିଲ ହେବ ବାଂଲାଦେଶ ଟୁର୍

ନୂଆଦିଲ୍ଲୀ,୨୧।୮ (ଏଜେନ୍ସି): ସେପ୍ଟେମ୍ବର ୧୩ରୁ ୧୭ ତାରିଖ ମଧ୍ୟରେ ଆଫଗାନିସ୍ତାନ ସହ ଏକ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଭାରତ ସ୍ୱୀକୃତି ଦେବା ପରେ ବାଂଲାଦେଶ ଟୁର୍ ପୁଣିଥରେ ବାତିଲ ହୋଇଯାଇଥିବା ଜଣାଯାଇଛି। ଭାରତ କିମ୍ବା ବାଂଲା କ୍ରିକେଟ ବୋର୍ଡ ପକ୍ଷରୁ ଏହା ଘୋଷଣା କରାଯାଇ ନ ଥିଲେ ମଧ୍ୟ ସେପ୍ଟେମ୍ବରରେ ବାଂଲାଦେଶ ଟୁର୍ ଆଉ ସମ୍ଭବ ନୁହେଁ। ନୂଆଦିଲ୍ଲୀରେ ଭାରତ-ଆଫଗାନିସ୍ତାନ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ସେପ୍ଟେମ୍ବର ୧୩, ୧୫ ଓ ୧୭ରେ ଖେଳାଯିବ ବୋଲି ଘୋଷଣା ହୋଇଥିଲା। କିନ୍ତୁ ଆଫଗାନିସ୍ତାନ କ୍ରିକେଟ ବୋର୍ଡର ଅନୁରୋଧକ୍ରମେ ଏହା ପୁଣିଥରେ ପରିବର୍ତ୍ତନ ହେବ ବୋଲି ଆଶା କରାଯାଉଛି। ବିଶେଷ କରି ସେପ୍ଟେମ୍ବର ୧୪ରେ ଗଣେଶ ଚତୁର୍ଥୀ ଦିନ ଏକ ମ୍ୟାଚ୍ ଆୟୋଜନ କରିବାକୁ ଆଫଗାନିସ୍ତାନ ଅନୁରୋଧ କରିଛି।

# ପାକିସ୍ତାନ ଇନିଂସ ପରାଜୟ



ଲିଡ୍ସ,୨୧।୮ (ଏଜେନ୍ସି): ଜୋଶ ଟଙ୍ଗ, ଓଲି ରବିନସନ ଓ ଜୋଫ୍ରା ଆର୍ଚରଙ୍କ ଘାତକ ବୋଲିଂ ବଳରେ ଏଠାରେ ଶୁକ୍ରବାର ଶେଷ ହୋଇଥିବା ପ୍ରଥମ ଟେଷ୍ଟରେ ଇଂଲଣ୍ଡ ଏକ ଇନିଂସ ଓ ୧୦୩ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ୨୭ରୁ ଖେଳାଯିବ।

ଏହି ଟେଷ୍ଟର ପ୍ରଥମ ଇନିଂସରେ ପାକିସ୍ତାନର ୧୭୧ ରନ୍ ଜବାବରେ ଇଂଲଣ୍ଡ ୪୦୯ ରନ୍ କରି ୨୩୮ ରନ୍‌ରେ ଆଗୁଆ ରହିଥିଲା। ଦଳ ପକ୍ଷରୁ ହ୍ୟାରୀ ବ୍ରୁକ ସର୍ବାଧିକ ୯୧, ଜୋର୍ଡାନ କକ୍ସ ୭୩, ଜୋ ରୁଟ୍ ୬୬, ଡାନ ଲରେନ୍ସ ୫୧ ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ବାମହାତୀ ସ୍ପିନର ଅଲି ଉସ୍‌ମାନ ସର୍ବାଧିକ ୫ଟି, ପେସର ଖୁରମ ଶାହଜାଦ ୩ଟି ୱିକେଟ ପାଇଥିଲେ। ପାକିସ୍ତାନ ଦ୍ୱିତୀୟ ଇନିଂସରେ ୩୭.୩ ଓଭର ଖେଳି ମାତ୍ର ୧୩୫ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୪ଜଣ ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ମହମ୍ମଦ୍ ରିଜୱାନ ସର୍ବାଧିକ ୪୧ ଓ ସାନ ମାସୁଦ ୨୯ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଆର୍ଚର, ଟଙ୍ଗ୍ ଓ ରବିନସନ ୩ଟି ଲେଖାଏଁ ୱିକେଟ ନେଇ ଇଂଲଣ୍ଡକୁ ବୃହତ୍ ବିଜୟ ଭେଟିଦେଇଥିଲେ।

## ଗ୍ରାଣ୍ଡସ୍ଲାମ ଇତିହାସରେ ରେକର୍ଡ ପୁରସ୍କାର

# ଏଥର ୟୁଏସ୍ ଓପନ୍‌ରେ ଦିଆଯିବ ୧୦୩୩ କୋଟି

ନ୍ୟୁୟର୍କ, ୨୧।୮ (ଏଜେନ୍ସି): ଚଳିତ ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ର ୧୪୬ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ମେଗା ଇଭେଣ୍ଟରେ ଏଥର ରେକର୍ଡ ମୋଟ୍ ୧୦୮ ମିଲିୟନ ଡଲାର ପୁରସ୍କାର ରାଶି ପ୍ରଦାନ କରାଯିବ। ଯାହାକି ଭାରତୀୟ ମୁଦ୍ରାରେ ୧୦୩୩ କୋଟି ୫୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଟେନିସ କ୍ରୀଡ଼ା ଇତିହାସରେ ଏତେ ବିଶାଳ ପରିମାଣର ପୁରସ୍କାର ରାଶି ପ୍ରଦାନ କରାଯିବାରେ ଏହା ରେକର୍ଡ ହୋଇଛି। ଗତ ୨୦୨୫ ମସିହାରେ ଅନୁଷ୍ଠିତ ସଂସ୍କରଣଠାରୁ ଏଥର ମୋଟ୍ ପୁରସ୍କାର ରାଶିରେ ୨୦ ପ୍ରତିଶ୍ରତ ବୃଦ୍ଧି କରାଯାଇଛି। ଗତବର୍ଷ ମୋଟ୍ ପୁରସ୍କାର ବାବଦକୁ ୯୦ ମିଲିୟନ ଡଲାର ପ୍ରଦାନ କରାଯାଇଥିଲା।

ଏଥର ୟୁଏସ୍ ଓପନ୍‌ରେ ପୁରୁଷ ଓ ମହିଳା ସିଙ୍ଗଲ୍ସ ଚାମ୍ପିଅନ ହେବାକୁ ଥିବା ଖେଳାଳିଙ୍କୁ ୫.୫ ମିଲିୟନ ଡଲାର (୫୨ କୋଟି ୬୨ ଲକ୍ଷ ଟଙ୍କା) ଲେଖାଏ ଅର୍ଥରାଶି ଘରକୁ ନେଇଯିବେ। ଯାହା ଗତବର୍ଷଠାରୁ ୧୦ ପ୍ରତିଶତ ଅଧିକ। ସେହିଭଳି ଫାଇନାଲରେ ପରାସ୍ତ ହୋଇଥିବା ଖେଳାଳିଙ୍କୁ ୨.୮ ମିଲିୟନ ଡଲାର ତଥା ୨୬.୭୯ କୋଟି ଟଙ୍କା ମିଳିବ। ସେମିଫାଇନାଲରେ ପରାସ୍ତ ହୋଇଥିବା ଖେଳାଳି ୧୩.୮୭ କୋଟି, କ୍ୱାର୍ଟରରୁ ବିଦାୟ ନେଇଥିବା ଖେଳାଳି ୭.୪୬ କୋଟି, ରାଉଣ୍ଡ-୧୬ ଅର୍ଥାତ୍ ପ୍ରି-କ୍ୱାର୍ଟରରେ ହାରିଥିବା ଖେଳାଳିଙ୍କୁ ୪.୫୯ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ଶୁକ୍ରବାର ଆୟୋଜକ ୟୁଏସ୍ ଟେନିସ୍ ସଂଘ ପକ୍ଷରୁ କୁହାଯାଇଛି। ସେହିଭଳି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ରାଉଣ୍ଡରେ ହାରିଥିବା ଖେଳାଳିଙ୍କୁ ଯଥାକ୍ରମେ ୧.୩୩, ୧.୮୧ ଓ ୨.୭୭ କୋଟି ଟଙ୍କା ପ୍ରଦାନ କରାଯିବ।

ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ୍

# ଆଜି କଳିଙ୍ଗରେ ବିଶ୍ୱ କ୍ରୀଡ଼ାବିତ୍‌ଙ୍କ ମେଳି

ଭୁବନେଶ୍ୱର, ୨୧।୮ (ସମିସ)



ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଶନିବାର ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର୍ ଲେଭଲ୍ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ। ବିଶ୍ୱ ଦୌଡ଼କୁଦ ମହାସଂଘର ଏହି ଏକଦିବସୀୟ ପ୍ରତିଯୋଗିତାରେ ବିଶ୍ୱର ୨୭ଟି ଦେଶର ୧୮୭ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଫଳରେ କଳିଙ୍ଗରେ ବିଶ୍ୱ ଦୌଡ଼କୁଦ ଜଗତର କିଛି ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କ ମେଳି ଶନିବାର ଓଡ଼ିଆ କ୍ରୀଡ଼ାପ୍ରେମୀ ଦେଖିବାକୁ ପାଇବେ। ଯେଉଁଥିରେ ଘରୋଇ ଭାରତର ୮୮ଜଣ ଆଥଲେଟ୍ ରହିଛନ୍ତି। ସେହିଭଳି ଆୟୋଜକ ଓଡ଼ିଶାର ୬ଜଣ କ୍ରୀଡ଼ାବିତ୍ ଘରୋଇ ମାଟିରେ ସେମାନଙ୍କ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ପୋଡିୟମ ଫିନିଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେମାନେ ହେଲେ ତାରକା ସ୍ପ୍ରିଣ୍ଟର ଅନିମେଶ କୁଜୁର (ପୁରୁଷ ୨୦୦ମିଟର), କିଶୋର କୁମାର ଜେନା (ଜାଭେଲିନ ଥ୍ରୋ), ବାପି ହାଁସଦା (ପୁରୁଷ ୪୦୦ ମିଟର), ସ୍ୱାଧୀନ କୁମାର ମାଝୀ (ହାଇଜମ୍ପ) ଏବଂ ମହିଳାରେ ଶ୍ରାବଣୀ ନନ୍ଦ (୧୦୦ମିଟର) ଓ ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୦୦ମିଟର ହର୍ଡଲ୍ସ)। ଉଭୟ ପୁରୁଷ ଓ ମହିଳା ବିଭାଗରେ ୯ଟି ଲେଖାଏ ଇଭେଣ୍ଟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ।

ଭାରତୀୟ ଆଥଲେଟ୍‌ଙ୍କ ମଧ୍ୟରେ ସ୍ପ୍ରିଣ୍ଟର ଗୁରିନ୍ଦରବୀର ସିଂହ, ହର୍ଡଲ୍ସ ତାରକା ଜ୍ୟୋତି ୟାରାଜୀ, ସଟ୍ ପୁଟ୍‌ରେ ତାଜିନ୍ଦରପାଲ୍ ସିଂହ ତୁର, ପୁରୁଷ ଲଙ୍ଗଜମ୍ପରେ ମୁରଲୀ ଶ୍ରୀଶଙ୍କରଙ୍କ ଉପରେ ନଜର ରହିବ। ନିକଟରେ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶ୍ରୀଶଙ୍କର ରୌପ୍ୟ ପଦକ ବିଜୟୀ ହୋଇଥିଲେ। ତେଣୁ କଳିଙ୍ଗରେ ସେ ସ୍ୱର୍ଣ୍ଣିମ ସଫଳତା ଆଶାରେ ରହିଛନ୍ତି। ସେହିଭଳି ଗ୍ଲାସଗୋରେ ନିରାଶ କରିଥିବା ଗୁରିନ୍ଦରବୀର, ଅନିମେଶ, ତୁର ମଧ୍ୟ ଏଠାରେ ପୋଡିୟମ ଫିନିଶ କରି ଆଗାମୀ ଏସୀୟ କ୍ରୀଡ଼ା ପୂର୍ବରୁ ମନୋବଳ ବଢ଼ାଇବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ଏଠାରେ ଆକର୍ଷଣରେ ରହିବେ ବ୍ରାଜିଲର ଶଟ୍ ପୁଟ ଥ୍ରୋୟର ତୁକୁଏବୁକା କୋର୍ନେଲ୍ଲ। ନିକଟରେ ସେ ଗ୍ଲାସଗୋରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏହି ପ୍ରତିଯୋଗିତା ଲାଗି ପାଖାପାଖି ୭୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ପ୍ରଥମରୁ ୬ଷ୍ଠ ସ୍ଥାନ ମଧ୍ୟରେ ରହିଥିବା ଖେଳାଳିଙ୍କୁ ଯଥାକ୍ରମେ ୧୬୦୦, ୧୨୦୦, ୯୦୦, ୬୦୦, ୩୦୦ ଓ ୨୦୦ ଡଲାର ଅର୍ଥରାଶି ପ୍ରଦାନ କରାଯିବ। ସେହିଭଳି ଗୁରୁତ୍ୱପୂର୍ଣ୍ଣ ୱାର୍ଲ୍ଡ ପଏଣ୍ଟ ମଧ୍ୟ ମିଳିବ। ତେବେ ଏହି ମେଗା ଇଭେଣ୍ଟ କୌଣସି ଟେଲିଭିଜନ ଚ୍ୟାନେଲରେ ସିଧାପ୍ରସାରଣ ହେବନାହିଁ।

**ଆରମ୍ଭ:** ଅପରାହ୍ନ ୪ଟା
**ପ୍ରସାରଣ:** ଆଥ୍ଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆର ୟୁ-ଟ୍ୟୁବ୍ ଚ୍ୟାନେଲ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS